


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-308 ◆BHUBANESWAR ◆SUNDAY ◆5 MAY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୦୮ ◆ଭୁବନେଶ୍ୱର ◆ରବିବାର ◆୫ ମେ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)







## ପାରଳାଖେମୁଣ୍ଡିରେ ମୁଖ୍ୟମନ୍ତ୍ରୀଙ୍କ ଧୂଆଁଧାର୍ ପ୍ରଚାର

# ଭଲ ଲୋକଙ୍କୁ ଭୋଟ ଦିଅନ୍ତୁ; ଅପରାଧୀଙ୍କୁ ନୁହେଁ

■ **ପାରଳାଖେମୁଣ୍ଡି, ୪।୫ (ସମିସ):** ରାଜନୀତିରେ ଜନବିରୋଧୀ ଓ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତି ବିଶେଷଙ୍କର ସ୍ଥାନ ନାହିଁ। ଏଣୁ ଭଲ ଲୋକଙ୍କୁ ଚିହ୍ନନ୍ତୁ ଓ ଭୋଟ ଦିଅନ୍ତୁ କିନ୍ତୁ ଚୋରି ବା ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୁହେଁ। ସାଂସଦ ପ୍ରାର୍ଥୀଙ୍କୁ

**'ନବୀନ', 'ନବୀନ' ଧ୍ୱନିରେ ପ୍ରକମ୍ପିତ ସମଗ୍ର ଅଞ୍ଚଳ**

**ସମାବେଶରେ ୩୦ ହଜାରରୁ ଅଧିକ ଲୋକ ସାମିଲ**

ଭୋଟ୍ ଦେବାବେଳେ ଏହା ବିଚାର କରନ୍ତୁ ବୋଲି ପାରଳାଖେମୁଣ୍ଡି ନିର୍ବାଚନୀ ସମାବେଶରେ ଆହ୍ୱାନ ଦେଇଛନ୍ତି ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ସହିତ ନିର୍ବାଚନରେ ତାଙ୍କୁ ଆଶୀର୍ବାଦ ଦେବାକୁ



ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖିବା ପାଇଁ ଶନିବାର ପାରଳାଖେମୁଣ୍ଡିରେ ସୃଷ୍ଟି ହୋଇଥିଲା ଜନସମୁଦ୍ର। 'ନବୀନ', 'ନବୀନ' ଧ୍ୱନୀରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଗୋଟିଗୋଟି ପ୍ରଶ୍ନ କରିଥିଲେ। ବିଏସ୍‌କେୱାଇ, ମମତା, ଲକ୍ଷ୍ମୀ ବସ, ମଧୁବାବୁ ପେନସନ, କାଳିଆ ସହାୟତା, ମିଶନ ଶକ୍ତି କାର୍ଯ୍ୟକ୍ରମ, ପିଲାଙ୍କୁ ବୃତ୍ତି ଓ ପୁରୀ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଭଲ କି ବୋଲି ପ୍ରଶ୍ନ କରିଥିଲେ। ପ୍ରତ୍ୟୁତ୍ତରରେ ଜନସମୁଦ୍ରରୁ 'ହଁ' ଉତ୍ତରରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ। ନବୀନ ପୁଣି ପଚାରିଥିଲେ 'ଶଙ୍ଖ' ଚିହ୍ନ ଭଲ କି ? ନବୀନ ପଟ୍ଟନାୟକ ଭଲ କି ? ପୂର୍ବଠାରୁ ଆହୁରି ଉଚ୍ଚସ୍ୱରରେ ଜନସାଧାରଣ 'ହଁ' ଭରିଥିଲେ। ମୁଖ୍ୟମନ୍ତ୍ରୀ ହାତ ଯୋଡ଼ି ଜନସାଧାରଣଙ୍କୁ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରନ୍ତୁ ଓ ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ଅନୁରୋଧ କରିବା ସାଧାରଣ ଲୋକଙ୍କୁ ବିହ୍ୱଳିତ କରି ଦେଇଥିଲା। ନବୀନ ପଟ୍ଟନାୟକ ଜିନ୍ଦାବାଦ, ଶଙ୍ଖ ଚିହ୍ନ ଜିନ୍ଦାବାଦ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲ।

ମୁଖ୍ୟମନ୍ତ୍ରୀଙ୍କ ପରେ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଉଦବୋଧନ ଦେଇ ଗୋଟିଗୋଟି କରି ବିକାଶମୂଳକ କାର୍ଯ୍ୟର ଉଦାହରଣ ଓ ହିସାବ ଦେଇଥିଲେ। ପାରଳାଖେମୁଣ୍ଡିର ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବାଇପାସ ନିର୍ମାଣ ନିମନ୍ତେ ▶ପୃଷ୍ଠା-୮

**ନାମ ଉଲ୍ଲେଖ ନ କରି ଧର୍ମେନ୍ଦ୍ରଙ୍କୁ ପାଣ୍ଡିଆନଙ୍କ ପ୍ରଚଣ୍ଡ ପ୍ରହାର**

# ଦମ୍ ଥିଲେ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଘୋଷଣା କରନ୍ତୁ



**୧୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବାକୁ ଚଳାଇଛନ୍ତି ଚେଷ୍ଟା**

**ତଥାପି ବିଜେପି ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ପାରୁନାହିଁ**

**ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଠିଆ ହୋଇ ପ୍ରଶ୍ନ କରିବାର ଯୋଗ୍ୟତା ନାହିଁ**

**ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କଲେ ସେମାନେ ୧୦% ଆସନ ପାଇବେନି**

■ **ପାରଳାଖେମୁଣ୍ଡି, ୪।୫ (ସମିସ):** ପାରଳାଖେମୁଣ୍ଡିରେ ନିର୍ବାଚନ ପ୍ରଚାର ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଉଲ୍ଲେଖ ନ କରି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ କରିଛନ୍ତି ପ୍ରଚଣ୍ଡ ପ୍ରହାର। ଗତ ୧୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବାକୁ ଚେଷ୍ଟାକରି ଅସଫଳ ହୋଇଥବା ଜଣେ ବ୍ୟକ୍ତି କିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ଭାଷା ବୁଝି ପାରିବ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ।

କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଗତ ୨୪ ବର୍ଷରେ କ'ଣ ହୋଇଛି ବୋଲି ଆପଣ ପ୍ରଶ୍ନ କରୁଛନ୍ତି। ମାତ୍ର ମୁଁ ବିକାଶର ଯେତେ ଭାଷା କହିଲେ ବି ଆପଣ ବୁଝି ପାରୁ ନାହାନ୍ତି। ପୁରୀ ଶ୍ରୀମନ୍ଦିର ରୂପାନ୍ତରଣ କଥା କହିଲେ ଆପଣ ବୁଝି ପାରୁନାହାନ୍ତି। ସ୍କୁଲ ରୂପାନ୍ତରଣ କଥା ଆପଣଙ୍କୁ ଅବୁଝା ହେଉଛି। ଲକ୍ଷ୍ମୀ ଯୋଜନା କଥା ଆପଣ ବୁଝୁ ନାହାନ୍ତି। ତେଣୁ ଆପଣଙ୍କ ରାଜନୈତିକ ଭାଷାରେ ଆପଣଙ୍କୁ ବୁଝାଇବାକୁ ପଡୁଛି। ଆପଣ ଢ଼େର ବର୍ଷ ଧରି ବିରୋଧୀ ଦଳରେ ଅଛନ୍ତି । ଗତ ୧୦ ବର୍ଷ ହେଲା ଆପଣଙ୍କ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବାକୁ ଚେଷ୍ଟା ▶ପୃଷ୍ଠା-୮

## ଲୋକକଥା



ଅଞ୍ଚଳରେ ସବୁ ତପ୍ତର ହେଲେଣି
ଭୋଟ ଦିଆ ବେଳ ଆସଇ,
ଶଙ୍ଖ ଫୁଙ୍କି ଫୁଙ୍କି ଚାଲନ୍ତି ଭୋଟର
ବିକାଶ ବାନାକୁ ଉଡ଼େଇ !
ବିରୋଧୀଙ୍କ 'ଗଡ଼' ଗଡ଼ଇ,
'ଚବିଶି' ଆଣିବ ଚମତ୍କାର ଫଳ
ଫୁଲର ପାଖୁଡ଼ା ଛିଡ଼େଇ !!

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

# ୩୭ ଲୋକସଭା ପ୍ରାର୍ଥୀଙ୍କ ମଧ୍ୟରୁ ୧୭ କୋଟିପତି

■ **ଭୁବନେଶ୍ୱର, ୪।୫ (ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ମତଦାନ ହେବ। ଏହି ୪ଆସନରେ ମୋଟ୍ ୩୭ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।

ଏଡିଆର ଓ ଓଡ଼ିଶା ଇଲେକ୍ସନ ୱାଚ୍ ରିପୋର୍ଟ ଅନୁଯାୟୀ, ୩୭ଜଣଙ୍କ ମଧ୍ୟରୁ ୧୭ଜଣ ପ୍ରାର୍ଥୀ କୋଟିପତି। ତନ୍ମଧ୍ୟରେ ବିଜେଡି, ବିଜେପିର ୪ ଜଣ ଲେଖାଏଁ ପ୍ରାର୍ଥୀ ଥିବା ବେଳେ କଂଗ୍ରେସର ୩ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ୪ଜଣ ପ୍ରାର୍ଥୀ ମଧ୍ୟ କୋଟିପତି ତାଲିକାରେ ରହିଛନ୍ତି। ମୋଟ ୪୧ କୋଟି ୮୯ ଲକ୍ଷ ଟଙ୍କାର ସମ୍ପତ୍ତି ସହ ବିଜେପିର କଳାହାଣ୍ଡି ଲୋକସଭା ପ୍ରାର୍ଥିନୀ ମାଳବିକା ଦେବୀ ପ୍ରଥମ ପର୍ଯ୍ୟାୟର ସବୁଠୁ ଧନୀ ଲୋକସଭା ପ୍ରାର୍ଥୀ ହୋଇଛନ୍ତି।

**ବିଜେପିର ମାଳବିକା ଦେବୀ ସବୁଠାରୁ ଧନୀ ପ୍ରାର୍ଥୀ**

**ମାତ୍ର ୨୦,୬୨୫ ଟଙ୍କାର ସମ୍ପତ୍ତି ସହ ପ୍ରମିଳା ପୂଜାରୀ ସବୁଠାରୁ ଗରିବ**

ରିପୋର୍ଟ ଅନୁଯାୟୀ, ମାଳବିକା ଦେବୀଙ୍କ ନିକଟରେ ୪୦ କୋଟି ୨୯ ଲକ୍ଷ ୯୯୫୦୦ ଟଙ୍କା ମୂଲ୍ୟର ସ୍ଥାବର ସମ୍ପତ୍ତି ରହିଛି। ସେହିପରି ୧ କୋଟି ୫୯ ଲକ୍ଷ ୧୫୫୦ ଟଙ୍କା ମୂଲ୍ୟର ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ନିକଟରେ ମୋଟ ୪୧ କୋଟି ୮୯ ଲକ୍ଷ ୧୦୫୦ ଟଙ୍କାର ସମ୍ପତ୍ତି ରହିଛି। ସେହିପରି ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରୁ ସ୍ୱାଧୀନ ▶ପୃଷ୍ଠା-୮

# ଆଜି ଆସୁଛନ୍ତି ମୋଦୀ



**ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିବେ ଜେପି ନଡ୍ଡା**

■ **ଭୁବନେଶ୍ୱର, ୪।୫ (ସମିସ):** ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି। ଏହାପରେ ପୁଣି ଶ୍ରୀ ମୋଦୀ ଆସନ୍ତା ୧୦ ଓ ୧୧ ତାରିଖରେ ମଧ୍ୟ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ମଧ୍ୟ ଆସନ୍ତାକାଲି ଓଡ଼ିଶା ଆସି ରାଜ୍ୟ ବିଜେପିର ନିର୍ବାଚନୀ ଇସ୍ତାହାରକୁ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଆସନ୍ତାକାଲି ସନ୍ଧ୍ୟାରେ କଟକଠାରେ ଦଳ ପକ୍ଷରୁ ▶ପୃଷ୍ଠା-୮

**ଆଶ୍ୱସ୍ତ କଲା ପାଣିପାଗ କେନ୍ଦ୍ର**

# ମତଦାନରେ ବାଧକ ହେବନି ତାତି

■ **ଭୁବନେଶ୍ୱର, ୪।୫ (ସମିସ):** ରାଜ୍ୟବ୍ୟାପୀ ଅସହ୍ୟ ତାତିରେ ଲୋକେ ସନ୍ତୁଳି ହେଉଥିବା ବେଳେ ଏଥିରୁ ଆଶ୍ୱସ୍ତି ମିଳିବାକୁ ଯାଉଛି। ଆଗାମୀ ଦୁଇ ଦିନ ପରେ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ୩ରୁ ୫ଡିଗ୍ରୀ ଯାଏଁ ତାପମାତ୍ରାରେ ହ୍ରାସ ଘଟିବା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଶେଷକରି ଆଗାମୀ ୧୩ ତାରିଖରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ

**କାଳବୈଶାଖୀ ପ୍ରଭାବରେ ୩ରୁ ୫ ଡିଗ୍ରୀ ଯାଏଁ କମିବ ତାପମାତ୍ରା**

ଯାଉଥିବା ବେଳେ ଏହି ସମୟରେ ତାତି ଅନୁକୂଳ ରହିବ। ଫଳରେ ଲୋକେ ଗରମରୁ ରକ୍ଷା ପାଇବା ସହ ଅଧିକରୁ ଅଧିକ ସଂଖ୍ୟାରେ ମତଦାନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଆଶା କରାଯାଉଛି।

ପାଣିପାଗ କେନ୍ଦ୍ରର ବିସ୍ତାରିତ ପରିସର ଆକଳନ ଅନୁଯାୟୀ, ମେ' ୯ରୁ ୧୫ ତାରିଖ ମଧ୍ୟରେ ତାପମାତ୍ରା ବିଚ୍ୟୁତି (ସ୍ୱାଭାବିକଠାରୁ ତାପମାତ୍ରା ବ୍ୟବଧାନ) କମ ରହିବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମୟରେ ତାତି ଅନୁକୂଳ ରହିବ। ମତଦାନ ପ୍ରକ୍ରିୟାରେ ତାତି ସେତେଟା ଆଉ ସମସ୍ୟା ସୃଷ୍ଟି ▶ପୃଷ୍ଠା-୮

# ଓଡ଼ିଶାକୁ କେନ୍ଦ୍ରର 'ବିଶେଷ' ପ୍ରତାରଣା

## ୨୦୨୪ରେ ପାସୋରିଗଲେ ୨୦୧୪ର ନିର୍ବାଚନ ପ୍ରତିଶ୍ରୁତି

■ **ଭୁବନେଶ୍ୱର, ୪।୫ (ସମିସ):** ୨୦୧୪ ନିର୍ବାଚନ ସମୟରେ ଓଡ଼ିଶାକୁ ଜାତୀୟସ୍ତର ବିଜେପି ନେତାଙ୍କ ଧାଡ଼ି ଛୁଟିଥିଲା। ସେତେବେଳେ କେନ୍ଦ୍ରରେ ୟୁପିଏ ସରକାର ଥିଲା ଓ ବିଜେପିକୁ ଭୋଟ ଦେବାକୁ ନିବେଦନ ସହ କେନ୍ଦ୍ରରେ ବିଜେପି ସରକାର ଗଠନ କଲେ ଓଡ଼ିଶାକୁ ଘିଅମହୁରେ ଭସାଇ ଦେବେ ବୋଲି ବିଜେପିର ଜାତୀୟ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ମିଳିବ ବୋଲି ମଧ୍ୟ କହିଥିଲେ। ଦଳର ଇସ୍ତାହାରରେ ମଧ୍ୟ ଏହାକୁ ବିଜେପି ଉଲ୍ଲେଖ କରିଥିଲା। ଇସ୍ତାହାରର ସଂକଳ୍ପ ମୁଖ୍ୟାଂଶର ପ୍ରଥମରେ 'ଓଡ଼ିଶାକୁ ବିଶେଷ ରାଜ୍ୟର ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବ ଏବଂ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ' ବୋଲି ଉଲ୍ଲେଖ କରାଯାଇଥିଲା। ତତ୍କାଳୀନ ସମୟରେ ରାଜ୍ୟ ବିଜେପିର



5 April, 2014- Odisha BJP Election Manifesto Launch

**୨୦୧୪ ନିର୍ବାଚନ ଇସ୍ତାହାରରେ ଦେଇଥିଲେ ପ୍ରତିଶ୍ରୁତି**

- **ଇସ୍ତାହାର ପ୍ରଦର୍ଶନ କରିଥିଲେ ଧର୍ମେନ୍ଦ୍ର-ମନମୋହନ**
- **୧୦ ବର୍ଷ ବିତିଗଲା ମିଳିଲା ନାହିଁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା**
- **ସ୍ୱତନ୍ତ୍ର ଧ୍ୟାନକେନ୍ଦ୍ରିତ ରାଜ୍ୟ ମାନ୍ୟତା ବି ଉପେକ୍ଷିତ**
- **ଅବହେଳାକୁ ରାଜ୍ୟ ବିଜେପି ସାଂସଦଙ୍କ ନିରବ ସମର୍ଥନ**

ଅନ୍ୟତମ ଶୀର୍ଷ ନେତା କୁହାଯାଉଥିବା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ପ୍ରଭାରୀ ଅରୁଣ ସିଂହ, ବର୍ତ୍ତମାନର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହି ଇସ୍ତାହାର ପ୍ରଦର୍ଶନ କରିଥିଲେ। ମାତ୍ର ଇତିମଧ୍ୟରେ ୧୦ ବର୍ଷ ବିତି ଯାଇଛି। ଓଡ଼ିଶାର ବିଜୁ ଜନତା ଦଳର ସାଂସଦମାନେ ସଂସଦରେ ଏହି ପ୍ରସଙ୍ଗ ବାରମ୍ବାର ଉଠାଇଛନ୍ତି। କେନ୍ଦ୍ରମନ୍ତ୍ରୀମାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ମଧ୍ୟ ବିଭିନ୍ନ ଫୋରମରେ ଏହି ପ୍ରସଙ୍ଗ ଉଠାଇଛନ୍ତି, ମାତ୍ର କୌଣସି ଫଳ ହୋଇନାହିଁ । ଓଡ଼ିଶା ଗସ୍ତରେ ବିଭିନ୍ନ ସମୟରେ ଆସୁଥିବା କେନ୍ଦ୍ରମନ୍ତ୍ରୀମାନେ ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି ଓ ଓଡ଼ିଶାକୁ କେନ୍ଦ୍ରର ଅବହେଳାକୁ ରାଜ୍ୟର ବିଜେପି ସାଂସଦମାନେ ଆଖିବୁଜି ନିରବରେ ସମର୍ଥନ କରିଛନ୍ତି। ବିଡ଼ମ୍ବନା ହେଉଛି ବର୍ଷ ବର୍ଷ ଧରି ଓଡ଼ିଶାବାସୀଙ୍କୁ ଅନ୍ଧାରରେ ରଖିବା ପରେ ଏବେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରସଙ୍ଗକୁ ପୁରା ଏଡ଼ାଇ ଯାଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସରକାରଙ୍କ ସମ୍ମୁଖରେ ରାଜ୍ୟର ସ୍ୱାର୍ଥ ସଂକ୍ରାନ୍ତ ▶ପୃଷ୍ଠା-୮




## ନର୍ସଙ୍କୁ ୭୬୦ ବର୍ଷ ଜେଲ୍ ଦଣ୍ଡ



ପେନସିଲଭାନିଆ, ୪।୫ (ଏଜେନ୍ସି): ଆମେରିକା ନର୍ସ ହିଥର ପ୍ରିସଡି (୪୧) ଙ୍କୁ ୭୬୦ ବର୍ଷ ଜେଲ୍ ଦଣ୍ଡ ହୋଇଛି। ୧୭ ଜଣ ରୋଗୀଙ୍କୁ ହତ୍ୟା ମାମଲାରେ ପେନ୍‌ସିଲଭାନିଆ କୋର୍ଟ ଶନିବାର ତାଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସେ ୨୦୨୦ରୁ ୨୦୨୩ ମଧ୍ୟରେ ନ୍ୟୁଜର୍ସି ଏବଂ ପେନସିଲଭାନିଆ ନର୍ସିଂହୋମ୍‌ରେ ୨୨ ରୋଗୀଙ୍କୁ ଇନ୍‌ସୁଲିନର ମାତ୍ରାଧିକ ଡୋଜ୍ ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୭ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ବୟସ ୪୩ରୁ ୧୦୪ ବର୍ଷ ମଧ୍ୟରେ ଥିଲା। ଏମାନଙ୍କ ମଧ୍ୟରୁ କିଛି ରୋଗୀଙ୍କର ମଧୁମେହ ମଧ୍ୟ ନ ଥିଲା। ୨୦୨୩ ମେ'ରେ ପ୍ରଥମେ ଏହି ମାମଲା ସାମ୍ନାକୁ ଆସିଥିଲା। ସେତେବେଳେ ସେ ୨ ରୋଗୀଙ୍କୁ ହତ୍ୟା କରିଥିବା ଅଭିଯୋଗ ଲାଗିଥିଲା। ପୁଲିସ ଯାଞ୍ଚ ସମୟରେ ହିଥରଙ୍କ ପୁରୁଣା ରେକର୍ଡ ଖୋଜିବାରୁ ସତ୍ୟ ସାମ୍ନାକୁ ଆସିଥିଲା। କୋର୍ଟ ତାଙ୍କୁ ୧୯ ମାମଲାରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

■ ୨୫ କେଜି ସୁନା ଚୋରାଚାଲାଣ

## ଧରା ପଡ଼ିଲେ ଆଫଗାନ କୂଟନୀତିଜ୍ଞ



ମୁମ୍ବାଇ, ୪।୫ (ଏଜେନ୍ସି): ଭାରତରେ ଥିବା ଆଫଗାନିସ୍ତାନର ପ୍ରଥମ ମହିଳା କୂଟନୀତିଜ୍ଞ ଜାକିଆ ୱାରଦକ ସୁନା ଚୋରାଚାଲାଣ କରି ଧରାପଡ଼ିଛନ୍ତି। ୨୫ କେଜି ସୁନା ସହ ମୁମ୍ବାଇ ବିମାନବନ୍ଦରରୁ ତାଙ୍କୁ ଧରାଯାଇଛି। ଏହି ସୁନାର ମୂଲ୍ୟ ପ୍ରାୟ ୧୮.୬ କୋଟି ଟଙ୍କା ହେବ। ରିପୋର୍ଟ ଅନୁଯାୟୀ ଆଫଗାନିସ୍ତାନର ବାଣିଜ୍ୟିକ ରାଷ୍ଟ୍ରଦୂତ ଜାକିଆ ଦୁବାଇରୁ ଭାରତକୁ ଏହି ସୁନା ଆଣିଥିଲେ। ସେ ନିଜ ପୋଷାକରେ ସୁନା ଖଣ୍ଡ ଲୁଚାଇ ରଖିଥିଲେ। ଗତ ୨୫ ତାରିଖରେ ତାଙ୍କୁ ବିମାନବନ୍ଦରରୁ ଧରା ଯାଇଥିଲା। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସୁନା ଜବତ କରାଯାଇଥିଲା। ତେବେ କୂଟନୀତିଜ୍ଞ ହୋଇଥିବାରୁ ଜାକିଆଙ୍କୁ ଗିରଫ କରାଯାଇ ନ ଥିଲା। ରିପୋର୍ଟ ଅନୁଯାୟୀ ସୂତ୍ରରୁ ଏ ବିଷୟରେ ରାଜସ୍ୱ ଗୁଇନ୍ଦା ମହାନିର୍ଦ୍ଦେଶାଳୟ (ଡିଆରଆଇ)କୁ ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଅନେକ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ୫୮ ବର୍ଷୀୟ ଜାକିଆ ଗତ ୨୫ ତାରିଖ ସନ୍ଧ୍ୟାରେ ନିଜ ପୁଅ ସହ ମୁମ୍ବାଇ ଫେରି ଥିଲେ। ଉଭୟେ 'ଗ୍ରୀନ ଚ୍ୟାନେଲ' ଦେଇ ବାହାରକୁ ଆସିଥିଲେ। ମାତ୍ର ଅଧିକାରୀ ତାଙ୍କୁ ବାହାରିବା ଫାଟକରେ ଅଟକାଇ ଦେଇଥିଲେ। ପରେ ଯାଞ୍ଚରୁ ତାଙ୍କ ଜ୍ୟାକେଟ, ଲେଗିନ୍ସ, ଆଣ୍ଠୁର କ୍ୟାପ୍ ଏବଂ ବେଲ୍ଟରୁ ସୁନା ଜବତ ହୋଇଥିଲା। ଏଥିରେ ୧ କେଜି ଓଜନ ବିଶିଷ୍ଟ ୨୪ କ୍ୟାରେଟର ୨୫ ଖଣ୍ଡ ସୁନା ସାମିଲ ଥିଲା। ତାଙ୍କ ପାଖରେ ସୁନା ସମ୍ବନ୍ଧିତ କୌଣସି କାଗଜପତ୍ର ନ ଥିଲା।

## ରୋହିତଙ୍କ ମାମଲାର ହେବ ପୁନଃ ଯାଞ୍ଚ

ହାଇଦରାବାଦ, ୪।୫ (ଏଜେନ୍ସି): ରୋହିତ ଭେମୁଲାଙ୍କ ମୃତ୍ୟୁକୁ ନେଇ ତେଲଙ୍ଗାନା ପୁଲିସ ଦାଖଲ କରିଥିବା କ୍ଲୋଜର ରିପୋର୍ଟ ଉପରେ ତାଙ୍କ ମାଆ ଏବଂ ଭାଇ ରାଜା ଭେମୁଲା ପ୍ରଶ୍ନ ଉଠାଇଛନ୍ତି। ଏସ୍‌ସି ମାନ୍ୟତା ଉପରେ ଜିଲ୍ଲାପାଳ ନିଷ୍ପତ୍ତି ନେବେ ବୋଲି ରାଜା କହିଛନ୍ତି। ରିପୋର୍ଟ ଉପରେ ପ୍ରଶ୍ନ ଉଠିବାରୁ ମାମଲାର ପୁନଃ ତଦନ୍ତ ହେବ ବୋଲି ଡିଜିପି କହିଛନ୍ତି। ଅନ୍ୟପକ୍ଷରେ ରୋହିତଙ୍କ ପରିବାର ସଦସ୍ୟ ଶନିବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି। ଜାତି ପ୍ରମାଣପତ୍ର ପ୍ରଘଟ ହେବା ଭୟରେ ରୋହିତ ଆତ୍ମହତ୍ୟା କରିଥିଲେ ବୋଲି କ୍ଲୋଜର ରିପୋର୍ଟରେ କୁହାଯାଇଥିଲା।

## ଏଲ୍‌ଭିସଙ୍କ ବିରୋଧରେ ଇଡି ମାମଲା

ଲକ୍ଷ୍ନୌ, ୪।୫ (ଏଜେନ୍ସି): ସାପ ବିଷ ଚାଲାଣ ମାମଲାରେ ଫସିଥିବା ୟୁଟ୍ୟୁବର ଏଲ୍‌ଭିସ ଯାଦବଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାଙ୍କ ବିରୋଧରେ ଲକ୍ଷ୍ନୌରେ ମନି ଲଣ୍ଡରିଂ ମାମଲା ରୁଜୁ କରିଛି। ୟୁଟ୍ୟୁବରଙ୍କ ପାଖରେ ଅନେକ ମହଙ୍ଗା କାର୍ ଥିବା ଜଣାପଡ଼ିଛି। ସାପ ବିଷ ସମ୍ବନ୍ଧିତ ମାମଲାରେ ବିପୁଳ କାରବାର ହୋଇଥିବା ମଧ୍ୟ ସୂଚନା ମିଳିଛି। ଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ତଥ୍ୟ ଏବଂ ନୋଏଡ଼ାରେ ରୁଜୁ ଏତଲା ଆଧାରରେ ମାମଲା ରୁଜୁ କରାଯାଇଛି।

## ୨୦ ପାକିସ୍ତାନୀ ମତ୍ସ୍ୟଜୀବୀଙ୍କୁ ଉଦ୍ଧାରକଲା ନୌସେନା

ନୂଆଦିଲ୍ଲୀ, ୪।୫(ଏଜେନ୍ସି): ଆରବ ସାଗରରେ ପୁଣି ଏକ ଦୁର୍ଘଟଣାଗ୍ରସ୍ତ ମତ୍ସ୍ୟଜୀବୀ ଜାହାଜକୁ ଭାରତୀୟ ନୌସେନା ଉଦ୍ଧାର କରିବା ସହିତ ୨୦ ପାକିସ୍ତାନୀ ମତ୍ସ୍ୟଜୀବୀଙ୍କ ଜୀବନ ବଞ୍ଚାଇଛି। ୨୦ ପାକିସ୍ତାନୀ ନାଗରିକ ଏକ ଇରାନୀୟ ଜାହାଜରେ ଯାଉଥିଲା ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିବା ସ୍ଥିତିକୁ ଚାଲି ଆସିଥିଲା। ପରେ ପରେ ଏହି ଜାହାଜରୁ 'ଡିସ୍‌ଟ୍ରେସ୍ କଲ'ପାଇବା ପରେ ଆରବ ସାଗରରେ ଜଳଦସ୍ୟୁଙ୍କ ବିରୋଧରେ ପାଟ୍ରୋଲିଂ ପାଇଁ ମୁତୟନ ଥିବା ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଆଇଏନ୍‌ସ୍ ସୁମେଧା ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଜାହାଜର ଅଧିକାଂଶ ମତ୍ସ୍ୟଜୀବୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବା ଦେଖି ନୌସେନା ଅଧିକାରୀମାନେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛନ୍ତି।

ଭୁବନେଶ୍ୱରରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର

# କାନାଡାର ସବୁ ଅଭିଯୋଗକୁ ଅସ୍ୱୀକାର



ନୂଆଦିଲ୍ଲୀ, ୪।୫(ଏଜେନ୍ସି): କାନାଡାରେ ଯାହା କିଛି ବି ଘଟୁଛି ତାହା ମୁଖ୍ୟତଃ ସେମାନଙ୍କର ଆଭ୍ୟନ୍ତରୀଣ ରାଜନୀତି ଯୋଗୁଁ ଘଟୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି। ଭୁବନେଶ୍ୱର ଗସ୍ତରେ ଥିବା ଜୟଶଙ୍କର ଏକ ସାମ୍ବାଦିକ ସମ୍ମିଳନୀରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଭାରତକୁ କାହିଁକି ବାରମ୍ବାର ସମାଲୋଚନା କରୁଛନ୍ତି ବୋଲି ପ୍ରଶ୍ନର ଉତ୍ତର ରଖି କହିଛନ୍ତି, ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାର ହତ୍ୟା ମାମଲାରେ କାନାଡା ଭାରତକୁ ଦାୟୀ କରିଆସୁଛି। ଆଜି କାନାଡା ୩ ଭାରତୀୟଙ୍କୁ ଗିରଫ କରିବା ସହ ସେମାନଙ୍କର ଫଟୋ ଓ ମାମଲା ସମ୍ପର୍କିତ ଅନ୍ୟ ତଥ୍ୟ ସେୟାର କରିଛି। ଭାରତୀୟ ଏଜେନ୍ସି ସମ୍ପୃକ୍ତିରେ ଏହି ହତ୍ୟାକାଣ୍ଡକୁ ରୂପ ଦିଆଯାଇଥିବା କାନାଡା ଅଭିଯୋଗ କରିଆସୁଛି। କିନ୍ତୁ ଆମେ ଏହାକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରୁଛୁ ବୋଲି ଜୟଶଙ୍କର କହିଛନ୍ତି। ଏହା କେବଳ ସେମାନଙ୍କର ଆଭ୍ୟନ୍ତରୀଣ ରାଜନୀତି, ଭାରତ ସହିତ କିଛି ସମ୍ପର୍କ ନାହିଁ ବୋଲି ଜୟଶଙ୍କର କହିଛନ୍ତି।

ଖଲିସ୍ତାନୀ ଆତଙ୍କୀ ନିଜ୍ଜାର ହତ୍ୟା ମାମଲା

## ୩ ଅଭିଯୁକ୍ତଙ୍କ ତଥ୍ୟ ସେୟାରକଲା କାନାଡା



କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦ୍ୱୀପ ସିଂ ନିଜ୍ଜାର ହତ୍ୟା ମାମଲାରେ ଗିରଫ ହୋଇଥିବା ୩ ଭାରତୀୟ ଅଭିଯୁକ୍ତଙ୍କ ଫଟୋ ସହ ଅନ୍ୟ ତଥ୍ୟ କାନାଡାର ନ୍ୟୁଜ ସାଇଟ୍ କେବିସି ନ୍ୟୁଜ୍ ସେୟାର କରିଛି। ଭାରତୀୟ ଏଜେନ୍ସି ସମ୍ପୃକ୍ତିରେ ଏହି ହତ୍ୟାକାଣ୍ଡକୁ ରୂପ ଦିଆଯାଇଥିବା କାନ୍ଡାଡା ସରକାର ଅଭିଯୋଗ ଆଣିଥିଲା ବେଳେ ପୁଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସଂଖ୍ୟା ବଢ଼ିପାରେ ବୋଲି ମଧ୍ୟ କାନାଡା ପୁଲିସ କହିଛି। ମାମଲାର ତଦନ୍ତ କରୁଥିବା ରୟାଲ କାନାଡା ମାଉଣ୍ଟେଡ ପୁଲିସ ସେୟାର କରିଥିବା ତଥ୍ୟ ଅନୁସାରେ, ଗିରଫ ସମସ୍ତ ୩ ଅଭିଯୁକ୍ତ ଭାରତୀୟ। ସେମାନେ ହେଲେ ୨୮ ବର୍ଷୀୟ କରଣପ୍ରୀତ ସିଂ, ୨୨ ବର୍ଷୀୟ କମଲପ୍ରୀତ ସିଂ ଓ ୨୨ ବର୍ଷୀୟ କରଣ ବରାର। ଏହି ତିନିଜଣଙ୍କୁ ମାସେ ପୂର୍ବରୁ କାନାଡା ପୁଲିସ ଚିହ୍ନଟ କରି ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଗିରଫ ହେବା ପରେ ସେମାନଙ୍କୁ ପୁଲିସ ନିଜ ହେପାଜତକୁ ନେଇଛି। ପର୍ଯ୍ୟାୟକ୍ରମେ ସେମାନଙ୍କୁ କାଡ଼ାଡାର ଆଲବେର୍ଟା ସହରରୁ ଗିରଫ କରାଯାଇଥିଲା। ଏହି ପ୍ରସଙ୍ଗରେ ଭାରତୀୟ ବୈଦେଶକ ମନ୍ତ୍ରଣାଳୟ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଖଲିସ୍ତାନୀ ଆନ୍ଦୋଳନର ନେତୃତ୍ୱ ନେଇ ଏକାଧିକ ହିଂସା ଓ ଅପରାଧିକ କାଣ୍ଡରେ ସାମିଲ ଥିବା ହରଦ୍ୱୀପ ସିଂ ନିଜ୍ଜାର ୨୦୨୦ରେ ଭାରତ ସରକାରଙ୍କ ଦ୍ୱାରା ଆତଙ୍କବାଦୀ ଘୋଷିତ ହୋଇଥିଲା। ଏହା ପରେ ସେ ଦେଶ ଛାଡି ପଳାୟନ କରିଥିଲା। ପରବର୍ତ୍ତୀ ସମୟରେ ସେ କାନାଡାରେ ଥିବା ଜଣାପଡ଼ିଥିଲା। ଗତବର୍ଷ ଜୁନରେ କାନାଡାରେ ତାକୁ ଅଜଣା ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ଏହା ପରେ କାନାଡା ଭାରତ ମଧ୍ୟରେ କୂଟନୈତିକ ତିକ୍ତତା ଆରମ୍ଭ ହୋଇଥିଲା। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଏହି ହତ୍ୟା ମାମଲାରେ ଭାରତୀୟ ଏଜେନ୍ସିର ଭୂମିକାକୁ ଦାୟୀ କରିଥିଲେ। ସେତେବେଳେ ଏକାଧିକ ଭାରତୀୟ ମଧ୍ୟ ସେଠାରେ ଗିରଫ ହୋଇଥିବା ଖବର ପ୍ରସାରିତ ହୋଇଥିଲା। ଯାହାକୁ ନେଇ ଉଭୟ ଦେଶ ମଧ୍ୟରେ କୂଟନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ସେହି ଘଟଣାକୁ ଆଧାର କରି ଭାରତ ସାମୟିକ ଭାବେ କାନାଡାକୁ ଭିସା ସେବା ମଧ୍ୟ ବନ୍ଦ ରଖିଥିଲା।

■ କର୍ଣ୍ଣାଟକ ସେକ୍ସ ସ୍କାଣ୍ଡାଲ ମାମଲା

## ପ୍ରଜ୍ୱଲଙ୍କ ବିରୋଧରେ ଜାରି ହୋଇପାରେ 'ବ୍ଲୁ କର୍ଣ୍ଣର' ନୋଟିସ୍

ବେଙ୍ଗାଲୁରୁ,୪।୫(ଏଜେନ୍ସି)



ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ସୁପ୍ରିମୋ ଏଚ ଡି ଦେବେଗୌଡାଙ୍କ ସାଂସଦ ନାତି ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ଆସିଥିବା ସାଂଘାତିକ ଯୌନ ଶୋଷଣ ମାମଲାରେ ଶକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କର୍ଣ୍ଣାଟକ ସରକାର ପଦକ୍ଷେପ ନେଇଛନ୍ତି। ପୂର୍ବରୁ କର୍ଣ୍ଣାଟକ ପୁଲିସ ପ୍ରଜ୍ୱଳ ଏବଂ ତାଙ୍କ ବାପା ଏଚ ଡି ରେଭନ୍ନାଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ ଜାରି କରିଥିଲା। ଏହି ପ୍ରସଙ୍ଗରେ ଯାଞ୍ଚ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ କରାଯାଇଥିଲା ବେଳେ ଉଭୟ ପ୍ରଜ୍ୱଳ ଏବଂ କୁମାରସ୍ୱାମୀଙ୍କୁ ଏହି ଟିମ୍ ନିକଟରେ ତୁରନ୍ତ ହାଜର ହେବାକୁ କୁହାଯାଇଥିଲା। ଯଦି ସେମାନେ ହାଜର ନ ହୁଅନ୍ତି ତେବେ ସେମାନଙ୍କୁ ଗିରଫ କରାଯିବ ବୋଲି କର୍ଣ୍ଣାଟକ ଗୃହମନ୍ତ୍ରୀ ଜି ପରମେଶ୍ୱର ଗୁରୁବାର କହିଥିଲେ। କିନ୍ତୁ ପ୍ରଜ୍ୱଳ ଏବେ ବିଦେଶ ଫେରାର ହୋଇଯାଇଥିବାରୁ ତାଙ୍କୁ ତୁରନ୍ତ ଗିରଫ କରିବାକୁ କର୍ଣ୍ଣାଟକ ସରକାର ସିବିଆଇର ସହଯୋଗ ଲୋଡିଛନ୍ତି। ପ୍ରଜ୍ୱଳ ଅତ୍ୟନ୍ତ ସାଂଘାତିକ ଘଟଣାରେ ସଂଶ୍ଳିଷ୍ଟ ରହିଥିବାରୁ ତାଙ୍କୁ ଗିରଫ କରି ରାଜ୍ୟ ଏସଆଇଟି ଟିମ୍ ହାତରେ ଦେବାକୁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା କହିଛନ୍ତି। ଏହିକ୍ରମରେ ସିବିଆଇ ପ୍ରଜ୍ୱଳଙ୍କ ବିରୋଧରେ 'ବ୍ଲୁ କର୍ଣ୍ଣର' ନୋଟିସ୍ ଜାରି କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପୂର୍ବରୁ ଜଣେ ମହିଳାଙ୍କୁ ଅପହରଣ କରିବା ମାମଲାରେ ଏସଆଇଟି ପ୍ରଜ୍ୱଳଙ୍କ ବାପା ତଥା ଏଚ ଡି ଦେବେଗୌଡାଙ୍କ ଅନ୍ୟତମ ପୁତ୍ର ଏଚ ଡି ରେଭନ୍ନାଙ୍କୁ ଶନିବାର ଗିରଫ କରି ହେପାଜତକୁ ନେଇଛି। ଏହି ମାମଲାରେ ଅପହୃତ ମହିଳାଙ୍କ ପୁଅଙ୍କ ଏତଲାକୁ ଭିତ୍ତି କରି ଏସଆଇଟି ରେଭନ୍ନାଙ୍କୁ ପଚରାଉଚରା ଆରମ୍ଭ କରିଛି। ଫଳରେ ଉଭୟ ବାପା ଏଚ ଡି ରେଭନ୍ନା ଏବଂ ପୁତ୍ର ପ୍ରଜ୍ୱଳ ରେଭନ୍ନାଙ୍କ ସମସ୍ୟା ବଢିଛି।

ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ପ୍ରଜ୍ୱଳଙ୍କ ବିରୋଧରେ ଜଘନ୍ୟ ମହିଳା ଯୌନ ଶୋଷଣ ମାମଲା ସାମ୍ନାକୁ ଆସିବା ସହ ଏ ସମ୍ପର୍କିତ ୭୦୦ରୁ ଅଧିକ ଭିଡିଓ ଓ ଫଟୋ ହସ୍ତଗତ ହୋଇଥିଲା। ଏହାପରେ କର୍ଣ୍ଣାଟକ ରାଜନୀତି ସରଗରମ ହେବା ସହିତ ବିଜେପି-ଜେଡିଏସ୍ ମେଣ୍ଟକୁ କଂଗ୍ରେସ ନିଶାଣ କରିଥିଲା।

## ସୁରକ୍ଷାବଳ ଗାଡି ଉପରେ ଆତଙ୍କୀ ହମଲା; ୫ ଆହତ



ନୂଆଦିଲ୍ଲୀ,୪।୫(ଏଜେନ୍ସି): ଜମ୍ମୁ-କାଶ୍ମୀରର ପୁଞ୍ଚ ଜିଲ୍ଲାରେ ସୁରକ୍ଷାବାହିନୀର ଏକ ଗାଡି ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ଭାରତୀୟ ବାୟୁସେନାର ୫ ଯବାନ ଆହତ ହୋଇଛନ୍ତି। ଶନିବାର ପୁଞ୍ଚ ଜିଲ୍ଲାର ସୁରନକୋଟ୍ ଅଞ୍ଚଳ ଦେଇ ଭାରତୀୟ ବାୟୁସେନାର ଏକ ଗାଡି ଯାଉଥିଲା ବେଳେ ନିକଟସ୍ଥ ଜଙ୍ଗଲରେ ଆତ୍ମଗୋପନ କରିଥିବା କିଛି ଆତଙ୍କବାଦୀ ଉକ୍ତ ଗାଡି ଉପରକୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ୫ ଜଣ ଯବାନ ଆହତ ହୋଇଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ଏହାପରେ ସୁରକ୍ଷାବଳ ସଂପୃକ୍ତ ଅଞ୍ଚଳକୁ ଘେରି ସର୍ଚ୍ଚ ଅପରେସନ ଆରମ୍ଭ କରିଦେଇଛନ୍ତି।



ବ୍ରାଜିଲରେ ବିପର୍ଯ୍ୟୟ ଆଣିଲା ବନ୍ୟା

## ୫୯ ମୃତ, ୭୦ ନିଖୋଜ

ବ୍ରାସିଲିଆ, ୪।୫ (ଏଜେନ୍ସି): ଦକ୍ଷିଣ ବ୍ରାଜିଲର 'ରିୟୋ ଗ୍ରାଣ୍ଡେ ଡେଲ ସୁଲ' ପ୍ରଦେଶରେ ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ବନ୍ୟା ଆସିଛି। ଏହି ବନ୍ୟା ବିପର୍ଯ୍ୟୟ ସୃଷ୍ଟି କରିଛି। ଏ ପର୍ଯ୍ୟନ୍ତ ବନ୍ୟା ଏବଂ ଭୂସ୍ଖଳନରେ ୫୯ ଜଣଙ୍କ ମୃତ୍ୟୁ ହେଲାଣି। ୭୦ ଜଣ ନିଖୋଜ ଅଛନ୍ତି। ୭୪ ଜଣ ମଧ୍ୟ ଆହତ ହୋଇଛନ୍ତି। ଝଡ଼ବାତ୍ୟା ଯୋଗୁଁ ୨୬୫ ପୌରପାଳିକା ପ୍ରଭାବିତ ହୋଇଛି। ୨୪ ହଜାରରୁ ଅଧିକ ଲୋକଙ୍କୁ ଘର ଛାଡ଼ିବାକୁ ପଡ଼ିଛି। ବନ୍ୟାରେ ରାସ୍ତାଘାଟ ଭାସିଯାଇଛି। ଏଥିଯୋଗୁଁ ଜରୁରୀ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତାପଜ ବିଦ୍ୟୁତ କେନ୍ଦ୍ର ଭାଙ୍ଗିଯିବାରୁ ୩ ଲକ୍ଷରୁ ଅଧିକ ଲୋକ ଅନ୍ଧାରରେ କାଳତିପାତ କରୁଛନ୍ତି। ଭୀଷଣ ବର୍ଷା ଜାରି ରହିଥିବାରୁ ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି। ଯୁଆଡେ ଦେଖିଲେ ସିଆଡେ ଖାଲି ବନ୍ୟାଜଳ ଦେଖାଯାଉଛି। ଉଦ୍ଧାରକାର୍ଯ୍ୟରେ ସେନା ମୁତୟନ କରାଯାଇଛି। ବୋଟ, ବିମାନ ମାଧ୍ୟମରେ ପାଣି ଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି।

ସ୍ଥିତିକୁ ଦେଖି ରାଜ୍ୟ ସରକାର ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି। ସାରା ରାଜ୍ୟରେ ସ୍କୁଲ୍‌କୁ ଛୁଟି ଘୋଷଣା କରାଯାଇଛି। ଲୋକଙ୍କୁ ସତର୍କ ହୋଇ ରହିବାକୁ କୁହାଯାଇଛି। ପୋର୍ଟ ଆଲଜ୍ରି ଦେଇ ପ୍ରବାହିତ ଗୁଆଇବା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ବଡ଼ ଚେତାବନୀ ଜାରି କରାଯାଇଛି। ଇତିହାସର ସବୁଠାରୁ ବଡ଼ ବନ୍ୟା ଆସିବାର ସମ୍ଭାବନା ରହିଛି। ଲୋକଙ୍କୁ ଘରଦ୍ୱାର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇବା ପାଇଁ 'ରିୟୋ ଗ୍ରାଣ୍ଡେ ଡେଲ ସୁଲ'ର ଗଭର୍ଣ୍ଣର ଏଡୁଆରଡୋ ଲେଇଟି କହିଛନ୍ତି।

ନିର୍ବାଚନ ପୂର୍ବରୁ 'ଇଣ୍ଡି' ମେଣ୍ଟକୁ ଧକ୍କା

# ପୂର୍ବତନ ଦିଲ୍ଲୀ କଂଗ୍ରେସ ମୁଖ୍ୟ ବିଜେପିରେ ସାମିଲ

ନୂଆଦିଲ୍ଲୀ,୪।୫(ଏଜେନ୍ସି)



ଦିଲ୍ଲୀ କଂଗ୍ରେସ ମୁଖ୍ୟ ପଦରୁ ଇସ୍ତଫା ଦେଇଥିବା ଅରବିନ୍ଦର ସିଂ ଲଭଲି ଶନିବାର ନିଜ ସମର୍ଥକମାନଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି ଏବଂ ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚ୍ଚଦେବାଙ୍କ ଉପସ୍ଥିତିରେ ଅରବିନ୍ଦରଙ୍କ ସମେତ ପୂର୍ବତନ କଂଗ୍ରେସ ବିଧାୟକ ରାଜକୁମାର ଚୌହାନ,ନସିବ ସିଂ, ନିରଜ ବାସୋୟା ଏବଂ ଯୁବ କଂଗ୍ରେସ ସଭାପତି ଅମିତ ମଲ୍ଲିକ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଔପଚାରିକ ଭାବେ ଦଳରେ ମିଶିଥିବା ଘୋଷଣା କରିଛନ୍ତି। ଏହାପୂର୍ବରୁ ଅରବିନ୍ଦର କଂଗ୍ରେରେ ଛାଡି ୨୦୧୭ ।।ରେ ବିଜେପିରେ ସାମିଲ ହୋଇଥିଲେ। କିନ୍ତୁ ପୁଣି ୨୦୧୮ରେ କଂଗ୍ରେସକୁ ଫେରି ଆସିଥିଲେ। ଏଥର ମଧ୍ୟ ସେ କଂଗ୍ରେସରୁ ଇସ୍ତଫା ଦେବା ଏବଂ ତାଙ୍କ ଇସ୍ତଫାପତ୍ର ଦଳୀୟ ହାଇକମାଣ୍ଡଙ୍କ ଦ୍ୱାରା ଗୃହୀତ ହେବା ପରେ ସେ ବିଜେପିରେ ଯୋଗ ଦେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। କିନ୍ତୁ ସେତେବେଳେ ଅରବିନ୍ଦର ଏହାକୁ ଅସ୍ୱୀକାର କରିବା ସହିତ ସେ ଦଳରେ ରହିବେ ଏବଂ କେବଳ ସଭାପତି ପଦରୁ ଇସ୍ତଫା ଦେଉଛନ୍ତି ବୋଲି କହିଥିଲେ। ହେଲେ ଶନିବାର ଦଳ ବଳ ସହ ଅରବିନ୍ଦର ବିଜେପିରେ ସାମିଲ ହେବା ଘଟଣା ଦିଲ୍ଲୀ ରାଜନୀତିକୁ ପୁଣି ସରଗରମ କରିଛି। ଦିଲ୍ଲୀ ନିର୍ବାଚନ ପୂର୍ବରୁ ଅରବିନ୍ଦର ବିଜେପିରେ ଯୋଗ ଦେବା ଦେବା ଇଣ୍ଡି ମେଣ୍ଟ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିବାର ଆଶଙ୍କା ବଢାଇଛି। କାରଣ ନିଜ ଇସ୍ତଫାକୁ ନେଇ ସେ ଯେଉଁ କାରଣ ଦର୍ଶାଇଛନ୍ତି ତାହା ଉଭୟ କଂଗ୍ରେସ ଏବଂ ଆପ୍ ମଧ୍ୟରେ ବିବାଦ ବଢାଇବ ବୋଲି କୁହାଯାଉଛି। ପ୍ରଥମତଃ ଲୋକସଭା ନିର୍ବାଚନରେ କଂଗ୍ରେସ ଆପ୍ ସହ ମେଣ୍ଟ ନ କରୁ ବୋଲି ଅରବିନ୍ଦର ଦାବି କରିଥିଲେ। କିନ୍ତୁ ତାଙ୍କ ଦାବି ପ୍ରତି ଦଳର କୌଣସି ବରିଷ୍ଠ ନେତା କର୍ଣ୍ଣପାତ କରି ନଥିଲେ। ମେଣ୍ଟ ପରେ ଯଦିଓ ଅରବିନ୍ଦର ଚୁପ୍ ରହିଥିଲେ ତଥାପି ଆପ୍‌କୁ ସମାଲୋଚନା କରିବାରୁ ବର୍ତ୍ତି ନଥିଲେ। ଏହାପରେ ସ୍ଥାନୀୟ ନେତାଙ୍କୁ ବାଦ୍ ଦଳ କହ୍ନେୟା ଲାଲଙ୍କ ଭଳି ନେତାଙ୍କୁ ପ୍ରାର୍ଥୀ କରିବା ପରେ ଅରବିନ୍ଦରଙ୍କ ଅସନ୍ତୋଷ ଦ୍ୱିଗୁଣିତ ହୋଇଥିଲା।

ତେବେ ବିଜେପିରେ ତାଙ୍କ ଯୋଗଦାନ ଦିଲ୍ଲୀ କଂଗ୍ରେସ ସହିତ ପଞ୍ଜାବ କଂଗ୍ରେସକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ରାଜନୀତିକ ସ୍ତରରେ ଜୋରଦାର ଆଲୋଚନା ଆରମ୍ଭ ହୋଇଛି।

## ନେପାଳ ଶହେ ଟଙ୍କିଆ ନୋଟ୍‌ରେ ଭାରତୀୟ ଅଞ୍ଚଳ

କାଠମାଣ୍ଡୁ, ୪।୫ (ଏଜେନ୍ସି): ନେପାଳର ନୂଆ ଶହେ ଟଙ୍କିଆ ନୋଟ୍ ଛପା ହେବାକୁ ଯାଉଛି। ଏହି ନୋଟ୍‌ରେ ଦେଶରେ ମାନଚିତ୍ର ରହିଛି। ମାତ୍ର ଏହି ନୋଟ୍‌କୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। କାରଣ ଏହି ମାନଚିତ୍ରରେ ଭାରତର ତିନି ଅଞ୍ଚଳ ଲିପୁଲେଖ, ଲିମ୍ପିୟାଧୁରା ଏବଂ କଳାପାଣୀକୁ ନେପାଳର ବୋଲି ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ନେତୃତ୍ୱରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ୩ ଅଞ୍ଚଳକୁ ନେଇ ଦୁଇ ଦେଶ ମଧ୍ୟରେ ୩୪ ବର୍ଷ ହେଲା ବିବାଦ ଚାଲିଛି। ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ପ୍ରଚଣ୍ଡ ନେପାଳ କଂଗ୍ରେସ ସହ ମେଣ୍ଟ ଭାଙ୍ଗି ସିପିଏନ-ୟୁଏମଏଲର ନେତା କେପି ଶର୍ମା ଓଲିଙ୍କ ସହଯୋଗରେ ସରକାର ଗଠନ କରିଥିଲେ। ତେଣି ଓଲିଙ୍କ ଲାଗି ପ୍ରଧାନମନ୍ତ୍ରୀ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ଇଣ୍ଡୋନେସିଆରେ ପ୍ରବଳ ବର୍ଷା; ୧୬ ମୃତ



ଜାକାର୍ତ୍ତା, ୪।୫ (ଏଜେନ୍ସି): ଇଣ୍ଡୋନେସିଆରେ ଗୁରୁବାରଠାରୁ ମୂଷଳ ଧାରାରେ ବର୍ଷା ଜାରି ରହିଛି। ବର୍ଷା ଜନିତ ଦୁର୍ଘଟଣାରେ ଏ ପର୍ଯ୍ୟନ୍ତ ୧୬ ଜଣଙ୍କ ମୃତ୍ୟୁ ହେଲାଣି। ସାରା ଦେଶରେ ୧୮୦୦ରୁ ଅଧିକ ଘର ଭୁଶୁଡ଼ି ଯାଇଛି। ରାସ୍ତାଘାଟ ଧୋଇ ହୋଇ ଯାଇଛି। ଏଥିଯୋଗୁ ଅନେକ ଲୋକ ରାସ୍ତାରେ ଫସି ରହିଛନ୍ତି। ଇଣ୍ଡୋନେସିଆ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଅବଦୁଲ ମୁହାରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶୁକ୍ରବାର ରାତିରେ ଦକ୍ଷିଣ ସୁଲାବେସିରେ ଭୂସ୍ଖଳନ ହୋଇଥିଲା। ଏଥିରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏ ପର୍ଯ୍ୟନ୍ତ ୧୩୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଦକ୍ଷିଣ ସୁଲାବେସିରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ଲୋକଙ୍କୁ ପାଣି ଘେରରୁ ଉଦ୍ଧାର କରିବା ପାଇଁ ଅନେକ ଉଦ୍ଧାରକାରୀ ଟିମ୍ ଲାଗିଛି।

# କୋରାପୁଟ ଓ ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀଙ୍କ ମର୍ଯ୍ୟାଦାପୂର୍ଣ୍ଣ ପ୍ରଚାର

## କୁମ୍ଭୀରକାନ୍ଦଣା କାନ୍ଦୁଥିବା ଲୋକଙ୍କ ପ୍ରତି ସତର୍କ ରୁହନ୍ତୁ: ନବୀନ

**ନବରଙ୍ଗପୁର/କୋରାପୁଟ, ୪।୫(ସମିସ):** ଲମ୍ବା ଭାଷଣ ଦେଲେ ନାହିଁ, କାହାକୁ ସମାଲୋଚନା କଲେ ନାହିଁ। କାମର ହିସାବ ଦେଲେ, ସରକାରୀ ଯୋଜନାରେ ସନ୍ତୁଷ୍ଟିକୁ ନେଇ ଲୋକଙ୍କ ମତ ଲୋଡ଼ିଲେ। ଲୋକଙ୍କ ଆଶୀର୍ବାଦ ଚାହିଁଲେ, ଶଙ୍ଖ ଚିହ୍ନକୁ ହୃଦୟରେ ସ୍ଥାନ ଦେବାକୁ ଅନୁରୋଧ କଲେ। କଥା କମ୍, କାମ ବେଶିର ପ୍ରକୃଷ୍ଟ ଉଦାହରଣ ଦେଇ ସମସ୍ତଙ୍କ ମନ ଜିଣିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି କୋରାପୁଟ ଓ ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର ସବୁ ରାଜନେତାଙ୍କ ପାଇଁ ନୂଆ ଉଦାହରଣ ରଖିଛନ୍ତି। ମର୍ଯ୍ୟାଦାପୂର୍ଣ୍ଣ ନିର୍ବାଚନ ପ୍ରଚାର କରି ରାଜନୀତିର ପରିଭାଷାକୁ ମାର୍ଜିତ କରିଛନ୍ତି। ରାଜନୀତିରେ ନିଜର ସ୍ୱଚ୍ଛ ଓ ସରଳ ଚିନ୍ତାଧାରା ପାଇଁ ସାରା ଦେଶରେ ପ୍ରଶଂସିତ ନବୀନ ପଟ୍ଟନାୟକ ଆଜି ନିଆରା ଶୈଳୀରେ ନିର୍ବାଚନ ପ୍ରଚାର କରି ଲୋକଙ୍କ ହୃଦୟ ଜିତିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଲୋକଙ୍କ ଭିତରେ ଅଭୂତପୂର୍ବ ଆନନ୍ଦ ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସେମାନେ ସମସ୍ତେ ବିଭୋର ହୋଇ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନୀରେ ସଭାସ୍ଥଳକୁ ପ୍ରକମ୍ପିତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ 'ଶାନ୍ତ, ସରଳ ପ୍ରଶ୍ନୋତ୍ତର' ପ୍ରଚାର ଷ୍ଟାଇଲ ଲୋକଙ୍କ ଭିତରେ ବେଶ ପ୍ରଶଂସା ସାଉଣ୍ଟି ଥିଲା। ରାଜ୍ୟ ସରକାରଙ୍କ ସବୁ ପ୍ରମୁଖ ଯୋଜନାର ନା ଧରି ମୁଖ୍ୟମନ୍ତ୍ରୀ ପଚାରିଲେ ଏ ସବୁ ଭଲ କାମ କରୁଛି ତ? ମୁଖ୍ୟମନ୍ତ୍ରୀ ପ୍ରଥମେ ଖରା ଓ ଗରମରେ ଲୋକମାନେ ଆସିଥିବାରୁ ଧନ୍ୟବାଦ ଜଣାଇଥିଲେ, ତାପରେ ପଚାରିଥିଲେ 'ଆପଣମାନେ ଭଲ ଅଛନ୍ତି ତ?'। ସବୁର ଉତ୍ତର ଥିଲା 'ହଁ'। ଶେଷରେ ସେ ପଚାରିଥିଲେ 'ନବୀନ ପଟ୍ଟନାୟକ ଭଲ ତ?' ଏହାପରେ ସମବେତ ଜନତା ବିପୁଳ ଉତ୍ସାହରେ ଠିଆ ହୋଇ 'ହଁ' ଶବ୍ଦ ଧ୍ୱନୀ ସହିତ କରତାଳି ଦେଇଥିଲେ।

ପ୍ରଚାରରେ ଲମ୍ବା ଲମ୍ବା ଭାଷଣ ନ ଥିଲା, କି କାହାକୁ କଟୁ ସମାଲୋଚନା ନ ଥିଲା।

କଥା କମ୍, କାମ ବେଶି ହେଉଛି ତାଙ୍କର ନିଜସ୍ୱ ଷ୍ଟାଇଲ। ଆଜି ସେହି ଶୈଳୀରେ ମୁଖ୍ୟମନ୍ତ୍ରୀ ମାତ୍ର ଗୋଟିଏ ମିନିଟ୍‌ରେ ତାଙ୍କର ପ୍ରଚାର ଶେଷ କରିଥିଲେ। ଲୋକଙ୍କୁ କାମର ହିସାବ ଦେଲେ ଓ ମତାମତ ଲୋଡିଲେ। ମୁଖ୍ୟମନ୍ତ୍ରୀ ପଚାରିଥିଲେ ୭ଟି ପ୍ରଶ୍ନ। ଆମର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ ଚାଲିଛି ? ମମତା ଯୋଜନା ଭଲ ଚାଲିଛି ? ମିଶନ ଶକ୍ତି, ନୂଆ-ଓ ସ୍କଲାରସିପ୍, କାଳିଆ ଯୋଜନା, ପୁରୀ ପରିକ୍ରମା ପ୍ରକଳ୍ପ ଆଦି ସବୁ କାମ ଭଲ ଚାଲିଛି ବୋଲି ପଚାରିଥିଲେ ମୁଖ୍ୟମନ୍ତ୍ରୀ। ପ୍ରତି ପ୍ରଶ୍ନରେ ଜନତାଙ୍କ ଉତ୍ତର ହଁ ବହୁତ ଭଲ ଚାଲିଛିରେ ସଭାସ୍ଥଳୀ ପ୍ରତିଧ୍ୱନିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିରୋଧୀ ଦଳ ମାନେ ମିଛ କଥା କହୁଛନ୍ତି, ଅପପ୍ରଚାର କରୁଛନ୍ତି। ଆପଣମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେଇ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ମାନଙ୍କୁ ଜିତାନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଆହ୍ୱାନ ଜଣାଇଥିଲେ। ସଭାରେ ବିଜେଡି ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକକା, ଲକ୍ଷ୍ମୀପୁର ବିଧାନସଭା ପ୍ରାର୍ଥୀ ପ୍ରଭୁ ଜାନି, ପଟାଙ୍ଗୀ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀ, ଜୟପୁର ବିଧାନସଭା ପ୍ରାର୍ଥୀ ଇନ୍ଦିରା ନନ୍ଦ ଓ କୋରାପୁଟ ବିଧାନସଭା ପ୍ରାର୍ଥୀ ରଘୁରାମ ପଡ଼ାଲ ପ୍ରମୁଖ ନିର୍ବାଚନ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ।

ସେହିପରି ନବରଙ୍ଗପୁରର ମାଝୀଗୁଡା ଠାରେ ଆୟୋଜିତ ପ୍ରଚାର ସଭାରେ ଉମରକୋଟ ବିଧାନସଭା ପ୍ରାର୍ଥୀ ନବିନା ନାୟକ, ଡାବୁଗାଁ ବିଧାନସଭା ପ୍ରାର୍ଥୀ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ, ଝରିଗାଁ ବିଧାନସଭା ପ୍ରାର୍ଥୀ ରମେଶ ମାଝୀଙ୍କୁ ବହୁଳ ଭୋଟରେ ବିଜୟୀ କରାଇବା ପାଇଁ ଜନତାଙ୍କୁ ନିବେଦନ କରିଥିଲେ ମୁଖ୍ୟମନ୍ତ୍ରୀ।




- ଅପପ୍ରଚାର ଚଳାଇଛନ୍ତି ମୁଷ୍ଟିମେୟ ବିରୋଧୀ
- ଗୋଟିଗୋଟି କରି ଦେଲେ କାମର ହିସାବ
- ପଚାରିଲେ ରାଜ୍ୟ ଯୋଜନା ସଂକ୍ରାନ୍ତ ପ୍ରଶ୍ନ
- ଯୋଡ଼ି ଶଙ୍ଖକୁ ଆଶୀର୍ବାଦ କରିବାକୁ ଅନୁରୋଧ

**ନବୀନଙ୍କ ହୃଦୟରେ ପ୍ରତ୍ୟେକ ଓଡ଼ିଆ, ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ନବୀନ**

## ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ସବୁ କିଛି କରିଛନ୍ତି; ପ୍ରତିଦାନରେ ତାଙ୍କୁ ଆଶୀର୍ବାଦ ଦେବାର ସମୟ ଆସିଛି: କାର୍ତ୍ତିକ ପାଣ୍ଡିଆନ

**କୋରାପୁଟ/ନବରଙ୍ଗପୁର, ୪।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନଙ୍କ ପାଇଁ ଦିନ ରାତି କାମ କରୁଛନ୍ତି। ତାଙ୍କ ପାଇଁ ରାଜନୀତି କିମ୍ବା କ୍ଷମତା ବଡ଼ ନୁହେଁ, ଓଡ଼ିଶାବାସୀଙ୍କ ମୁହଁରେ ସନ୍ତୁଷ୍ଟିର ହସ ହିଁ ଗୁରୁତ୍ୱପୂର୍ଣ୍ଣ। ପୂରା ରାଜ୍ୟକୁ ନିଜ ପରିବାର ଭାବେ ଗ୍ରହଣ କରି ନବୀନ ପରିବାରର ମୁଖିଆ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜନତା ଜାଣିଛନ୍ତି କିଏ ତାଙ୍କ ଦୁଃଖ ଦୂର କରିଛି, କିଏ ରାଜ୍ୟର ବିକାଶ କରୁଛି। ଓଡ଼ିଶାର ରୂପାନ୍ତରକୁ ଆହୁରି ଆଗେଇ ନେବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରନ୍ତୁ। ଆଜି କୋରାପୁଟ ଓ ନବରଙ୍ଗପୁରରେ ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ନିର୍ବାଚନ ପ୍ରଚାର କରିବା ଅବସରରେ ଜନସଭାକୁ ସମ୍ବୋଧନ କରି ଏପରି ଆହ୍ୱାନ ଦେଇଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍। ଏହି ଅବସରରେ ସେ ଓଡ଼ିଶା ବିରୋଧରେ ଉଦ୍ଦେଶ୍ୟପ୍ରଣୋଦିତ ଭାବେ ଚକ୍ରାନ୍ତ ଚଳାଇଥିବା କେନ୍ଦ୍ରମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିବା ସହ ଖୋଲା ଆହ୍ୱାନ ଦେଇଛନ୍ତି। ସାହସ ଥିଲେ ବିଜେପି କେନ୍ଦ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରୁ। ରାଜ୍ୟରେ ୧୦% ଆସନ ତାଙ୍କ ଦଳ ପାଇବ ନାହିଁ। କେନ୍ଦ୍ର ସରକାର ବର୍ଷକୁ ୨ କୋଟି ଚାକିରୀ ଦେବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ଦଶ ବର୍ଷରେ ୨୦ କୋଟି ନିଯୁକ୍ତି ମିଳିବା କଥା। ସେହି ହିସାବରେ ଓଡ଼ିଶାରେ ୮୦ ଲକ୍ଷ ଚାକିରୀ ମିଳିବା କଥା। ସେ ଚାକିରୀ କୁଆଡ଼େ ଗଲା ବୋଲି ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ଏହା ସହ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁ ଓଡ଼ିଶାରେ ବେକାରୀ ସମସ୍ୟା ସବୁଠୁ କମ୍ ଥିବା ଖୋଦ୍ କେନ୍ଦ୍ର ସରକାରଙ୍କ ରିପୋର୍ଟରେ ପ୍ରକାଶ ପାଇଛି ବୋଲି ପାଣ୍ଡିଆନ କହିଛନ୍ତି।

କୋରାପୁଟ ଜନସଭାରେ ଶ୍ରୀ ପାଣ୍ଡିଆନ୍ ଲୋକଙ୍କୁ ପଚାରିଥିଲେ ଯେ କୋରାପୁଟ ମେଡିକାଲ କଲେଜ କିଏ କରିଛି? ଗୁପ୍ତେଶ୍ୱର ମନ୍ଦିର ରୂପାନ୍ତର କିଏ କରିଛି? କୋରାପୁଟ ଜଗନ୍ନାଥ ମନ୍ଦିରର ରୂପାନ୍ତର କିଏ କରିଛି? କୋରାପୁଟରେ ଚର୍ଚ୍ଚର ରୂପାନ୍ତର କିଏ କରିଛି? ବଡ ବଡ ସେତୁ, ନୂଆ-ଓ ସ୍କଲାରସି, ମିଶନ ଶକ୍ତି, କାଳିଆ, ମମତା ଆଦି ଯୋଜନା କିଏ କରିଛି? ସବୁ ପ୍ରଶ୍ନର ଜନତା ଉଚ୍ଚସ୍ୱରରେ ନବୀନ ପଟ୍ଟନାୟକ ବୋଲି ଉତ୍ତର ଦେଇଥିଲେ। ଏହାପରେ ଶ୍ରୀ ପାଣ୍ଡିଆନ କହିଥିଲେ ନବୀନ ପଟ୍ଟନାୟକ ଆପଣଙ୍କ ପାଇଁ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି, ଆପଣମାନେ ତାଙ୍କୁ ଆଶୀର୍ବାଦ କରନ୍ତୁ, ଯୋଡି ଶଙ୍ଖରେ ଭୋଟ ଦିଅନ୍ତୁ। ଏହି ସଭାରେ ଲୋକସଭା ପ୍ରାର୍ଥୀ



କୌଶଲ୍ୟା ହିକକା କହିଥିଲେ ଯେ ବିଜୁ ବାବୁ ମା ମାନଙ୍କ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ତାକୁ ଆମର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ବିଜୁ ଜନତା ଦଳ ଆଜି ଏକ ସାମାଜିକ ଆନ୍ଦୋଳନ ହୋଇ ସବୁ ବର୍ଗର ସଶକ୍ତି କରଣ କରୁଛି ବୋଲି ସେ କହିଥିଲେ।

ସେହିପରି ନବରଙ୍ଗପୁର ସମାବେଶରେ ଶ୍ରୀ ପାଣ୍ଡିଆନ ଉପସ୍ଥିତ ଜନସାଧାରଣଙ୍କୁ ନବରଙ୍ଗପୁର ନୂଆ ସରକାରୀ କଲେଜ କିଏ କରିଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ କିଏ କରିଛି ବୋଲି ପ୍ରଶ୍ନ କରିଥିଲେ। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଅଲେକ ମହିମା ପୀଠ ଆଦିର ରୂପାନ୍ତର କିଏ କରିଛି ? ବଡ ବଡ ସେତୁ, ନୂଆ-ଓ ସ୍କଲାରସି, ମିଶନ ଶକ୍ତି, କାଳିଆ, ମମତା ଆଦି ଯୋଜନା କିଏ କରିଛି? ସବୁ ପ୍ରଶ୍ନର ଉତ୍ତରରେ ଲୋକମାନେ ନବୀନଙ୍କ ନାମ ନେଇଥିଲେ।

ଏହି ଅବସରରେ ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକକା କହିଥିଲେ ଯେ ନବୀନ ବାବୁ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ୫-ଟି ଗ୍ୟାରେଣ୍ଟି ହେଉଛି ସବଠୁ ବଡ ଗ୍ୟାରେଣ୍ଟି। ପାରଳାଖେମୁଣ୍ଡିରେ ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ଗୁଡିକ ଓଡ଼ିଶାର ସବୁ ପରିବାର ପାଖରେ ପହଞ୍ଚିଛି। ବିରୋଧୀ ଦଳ ଯଦି କ୍ଷମତାକୁ ଆସେ ତାହେଲେ ଏସବୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ବନ୍ଦ କରିଦେବେ। ତେଣୁ ନବୀନ ବାବୁଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି

- ବିରୋଧୀ କ୍ଷମତାକୁ ଆସିଲେ ସବୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ବନ୍ଦ କରିଦେବେ: ଭୃଗୁ ବକ୍ସିପାତ୍ର
- ପରିକ୍ରମା ପ୍ରକଳ୍ପକୁ ବିରୋଧ କରିବା ଓଡିଆ ଅସ୍ମିତା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିରୋଧ: ପ୍ରଦୀପ ମାଝୀ

ନୂଆ ଇତିହାସ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ରାୟଗଡ଼ାରେ ବିଧାୟକ ପ୍ରାର୍ଥୀ ଅନସୂୟା ମାଝୀ, ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା, ଗୁଣୁପୁରରେ ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗୋ ଏବଂ ପାରଳାଖେମୁଣ୍ଡିରେ ବିଧାୟକ ପ୍ରାର୍ଥୀ ରୂପେଶ ପାଣିଗ୍ରାହୀ ଓ ମୋହନାରେ ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗୋଙ୍କ ସପକ୍ଷରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶ୍ରୀ ପାଣ୍ଡିଆନ୍ ନିବେଦନ କରିଥିଲେ। ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆଜି ନବରଙ୍ଗପୁରରେ ବିଜୁଳି, ସଡକ, ପାଣି ସୁବ୍ୟବସ୍ଥିତ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆସିଛି। ବିଜେପି ଏ ଅଞ୍ଚଳରେ ମିଥ୍ୟା ପ୍ରଚାର ଓ ପ୍ରତିଶ୍ରୁତିରେ ଲୋକଙ୍କୁ ପୋତି ପକାଇଛନ୍ତି। ସମସ୍ତେ ଜାଣି ରଖିବା ଉଚିତ ଯେ ପରିକ୍ରମ ପ୍ରକଳ୍ପକୁ ବିରୋଧ କରିଥିଲେ ବିଜେପି ନେତା। ପରିକ୍ରମା ପ୍ରକଳ୍ପକୁ ବିରୋଧ ହେଉଛି, ଓଡିଆ ଅସ୍ମିତା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିରୋଧ ବୋଲି ସେ କହିଥିଲେ।

## ତରକେରା ଡ୍ୟାମରେ ଦୁଇ ସାଙ୍ଗଙ୍କ ସଳିଳ ସମାଧି

**ରାଉରକେଲା, ୪।୫(ସମିସ):** ତରକେରା ଡ୍ୟାମରେ ଗାଧୋଇବା କାଳ ହୋଇଛି। ପାଣିରେ ବୁଡ଼ି ଦୁଇ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଉଦିତନଗର ଥାନା ଅନ୍ତର୍ଗତ ଲାଲ ବିଲ୍ଡିଂ ଗଳି ବାସିନ୍ଦା ତଥା ପୂର୍ବତନ କାଉନସିଲର ବ୍ରିଜେଶ ମହତୋଙ୍କ ପୁଅ ରାଜକୁମାର ମହତୋ (୨୦) ଓ ଛେଣ୍ଡ ଅଞ୍ଚଳର ଜାରିବ ଖାନ (୧୯)। ତେବେ ଏମାନଙ୍କ ସହ ସେଠାରେ ଗାଧୋଇଥିବା ଡିଲକ୍ସ ଗଳିର ଭବେଶ ପ୍ରସାଦ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରଘୁନାଥପାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

- ଗାଧୋଇବା ବେଳେ ବୁଡ଼ିଗଲେ
- ମୃତକଙ୍କ ମଧ୍ୟରେ ପୂର୍ବତନ କାଉନସିଲରଙ୍କ ପୁଅ

ଶନିବାର ଅପରାହ୍ଣରେ ରାଜକୁମାର, ଜାରିବ ଓ ଭବେଶ ସାଙ୍ଗ ହୋଇ ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ରାଜକୁମାର ଓ ଜାରିବ ଗଭୀର ପାଣିକୁ ଯାଇ ଗାଧୋଇଥିବା ସମୟରେ ଦୁହେଁ ବୁଡ଼ିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ବିଭାଗୀୟ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ରାଜକୁମାର ଓ ଜାରିବଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଭବେଶ ଗଭୀର ପାଣିକୁ ଯାଇ ନ ଥିବାରୁ ବର୍ତ୍ତିଯାଇଛନ୍ତି। ସୂଚନାଯୋଗ୍ୟ, ରାଜକୁମାର, ଜାରିବ ଓ ଭବେଶ ମ୍ୟୁନିସିପାଲ କଲେଜରେ ପାଠ ପଢୁଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ ବାରମ୍ବାର ଉକ୍ତ ଡ୍ୟାମ୍‌ରେ ଏଭଳି ଅଘଟଣ ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ କି ଲୋକେ ମଧ୍ୟ ସଚେତନ ହେଉନାହାନ୍ତି।

**ସତ୍ୟବାଦୀ ନିର୍ବାଚନମଣ୍ଡଳୀ**

## ସ୍କର୍ପିଓରୁ ୧.୫ ଲକ୍ଷ ଟଙ୍କା ଜବତ

**ପୁରୀ, ୪।୫(ସମିସ):** ପୁରୀ ଜିଲ୍ଲା ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ମନ୍ଦାରବସ୍ତ ଚେକ୍ ପଏଣ୍ଟରେ ଗତ ଗୁରୁବାର ସନ୍ଧ୍ୟାରେ ଷ୍ଟାଟିକ ସର୍ଭିଲାନ୍ସ ଟିମ୍ ବା ଏସ୍‌ଏସ୍‌ଟି ଦ୍ୱାରା ୧ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି। ଏକ ସ୍କର୍ପିଓ ଗାଡ଼ିକୁ ମନ୍ଦାରବସ୍ତ ଚେକ୍ ପଏଣ୍ଟରେ ତଲାସୀ ନିଆଯିବା ସମୟରେ ଏହି ଅର୍ଥ ଜବତ ହୋଇଥିଲା। ତେବେ ଏହି ଟଙ୍କାର ଉତ୍ସ ସମ୍ପର୍କରେ ଗାଡ଼ିରେ ଥିବା ବ୍ୟକ୍ତିମାନେ କୌଣସି ସନ୍ତୋଷଜନକ ଉତ୍ତର ବା କାଗଜପତ୍ର ଦର୍ଶାଇ ପାରି ନ ଥିବାରୁ ଏହାକୁ ଜବତ କରାଯାଇ ଭାରତର ନିର୍ବାଚନ କମିସନଙ୍କ ମାର୍ଗଦର୍ଶିକା ଆଧାରରେ ଜିଲ୍ଲା ଟ୍ରେଜେରୀ ଷ୍ଟ୍ରଙ୍ଗରୁମ୍‌ରେ ଗଚ୍ଛିତ ରଖାଯାଇଛି।

## ଶିମିଳିପାଳରେ ହାତୀ ଶାବକର ମୃତ୍ୟୁ; ଅଂଶୁଘାତ ସନ୍ଦେହ

**ବାରିପଦା, ୪।୫(ସମିସ):** ଶିମିଳିପାଳ ଅଭୟାରଣ୍ୟରେ ଏକ ହାତୀ ଶାବକର ଅଂଶୁଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତ ହାତୀକୁ ପୋଡ଼ି ଦିଆଯାଇଛି। ଖବର ଅନୁସାରେ, ଶିମିଳିପାଳ ଅଭୟାରଣ୍ୟର ଡୁକୁରା ୱାଇଲ୍ଡ ଲାଇଫ୍ ରେଞ୍ଜ ଅନ୍ତର୍ଗତ ବହଳଦା ସେକ୍ସନର ସାଞ୍ଜ-୬ ନିକଟରେ ଗୁରୁବାର ଏକ ଗଳିତ ହାତୀ ଶାବକର ମୃତଦେହକୁ ବନ ବିଭାଗ ଠାବ କରିଥିଲା। ବନାଗ୍ନି ନିୟନ୍ତ୍ରଣରେ ନିୟୋଜିତ ଥିବା ବନ କର୍ମଚାରୀମାନେ ପାଟ୍ରୋଲିଂ ସମୟରେ ହାତୀଟିର ମୃତଦେହ ଦେଖିବାକୁ ପାଇଥିଲେ। ହାତୀ ଶାବକର ମୃତଦେହ ଗଳିତ ଅବସ୍ଥାରେ ଥିବାରୁ ତାହା ମାଈ କି ଅଣ୍ଡିରା ଜଣାପଡ଼ି ନଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ସମେତ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀର ନମୁନା ସଂଗ୍ରହ କରିବା ସହ ବ୍ୟବଚ୍ଛେଦ କରିଥିଲେ। ରକ୍ତ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରି ଭୁବନେଶ୍ୱର ଓୟୁଏଟିକୁ ପଠାଯାଇଛି। ତେବେ ହାତୀ ଶାବକର ବୟସ ଦୁଇରୁ ତିନି ମାସ ହେବ ବୋଲି ଅନୁମାନ କରାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ବନାଗ୍ନି ଜନିତ ତାପମାତ୍ରା ବୃଦ୍ଧି ପାଇଁ ଅଂଶୁଘାତରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

**● ପୁରୀରେ ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ**

## ଗୋଟିଏ ଟ୍ରେଲରରେ ଆସିଛି ୨୫ ଖଣ୍ଡ ଧଉରା



**ପୁରୀ, ୪।୫(ସମିସ):** ଚଳିତବର୍ଷର ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି ପର୍ବ। ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ ସରିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଜାରି ରହିଛି। ଆସନ୍ତା ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ ଅନୁକୂଳ ହେବ। ତେବେ ମହାପ୍ରଭୁଙ୍କ ରଥ ନିର୍ମାଣ ଲାଗି ତୃତୀୟ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି। ଶନିବାର ଗଞ୍ଜାମ ଘୁମୁସରରୁ ଗୋଟିଏ ଟ୍ରେଲରେ ଯୋଗେ ୨୫ଖଣ୍ଡ ଧଉରା କାଠ ଆସିଛି। ଏଥିରେ ୪୦ ଫୁଟିଆ ୨୨ ଖଣ୍ଡ ଏବଂ ୨୦ ଫୁଟିଆ ୩ ଖଣ୍ଡ କାଠ ରହିଛି। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୩ ଖଣ୍ଡ ବଳକା ରହିଛି। ବାକି ୮୧୨ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଶ' ମିଲକୁ ୪୩୧ ଖଣ୍ଡ ଏବଂ ରଥଖଳାକୁ ୩୮୧ ଖଣ୍ଡ କାଠ ଆସିବ। ଇତିମଧ୍ୟରେ ରଥଖଳାକୁ ତିନୋଟି ପର୍ଯ୍ୟାୟରେ ମୋଟ ୧୫୨ ଖଣ୍ଡ କାଠ ଆସିଥିବା ବେଳେ ଆହୁରି ୨୨୯ ଖଣ୍ଡ ଆସିବାକୁ ବାକି ରହିଛି। ପରମ୍ପରା ଅନୁଯାୟୀ, ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯାଇଥିଲା। ଆସନ୍ତା ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

## ଗଞ୍ଜେଇ ଚାଲାଣକାରୀକୁ ୧୦ବର୍ଷ ଜେଲ୍

**ବ୍ରହ୍ମପୁର, ୪।୫(ସମିସ):** ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଡଃ ଇନ୍ଦୁ ଶର୍ମା ଗଞ୍ଜେଇ ଚାଲାଣ ମାମଲାର ଅଭିଯୁକ୍ତ ଦିଗପହଣ୍ଡି ଥାନା ପୋଡାସିଙ୍ଗ ଗ୍ରାମର କେ.ବିକ୍ରମ ସୁବୁଦ୍ଧି(୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ୍ ଓ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଗଜପତିରୁ ଚିକିଟି ଦେଇ ବ୍ରହ୍ମପୁର ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା। ତତ୍କାଳୀନ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ନେତୃତ୍ୱରେ ଏକ ଟିମ ଚିକିଟି ଧାନଘର ନିକଟ କେଲୁଆଠାରେ ଛକି ରହିଥିଲେ। କେଲୁଆ ନିକଟ ତାରାତାରିଣୀ ପେଟ୍ରୋଲ ପମ୍ପ ନିକଟରେ କେତେକ ଲୋକ ଓ ଗାଡ଼ି ଥିବା ଦେଖି ସେଠାରେ ଟିମ୍ ଚଢ଼ଉ କରିଥିଲା। ସେଠାରେ ଜଣେ ଯୁବକଙ୍କୁ କାବୁ କରିବା ବେଳେ ଅନ୍ୟମାନେ ଫେରାର୍ ହୋଇଯାଇଥିଲେ। ପୁଲିସ ଟ୍ରକ୍ ଭିତରୁ ୮ଟି ଜରିବସ୍ତାରେ ୩୨୦ କେଜି ଗଞ୍ଜେଇ ଜବତ କରିଥିଲା। ଘଟଣାସ୍ଥଳରୁ ଏକ ଟ୍ରକ ନଂ. ଏଚଆର ୩୮ କ୍ୟୁ ୯୮୫୭, ହୁଣ୍ଡାଇ କାର (ୟୁପି ୧୬ ଏଜେ ୯୯୯୮), ବୁଲେଟ ଓଡି ୦୭ ଏଜି ୦୦୯୭, ଟିଭିଏସ ଆପାଚି ବାଇକ ଓଡି ୩୨ଏଚ ୩୩୬୧ ମଧ୍ୟ ସେଠାରୁ ଜବତ କରିଥିଲା। ଅବକାରୀ ପୁଲିସ ନଂ. ୬୫/୨୩-୨୪ରେ ଗିରଫ କରି ତାଙ୍କୁ କୋର୍ଟଚାଲାଣ କରିଥିଲେ। ମାମଲାର ବିଚାର ବେଳେ କୋର୍ଟରେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ଜେଲରେ ବିଚାରାଧୀନ ବନ୍ଦୀ ଥିବା ବିକ୍ରମଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

## ଏପ୍ରିଲରେ ରେକର୍ଡ ଭଙ୍ଗା ତାତି

**ଭୁବନେଶ୍ୱର,୪।୫(ସମିସ):** ରାଜ୍ୟରେ ଚଳିତ ବର୍ଷ ରେକର୍ଡ ଭଙ୍ଗା ତାତି ଅନୁଭୂତ ହେଉଛି। ଏପ୍ରିଲ ମାସରେ ତାପମାତ୍ରା ଏକାଧିକ ରେକର୍ଡ ଭାଙ୍ଗିଥିବା ବେଳେ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍ଗୀନ ହେବ ବୋଲି ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ରାଜ୍ୟରେ ଗତ ୧୫ ବର୍ଷ ମଧ୍ୟରେ ଅର୍ଥାତ ୨୦୦୯ରୁ ୨୦୨୪ ମସିହା ମଧ୍ୟରେ ଚଳିତ ବର୍ଷ ଏପ୍ରିଲ୍ ମାସରେ ତୃତୀୟ ସର୍ବାଧିକ ଗ୍ରୀଷ୍ମ ଲହରୀ (ହିଟ୍‌ୱେଭ୍) ଦିନ ଅନୁଭୂତ ହୋଇଛି। ୨୦୧୦ ମସିହାରେ ଏପ୍ରିଲ ମାସରେ ସର୍ବାଧିକ ୨୩ ଦିନ ଗ୍ରୀଷ୍ମ ଲହରୀ ଅନୁଭୂତ ହୋଇଥିବା ବେଳେ ୨୦୧୬ରେ ୨୧ ଦିନ ଗ୍ରୀଷ୍ମ ଲହରୀ ଅନୁଭୂତ ହୋଇଥିଲା। ସେହିପରି ୨୦୨୪ ମସିହା ଏପ୍ରିଲ୍ ମାସରେ ୧୮ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ଅନୁଭୂତ ହୋଇଛି। ଯାହାକି ଗତ ୧୬ ବର୍ଷ ମଧ୍ୟ ତୃତୀୟ ସର୍ବାଧିକ ଥର ବୋଲି ପାଣିପାଗ କେନ୍ଦ୍ର କହିଛି।

ଭାରତୀୟ ପାଣିପାଗ ବିଭାଗର ମାପଦଣ୍ଡ ଅନୁଯାୟୀ କୌଣସି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ କିମ୍ବା ସ୍ୱାଭାବିକ ତୁଳନାରେ ତାପମାତ୍ରା ୪.୫ରୁ ୬.୪ ଡିଗ୍ରୀ ଅଧିକ ରହିଲେ ଏହାକୁ ଗ୍ରୀଷ୍ମ ଲହରୀ ଭାବେ ଗଣନା କରାଯାଏ। ସେହିପରି ତାପମାତ୍ରା ୪୭ ଡିଗ୍ରୀ ସେଲ୍‌ସିୟସ କିମ୍ବା ସ୍ୱାଭାବିକ ତୁଳନାରେ ତାପମାତ୍ରା ୬.୫ ଡିଗ୍ରୀରୁ ଅଧିକ ରହିଲେ ଏହାକୁ ଭୀଷଣ ଗ୍ରୀଷ୍ମ ଲହରୀ ଭାବେ ଗଣନା କରାଯାଇଥାଏ। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାତାର ଭାବେ ଗ୍ରୀଷ୍ମ ଲହରୀ ଓ ଭୀଷଣ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି ରହିଛି। ସାଧାରଣ ଭାବେ ଗୋଟିଏ ବର୍ଷରେ ୮ରୁ୧୧ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ଉପୁଜିଲେ ଏହାକୁ ସ୍ୱାଭାବିକ ଧରାଯାଇଥାଏ। ମାତ୍ର ଚଳିତ ବର୍ଷ କେବଳ ଏପ୍ରିଲ୍ ମାସରେ ଦୁଇଟି ପର୍ଯ୍ୟାୟରେ ମୋଟ୍ ୧୮ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇ ସାରିଛି। ଏପ୍ରିଲ୍ ୫ ଓ ୬ ତାରିଖରେ ଗୋଟିଏ ପର୍ଯ୍ୟାୟରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏପ୍ରିଲ୍ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଲଗାତାର ୧୬ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାଜ୍ୟକୁ ଲଗାତାର ଭାବେ ଶୁଷ୍କ ଓ ଉଷ୍ମ ବାୟୁ ପ୍ରବାହିତ ହେଉଛି। ଏଥିପାଇଁ ରାଜ୍ୟରେ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି ରହିଛି।

- ୧୫ ବର୍ଷ ମଧ୍ୟରେ ୩ୟ ସର୍ବାଧିକ ଗ୍ରୀଷ୍ମ ଲହରୀ ଦିନ ଅନୁଭୂତ
- କ୍ରମାଗତ ୧୭ ଦିନ ଧରି ୪୦ ଡିଗ୍ରୀ ଉପରେ ରାଜଧାନୀ ତାତି
- ଭୁବନେଶ୍ୱରରେ ଏପ୍ରିଲର ଦ୍ୱିତୀୟ ସର୍ବକାଳୀନ ତାତି ରେକର୍ଡ

ଚଳିତ ବର୍ଷ ତାତି ରେକର୍ଡ ଭଙ୍ଗ କରିବା ସହିତ ଲଗାତାର ୧୭ଦିନ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱରରେ ତାତି ୪୦ ଡିଗ୍ରୀ ଉପରେ ରହିଛି। ୧୯୬୯ରୁ ଆଜି ମଧ୍ୟରେ ଏପ୍ରିଲ ମାସରେ ପ୍ରଥମ ଥର ପାଇଁ ଲଗାତାର ୧୭ ଦିନ ଧରି ତାତି ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି, ଯାହାକି ଗତ ୫୫ ବର୍ଷ ମଧ୍ୟରେ ଭୁବନେଶ୍ୱରରେ ଏଭଳି ସ୍ଥିତି ଅନୁଭୂତ ହୋଇଛି। ୧ ମେ' ପରେ ଭୁବନେଶ୍ୱରରେ ତାପମାତ୍ରା ୪୦ ଡିଗ୍ରୀ ତଳକୁ ଖସିଛି। ଏହାପୂର୍ବରୁ ୨୦୧୬ ମସିହାରେ ଭୁବନେଶ୍ୱରରେ ଏପ୍ରିଲ ୬ରୁ ୧୫ ତାରିଖ ଯାଏଁ ଲଗାତାର ୧୦ ଦିନ ଧରି ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଥିଲା। ଏହା ବ୍ୟତୀତ ଏପ୍ରିଲରେ ଅନୁଭୂତ ହୋଇଥିବା ତାତି ଆଉ ୨ଟି ରେକର୍ଡ କରିଛି। ଗତ ମଙ୍ଗଳବାର ବାରିପଦାରେ ତାପମାତ୍ରା ୪୬.୪ ଡିଗ୍ରୀ ତାତି ରେକର୍ଡ ହୋଇଥିବା ବେଳେ ଏହା ବାରିପଦାର ସର୍ବକାଳୀନ ତାତି ରେକର୍ଡରେ ପରିଣତ ହୋଇଛି। ସେହିଦିନ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୪୫.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ଏପ୍ରିଲ ମାସର ଭୁବନେଶ୍ୱରର ଦ୍ୱିତୀୟ ସର୍ବକାଳୀନ ରେକର୍ଡରେ ପରିଣତ ହୋଇଛି।

■ ନିଜ ଘରୁ ଭୋଟ୍ ଦେବେ ବୟସ୍କ ଓ ଭିନ୍ନକ୍ଷମ ଭୋଟର୍

# ପ୍ରଥମ ପର୍ଯ୍ୟାୟରେ 'ଘରୁ ମତଦାନ' କରିବେ ୪୧୫୮ ମତଦାତା

**ଭୁବନେଶ୍ୱର, ୩।୫(ସମିସ):** ପ୍ରତିଟି ଭୋଟ ମୂଲ୍ୟବାନ। ଭାରତୀୟ ଗଣତନ୍ତ୍ରକୁ ପରିପୁଷ୍ଟ କରିବାରେ ପ୍ରତିଟି ମତଦାତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଯେଉଁ ମତଦାତାମାନେ ମତଦାନ କେନ୍ଦ୍ରକୁ ଆସିବାରେ ଅସମର୍ଥ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ 'ଘରୁ ମତାଦନ' (ହୋମ୍ ଭୋଟିଙ୍ଗ୍)ର ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ (ଦେଶରେ ସାମଗ୍ରିକ ଦୃଷ୍ଟିରୁ ଚତୁର୍ଥ ପର୍ଯ୍ୟାୟ) ଚାରୋଟି ସଂସଦୀୟ କ୍ଷେତ୍ର କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ଅନ୍ତର୍ଗତ ଅନେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ 'ଘରୁ ମତଦାନ' ପ୍ରକ୍ରିୟା ଆରମ୍ଭ ହୋଇଛି।



ପ୍ରଥମଥର ପାଇଁ ଦେଶରେ ସାଧାରଣ ନିର୍ବାଚନରେ ୮୫ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ମତଦାତା ଏବଂ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ଭାରତ ନିର୍ବାଚନ ଆୟୋଗ 'ଘରୁ ମତଦାନ'ର ବ୍ୟବସ୍ଥା କରିଛନ୍ତି। ଏଭଳି ମତଦାତାମାନେ ଚାହିଁଲେ ସେମାନଙ୍କୁ ମତଦାନ କେନ୍ଦ୍ରକୁ ଆସି ମତଦାନ କରିବା ପାଇଁ ପ୍ରଶାସନ ତରଫରୁ ଗାଡ଼ି ମଧ୍ୟ ଯୋଗାଇ ଦିଆଯିବ। ଅନ୍ୟଥା ସେମାନେ ଘରୁ ମତଦାନ କରିବାର ବିକଳ୍ପକୁ ମଧ୍ୟ ବାଛି ପାରିବେ। ଏହି କ୍ରମରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ୪୧୫୮ ଜଣ ମତାଦାତା 'ଘରୁ ମତଦାନ' ବିକଳ୍ପକୁ ବାଛିଛନ୍ତି। ଏହା ମଧ୍ୟରେ ୨୧୯୬ ଜଣ ୮୫ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତି ହୋଇଥିବା ବେଳେ ୧୯୬୨ଜଣ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ମତଦାତା ଅଟନ୍ତି। କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ମତଦାତାଙ୍କ ଭୋଟ ଗ୍ରହଣ କରାଯାଇଛି। ଅନ୍ୟ ନିର୍ବାଚନମଣ୍ଡଳୀରେ ମଧ୍ୟ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ସ୍ଥିରୀକୃତ ତାରିଖ ଓ ସମୟ ଅବଧିରେ 'ଘରୁ ମତାଦାନ' ବ୍ୟବସ୍ଥା କରାଯିବ। ପ୍ରଥମ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ଚାରି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ଟି ଯାକ ବିଧାନସଭା କ୍ଷେତ୍ରରେ ଯୋଗ୍ୟ ମତଦାତାମାନେ 'ଘରୁ ମତଦାନ' ବିକଳ୍ପକୁ ବାଛିଛନ୍ତି।

## କଟକ ସଦର ବିଧାନସଭା ଆସନ

# 'ଅଭିଜ୍ଞ' ବନାମ 'ମାଟିର ପୁଅ' ଲଢ଼େଇ

**କଟକ,୪।୫ (ସମିସ):** ଆସନ୍ତା ୨୫ ତାରିଖ ଦିନ କଟକ ଲୋକସଭା ଓ କଟକ ସଦର ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ କଟକ ସଦର ଆସନରେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସର ପ୍ରାର୍ଥୀମାନେ ମଇଦାନରେ ଅବତୀର୍ଣ୍ଣ ହୋଇ ଜୋରଦାର ପ୍ରଚାର ଚଳାଇଛନ୍ତି। ୩୭ ପଞ୍ଚାୟତ ଓ କଟକ ମହାନଗର ନିଗମର ୬ଟି ୱାର୍ଡକୁ ନେଇ ୨୦୦୯ ମସିହାରେ ନବଗଠିତ କଟକ ସଦର ନିର୍ବାଚନ ମଣ୍ଡଳୀଟି ସଂରକ୍ଷିତ ଆସନ। ଏଠାରେ ୨ଲକ୍ଷ ୨୬ହଜାରରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ବିଜୁ ଜନତା ଦଳ ପକ୍ଷରୁ ବର୍ତ୍ତମାନର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଦଳୀୟ ଟିକଟ ପାଇ ନିର୍ବାଚନ ଲଢୁଥିବା ବେଳେ କଂଗ୍ରେସ ପକ୍ଷରୁ ରାମଚନ୍ଦ୍ର ଗୋଚ୍ଛାୟତ ଏବଂ ଭାରତୀୟ ଜନତା ପାର୍ଟି ପକ୍ଷରୁ ଇଂ ପ୍ରକାଶ ଚନ୍ଦ୍ର ସେଠୀ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଲଢୁଛନ୍ତି।

ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ଚନ୍ଦ୍ର ସାରଥୀ ବେହେରା ଏହି ଆସନରୁ ତୃତୀୟଥର ପାଇଁ ନିର୍ବାଚନ ଲଢୁଛନ୍ତି। ସେ ଏକ ରାଜନୈତିକ ପରିବାରରୁ ଆସିଛନ୍ତି। ପିଲାଟି ଦିନରୁ ରାଜନୀତି ସହିତ ଜଡ଼ିତ ଥିବା ଦୃଷ୍ଟିରୁ ଅନ୍ୟ ଦୁଇ ପ୍ରାର୍ଥୀଙ୍କଠାରୁ ନିର୍ବାଚନ ମଇଦାନରେ ସେ ଅଭିଜ୍ଞ। ୨୦୦୯ ମସିହାରେ ସେ ପଡ଼ୋଶୀ ସାଲେପୁର ଆସନରୁ ବିଧାୟକ ହୋଇଥିବା ବେଳେ ତାଙ୍କ ପିତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ଚରଣ ବେହେରା ଏଠାରୁ ପ୍ରତିନିଧିତ୍ୱ କରୁଥିଲେ। ପରେ ୨୦୧୪ରେ ଚନ୍ଦ୍ରସାରଥୀ ଏଠାରୁ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇ ପ୍ରଥମଥର ସଦର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ପୁନଃ ୨୦୧୯ରେ ଦ୍ୱିତୀୟଥର ପାଇଁ ବିଧାୟକ ନିର୍ବାଚିତ ହୋଇଥିଲେ। ମୋଟ ଉପରେ ସେ ୩ଥର ବିଧାୟକ ହୋଇଥିବା ବେଳେ ଏବେ ଚତୁର୍ଥଥର ପାଇଁ ନିର୍ବାଚନ ଲଢୁଛନ୍ତି। ଅନ୍ୟ ଦୁଇ ପ୍ରମୁଖ ଦଳର ପ୍ରାର୍ଥୀଙ୍କଠାରୁ ସେ ଅଭିଜ୍ଞ ଓ ନିର୍ବାଚନୀ ଗୋଟିଚାଳନାରେ ମାହିର୍। କିନ୍ତୁ ଚଳିତ ନିର୍ବାଚନରେ ଚନ୍ଦ୍ରସାଥରୀଙ୍କ ଉପରେ କିଛି ଦଳୀୟ କର୍ମୀ ଓ ସାଧାରଣ ଜନତାଙ୍କ ଅସନ୍ତୋଷ ତାଙ୍କ ପାଇଁ କାଳ ହୋଇପାରେ। ତଥାପି ନବୀନ କ୍ରେଜ୍, ଶଙ୍ଖ ଚିହ୍ନ ଓ ସଦର ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଚନ୍ଦ୍ରଙ୍କ ପାଇଁ ସହାୟକ ହେବ।







ବିଜେପି ପ୍ରାର୍ଥୀ ହୋଇଥିବା ସଦର ବ୍ଲକ ଅନ୍ତର୍ଗତ କିଶନନଗର ପଞ୍ଚାୟତର ଇଂ ପ୍ରକାଶ ଚନ୍ଦ୍ର ସେଠୀ ରାଜନୀତିରେ ସମ୍ପୂର୍ଣ୍ଣ ନୂଆ ଓ ସେ ପ୍ରଥମଥର ପାଇଁ ନିର୍ବାଚନ ଲଢୁଛନ୍ତି। ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର୍ ଥିବା ପ୍ରକାଶ ୩/୪ବର୍ଷ ତଳେ 'ଉତ୍କଳ ବିକାଶ ପରିଷଦ' ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ି କିଶନନଗର ଅଞ୍ଚଳରେ ସାମାଜିକ କାର୍ଯ୍ୟକ୍ରମମାନ କରୁଥିଲେ। ପରେ ପରେ ଏହି ଅନୁଷ୍ଠାନ ଦ୍ୱାରା କଟକ ସଦର ଅଞ୍ଚଳରେ ଚାରାରୋପଣ, ରକ୍ତଦାନ ଶିବିର, ନିରାଶ୍ରୟ ଲୋକଙ୍କର ଚିକିତ୍ସା, ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରି ଲୋକଲୋଚନକୁ ଆସିଥିଲେ। ସେ ମାତ୍ର କିଛି ମାସ ପୂର୍ବେ ବିଜେପିରେ ସାମିଲ ହୋଇଛନ୍ତି। ବରିଷ୍ଠ ନେତା ଦିଲ୍ଲୀପ ମଲ୍ଲିକ ଓ ଯୁବନେତା ପ୍ରଦୀପ ବେହେରା ଟିକେଟ ଲବିରେ ଥିବା ବେଳେ ଏହି ଦୌଡ଼ରେ ପ୍ରକାଶ ସାମିଲ ହୋଇଥିଲେ। ଅବଶ୍ୟ ବରିଷ୍ଠ ନେତା ଦିଲ୍ଲୀପ ମଲ୍ଲିକ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଟିକଟ ଲବିରୁ ଓହରିଯିବା ଫଳରେ ପ୍ରଦୀପ ଓ ପ୍ରକାଶ ଟିକେଟ ଲବିରେ ଥିଲେ। ଶେଷରେ ଦଳ ପ୍ରକାଶଙ୍କୁ ଟିକଟ ପ୍ରଦାନ କରିଥିଲା। ବିଜେପି ଏକ କ୍ୟାଡର୍‌ଭିତ୍ତିକ ଦଳ ହୋଇଥିବାରୁ ଓ ପ୍ରକାଶ ଦଳ ପାଇଁ ସମ୍ପୂର୍ଣ୍ଣ ନୂଆ ହୋଇଥିବାରୁ ତାଙ୍କର ବିଜେପି ସଙ୍ଗଠନ ସହ ତାଳମେଳ ଠିକ ରହୁନଥିବା ଦେଖାଯାଉଛି। ତାଙ୍କ ନିର୍ବାଚନୀ କାର୍ଯ୍ୟକ୍ରମରେ ହାତଗଣତି କେତେକ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଛାଡ଼ିଦେଲେ ଅନେକ ମଣ୍ଡଳ ସଭାପତି ଓ କୌଣସି ବରିଷ୍ଠ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଦେଖିବାକୁ ମିଳୁନି। ପ୍ରତ୍ୟେକ ନିର୍ବାଚନୀ କାର୍ଯ୍ୟକ୍ରମରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ବିକାଶ ପରିଷଦର ସଦସ୍ୟ ହିଁ ନିର୍ବାଚନ ପରିଚାଳନା କରୁଛନ୍ତି। ଫଳରେ ବିଜେପିର ଦଳୀୟ କାର୍ଯ୍ୟକର୍ତ୍ତା ଅସନ୍ତୋଷ ଥିବା ଦେଖାଯାଉଛି। ଉତ୍କଳ ବିକାଶ ପରିଷଦର ସଦସ୍ୟ ତାଙ୍କ ନିର୍ବାଚନ ପରିଚାଳନାର ମଙ୍ଗ ଧରି 'ସଦର ମାଟିର ପୁଅ ' ଓ 'ମୋଦି ଗ୍ୟାରେଣ୍ଟି' ନାରା ଦେଇ ନିର୍ବାଚନୀ ବୈତରଣୀ ପାର ହେବା ଲକ୍ଷ୍ୟରେ ଥିବା ଦେଖାଯାଉଛି।

କଂଗ୍ରେସ କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ ମୌଜାର ବ୍ରହ୍ମପୁର ପଞ୍ଚାୟତ ବାସିନ୍ଦା ତଥା ସଦର ବ୍ଲକ କଂଗ୍ରେସ କମିଟିର ସଭାପତି ଥିବା ରାମଚନ୍ଦ୍ର ଗୋଚ୍ଛାୟତଙ୍କୁ ପ୍ରାର୍ଥୀ କରିଛି। ଯଦିଓ ବିଧାନସଭା ନିର୍ବାଚନରେ ସେ ପ୍ରଥମଥର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି କିନ୍ତୁ ରାଜନୀତିରେ ସେ ଅଭିଜ୍ଞ। ୯୦ ଦଶକରେ ସଦର ବ୍ଲକ ଅନ୍ତର୍ଗତ ତତ୍କାଳୀନ ଅବିଭକ୍ତ ଦଧିବାମନପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ରାଜନୈତିକ ଜୀବନ ଆରମ୍ଭ କରିଥିବା ଶ୍ରୀ ଗୋଚ୍ଛାୟତ, ପୂର୍ବାଞ୍ଚଳ ଦଳିତ ମହାସଭାର ସଭାପତି, ୮୨ ମଣ୍ଡଳ ମେହେନ୍ତର ସଂଘର ସଭାପତି ଥିବା ସହ ବିଭିନ୍ନ ସଙ୍ଗଠନ ସହ ଜଡ଼ିତ। ସଦର ଅଞ୍ଚଳରେ କଂଗ୍ରେସର ଭୋଟ ଦିନକୁ ଦିନ କମୁଥିବା ବେଳେ ଜଣେ ଭଦ୍ର ଓ ଦକ୍ଷ ସଂଗଠକ ଭାବେ ପରିଚିତ ଶ୍ରୀ ଗୋଚ୍ଛାୟତ ବ୍ଲକ୍ କଂଗ୍ରେସ ସଭାପତି ଦାୟିତ୍ୱ ଗ୍ରହଣ କରି କଂଗ୍ରେସ ସଙ୍ଗଠନ ସଜାଡ଼ିଥିବା ବେଳେ ନିଜ ବାସସ୍ଥାନ ୪୨ମୌଜାରୁ ଅଧିକ ଭୋଟ ପାଇବା ଆଶା ରଖିଛନ୍ତି। ଦରଦାମ ବୃଦ୍ଧି ପ୍ରସଙ୍ଗ, ବେକାରୀ ସମସ୍ୟାକୁ ନେଇ କେନ୍ଦ୍ରର ବିଜେପି ସରକାର ବିରୁଦ୍ଧରେ ଜନ ଆକ୍ରୋଶ ଥିବା ଓ କଂଗ୍ରେସର ନିର୍ବାଚନ ଇସ୍ତାହାରରେ ୫ ଗ୍ୟାରେଣ୍ଟିକୁ ଜନସାଧାରଣ ଗ୍ରହଣ କରିଥିବା ଓ ସେ ସଦର ମାଟିର ପୁଅ ହୋଇଥିବାରୁ କଂଗ୍ରେସ ଦଳ ସଦର ନିର୍ବାଚନ ମଣ୍ଡଳୀରେ ନିଶ୍ଚୟ ବିଜୟୀ ହେବ ବୋଲି ଆଶା ରଖିଛନ୍ତି।

ବିଜେପିର ପ୍ରକାଶ ଓ କଂଗ୍ରେସର ରାମଚନ୍ଦ୍ର ଉଭୟ କଟକ ସଦର ଅଞ୍ଚଳର ବାସିନ୍ଦା। ଏହାକୁ ଆୟୁଧ କରି ସେମାନେ ନିର୍ବାଚନ ବୈତରଣୀ ପାର ହେବାକୁ ବସିଥିବା ବେଳେ ବିଜେଡି ପ୍ରାର୍ଥୀ ତଥା ଅଭିଜ୍ଞ ଚନ୍ଦ୍ରସାରଥୀ ବିଧାୟକ ଭାବେ ଗତ ୨ଟି ପାଳିରେ କରିଥିବା ବିକାଶମୂଳକ କାର୍ଯ୍ୟ ଓ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ଲୋକପ୍ରିୟତାକୁ ନେଇ ନିଶ୍ଚୟ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି। ସଦର ବିଧାନସଭା ଆସନଟି ବିଜୁ ଜନତା ଦଳର ଗଡ଼ ହୋଇଥିବା ବେଳେ ଚଳିତ ନିର୍ବାଚନରେ କିନ୍ତୁ ମାଟିର ପୁଅ ବନାମ ଅଭିଜ୍ଞ ନେତାଙ୍କ ମଧ୍ୟରେ 'କାଣ୍ଟେ କା ଟକ୍କର୍' ଦେଖିବାକୁ ମିଳିବ ବୋଲି ରାଜନୈତିକ ବିଶାରଦମାନେ କହିଛନ୍ତି।

## ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ

# ବିଜେଡି-କଂଗ୍ରେସ ମଧ୍ୟରେ ମୁକାବିଲା

**ଭଦ୍ରକ, ୪।୫ (ସମିସ):** ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ବିଧାନସଭା ଆସନ। ବିଜେଡିର ଗଡ଼ ଏହି ଆସନରେ ଗତ ନିର୍ବାଚନରେ ବିଭିନ୍ନ ଦଳର ରାଜ୍ୟ ସଭାପତି ଏଠାରେ ଲଢ଼ି ପରାଜିତ ହୋଇଛନ୍ତି। ଭେଟେରାନ୍ ନେତା ପ୍ରଫୁଲ୍ଲ ସାମଲଙ୍କ ସମ୍ମୁଖରେ ରାଜ୍ୟ ସଭାପତିଙ୍କ କାଟତି ରହିପାରିନି। ମୁଖ୍ୟତଃ ବିଜେଡି-କଂଗ୍ରେସ ମଧ୍ୟରେ ଲଢ଼େଇ ହେଉଥିବା ଏହି ଆସନରେ ବିଜେପି କେବଳ ହାଜିରା ପକାଇ ଆସିଛି।

ତେବେ ଆସନ ଅବଦଳବଦଳ କ୍ରମରେ ଏଥର ଭେଟେରାନ୍ ନେତା ପ୍ରଫୁଲ୍ଲ ସାମଲଙ୍କ ବଦଳରେ ଭଦ୍ରକ ବିଧାୟକ ଯୁବନେତା ସଞ୍ଜୀବ ମଲ୍ଲିକଙ୍କୁ ଭଣ୍ଡାରିପୋଖରୀ ଆସନ ମିଳିଛି। ତାଙ୍କ ସହ କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ପୁନଃ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ବିଜେଡି ଓ କଂଗ୍ରେସ ଟିକଟ ଘୋଷଣାର ବହୁ ଦିନ ପରେ ଗତ ୩ ଦିନ ତଳେ ବିଜେପି ନାଟ୍ୟକାର ସୁଧାଂଶୁ ନାୟକଙ୍କୁ ପ୍ରାର୍ଥୀ କରିଛି।

ଟିକଟ ଘୋଷଣା ପରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକକୁ ନେଇ ଗଠିତ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳରେ ବିଜେଡି ପ୍ରାର୍ଥୀ ସଞ୍ଜୀବ ପ୍ରଚାରରେ ବେଶ୍ ଆଗରେ ଅଛନ୍ତି। ଗତ ୨୦୦୯ରୁ ଏହି ଆସନରୁ ସଂରକ୍ଷଣ ଉଠି ସାଧାରଣ ବର୍ଗଙ୍କ ଲାଗି ଘୋଷଣା ହେବା ପରେ ଏଠାରୁ ଲଗାତାର ତିନି ଥର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ବିଜୟୀ ହୋଇ ବିଜେଡିର ଗଡ଼ ଭାବେ ପରିଣତ କରିଛନ୍ତି।

୨୦୦୯ରେ ଭେଟେରାନ୍ ନେତା ପ୍ରଫୁଲ୍ଲ ସାମଲଙ୍କ ସହ କଂଗ୍ରେସରୁ ବଦ୍ରିନାରାୟଣ ଧଳ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ପ୍ରଫୁଲ୍ଲ ବଦ୍ରିଙ୍କଠାରୁ ୨୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ବର୍ତ୍ତମାନର ରାଜ୍ୟ ସଭାପତି ମନମୋହନ ସାମଲ ସେତେବେଳେ ବିଜେପିରୁ ପ୍ରାର୍ଥୀ ହୋଇ ମାତ୍ର ୨୧ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ସେହିଭଳି ୨୦୧୪ରେ ମଧ୍ୟ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ୩୪,୦୯୭ଖଣ୍ଡ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଥିଲେ। କଂଗ୍ରେସରୁ ସୁବ୍ରତ ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେପିରୁ ଏଥର ମଧ୍ୟ ବିଜେପିରୁ ପ୍ରାର୍ଥୀ ହୋଇ ବଦ୍ରିନାରାୟଣ ତୃତୀୟ ସ୍ଥାନରେ ଥିଲେ। ତେବେ ଗତ ୩ଟି ନିର୍ବାଚନକୁ







**କେବଳ ହାଜିରା ପକାଉଛି ବିଜେପି**

ବଦ୍ରିନାରାୟଣ ଧଳ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୯ରେ କଡ଼ା ଟକ୍କର୍ ହୋଇଥିଲା। କାରଣ ଭେଟେରାନ୍ ପ୍ରଫୁଲ୍ଲଙ୍କୁ ଟକ୍କର ଦେବାକୁ ମଇଦାନକୁ ଓହ୍ଲାଇଥିଲେ ସେତେବେଳର ପିସିସି ସଭାପତି କଂଗ୍ରେସର ଭେଟେରାନ୍ ନେତା ନିରଞ୍ଜନ ପଟ୍ଟନାୟକ। ମାତ୍ର ନିରଞ୍ଜନଙ୍କୁ ୮,୮୫୯ ଖଣ୍ଡ ଭୋଟ ବ୍ୟବଧାନରେ ପ୍ରଫୁଲ୍ଲଙ୍କଠାରୁ ପରାଜିତ ହେବାକୁ ପଡ଼ିଥିଲା। ଦେଖିଲେ, ଏଠାରେ ମୁଖ୍ୟତଃ ବିଜେଡି-କଂଗ୍ରେସ ମଧ୍ୟରେ ହିଁ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିଜେପି କେବଳ ହାଜିରା ପକାଉଛି।

ଏଥର ମଧ୍ୟ ବିଜେଡି-କଂଗ୍ରେସ, ଅର୍ଥାତ୍ ସଞ୍ଜୀବ ଓ ନିରଞ୍ଜନଙ୍କ ମଧ୍ୟରେ ମୁକାବିଲା ହେବ। ତେବେ ବିଜେଡି ଏଠାରେ ପ୍ରଥମେ ଟିକଟ ଦେଇଥିବା ବେଳେ କଂଗ୍ରେସ ବହୁ ବିଳମ୍ବରେ ନିରଞ୍ଜନଙ୍କ ନାଁ ଘୋଷଣା କରିଥିଲା। ତେଣୁ ପ୍ରଚାରରେ ବିଜେଡି ପ୍ରାର୍ଥୀ ବହୁ ଆଗରେ ରହିଛନ୍ତି। ସଞ୍ଜୀବ ଜୋରଦାର ପ୍ରଚାର କରିବା ସହ ବଡ଼ବଡ଼ ନିର୍ବାଚନୀ ସଭା କରି ପ୍ରଚାରରେ ସବୁଠୁ ଆଗରେ ରହିଛନ୍ତି। ବିଳମ୍ବରେ କଂଗ୍ରେସରୁ ପୁନଃ ପ୍ରାର୍ଥୀ ହୋଇଥିବା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଏବେ କର୍ମୀଙ୍କୁ ଏକଜୁଟ୍ କରି ପ୍ରଚାର ମଙ୍ଗ ଧରିଛନ୍ତି। ତେବେ ପ୍ରାର୍ଥୀ ଦେବାରେ ଦ୍ୱନ୍ଦ୍ୱରେ ଥିବା ବିଜେପି ଏ ପର୍ଯ୍ୟନ୍ତ ମଇଦାନକୁ ଓହ୍ଲାଇ ପାରିନି। ବଦ୍ରିଙ୍କୁ ରିପିଟ୍ କରିବା ନା ନୂଆ କିଏ, ଏହି ଦ୍ୱନ୍ଦ୍ୱରେ ଥିବା କର୍ମୀଙ୍କୁ ଗୁରୁବାର ସଞ୍ଜୀବନୀ ଦେଇଛି ଦଳ। ନୂଆ ପ୍ରାର୍ଥୀ ଭାବେ ନାଟ୍ୟକାର ଡଃ ସୁଧାଂଶୁ ନାୟକଙ୍କ ହାତରେ ବିଜେପିର ମଙ୍ଗ ଧରାଇ ଦିଆଯାଇଛି। ଏଠାରେ ବିଜେପିର ବହୁ ଆଶାୟୀ ଥିବା ବେଳେ ଅନ୍ୟ ଦଳରୁ ଆସିଥିବା ସୁଧାଂଶୁଙ୍କ ହାତରେ ଭଣ୍ଡାରିପୋଖରୀକୁ ଟେକି ଦେଇ ଦଳ ଅସନ୍ତୋଷର ନିଆଁରେ ଘିଅ ଢାଳି ଦେଇଛି। ଆଶାୟୀ ଥିବା ପୂର୍ବଥରର ପ୍ରାର୍ଥୀ ବଦ୍ରି ଦଳ ଓ ସଂଘ ନେତା ପଞ୍ଚାନନ ମଣ୍ଡଳଙ୍କୁ ମନାଇ ସୁଧାଂଶୁ ବିଜେପିକୁ ୩ୟ ସ୍ଥାନକୁ ଉପରକୁ ଉଠାଇ ପାରୁଛନ୍ତି କି ତଳକୁ ଖସୁଛନ୍ତି, ତାହା ନିର୍ବାଚନ ପରେ ଜଣାପଡ଼ିବ।

## ବ୍ରହ୍ମପୁର ବିଧାନସଭା ଆସନ

# ଅମାନତ ରକ୍ଷା ପାଇଁ ସଂଘର୍ଷ କରୁଛି 'ଆପ୍'

**ବ୍ରହ୍ମପୁର,୪।୫(ସମିସ):** ବ୍ରହ୍ମପୁର ବିଧାନସଭା ଆସନ ପାଇଁ ପ୍ରଥମ ପର୍ଯ୍ୟାୟରେ ଅର୍ଥାତ୍ ମେ' ୧୩ରେ ଭୋଟ ଗ୍ରହଣ ହେବ। ହାତରେ ଖୁବ୍ କମ୍ ଦିନ ଥିବା ବେଳେ ସବୁ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର ଚାଲିଛି। ତେବେ ଚଳିତ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ଆସନରେ ଅମାନତ ରକ୍ଷା ପାଇଁ ଆମ ଆଦମୀ ପାର୍ଟିର ପ୍ରାର୍ଥୀ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ନାମାଙ୍କନ ଦାଖଲ ପୂର୍ବରୁ ଆପ୍‌ର ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କ ଅକାଳ ବିୟୋଗ ହୋଇଥିଲା। ସେହିଭଳି ଗତ ମେୟର ନିର୍ବାଚନରେ ଦଳରୁ ପ୍ରାର୍ଥୀ ହୋଇ ୭ ହଜାରରୁ ଅଧିକ ଭୋଟ ହାତେଇଥିବା ସି. ପ୍ରିୟଙ୍କାଙ୍କ ବିଧାୟକ ପ୍ରାର୍ଥୀ ହେବା ପାଇଁ ବୟସ ହୋଇନଥିବା ଜଣାପଡ଼ିଛି। ଫଳରେ ଦଳ ବରିଷ୍ଠ ନେତା ସୁବାସ ରାଉତଙ୍କୁ ପ୍ରାର୍ଥୀ କରିଛି। ନିର୍ବାଚନ ପୂର୍ବରୁ ଦଳ ପକ୍ଷରୁ ଅନଲାଇନ୍‌ରେ ପ୍ରାୟ ୧୨ହଜାର ସଦସ୍ୟଙ୍କୁ ପଞ୍ଜିକୃତ କରାଯାଇଥିଲା। ତେବେ ବର୍ତ୍ତମାନ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସୁବାସ ରାଉତଙ୍କ ସହିତ ପ୍ରଚାର କରିବାକୁ କେବଳ ହାତଗଣତି କିଛି କର୍ମୀ ବୁଲୁଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ନିଜେ ପ୍ରାର୍ଥୀ ଏକୁଟିଆ ଘରକୁ ଘର ବୁଲି ମଧ୍ୟ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ ପ୍ରଚଣ୍ଡ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଯୋଗୁଁ ପ୍ରଚାର କାର୍ଯ୍ୟରେ ବାଧା ଉପୁଜୁଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର ୩୭ଟି ୱାର୍ଡ ପରିକ୍ରମା କରି ଲୋକଙ୍କ ନିକଟରେ ପହଞ୍ଚିବା କାଠିକର ପାଠ। ସେପଟେ ଚଳିତଥର ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସର୍ବାଧିକ ୧୭ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଓହ୍ଲାଇଛନ୍ତି। ଏଣୁ ଏଭଳି ପରିସ୍ଥିତିରେ ଆମ ଆଦମୀ ପାର୍ଟିର ପ୍ରାର୍ଥୀ ଅମାନତ ରକ୍ଷା କରିବା ପାଇଁ ସଂଘର୍ଷ କରୁଥିବା ସହରରେ ଆଲୋଚନା ହେଉଛି।



- ଅନ୍‌ଲାଇନରେ ଦଳର ପଞ୍ଜିକୃତ ସଭ୍ୟ ସଂଖ୍ୟା ୧୨ ହଜାର
- ପ୍ରାର୍ଥୀଙ୍କ ସହ ପ୍ରଚାରରେ ବୁଲୁଛନ୍ତି ହାତଗଣତି କର୍ମୀ

## ମାହାଙ୍ଗା ବିଧାନସଭା କ୍ଷେତ୍ରରେ ରୋଚକ ସ୍ଥିତି

# ବିଜେପିରେ ବିଦ୍ରୋହ: ସ୍ୱାଧୀନ ଲଢ଼ିବେ ଶାରଦା

**କଟକ/ମାହାଙ୍ଗା, ୪।୫(ସମିସ):** କଟକ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିଜେପି କଳି ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଜିଲ୍ଲାର ତଥା କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏକ ଚର୍ଚ୍ଚିତ ବିଧାନସଭା କ୍ଷେତ୍ର ହେଉଛି ମାହାଙ୍ଗା। ମୁଣ୍ଡ ଉପରେ ନିର୍ବାଚନ ଥିବା ବେଳେ ମାହାଙ୍ଗା ବିଜେପିରେ ବିଦ୍ରୋହ ସ୍ଥିତି ଉପୁଜିଛି। ସାଧାରଣ ନିର୍ବାଚନ ଯେତିକି ପାଖଉଛି, ଏହି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତିକି ଅଧିକ ବୃଦ୍ଧି ପାଉଛି। ବିଶେଷକରି ଏହି ନିର୍ବାଚନମଣ୍ଡଳୀରେ ବିଜେପିର ନେତୃତ୍ୱ ନେଇ ଆସିଥିବା ତଥା ଟିକଟ ଆଶାୟୀ ଥିବା ଶାରଦା ପ୍ରଧାନଙ୍କୁ ଦଳ ପ୍ରାର୍ଥୀ ନ କରିବାରୁ ଏବେ ତାଙ୍କ ଗୋଷ୍ଠୀ ଖୋଲାଖୋଲି ବିଦ୍ରୋହ ଆରମ୍ଭ କରିଛନ୍ତି। ଏପରିକି, ଶାରଦାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା କରିବା ପାଇଁ ନିଷ୍ପତ୍ତି ନେବା ପରେ ଶାରଦା ମଧ୍ୟ ନିଜ ସମର୍ଥକଙ୍କ ମତକୁ ସମ୍ମାନ ଜଣାଇ ସ୍ୱାଧୀନ ଛିଡ଼ା ହେବେ ବୋଲି ମାହାଙ୍ଗା ବ୍ଲକ ପୋଡାମରାଇସ୍ଥିତ ତାଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି।





ଦୀର୍ଘ ଦିନ ଧରି ମାହାଙ୍ଗାରେ ବିଜେପିର ସଂଗଠନ ପାଇଁ ସଂଗ୍ରାମ ଜାରି ରଖିଥିବା ବେଳେ ତାଙ୍କୁ ଦଳ ଏବେ ଅଣଦେଖା କରିଥିବାରୁ ସେ ଭାବବିହ୍ୱଳ ହୋଇ ନିଜର କୋହ ସମ୍ଭାଳି ପାରିନଥିଲେ। ଏହି ସମ୍ମିଳନୀରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ବହୁ ସମର୍ଥକ ଓ କର୍ମୀ ଯୋଗ ଦେଇଥିଲେ।

ଗତ ୨୦୦୯, ୨୦୧୪ ଓ ୨୦୧୯ରେ ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରତାପ ଜେନା ଏହି ନିର୍ବାଚନମଣ୍ଡଳୀରେ କ୍ରମାଗତ ବିଜୟ ବାନା ଉଡ଼ାଇବାକୁ ସକ୍ଷମ ହୋଇଛନ୍ତି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରୁ ବିଜେଡିରୁ ପ୍ରତାପ ଜେନାଙ୍କ ପୁତ୍ର ଅଙ୍କିତ ପ୍ରତାପ ଜେନା ବିଜେପିରୁ ସୁମନ୍ତ ଘଡ଼େଇ ଓ କଂଗ୍ରେସରୁ ଦେବେନ୍ଦ୍ର ସାହୁ ନିର୍ବାଚନ ଲଢ଼େଇରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ଏଣୁ ଶାରଦାଙ୍କ ମଧ୍ୟ ଏହି ନିର୍ବାଚନରେ ଏକ ନିର୍ଣ୍ଣାୟକ ଭୂମିକା ରହିବ। ଏହା ବିଜେପିକୁ ଅଡୁଆରେ ପକାଇବ ବୋଲି କୁହାଯାଉଛି। ପ୍ରକାଶ ଥାଉକି, ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଶାରଦା ଏହି ନିର୍ବାଚନ ମଣ୍ଡଳୀରୁ ୬୧ ହଜାରରୁ ଅଧିକ ଭୋଟ ପାଇଥିବା ବେଳେ ୨୦୧୯ରେ ବିଜେପି ପ୍ରାର୍ଥୀ ହୋଇ ୭୬ ହଜାରରୁ ଅଧିକ ଭୋଟ ହାତେଇବାକୁ ସକ୍ଷମ ହୋଇଥିଲେ। ସେ ସ୍ୱାଧୀନ ପ୍ରାର୍ଥୀ ହେଲେ ବିଜେପି ଭୋଟ ବିଭାଜିତ ହେବା ସ୍ପଷ୍ଟ ହୋଇଛି।

# ନିର୍ବାଚନ ରଣାଙ୍ଗନରୁ ହଜିଗଲେ ବହୁ ତୁଙ୍ଗ ନେତା

**ବରଗଡ଼, ୪।୫ (ସମିସ):** ବରଗଡ଼ ଜିଲ୍ଲା ରାଜନୀତିରେ ଏକଦା ବେଶ୍ ପ୍ରଭାବଶାଳୀ ଭାବେ ବହୁ ବର୍ଷ ଧରି କାମ କରିଥିବା ଦଳର ତୁଙ୍ଗ ନେତାଙ୍କୁ ୨୦୨୪ ନିର୍ବାଚନରେ ଆଉ ମଇଦାନରେ ଦେଖିବାକୁ ମିଳୁ ନାହିଁ। ଦୀର୍ଘ ଦିନ ଧରି ରାଜନୀତିରେ ସକ୍ରିୟ ରହିଥିବା ଉକ୍ତ ରାଜନୈତିକ ନେତା ନିର୍ବାଚନ ରାଜନୀତିରୁ ଏକପ୍ରକାର ସନ୍ନ୍ୟାସ ନେଇଛନ୍ତି। ପଦ୍ମପୁରର ବରିଷ୍ଠ କଂଗ୍ରେସ ନେତା ସତ୍ୟଭୂଷଣ ସାହୁ ଗତ ବିଧାନସଭା ଉପନିର୍ବାଚନ ପର୍ଯ୍ୟନ୍ତ ନିର୍ବାଚନ ରାଜନୀତିରେ ସକ୍ରିୟ ଥିଲେ। ୧୯୮୦ରୁ ଦୀର୍ଘ ୪୩ ବର୍ଷ ରାଜନୈତିକ କ୍ୟାରିୟର୍‌ରେ ସେ ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ଏକାଧିକଥର ନିର୍ବାଚନରେ ପରାଜୟର ମଧ୍ୟ ସମ୍ମୁଖୀନ ହୋଇଥିଲେ। ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସେ ମୁଖ୍ୟ ସଚେତକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସେହିପରି ବର୍ତ୍ତମାନର ଭଟଲି ଓ ଆଗରୁ ମେଲଛାମୁଣ୍ଡା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ପ୍ରକାଶ ଚନ୍ଦ୍ର ଦେବତା ପ୍ରାୟ ୫୦ବର୍ଷ ଧରି ସକ୍ରିୟ ରାଜନୀତିରେ ରହି ୫ଥର ବିଧାୟକ ଭାବେ ନିର୍ବାଚିତ ହେବା ସହ କଂଗ୍ରେସ ମନ୍ତ୍ରିମଣ୍ଡଳରେ ପ୍ରମୁଖ ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇଛନ୍ତି।

ଏକଦା ବରଗଡ଼ ଜିଲ୍ଲା ରାଜନୀତିକୁ ପରିଚାଳନା କରୁଥିବା ଶ୍ରୀ ଦେବତା ଏଥର ପ୍ରାୟ ନିର୍ବାଚନ ରାଜନୀତିରୁ ବାହାରକୁ ଚାଲି ଯାଇଛନ୍ତି। ଭଟଲି ନିବାଚନମଣ୍ଡଳୀର ଅନ୍ୟତମ ପ୍ରମୁଖ ନେତା ବିମ୍ବାଧର କୁଅଁର ମଧ୍ୟ ୩ଥର ବିଧାୟକ ନିର୍ବାଚିତ ହେବା ସହ ପ୍ରାୟ ୪୭ ବର୍ଷ ଧରି ନିର୍ବାଚନ ରାଜନୀତିରେ ସକ୍ରିୟ ଥିଲେ। ବିଜେଡି-ବିଜେପି ମିଳିତ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ସହ ସେ ବିଜେପିର ରାଜ୍ୟ ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସେ ୨୦୧୪ରେ ବିଜେପିରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିଲେ। ମାତ୍ର ଚଳିତ ବର୍ଷ ନିର୍ବାଚନ ପୂର୍ବରୁ ବିଜେପିକୁ ଫେରି ଆସିଛନ୍ତି। ତେବେ ନିର୍ବାଚନ ରାଜନୀତିରେ ମଧ୍ୟ ତାଙ୍କର ମଧ୍ୟ କୌଣସି ସକ୍ରିୟ ଭୂମିକା ନାହିଁ। ୯୦ ଦଶକରେ ବିଜେପୁର ନିର୍ବାଚନମଣ୍ଡଳୀରେ ପ୍ରମୁଖ ଅଣକଂଗ୍ରେସ ଚେହେରା ଥିଲେ ଅଶୋକ ପାଣିଗ୍ରାହୀ। ସେ ମଧ୍ୟ ଥରେ ବିଧାୟକ ହେବା ସହ ୨୦୧୮ ଉପନିର୍ବାଚନ ପର୍ଯ୍ୟନ୍ତ ନିର୍ବାଚନ ରାଜନୀତିରେ ସକ୍ରିୟ ଥିଲେ। ମାତ୍ର ଏଥର ରାଜନୈତିକ କାର୍ଯ୍ୟକ୍ରମରେ ତାଙ୍କର ଆଦୌ ଦେଖାନାହିଁ। ଉପରୋକ୍ତ ବରିଷ୍ଠ ରାଜନେତାମାନେ ନିର୍ବାଚନ ମୈଦାନକୁ ଆସୁ ନଥିଲେ ହେଁ ସେମାନଙ୍କ ରାଜନୈତିକ ଅଭିଜ୍ଞତା ଯୋଗୁଁ ଅନ୍ୟ ଦଳର ପ୍ରାର୍ଥୀ ତାଙ୍କୁ ଭେଟି ପରାମର୍ଶ ଓ ଆର୍ଶୀବାଦ ନେଉଛନ୍ତି।





## ଖଡ଼ିଆଳ ବିଧାନସଭାରେ ଲଢ଼େଇ ଜୋରଦାର

# ଅଧିରାଜ, ହିତେଶଙ୍କ ପାଇଁ ନିର୍ଣ୍ଣାୟକ ହେବେ ନବାଗତ କମଳ

**ନୂଆପଡ଼ା/ଖଡ଼ିଆଳ, ୪।୫ (ସମିସ):** ନୂଆପଡ଼ା ଜିଲ୍ଲାର ବହୁଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ଖଡ଼ିଆଳ। ଏଠାରେ ସବୁବେଳେ ବିଧାନସଭା ନିର୍ବାଚନ ଜୋରଦାର ହୋଇଥାଏ। ଏଠିକାର ନିର୍ବାଚନ ପ୍ରଚାରଠାରୁ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ସବୁବେଳେ ରାଜନୈତିକ ସମୀକ୍ଷକଙ୍କ ମୁଖ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥାଏ। ଖଡ଼ିଆଳ, ବୋଡେନ ଏବଂ ସିନାପାଲି ବ୍ଲକକୁ ନେଇ ଗଠିତ ଖଡ଼ିଆଳ ବିଧାନସଭା ଆସନରେ ଏଥର ମୋଟ୍ ୭ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ବିଜେଡି, ବିଜେପି ଏବଂ କଂଗ୍ରେସ ମଧ୍ୟରେ ବିଗ୍ ଫାଇଟ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତଥାପି ଏଠାରେ ପୁରୁଣା ଦୁଇ ଦବଙ୍ଗ ନେତା ବିଜେଡିର ଅଧିରାଜ ପାଣିଗ୍ରାହୀ ବିଜେପିରୁ ହିତେଶ କୁମାର ବଗର୍ତ୍ତି ରହିଥିବା ବେଳେ କଂଗ୍ରେସରୁ ନବାଗତ କମଳ ଚରଣ ତାଣ୍ଡି ରହିଛନ୍ତି। ଆପାତତଃ ଏହି ତିନିଜଣଙ୍କ ମଧ୍ୟରେ ଲଢ଼େଇ ହେବ। ଦୁଇ ଭେଟେରାନଙ୍କୁ ମୁକାବିଲା କରୁଥିବା ନବାଗତ କମଳ ଏଥର ନିର୍ଣ୍ଣାୟକ ଭୂମିକା ନେବେ ବୋଲି ପ୍ରାଥମିକ ସ୍ଥିତିରୁ ଆକଳନ କରାଯାଉଛି।

**ରାତି ୧୨ଟା ପର୍ଯ୍ୟନ୍ତ ପ୍ରଚାର କରୁଛନ୍ତି ନେତା**

ଅଧିରାଜ ଓ ହିତେଶ ଥରେ ଲେଖାଏଁ ବିଧାୟକ ହୋଇ ସାରିଥିବା ବେଳେ ସେମାନଙ୍କ ବିପକ୍ଷରେ କଂଗ୍ରେସ ଜଣେ ନୂଆ ଚେହେରାଙ୍କୁ ଛିଡ଼ା କରିଛି। ଖଡ଼ିଆଳ ବିଧାନସଭାର ଇତିହାସକୁ ଦେଖିଲେ, ୧୯୯୯ ଏବଂ ୨୦୦୪ ମସିହାରେ ଏହା ବିଜେଡି ଦଖଲରେ ରହିଥିବା ବେଳେ ସେତେବେଳେ ଦୁର୍ଯ୍ୟୋଧନ ମାଝୀ ମନ୍ତ୍ରୀ ପଦରେ ରହିଥିଲେ। ୨୦୦୯ରେ ବିଜେପିର ହିତେଶ କୁମାର ବଗର୍ତ୍ତି ଦୁର୍ଯ୍ୟୋଧନଙ୍କୁ ପରାସ୍ତ କରି ବିଧାୟକ ହୋଇଥିଲେ। ପୁଣିଥରେ ୨୦୧୪ରେ ଦୁର୍ଯ୍ୟୋଧନ ମାଝୀ ବିଜେପିରୁ ଟିକଟ ନେଇ ତତ୍‌କାଳୀନ କଂଗ୍ରେସର ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ହରାଇ ବିଧାୟକ ହୋଇଥିଲେ। ସେତେବେଳେ ବିଜେଡିରୁ ଲମ୍ବୋଦର ନିଆଲ ଛିଡ଼ା ହୋଇ ତୃତୀୟ ସ୍ଥାନରେ ରହିଥିଲେ।

୨୦୧୯ରେ କଂଗ୍ରେସର ଅଧିରାଜ ମୋହନ ପାଣିଗ୍ରାହୀ ବିଜେଡିର ଲମ୍ବୋଦରଙ୍କୁ ହରାଇ ପ୍ରଥମଥର ପାଇଁ ବିଧାୟକ ହେବାର ସ୍ୱାଦ ଚାଖିଥିଲେ। ସେଥର ହିତେଶ ବଗର୍ତ୍ତି ନିଜେ ନିର୍ବାଚନ ନ ଲଢ଼ି ତାଙ୍କ ଧର୍ମପତ୍ନୀ ରୀତାରାଣୀ ବଗର୍ତ୍ତିଙ୍କୁ ବିଜେପି ପ୍ରାର୍ଥୀ ଭାବେ ରଣାଙ୍ଗନକୁ ଆଣିଥିଲେ। ସେ ତୃତୀୟ ସ୍ଥାନରେ ରହିଥିଲେ। ତିନି ତିନିଥର ନିର୍ବାଚନ ଲଢ଼ିଥିବା ବର୍ତ୍ତମାନର ବିଧାୟକ ଅଧିରାଜ ଏଥର ନବୀନଙ୍କ ଆଦର୍ଶକୁ ନେଇ ବିଜେଡିରେ ଯୋଗଦେଇ ପ୍ରାର୍ଥୀ ହେବା ସହ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ଗତ ନିର୍ବାଚନରେ ଅଧିରାଜ ୫୯ହଜାର ୩୦୮ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡିର ଲମ୍ବୋଦର ନିଆଲ ୫୬ ହଜାର ୪୫୧ଟି ଭୋଟ ପାଇଥିଲେ। ହିତେଶ ବଗର୍ତ୍ତିଙ୍କ ସ୍ତ୍ରୀ ରୀତାରାଣୀ ୫୧ ହଜାର ୮୯୪ ଖଣ୍ଡ ଭୋଟ ପାଇଥିଲେ। ତେଣୁ ବିଗତ ଦଶନ୍ଧି ଧରି ଚର୍ଚ୍ଚାରେ ରହିଆସିଥିବା ଦୁଇ ଲଢୁଆ ନେତା ଅଧିରାଜ ଏବଂ ହିତେଶଙ୍କ ରାଜନୈତିକ ମୈଦାନରେ ଛିଡ଼ା ହେବା ପରଠାରୁ ନିର୍ବାଚନମଣ୍ଡଳୀ ସାରା ଚର୍ଚ୍ଚା ଜୋର ଧରିଛି। ଅଧିରାଜ କଂଗ୍ରେସ ଛାଡ଼ିବା ପରେ ସେଠାରେ ଏକ କର୍ମୀ ଭାବରେ କାର୍ଯ୍ୟ କରୁଥିବା କମଳ ଚରଣ ତାଣ୍ଡି କଂଗ୍ରେସର ମୋର୍ଚ୍ଚା ସମ୍ଭାଳିଛନ୍ତି। ଏହି ତିନି ନେତା ନିଜନିଜ ରଣନୀତିରେ ଦିନରାତି ଏକାକାର କରି ପ୍ରଚାରରେ ମାତି ଯାଇଛନ୍ତି। ଏପରିକି, ରାତି ୧୨ଟା ପର୍ଯ୍ୟନ୍ତ ନେତାମାନଙ୍କୁ ଘରବାହୁଡ଼ା ହେଉ ନଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ କଂଗ୍ରେସର ନବାଗତ କମଳଙ୍କ ଏଣ୍ଟ୍ରି ନିର୍ଣ୍ଣାୟକ ଭୂମିକା ନେବ ବୋଲି ଚର୍ଚ୍ଚା ଆଲୋଚନା ଜୋର ଧରିଛି।





## ବିଜେପିରୁ ଟିକଟ ନ ମିଳିବାରୁ ବିଷୋଦ୍‌ଗାର

# ମୋରଡ଼ାରୁ ସ୍ୱାଧୀନ ଲଢ଼ିବେ କମଳେନ୍ଦୁ



**ବାରିପଦା, ୪।୫(ସମିସ):** ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ଅଣସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ କମଳେନ୍ଦୁ ମହାନ୍ତ। ବିଜେପିରୁ ସେ ଆଶାୟୀ ଥିଲେ। ତେବେ ଗତଥର ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପୁଣି ଦଳ ଟିକଟ ଦେଇଛି। ତେଣୁ କମଳେନ୍ଦୁ ଅସନ୍ତୋଷ ରହିଥିଲେ। ଛୋଟଲାଲ ମହାନ୍ତଙ୍କ ପରେ ପୁଣି ଜଣେ କୁଡୁମୀ ସମ୍ପ୍ରଦାୟର ନେତା କମଳେନ୍ଦୁ ମହାନ୍ତ ସ୍ୱାଧୀନ ଭାବେ ନିର୍ବାଚନୀ ଲଢ଼ିବା ନେଇ ଘୋଷଣା କରିବା ପରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି।

ଶନିବାର ଏନେଇ କମଳେନ୍ଦୁ ଏକ ସାମ୍ବାଦିକ ସମ୍ମିଳନୀରେ ବିଷୋଦ୍‌ଗାର କରିଛନ୍ତି। ମୋରଡ଼ାରେ ବିଜେପି ପ୍ରତିଥର ବାହାର ଲୋକଙ୍କୁ ପ୍ରାର୍ଥୀ କରୁଛି; କିନ୍ତୁ ସ୍ଥାନୀୟ ଲୋକଙ୍କୁ ସୁଯୋଗ ଦେଉନାହିଁ। ଏହାକୁ ନେଇ ସେ ବିଜେପି ଉପରେ ବର୍ଷିଥିଲେ। ସ୍ଥାନୀୟ ଲୋକଙ୍କୁ ଗୁରୁତ୍ୱ ଦେଉ ନଥିବାରୁ ବାରମ୍ବାର ବିଜେପିର ପ୍ରାର୍ଥୀମାନେ ମୋରଡ଼ାରୁ ପରାଜିତ ହେଉଛନ୍ତି। ତେଣୁ ସେ ଚଳିତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ବୋଲି ତାଙ୍କ ସମର୍ଥକମାନେ ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି। କମଳେନ୍ଦୁ ମହାନ୍ତ ଜଣେ ଶିକ୍ଷାବିତ୍ ହୋଇଥିବା ବେଳେ ଛଉ ନୃତ୍ୟର ବିକାଶ ନିମନ୍ତେ ଦୀର୍ଘଦିନ ହେଲା କାର୍ଯ୍ୟ କରୁଛନ୍ତି। ମୋରଡ଼ା ମାଟିରେ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରି ବହୁ ଯୁବକଯୁବତୀଙ୍କୁ ଚାକିରି ଯୋଗାଇଛନ୍ତି। ସେ କୁଡୁମୀ ସମ୍ପ୍ରଦାୟର ଜଣେ ଦକ୍ଷ ସଂଗଠକ ଭାବେ କାର୍ଯ୍ୟ କରି ବେଶ୍ ଚର୍ଚ୍ଚିତ। ବିଜେପିର ତୁଙ୍ଗ ନେତାମାନେ ତାଙ୍କ ସହିତ ଆଲୋଚନା କରି ଦଳୀୟ ଟିକଟ ଦେବେ ବୋଲି ପ୍ରତିଶ୍ରୁତି ଦେଇ ତାଙ୍କୁ ଉପେକ୍ଷା କରିଛନ୍ତି। ମୋରଡ଼ା ନିର୍ବାଚନମଣ୍ଡଳୀରେ ଶ୍ରୀ ମହାନ୍ତଙ୍କ ସପକ୍ଷରେ ଅନୁସୂଚିତ ଜାତି ସମେତ କୁଡୁମୀ ସମ୍ପ୍ରଦାୟର ଲୋକଙ୍କ ସମର୍ଥନ ରହିଛି। ତେବେ ଶ୍ରୀ ମହାନ୍ତ ସ୍ୱାଧୀନ ପ୍ରାର୍ଥୀ ହେଲେ ତାଙ୍କ ପ୍ରତି କୁଡୁମୀ ସମ୍ପ୍ରଦାୟର ସମର୍ଥନ ରହିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

■ **କଂଗ୍ରେସର ଷ୍ଟାର ପ୍ରଚାରକ ତାଲିକା**

# ଦଳ ପାଇଁ ପ୍ରଚାର କରିବେ ଖଡଗେ, ସୋନିଆ, ରାହୁଲ, ପ୍ରିୟଙ୍କା



**ଭୁବନେଶ୍ୱର, ୪।୫(ସମିସ):** କଂଗ୍ରେସ ପକ୍ଷରୁ ଆଜି ଓଡ଼ିଶା ପାଇଁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରାଯାଇଛି। ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସହ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ରାଜ୍ୟ ପ୍ରଭାରୀ ଡା. ଅଜୟ କୁମାର, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ପ୍ରମୁଖ ରହିଛନ୍ତି। ସେହିପରି ଅନ୍ୟ କେନ୍ଦ୍ରୀୟ ନେତାଙ୍କ ମଧ୍ୟରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ସଚିନ ପାଇଲଟ, ଅଲକା ଲାମ୍ବା, କହ୍ନେୟା କୁମାର ଓ ମୀନାକ୍ଷୀ ନଟରାଜନ ପ୍ରମୁଖଙ୍କ ନାଁ ରହିଛି। ସେହିପରି ଏହି ତାଲିକରେ ଓଡ଼ିଶାରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବରିଷ୍ଠ ନେତା କିଶୋର ପଟେଲ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ଭକ୍ତ ଚରଣ ଦାସ, ସୁଶୀଲା ତିରିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ବିଜୟ କୁମାର ପଟ୍ଟନାୟକ ପ୍ରମୁଖଙ୍କ ନାଁ ରହିଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ବିଜେଡି ଓ ବିଜେପି ପକ୍ଷରୁ ଷ୍ଟାର ପ୍ରଚାରକ ତାଲିକା ଘୋଷଣା ସରିଛି।

## ପ୍ରଥମ ପର୍ଯ୍ୟାୟ ନିର୍ବାଚନ

# ସର୍ବାଧିକ ବିଜେପି ପ୍ରାର୍ଥୀଙ୍କ ବିରୋଧରେ ଫୌଜଦାରୀ ମାମଲା

**ଭୁବନେଶ୍ୱର, ୪।୫(ସମିସ):** ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଥିବା ୩୭ଜଣ ସାଂସଦ ପ୍ରାର୍ଥୀଙ୍କ ମଧ୍ୟରୁ ୬ ପ୍ରାର୍ଥୀଙ୍କ ବିରୋଧରେ ଗୁରୁତର ଆପରାଧିକ ମାମଲା ରହିଛି। ସମୁଦାୟ ୭ଜଣ ନିଜ ବିରୋଧରେ ଅପରାଧିକ ମାମଲା ଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ଓଡ଼ିଶା ଇଲେକ୍ସନ୍ ୱାଚ୍ ଏବଂ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିସର୍ଚ୍ଚ (ଏଡିଆର) ପକ୍ଷରୁ ସମସ୍ତ ସାଂସଦ ପ୍ରାର୍ଥୀଙ୍କ ସତ୍ୟପାଠ ତର୍ଜମା କରିଯିବା ପରେ ଏହା କୁହାଯାଇଛି। ରିପୋର୍ଟ ଅନୁସାରେ, ବିଜେପିର ସର୍ବାଧିକ ପ୍ରାର୍ଥୀ (୭୫%)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେହିପରି ବିଜେଡି ଓ କଂଗ୍ରେସର ଦୁଇ ଜଣ ଲେଖାଏଁ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସମୁଦାୟ ୧୯% ପ୍ରାର୍ଥୀଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିବା ବେଳେ ୧୬% ପ୍ରାର୍ଥୀଙ୍କ ବିରୋଧରେ ସଙ୍ଗୀନ ଦଫା ଲାଗିଛି। ସୂଚନା ଅନୁଯାୟୀ, ବ୍ରହ୍ମପୁର ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ୯ଟି ମାମଲା ରୁଜୁ ହୋଇଥିଲା ବେଳେ ଆଇପିସିର ୧୫ଟି ଗୁରୁତର ଦଫା ଲାଗିଛି। ତିନିଟି ମାମଲାରେ ଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଛି। ଆଇଟି ଆକ୍ଟ ସହ ଠକେଇ, କାଗଜପତ୍ର ଏପାଖସେପାଖ କରିବା, ଅନ୍ୟ କାହାର ସମ୍ମାନହାନି କରିବା ପାଇଁ ଉଦ୍ୟମ, ଅସାଧୁ ଉପାୟ ଅବଲମ୍ବନ କରିବା ଭଳି ଅପରାଧ ନେଇ ତାଙ୍କ ବିରୋଧରେ ମାମଲା ରହିଛି। ସେହିପରି ବ୍ରହ୍ମପୁର ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ନାମରେ ୭ଟି ମାମଲା ଅଛି। ନବରଙ୍ଗପୁର ବିଜେଡି ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ, କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝୀ, ବିଜେପିର କୋରାପୁଟ ପ୍ରାର୍ଥୀ କାଳିରାମ ମାଝୀ, ନବରଙ୍ଗପୁର ବିଜେପି ପ୍ରାର୍ଥୀ ବଳଭଦ୍ର ମାଝୀ, କଳାହାଣ୍ଡିର କଂଗ୍ରେସ ପ୍ରାର୍ଥିନୀ ଦ୍ରୌପଦୀ ମାଝୀଙ୍କ ନାମରେ ମାମଲା ରହିଥିବା ସେମାନେ ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ଦ୍ରୌପଦୀ ମାଝୀଙ୍କ ନାମରେ କେବଳ ଗୋଟିଏ ମାମଲା ରହିଥିବା ବେଳେ ଅନ୍ୟ ପ୍ରାର୍ଥୀଙ୍କ ବିରୋଧରେ ଏକାଧିକ ମାମଲା ରହିଛି।

# ଡାଃ କୁଳମଣି ସାମଲ ବିଜେଡି ରାଜ୍ୟ ଉପସଭାପତି

**ଭୁବନେଶ୍ୱର, ୪।୫ (ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ୬ଜଣ ବିଜେଡି ନେତାଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଡାଃ କୁଳମଣି ସାମଲ ବିଜେଡି ରାଜ୍ୟ ଉପ-ସଭାପତି ପଦ ପାଇଛନ୍ତି। ଶାଶ୍ୱତୀ ମିଶ୍ରଙ୍କୁ ଆସ୍କା ସଂସଦୀୟ କ୍ଷେତ୍ର ପାଇଁ ବିଜେଡିର ନିର୍ବାଚନ ସଂଯୋଜକ ନିଯୁକ୍ତ କରାଯାଇଥିବା ବେଳେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କୁ ବାଙ୍ଗିରିପୋଷି ବିଧାନସଭା କ୍ଷେତ୍ର ନିର୍ବାଚନ ସଂଯୋଜକ, ସୌମ୍ୟଜିତ ମହାପାତ୍ରଙ୍କୁ ବାଲିକୁଦା-ଏରସମା ବିଧାନସଭା କ୍ଷେତ୍ର ସଂଯୋଜକ, ସଂଗ୍ରାମ ମନ୍ତ୍ରୀଙ୍କୁ ନୟାଗଡ଼ ବିଧାନସଭା କ୍ଷେତ୍ର ନିର୍ବାଚନ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷେ ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ଶିଖା ଉମେଶ ସ୍ୱାଇଁଙ୍କୁ ନିଯୁକ୍ତ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ଦଳୀୟ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

**ଅନ୍ୟ ୫ ନେତାଙ୍କୁ ବି ମିଳିଲା ଦାୟିତ୍ୱ**

■ **କଂଗ୍ରେସକୁ ବଡ଼ ଝଟ୍‌କା**

# ଟିକଟ ଫେରାଇଦେଲେ ପୁରୀ ସାଂସଦ ପ୍ରାର୍ଥୀ ସୁଚରିତା

**ପୁରୀ, ୪।୫(ସମିସ):** କଂଗ୍ରେସକୁ ଲାଗିଛି ବଡ଼ ଝଟ୍‌କା। ଟିକଟ ଫେରାଇ ଦେଇଛନ୍ତି ପୁରୀ ସାଂସଦ ପ୍ରାର୍ଥୀ ସୁଚରିତା ମହାନ୍ତି। ଦଳ ପକ୍ଷରୁ କୌଣସି ଆର୍ଥିକ ସହାୟତା ଦିଆଯାଇ ନ ଥିବା ଓ ପୁରୀ ସଂସଦୀୟ କ୍ଷେତ୍ରରେ ଦୁର୍ବଳ ବିଧାୟକ ପ୍ରାର୍ଥୀ ଦିଆଯାଇଥିବା ଅଭିଯୋଗ ଆଣି ସେ ଟିକଟ ଫେରସ୍ତ କରିଛନ୍ତି ବୋଲି କହିଛନ୍ତି। ଦଳୀୟ ଫଣ୍ଡି ବିନା ପ୍ରଚାର ଅସମ୍ଭବ। ଏ ନେଇ ସେ ଇ-ମେଲ୍ ଯୋଗେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଏଆଇସିସି ସାଧାରଣ ସମ୍ପାଦକ(ସଙ୍ଗଠନ) କେ.ସି. ଭେନୁଗୋପାଳଙ୍କୁ ଜଣାଇଛନ୍ତି। ଦଳ ପାଣ୍ଠି ନ ଦେବାରୁ ଟିକଟ୍ ଫେରାଇଥିବା ସ୍ପଷ୍ଟ କରିଛନ୍ତି। ବିନା ଫଣ୍ଡିଙ୍ଗ୍‌ରେ ନିର୍ବାଚନ ଲଢ଼ିବା ସହଜ ନୁହେଁ ବୋଲି ଦର୍ଶାଇଛନ୍ତି। ତେବେ ପୁରୀରେ ମେ’ ୨୫ ତାରିଖରେ ମତଦାନ ହେବାକୁ ଥିବା ବେଳେ ଏବେ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିଛି। ପ୍ରାର୍ଥିପତ୍ର ଦାଖଲ ଅବଧି ଆଉ ମାତ୍ର ୨ ଦିନ ଅର୍ଥାତ୍ ୬ ତାରିଖ ରହିଛି। ଏହାରି ଭିତରେ ସୁଚରିତା ଟିକଟ୍ ଫେରାଇବା ପରେ ଏଠାରୁ କଂଗ୍ରେସ ଜୟନାରାୟଣ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି।



ସୂଚନାଥାଉ କି, ସୁଚରିତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜମୋହନ ମହାନ୍ତିଙ୍କ କନ୍ୟା। ବ୍ରଜମୋହନ ପୁରୀରୁ ୧୯୮୦ ଓ ୧୯୮୪ ରେ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସୁଚରିତା ୨୦୧୪ ନିର୍ବାଚନରେ କଂଗ୍ରେସରୁ ପୁରୀ ଲୋକସଭା ପାଇଁ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୧୪ ନିର୍ବାଚନରେ ସେ ୨ଲକ୍ଷ ୫୯ ହଜାର ୮୦୦ ଭୋଟ ପାଇଥିଲେ ମଧ୍ୟ ବିଜେଡିର ପିନାକୀ ମିଶ୍ରଙ୍କଠାରୁ ୨ଲକ୍ଷ ୬୩ ହଜାର ୩୬୧ ଖଣ୍ଡ ଭୋଟରେ ହାରିଥିଲେ। ୨୦୧୯ରେ ତାଙ୍କୁ କଂଗ୍ରେସ ଟିକଟ ମିଳି ନଥିଲା। ୨୦୧୯ରେ ସୁଚରିତାଙ୍କୁ ବଦଳାଇ ସତ୍ୟପ୍ରକାଶ ନାୟକଙ୍କୁ ଦଳ ଟିକଟ ଦେଇଥିଲା। ସେ ମାତ୍ର ୪୪, ୭୩୪ ଖଣ୍ଡ ଭୋଟ ପାଇଥିଲେ।

## କିଏ ଉଡ଼ାଇବ ବଲାଙ୍ଗିର ବିଜୟ ବାନା

# ସମରେନ୍ଦ୍ର-କଳିକେଶ ମୁହାଁମୁହିଁ, ଲାଭ ଆଶାରେ ଗୋପାଳଜୀ

**ବଲାଙ୍ଗିର, ୪।୫(ସମିସ):** ବଲାଙ୍ଗିର ରାଜନୀତିରେ ଘଡ଼ିକେଘୋଡ଼ା ଛୁଟୁଛି। ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସରିବା ପରେ ଏବେ ବଲାଙ୍ଗିର ସଦର ନିର୍ବାଚନମଣ୍ଡଳୀରେ ସ୍ପଷ୍ଟ ହୋଇଛି ରାଜନୈତିକ ଚିତ୍ର। ବିଶେଷକରି ତିନି ପ୍ରମୁଖ ରାଜନୈତିକ ଦଳରୁ ହୋଇଥିବା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରାରୁ ହିଁ କଡ଼ା ମୁକାବିଲା ହେବ ବୋଲି ସ୍ପଷ୍ଟ ହୋଇସାରିଛି। ବିଶେଷକରି କଂଗ୍ରେସ ଓ ବିଜେଡି ଏହି ଆସନରେ ମୁହାଁମୁହିଁ ହେବେ ବୋଲି ଆଲୋଚନା ହେଉଛି। ଗତ ଦୁଇଟି ନିର୍ବାଚନରେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ଚଳିତ ନିର୍ବାଚନରେ ବିଜେଡି ପ୍ରତ୍ୟାବର୍ତ୍ତନ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି। ଅନ୍ୟପକ୍ଷରେ ବିଜେପି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବା ପରେ ମଧ୍ୟ ତାଙ୍କର ତତ୍ପରତା ଦେଖିବାକୁ ମିଳିନାହିଁ।

ବଲାଙ୍ଗିର ରାଜନୀତି ବେଶ୍ ଅଡୁଆ। ଏହାକୁ ସାଧାରଣରେ ଠଉରାଇବା ବହୁତ ମୁସ୍କିଲ। କିଏ ଜିତିବ, କିଏ ହାରିବ; ତାହା ସ୍ପଷ୍ଟ ଭାବେ କହିବା କାଠିକର ପାଠ। ଚଳିତ ନିର୍ବାଚନରେ ମଧ୍ୟ ସେହିଭଳି ସମାନ ସ୍ଥିତି ଦେଖିବାକୁ ମିଳିଛି। ଉଭୟ କଂଗ୍ରେସ ଓ ବିଜେଡି ଏହି ଆସନ ଦଖଲ କରିବା ପାଇଁ ମୁହାଁମୁହିଁ ହେଉଥିବା ବେଳେ ଦୁଇ ବିଲେଇ କଳିରେ ନିରବ ରହି ଫାଇଦା ନେବା ପାଇଁ ବିଜେପି ଛକି ବସିଛି। ବଲାଙ୍ଗିର ଜିଲ୍ଲା ପାଇଁ ସଦର ନିର୍ବାଚନମଣ୍ଡଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଆସନରୁ ବିଜୟୀ ହେଉଥିବା ପ୍ରାର୍ଥୀ ଜିଲ୍ଲା ରାଜନୀତି ପାଇଁ ଦିଗ ଦେଖାଇଥା’ନ୍ତି। ଗତ ଦୁଇଟି ନିର୍ବାଚନରେ ଲଗାତାର କଂଗ୍ରେସ ପ୍ରାର୍ଥୀ ନରସିଂହ ମିଶ୍ର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। କିନ୍ତୁ ଚଳିତ ନିର୍ବାଚନ ବୟସାଧିକ କାରଣରୁ ଲଢୁ ନଥିବାରୁ ତାଙ୍କ ସ୍ଥାନରେ ତାଙ୍କ ପୁଅ ସମରେନ୍ଦ୍ରଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ଏହି ଆସନର ଆଉ ଜଣେ ଭେଟେରାନ୍ ବିଜେଡି ନେତା ଅନଙ୍ଗ ଉଦୟ ସିଂହଦେଓଙ୍କ ପୁଅ କଳିକେଶ ନାରାୟଣ ସିଂହଦେଓ ବିଜେଡି ଟିକଟରେ ନିର୍ବାଚନ ଲଢୁଛନ୍ତି। ଉଭୟଙ୍କ କ୍ଷେତ୍ରରେ ଏହି ନିର୍ବାଚନ ସେମାନଙ୍କ ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବ।





ଗତ ନିର୍ବାଚନରେ ସମରେନ୍ଦ୍ର ପ୍ରଥମଥର ପାଇଁ ଲୋକସଭା ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଏଥର ସେ ବିଧାୟକ ଆସନ ପାଇଁ ନାମାଙ୍କନ ଭରିଛନ୍ତି। ବିଜୟୀ ହେଲେ ସମରେନ୍ଦ୍ରଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ। ସେହିପରି ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଥରେ ବିଧାୟକ ଓ ଦୁଇଥର ସାଂସଦ ହୋଇଛନ୍ତି। ଗତ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ଯଦି ଏହି ନିର୍ବାଚନରେ ସେ ପରାଜିତ ହୁଅନ୍ତି, ତେବେ ତାଙ୍କ ରାଜନୈତିକ କ୍ୟାରିୟର ପ୍ରଭାବିତ ହେବ। ଯଦି ସେ ନିର୍ବାଚନ ଜିତନ୍ତି ତେବେ ସେ ନିହାତି ଭାବେ ରାଜ୍ୟ ରାଜନୀତିରେ ତାଙ୍କ ପ୍ରଭାବ ବିସ୍ତାର କରିବାରେ ସଫଳ ହେବେ। ଅନ୍ୟପକ୍ଷରେ ପୂର୍ବ ନିର୍ବାଚନରେ ଉଭୟଙ୍କ ବାପା ମୁହାଁମୁହିଁ ହୋଇସାରିଛନ୍ତି। ସେହି ସବୁ ଦୃଷ୍ଟିରୁ ଉଭୟଙ୍କ ପାଇଁ ସମ୍ମାନ ଓ ସ୍ୱାଭିମାନର ଲଢ଼େଇ ହେବ। ଏହା ନିର୍ବାଚନ ରଣନୀତିରେ ମଧ୍ୟ ଦେଖିବାକୁ ମିଳିଛି। ଉଭୟ ପ୍ରାର୍ଥୀ ନିର୍ବାଚନୀ ବୈତରଣୀ ପାରି ହେବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଏହି ଦୁଇ ପ୍ରାର୍ଥୀଙ୍କ ତୁଳନାରେ ବିଜେପି ପ୍ରାର୍ଥୀ ଏବେ ବି ପଛୁଆ ଥିବା ଦେଖିବାକୁ ମିଳିଛି। ବିଜେପିର ଗୋପାଳଜୀ ପାଣିଗ୍ରାହୀ ତାଙ୍କ ପ୍ରଚାର ଅଭିଯାନକୁ ଏପର୍ଯ୍ୟନ୍ତ ତୀବ୍ରତର କରିପାରିନାହାନ୍ତି। ଫଳରେ ଅନ୍ୟ ଦୁଇ ପ୍ରାର୍ଥୀଙ୍କଠାରୁ ସେ ପଛରେ ପଡ଼ି ଯାଇଛନ୍ତି। ସାମଗ୍ରିକ ଭାବେ ଦେଖିବାକୁ ଗଲେ ଏହି ଆସନରେ ତ୍ରିମୁଖୀ ଲଢ଼େଇ ହେବାର ସମ୍ଭାବନା ରହିଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

### ଧର୍ମେନ୍ଦ୍ରଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇ କଳାକାରଙ୍କ ମୃତ୍ୟୁ ଘଟଣା

# ପ୍ରଣବ ପ୍ରକାଶଙ୍କ ଉଦ୍ୟମକ୍ରମେ ମୃତକଙ୍କ ପରିବାରକୁ ପୋଷ୍ୟ ଗ୍ରହଣ କଲା ବିଜେଡି

ସମ୍ବଲପୁର, ୪।୫(ସମିସ)

ସମ୍ବଲପୁରବାସୀଙ୍କ ହଳିଆ ହେବି ବୋଲି କହୁଥିବା ଧର୍ମେନ୍ଦ୍ର ପ୍ରଧାନ କେବଳ ନିଜର ସ୍ୱାର୍ଥ ପାଇଁ ନିର୍ବାଚନ ଲଢୁଛନ୍ତି ଏକଥା ସ୍ପଷ୍ଟ ହୋଇଛି। କ୍ଷମତାର ଲାଳସାରେ ଧର୍ମେନ୍ଦ୍ର ଏଭଳି ଭାବରେ ବୁଡ଼ିରହିଛନ୍ତି ଯେ ଭୋଟରଙ୍କ ଭଲମନ୍ଦ



କଥା ତାଙ୍କ ପାଖରେ ସମୟ ନାହିଁ। ସମ୍ବଲପୁରବାସୀଙ୍କ ଶବର ପାହାଚ ଚଢ଼ି କ୍ଷମତା ଗାଦିରେ ବସିବା ତାଙ୍କର ଏକମାତ୍ର ଲକ୍ଷ୍ୟ। ତେଣୁକରି ତ ଦିନରାତି ପ୍ରଚାରରେ ମାତିଛନ୍ତି। ତାଙ୍କରି ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମରେ ସାମିଲ ହୋଇ ଜଣେ ଗରିବ ପରିବାରର ରୋଜଗାରିଆଙ୍କ ଜୀବନ ଗଲା ଏକଥା ତାଙ୍କୁ ଜଣାନାହିଁ। କିମ୍ବା ଜାଣିଶୁଣି ଚୁପ୍ ରହିଛନ୍ତି। ନିର୍ବାଚନ ତ ଆସିବ ଯିବ। କିନ୍ତୁ ନେତାଙ୍କ ପାଇଁ ଜନତା ନୁହେଁ, ଜନତାଙ୍କ ପାଇଁ ନେତା ଏ ବିଚାର ଧର୍ମେନ୍ଦ୍ର ପ୍ରଧାନଙ୍କ ମନରେ ଆସିବା ଦରକାର ବୋଲି କଡ଼ା ସମାଲୋଚନା କରିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି। ପ୍ରକାଶଯୋଗ୍ୟ, ଗତ ବୁଧବାର ଭାରତୀୟ ଜନତା ପାର୍ଟିର ଆଗଧାଡ଼ିର ନେତା ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିବାକୁ ଯିବା ସମୟରେ ଏକ ଶୋଭାଯାତ୍ରାର ଆୟୋଜନ କରିଥିଲେ। ଲୋକ ଭିଡ଼ ଦେଖାଇବା ପାଇଁ ଦୂରଦୂରାନ୍ତରରୁ ଲୋକଙ୍କୁ ଡକାଇଥିଲେ। ଏପରିକି ୪୦ଟି ସାଂସ୍କୃତିକ ଦଳକୁ ମଧ୍ୟ ଡାକିଥିଲେ। ଶୋଭାଯାତ୍ରାରେ ସାମିଲ ହେବାକୁ ଆସିଥିଲେ ବାମରା ବ୍ଲକ ଅନ୍ତର୍ଗତ ପିଣ୍ଡାପଥର ଗ୍ରାମର ବାଘପଡ଼ା ନିବାସୀ କୁମର ମାଝୀ। ୪୩ଡିଗ୍ରୀ ଖରାରେ ସହର ସାରା ବୁଲିବୁଲି ବାଜା ବଜାଇଲେ। କିନ୍ତୁ ଶୋଭଯାତ୍ରାରେ ସାମିଲ ହୋଇଥିବା କଳାକାର କିମ୍ବା ଜନତାଙ୍କୁ ପାଣି ଟିକିଏ ଦେବାକୁ ଉଚିତ ମଣିଲାନି ବିଜେପି। ଫଳସ୍ୱରପ କୁମର

**ଜନତାଙ୍କ ଜୀବନକୁ ବଳିଦେଇ ସତ୍ତାର ସିଂହାସନରେ ବସିବାକୁ ଚାହୁଁଛନ୍ତି କି ଧର୍ମେନ୍ଦ୍ର?**

**ମୃତକଙ୍କ ପରିବାରକୁ ଭେଟିଲେ ବିଜୁ ଜନତା ଦଳର ନେତୃମଣ୍ଡଳୀ**

ମାଝୀ ଅଂଶୁଘାତର ଶିକାର ହୋଇ ମୃତ୍ୟୁବରଣ କଲେ ବୋଲି ଚର୍ଚ୍ଚା ହେଉଛି। ପ୍ରାଣ ହରାଇଥିବା କୁମର ଏକା ନୁହେଁ ସେହିଦିନ ଧର୍ମେନ୍ଦ୍ରଙ୍କ ଶୋଭଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଜନତା ଭୋକଶୋଷରେ ଆଉଟୁପାଉଟୁ ହୋଇଛନ୍ତି। ଆହାର କେନ୍ଦ୍ରରେ ଖାଇ ଜୀବନ ବଞ୍ଚାଇଛନ୍ତି। ତେବେ କୁମର ମାଝୀଙ୍କ ମୃତ୍ୟୁକୁ ୭୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଧର୍ମେନ୍ଦ୍ର କିମ୍ବା ତାଙ୍କ ଦଳର କୌଣସି ନେତା ପରିବାର ପରିଜନଙ୍କୁ ଭେଟି ସମବେଦନା ଟିକିଏ ଜଣାଇନାହାନ୍ତି। ଅପରପକ୍ଷେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମକ୍ରମେ ମୃତକଙ୍କ ପରିବାରକୁ ପୋଷ୍ୟ ଗ୍ରହଣ କରିଛି ବିଜୁ ଜନତା ଦଳ। ଆଜି ସକାଳେ ବିଜେଡିର କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆଙ୍କ ନେତୃତ୍ୱରେ ଏକ ନେତୃମଣ୍ଡଳୀ କୁମରଙ୍କ ଘରେ ପହଞ୍ଚିଥିଲେ। ତାଙ୍କର ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ଏଭଳି ସମୟରେ ପରିବାର ଲୋକଙ୍କୁ ଧୈର୍ଯ୍ୟ ଓ ସାହାସ ମିଳୁ ବୋଲି ପ୍ରାର୍ଥନା କରିଥିଲେ। ଘରର ଆର୍ଥିକ ଅବସ୍ଥାରେ ସମ୍ପର୍କରେ ପଚାରି ବୁଝିଥିଲେ ଓ ତାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ଲୋକଙ୍କ ଜୀବନ ରାଜନୀତିରୁ ଊର୍ଦ୍ଧ୍ୱରେ। ପ୍ରଚାରପ୍ରସାର ଠାରୁ ଟିକିଏ ସମୟ ବାହାର କରି ମୃତକଙ୍କ ପରିବାରଙ୍କୁ ଭେଟିବାକୁ ଧର୍ମେନ୍ଦ୍ର ବାବୁ ଥରେ ହେଲେ ଚିନ୍ତା କରନ୍ତୁ ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

# ଚଢ଼ଉବେଳେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ: ୫ ଗିରଫ



କୁଚିଣ୍ଡା, ୪।୫ (ସମିସ): ଗୋବିନ୍ଦପୁର ଥାନା ବରାଗଡ଼ା ଗ୍ରାମରେ ଚଢ଼ାଉ ସମୟରେ ଅବକାରୀ ବିଭାଗ କର୍ମଚାରୀଙ୍କୁ ନିଶା ମାଫିଆମାନେ ଆକ୍ରମଣ କରିଥିଲେ। ଗୋବିନ୍ଦପୁର ଅବକାରୀ ବିଭାଗର ଏଏସ୍ଆଇ ସମୀର କୁମାର ସ୍ୱାଇଁ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ଗ୍ରାମର ତରୁଣ ଗୋପାଲ, ଲକ୍ଷ୍ମୀ ଗୋପାଳ ଓ ବଳରାମ ବିକାଶ ଗୋପାଳ, ଗାନା ଗୋପାଳ ଓ ସୁନ୍ଦର ଗୋପାଳଙ୍କୁ ଗିରଫ କରିଛି। ଗୋବିନ୍ଦପୁର ଥାନାରେ କେସ୍ ନମ୍ବର ୮୦/୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ କ୍ରମେ ଅବକାରୀ ଟିମ ସୂଚନା ପାଇ ତରୁଣଙ୍କ ଘରେ ଚଢାଉ କରିଥିଲା। ଚଢ଼ାଉ ଦଳକୁ ପରିବାର ବାପା, ପୁଅ ମିଳିମିଶି ବିରୋଧ କରିଥିଲେ। ଚଢ଼ାଉ ଦଳକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଭୟଙ୍କର ପରିଣାମ ହେବ ବୋଲି ଧମକ ଦେଇଥିଲେ। ସାଙ୍ଗରେ ନେଇଥିବା ବୋଲେରୋ ଗାଡି ଭାଙ୍ଗି ସେମାନଙ୍କୁ ଜୀବନ ରୁ ମାରିଦେବେ ପାଇଁ ଚେଷ୍ଟା କରିଥିଲେ। କୌଣସି ପ୍ରକାରେ ସେମାନେ ଘଟଣାସ୍ଥଳରୁ ଖସି ପଳାଇଲେ ଆସିଥିଲେ।

# କଂଗ୍ରେସ ପ୍ରାର୍ଥୀ କେଦାରନାଥ ବରିହାଙ୍କ ନାମାଙ୍କନ

କୁଚିଣ୍ଡା, ୪।୫(ସମିସ): କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ କେଦାର ନାଥ ବରିହା ଆଜି ସମଲେଇ ମନ୍ଦିର ଛକଠାରୁ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଛନ୍ତି। ଶୋଭାଯାତ୍ରାରେ କଂଗ୍ରେସର ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ ସାମିଲ ଥିଲେ। ସମଲେଇ ମନ୍ଦିର ଛକରୁ ବାରିଥିବା ଏହି ଶୋଭାଯାତ୍ରା ମନ୍ଦିର ଛକ, ପଞ୍ଚମୁଖୀ ଛକ ଦେଇ ସହର ପରିକ୍ରମା କରି ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଇଣ୍ଡିଆ ମେଣ୍ଟ ସମର୍ଥିତ ଆମ ଆଦମୀ ପାର୍ଟିର ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ। କୁଚିଣ୍ଡା ନିର୍ବାଚନମଣ୍ଡଳୀ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ଼ରୁ



ହଜାର ହଜାର କଂଗ୍ରେସ କର୍ମୀ, ଦଳୀୟ ପଦାଧିକାରୀ, ଯୁବ ଓ ମହିଳା ସାମିଲ ହୋଇଥିଲେ। ପ୍ରାର୍ଥୀ କେଦାର ନାଥ ବରିହା ୨ ସେଟ ନାମାଙ୍କନ ଦାଖଲ କରିଥିବା ବେଳେ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ଯୁବ କଂଗ୍ରେସ ନେତା ଭକ୍ତରାମ କୁମୁରା ଏବଂ ଜଗଦାନନ୍ଦ କୁମାର ରହିଛନ୍ତି। ଏହି ସମୟରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟ ଶଙ୍କର ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ଜିଲ୍ଲା ଉପ ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସଞ୍ଜିତ ଶର୍ମା, ଅନ୍ୟତମ ସଦସ୍ୟ ଅଶୋକ ଦାନୀ, ଜିଲ୍ଲା କମିଟି ସାଧାରଣ ସମ୍ପାଦକ ସରୋଜ ପୂଜାରୀ, କୁଚିଣ୍ଡା ନଗର କଂଗ୍ରେସ କମିଟି ସଭାପତି ଅଖିଳ ପ୍ରତାପ ସିଂ, ଜିଲ୍ଲା ସମ୍ପାଦକ କିଶୋର କୁମାର ନାୟକ, ରବି ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଖତୁନାଥ ପିଙ୍ଗ, ଦିଲୀପ ପଟେଲ, ବରିଷ୍ଠ କଂଗ୍ରେସ ନେତା ଡ଼. ଶରତ ଚନ୍ଦ୍ର ଗୌନ୍ତିଆ, ଜିଲ୍ଲା ଉପ ସଭାପତି ଆରତୀ ନାୟକ, ଜୟନ୍ତ ପ୍ରଧାନ, ଆମ ଅଦାମୀ ପାର୍ଟିର କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ସଭାପତି ବିନୟ ତିର୍କୀ, ବ୍ଲକ ସଭାପତି ଇରାତ ନାଏକ, ମହିଳା ସଭାପତି ସନ୍ଧ୍ୟା ରାଣୀ ମନ୍ଦାର, ଯୁବ ସଭାପତି ଦେବାଶିଷ ଗଡ଼ନାୟକ, ସଙ୍ଗଠକ ରାଜକିଶୋର ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# କଳିଙ୍ଗ ସେନା ଓ ବିଏସ୍‌ପିର ନାମାଙ୍କନ





ରେଢ଼ାଖୋଲ, ୪।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ବିଧାନସଭା ପ୍ରାର୍ଥୀ ଭାବରେ କଳିଙ୍ଗ ସେନା ପକ୍ଷରୁ ମନୋଜ କୁମାର ମିଶ୍ର ଓ ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ପ୍ରଭାକର ରଞ୍ଜିତ ଶନିବାର ରେଢ଼ାଖୋଲ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣି ଅଫିସର ରଶ୍ମି ରଞ୍ଜନ ମହନ୍ତଙ୍କଠାରେ ନିଜର ସମସ୍ତ ପ୍ରମାଣପତ୍ର ସହିତ ନାମାଙ୍କନ ଦାଖଲ କରିଛନ୍ତି। କଳିଙ୍ଗ ସେନା ପକ୍ଷରୁ ବିଧାନସଭା ପ୍ରାର୍ଥୀ ରେଢ଼ାଖୋଲ ଏନ୍ଏସି ଅନ୍ତର୍ଗତ ସୁଣ୍ଡିମୁଣ୍ଡା ଗ୍ରାମର ମନୋଜ କୁମାର ମିଶ୍ର(୪୫) ନିରାଡ଼ମ୍ବର ଭାବରେ କିଛି ସମର୍ଥକଙ୍କୁ ନେଇ ନିଜ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ବିଧାନସଭା ପ୍ରାର୍ଥୀ ଭାବେ ସମ୍ବଲପୁର ଜିଲ୍ଲା ଧନୁପାଲି ବାସିନ୍ଦା ପ୍ରଭାକର ରଞ୍ଜିତ ନିଜର କିଛି ସମର୍ଥକଙ୍କୁ ନେଇ ନାମାଙ୍କନ ଦାଖଲ କରିଛନ୍ତି।

**ପ୍ରଣବ ପ୍ରକାଶଙ୍କ ମାରାଥନ ପ୍ରଚାର**

# ଅବସରପ୍ରାପ୍ତ ସୈନିକଙ୍କ ସହିତ ଆଲୋଚନା କଲେ ପ୍ରଣବ, ରୋହିତ

ସମ୍ବଲପୁର, ୪।୫(ସମିସ): ଶନିବାର ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଲିବୁଲି ମାରାଥନ ପ୍ରଚାର କରିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଏହି ଅବସରରେ ସେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିଥିଲେ। ସେମାନଙ୍କ ସହିତ ଆଲେଚନା କରି ସମ୍ବଲପୁରରେ କଣ ସବୁ ସମସ୍ୟା ରହିଛି ପଚାରି ବୁଝିଥିଲେ। ଜନତାଙ୍କ ଆର୍ଶୀବାଦ ରହିଲେ ସମସ୍ତ ସମସ୍ୟାର



ସମାଧାନକୁ ପ୍ରାଥମିକତା ଦେଇ ଏକ ସମୃଦ୍ଧ ସମ୍ବଲପୁର ଗଢିବାକୁ ପ୍ରତିଶୃତି ଦେଇଥିଲେ ପ୍ରଣବ। ଶନିବାର ସକାଳୁ ସକାଳୁ ସମ୍ବଲପୁର ଷ୍ଟାଡିୟମ ନିକଟରେ ପହଞ୍ଚି ଅବସରପ୍ରାପ୍ତ କର୍ମଚାରୀ ଓ ଅବସରପ୍ରାପ୍ତ ସୈନିକ କର୍ମଚାରୀ, ଅଧିକାରୀଙ୍କୁ ଭେଟିଥିଲେ ବିଜୁ ଜନତା ଦଳର ପ୍ରଣବ ଓ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ। ଅବସରପ୍ରାପ୍ତ କର୍ମଚାରୀ ଓ ଯବାନ ଓ ଅଗ୍ନିବୀର ତାଲିମ ନେଉଥିବା ପ୍ରଶିକ୍ଷାର୍ଥୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ସମ୍ବଲପୁରରେ ଲୋକସଭା ପ୍ରାର୍ଥୀ ଭାବରେ ପ୍ରଣବ ପ୍ରକାଶ ଦାସଙ୍କୁ ପାଇବା ଆମର ସୌଭାଗ୍ୟ ବୋଲି ସେମାନେ କହିଥିଲେ ଏବଂ ତାଙ୍କ ଜରିଆରେ ରାଜ୍ୟ ସରକାର ସହଯୋଗ କାମନା କରିଥିଲେ। ସମ୍ବଲପୁରର ସେନା କର୍ମଚାରୀମାନେ ଏକ ଟ୍ରେନିଂ ଇନଷ୍ଟିଚ୍ୟୁଟ କରିଥିବାବେଳେ ଯୁବକ ଯୁବତୀମାନଙ୍କୁ ସେନାରେ ଭର୍ତ୍ତି କରିବା ପାଇଁ ତାଲିମ ଦେଉଛନ୍ତି । ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଘର ସହିତ ମୌଳିକ ସୁବିଧା ଯୋଗାଇଦେବାକୁ ଦାବି କରିଥିଲେ। ଅବସରପ୍ରାପ୍ତ ସୈନିକମାନେ ଏକ ସୈନିକ ଗେଷ୍ଟ ହାଉସ ଦାବି କରିଥିଲେ । ଏହି ଅବସରରେ ପ୍ରଣବ ପ୍ରକାଶ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇବା ସହିତ ଯବାନ ମାନେ ଆମ ଦେଶର ଗର୍ବ ଓ ଗୌରବ ବୋଲି କହିଥିଲେ। ସୈନିକ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗଭୀର ସମ୍ମାନ ରହିଛି । ସେମାନଙ୍କୁ ଯାହା ଦରକାର



ମୁଖ୍ୟମନ୍ତ୍ରୀ ତାଠାରୁ ଅଧିକ ଚିନ୍ତା କରିଛନ୍ତି ବୋଲି କହିଥିଲେ। ଭୁବନେଶ୍ୱର ଏବଂ ସମ୍ବଲପୁରରେ ଅବସରପ୍ରାପ୍ତ ସେନା ଅଧିକାରୀମାନଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପୂର୍ବରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି । ଏହାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ପ୍ରଣବ ପ୍ରକାଶ ପ୍ରତିଶ୍ରୁତି ଦେଇଥିଲେ । ଭିଏସଏସ ଆର୍ମୀ ଏକାଡେମୀ ସମ୍ବଲପୁରର ଯୁବପୀଢ଼ିଙ୍କୁ ନିଶା କବଳରୁ ରକ୍ଷା କରି ମୁଖ୍ୟସ୍ରୋତକୁ ଫେରାଇ ଆଣୁଛି ବୋଲି କହିବା ସହିତ ସେମାନଙ୍କ ପ୍ରତି ସବୁବେଳେ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପ୍ରଣବ ପହଞ୍ଚିଥିଲେ ରେଙ୍ଗାଲିଠାରେ। ରେଙ୍ଗାଲି ସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟାଳୟ ଠାରେ ସକାଳ ୮ରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଦଳୀୟ କର୍ମକର୍ତ୍ତା ମାନଙ୍କୁ ନିର୍ବାଚନ ରଣନୀତି ସମ୍ପର୍କରେ ବୁଝାଇଥିଲେ। ସେହିଭଳି ରେଙ୍ଗାଲି ମାରୱାଡି ସମାଜର ସଦସ୍ୟମାନଙ୍କୁ ଭେଟି ଆଲୋଚନା କରିଥିଲେ। ଏହା ପରେ ସେ ପହଞ୍ଚିଥିଲେ ରୋୟାଲ ରିଟ୍ରିଟ ଠାରେ। ସେଠାରେ କୁଚିଣ୍ଡାରୁ ଆସିଥିବା କିଷାନ ସମାଜର ସଦସ୍ୟଙ୍କ ସହିତ ତାଙ୍କର ଆଲେଚନା ହୋଇଥିଲା। ସେହିଭଳି ଅପରାହ୍ନ ୪ ଟା ରୁ ୬.୩୦ ପର୍ଯ୍ୟନ୍ତ ବସ ମାଲିକ ସଂଘ, କୁଲତା ସମାଜ, ବ୍ରାହ୍ମଣ ସମାଜ ଓ ବାରିକ ସମାଜର କର୍ମକର୍ତ୍ତା ମାନଙ୍କୁ ଭେଟିଥିଲେ ପ୍ରଣବ। ତାଙ୍କ ସହିତ ଆଲେଚନା କରି ସମ୍ବଲପୁର ର କେମିତି ବିକାଶ କରାଯାଇପାରିବ ତାହା ବୁଝିଥିଲେ। ଏହାପରେ ମୋଦୀପଡାଠାରେ ଏକ ଜନସଭାର ଆୟୋଜନ କରାଯାଇଥିଲା । ଜନତାଙ୍କୁ ସମ୍ବୋଧନ ଦେଇ ସେ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଜନସଭା କାର୍ଯ୍ୟକ୍ରମ ପରେ ଗୋପାଳମାଳ ସ୍ଥିତ ମାଳିପଡାରେ ପହଞ୍ଚି ଅଷ୍ଟପ୍ରହରୀ ନାମଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ପୁଣି ରୋୟାଲ ରିଟ୍ରିଟରେ ହୀରାକୁଦ ଓ ସମ୍ବଲପୁରର ଅଟୋ ଚାଳକ ସଂଘର କର୍ମକର୍ତ୍ତାଙ୍କୁ ଭେଟି ମାରାଥନ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ। ଦିନସାରା ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଜନସାଧାରଣଙ୍କୁ ଭେଟିବା ଆଲୋଚନା କରିବା ପରେ ସେ କହିଥିଲେ ଏଠାକାର ଜନପ୍ରତିନିଧି ମାନେ ଲୋକଙ୍କ ସେବା କରିବାରେ ବିଫଳ ହୋଇଛନ୍ତି। ଫଳସ୍ୱରପ ସମ୍ବଲପୁରରେ ଯାହା କାମ ହେବା କଥା ତାହା ହୋଇନାହିଁ। ମୁଖ୍ୟମନ୍ତ୍ରୀଙ୍କ



ନିର୍ଦ୍ଦେଶକ୍ରମେ ସେ ସମ୍ବଲପୁରବାସୀଙ୍କ ସେବା କରିବାକୁ ଏଠାକୁ ଆସିଛନ୍ତି । ତେଣୁକରି ଏଥର ଶଙ୍ଖ ଚିହ୍ନରେ ଦୁଇଥର ଭୋଟଦେଇ ସମ୍ବଲପୁରର ବିକାଶରେ ସହଭାଗୀ ହେବାକୁ ସେ ନିବେଦନ କରିଥିଲେ।

**ନିରୁଦ୍ଦିଷ୍ଟ**



ନାମ-ସିଦ୍ଧାର୍ଥ ଦାସ @ ହେଲ୍‌ମେଟ୍ @ କଲ୍ୟାଣ, ବୟସ-୧୩, ବାପା- ଅଶୋକ ଦାସ, ମାଆ- ସ୍ୱକୌଶଲ୍ୟା ଦାସ, ଶବର ସାହି, ବେଗୁନିଆପଡା, ଭଦ୍ରେଶ୍ୱର, କଟକ। ସେ ତା.୧୨.୦୮.୨୦୨୩ରିଖରେ ଉତ୍କଳ ବାଳାଶ୍ରମ, ନୂଆପଡା, କଟକରୁ କେଉଁ ଆଡ଼େ ଚାଲି ଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ତଳ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

ଯୋଗାଯୋଗ :
ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ରାଉତ,
(ଆଇ.ଆଇ.ସି.) ମଧୁପାଟଣା ଥାନା
ମୋ- 7008178040

### ଧର୍ମେନ୍ଦ୍ରଙ୍କୁ ସୁପର ମିଛୁଆ ଉପାଧି ଦେଇଛନ୍ତି ଜନତା

# ଗର୍ବ ଛାଡ଼ି ପୁରୀ ଯାନ୍ତୁ, ମହାପ୍ରଭୁଙ୍କୁ କ୍ଷମା ମାଗନ୍ତୁ

ଭୁବନେଶ୍ୱର, ୪।୫(ସମିସ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେବଳ ଲୋକଙ୍କ ବିକାଶକୁ ବିରୋଧ କରନ୍ତି ନାହିଁ, ତାଙ୍କ ରାଜନୀତିରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମଧ୍ୟ ବାଦ୍ ପଡ଼ିନାହାନ୍ତି। ସେ ଯେଉଁ ପାପ କରିଛନ୍ତି, ତାହା ଅକ୍ଷମଣୀୟ। କିନ୍ତୁ ଏବେ ବି ସମୟ ଅଛି ସେ ସ୍ୱଚ୍ଛମନରେ ଗର୍ବ ଅହଂକାର ଛାଡ଼ି ମହାପ୍ରଭୁଙ୍କ ଶରଣାପନ୍ନ ହୋଇ କ୍ଷମା ମାଗନ୍ତୁ ବୋଲି ବିଜେଡି କହିଛି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି, କୋଟିକୋଟି ଶ୍ରଦ୍ଧାଳୁଙ୍କ ଆରାଧ ଦେବତା ହେଉଛନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥ। କିନ୍ତୁ ଜଣେ ଓଡ଼ିଆ ହୋଇ ସୁଦ୍ଧା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାପ୍ରଭୁଙ୍କ କାମରେ ବି ବାଧା ସୃଷ୍ଟି ପାଇଁ ଭରପୂର ଉଦ୍ୟମ କରିଥିଲେ। ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପକୁ କେବଳ ପାଇଖାନା ପ୍ରକଳ୍ପ ବୋଲି କହି କୋଟି କୋଟି ଶ୍ରଦ୍ଧାଳୁଙ୍କ ଭବନାକୁ କୁଠାରାଘାତ କରିଥିଲେ। ଏତିକିରେ ତାଙ୍କ ମନ ବୁଝିନଥିଲା, ସେ ପରିକ୍ରମା ପ୍ରକଳ୍ପକୁ ବି ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ।

**ଶ୍ରୀମନ୍ଦିର ପ୍ରକଳ୍ପକୁ ପାଇଖାନା ସହ ତୁଳନା କରିବାକୁ ପଛାଇଲେ ନାହିଁ**

**କେବଳ କୋଟି କୋଟି ଶ୍ରଦ୍ଧାଳୁ ନୁହେଁ, ବିଜେପି କର୍ମୀଙ୍କୁ ମଧ୍ୟ ଲଜ୍ଜିତ କରିଛନ୍ତି**

ଶ୍ରୀମତୀ ଦେଓ କହିଛନ୍ତି, ଶ୍ରୀ ପ୍ରଧାନ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଆ ଅସ୍ମିତା କଥା କହୁଛନ୍ତି। କିନ୍ତୁ ସେ ଭୁଲି ଯାଉଛନ୍ତି ଯେ ରାଜନୀତି ପାଇଁ ଯେଉଁ ଯେଉଁ ଭୁଲ କରିଛନ୍ତି, ତାହାର କ୍ଷମା ନାହିଁ। ଓଡ଼ିଆ ଅସ୍ମିତା କଥା କହି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ୟମ କରୁଛନ୍ତି। ଏହା କେବଳ ଶ୍ରଦ୍ଧାଳୁଙ୍କୁ ବାଧି ନାହିଁ, ବରଂ ଖୋଦ୍ ବିଜେପି କର୍ମୀଙ୍କୁ ମଧ୍ୟ ଲଜ୍ଜିତ କରିଛି। ଏତେ ବଡ଼ ପ୍ରକଳ୍ପ ସଫଳତାର ସହ ଶେଷ ହେଉ ବୋଲି ଶ୍ରୀ ପ୍ରଧାନ ଚାହୁଁ ନଥିଲେ। ସେଥିପାଇଁ ଏତେ ମହାନ୍ କାର୍ଯ୍ୟକୁ ସେ ପାଇଖାନା ସହ ତୁଳନା କରିବାକୁ ପଛାଇଲେ ନାହିଁ। ଆମର ତାଙ୍କୁ ନିବେଦନ, ସେ ଥରୁଟିଏ ଗର୍ବ ଅହଂକାର ଛାଡ଼ି ପୁରୀ ଯାନ୍ତୁ। ସେଠାରେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ମହାପ୍ରଭୁ ହୁଏତ କ୍ଷମା କରିଦେବେ। ଏଥିସହ ଶ୍ରୀ ପ୍ରଧାନ ଭଲ କରି ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖନ୍ତୁ। ଫଳରେ ସେ ଜାଣିପାରିବେ କୋଟି କୋଟି ଶ୍ରଦ୍ଧାଳୁଙ୍କ ପାଇଁ ଏହି ପ୍ରକଳ୍ପ କେତେ ଉପାଦେୟ ହୋଇଛି। ଏହା ଲୋକଙ୍କ ଭାବାବେଗ ସହିତ କେତେ ଜଡ଼ିତ। ଏହି ଅବସରରେ ବିଜେଡି ମୁଖପାତ୍ର ଡଃ ଲେନିନ୍ ମହାନ୍ତି କହିଛନ୍ତି, ଲୋକେ ଶ୍ରୀ ପ୍ରଧାନଙ୍କୁ ମିଛୁଆ ବୋଲି ଜାଣିଛନ୍ତି। ଗତକାଲି ସେ ଯେଉଁ ସାମ୍ବାଦିକ ସମ୍ମିଳନୀ କଲେ ତାହା ଦେଖି ଲୋକେ ତାଙ୍କୁ ସୁପର ମିଛୁଆ ବୋଲି କହିବା ଆରମ୍ଭ କରିଛନ୍ତି। ଯେଉଁ ପ୍ରକଳ୍ପକୁ ନେଇ ପ୍ରତିଦିନ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଖୁସି ହେଉଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛନ୍ତି, ତାକୁ ନିନ୍ଦିବାକୁ ସେ ପଛାଉନାହାନ୍ତି। କେବଳ ନିର୍ବାଚନ ଲଢୁଛନ୍ତି ବୋଲି କ'ଣ ମହାପ୍ରଭୁଙ୍କୁ ଅପମାନିତ କରିବେ। ତାଙ୍କୁ ନେଇ ରାଜନୀତି କରିବେ? ଓଡ଼ିଶାବାସୀ ସବୁ ଦେଖୁଛନ୍ତି, ଠିକଣା ସମୟରେ ଠିକଣା ଜବାବ୍ ଦେବେ ବୋଲି ଡଃ ମହାନ୍ତି କହିଛନ୍ତି।

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ନାରାୟଣ ସାହୁ**

ବରିଷ୍ଠ ସମାଜସେବୀ,
ସୋଲପେଟା, କୋରେଇ, ଯାଜପୁର
ଆବିର୍ଭାବ: ୧୯.୦୮.୧୯୫୧ । ତିରୋଧାନ: ୨୫.୦୪.୨୦୨୪

ଆପଣଙ୍କ ଅନାବିଳ ସ୍ନେହଶ୍ରଦ୍ଧା ଓ ମାର୍ଗଦର୍ଶନ ଆମର ପାଥେୟ ହେଉ। ଆପଣଙ୍କ ପ୍ରତିଟି ସ୍ମୃତି ଅଭୁଲା ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମା ବିରଜା ଓ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।

ଆପଣଙ୍କ ହତଭାଗ୍ୟ

ଜଗବନ୍ଧୁ, ବିଦ୍ୟାଧର, ଅକ୍ଷୟ, ଶ୍ରୀଧର, ସୁରେଶ, ପରେଶ, ଆନନ୍ଦ, ବିନୋଦ, ରଞ୍ଜୁ, ସୁବାସ, ପ୍ରମିଳା, ଜାନକୀ, ସବିତା, କବିତା, ସସ୍ମିତା, ରିତା, ଲିଜା, ଲିଟୁ, ଲିନୁ, ସୁଲଗ୍ନା, ଶ୍ରୀଭଶ୍ରୀ, ପ୍ରୀତି, ପ୍ରାଚୀ, ଓମ୍, ସାଇ, ରାମ, ଶ୍ୟାମ ଓ ଦାମ ଏବଂ ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଗ୍ରାମବାସୀ ଓ ଛାତ୍ରସମାଜ

# ପୁରୁଣା ରିଜର୍ଭ ପୁଲିସ ଛକ ରାସ୍ତାରେ ଜଳିଗଲା କାର୍

**ବରଗଡ଼, ୪।୫ (ସମିସ) :** ବରଗଡ଼-ଭେଡେନ ରାସ୍ତାର ପୁରୁଣା ରିଜର୍ଭ ପୁଲିସ ନିକଟରେ ଏକ ଚଳନ୍ତା କାରରେ ହଠାତ୍ ନିଆଁ ଲାଗି ହୁତୁହୁତୁ ଜଳି ଉଠିଥିଲା। କାର ଭିତରେ ବସିଥିବା ଯାତ୍ରୀ ମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶନିବାର ଅପରାହ୍ନରେ ଓଡି ୧୫ ବି ୫୩୫୨ ନମ୍ବର ବିଶିଷ୍ଟ ଏକ ଡଷ୍ଟର କାର ଯାଉଥିବା ସମୟରେ ବରଗଡ଼ ପୁରୁଣା ରିଜର୍ଭ ପୁଲିସ ଛକ ନିକଟରେ ଜଳି ଯାଇଥିଲା। ସର୍ଟ୍‌ସର୍କିଟ ଯୋଗୁଁ କାରଟି ଜଳିଯାଇଥିବା ଅନୁମାନ କରାଯାଉଛି। ଘଟଣା ପରେ ଡ୍ରାଇଭର ଓ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖାଯାଇଛି। ଭେଡେନ ପଟରୁ କାର ଆସୁଥିବା ସମୟରେ ଇଞ୍ଜିନରେ ଧୂଆଁ ବାହାରିଥିଲା ଏବଂ ପରେ କାରରେ ନିଆଁ ଲାଗି ଯାଇଥିଲା।



# ଗାଧୋଇବା ବେଳେ ପାଣିରେ ବୁଡ଼ି ନାବାଳିକାର ମୃତ୍ୟୁ

**ଅମ୍ବାଭୋନା, ୪।୫(ସମିସ):** ମା ଆଉ ୬ ବର୍ଷ ର ଝିଅ ଦିନ ୧୧ ଟା ସମୟରେ ଘରକାମ ସାରି ଗାଁ ମୁଣ୍ଡରେ ଥିବା ପାନିଖାଇ ନାମକ ପୋଖରୀକୁ ଗାଧୋଇ ଯାଇଥିଲେ। ଦୁହେଁ ପୋଖରୀରେ ଗାଧୋଉ ଥିବା ବେଳେ ମାଙ୍କ ଅଜାଣତରେ ଝିଅ ପାଣି ଭିତରେ ବୁଡି ମୃତ୍ୟୁ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ଏମିତି ଏକ ହୃଦୟ ବିଦାରକ ଘଟଣା ଶନିବାର ବରଗଡ଼ ଜିଲ୍ଲା ଆମ୍ବଭୋନା ବ୍ଲକ ଅନ୍ତର୍ଗତ ଦ୍ୱାରୀ ଗ୍ରାମରେ ଘଟି ଯାଇଛି। ଦ୍ୱାରୀ ଗ୍ରାମର ସୁନିତା ରୋହିଦାସ ଓ ତାଙ୍କ ଝିଅ ଦିବ୍ୟାଂଶି (୬) ଦିନ ୧୧ ଟା ସମୟରେ ଗାଧୋଇବା ପାଇଁ ଯାଇଥିଲେ। ଉଭୟେ ଗାଧୋଇବା ବେଳେ ମା ଜାଣି ପାରିଲାନି ଝିଅ ପାଣିରେ ବୁଡ଼ି ଯାଇଛି ବୋଲି। ଗାଧୋଇବା ପରେ ଘରକୁ ଯାଇଥିବ ବୋଲି ଭାବିଥିଲା। ମାତ୍ର ଘରକୁ ଆସି ଦେଖିଲା ବେଳକୁ ଝିଅ ଆସିନଥିବାରୁ ପଡ଼ୋଶୀଙ୍କ ସହାୟତାରେ ଖୋଜା ଖୋଜି ପରେ ପୋଖରୀ ଭିତରୁ ମୃତ ଦେହ ଉଦ୍ଧାର ହୋଇଥିଲା। ଅମ୍ବାଭୋନା ପୁଲିସ ମୃତ ଝିଅଟିର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି।

# ପ୍ରଚଣ୍ଡ ଖରାରେ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଅସନ୍ତୋଷ

**ପଦ୍ମପୁର, ୪।୫(ସମିସ):** ସାରା ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପଦ୍ମପୁର ତଥା ଆଖପାଖ ଅଞ୍ଚଳରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି। ଏଭଳି ସମୟରେ ଦୈନିକ ଅତି କମ୍ ରେ ୪/୫ ଘଣ୍ଟା ଅଘୋଷିତ ଭାବରେ ବିଦ୍ୟୁତ କାଟ ହେଉଛି। ଯାହା ଫଳରେ ଉପଭୋକ୍ତା ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ପଦ୍ମପୁର ଅଞ୍ଚଳରେ ବିଦ୍ୟୁତ କାଟର କୌଣସି ସମୟ ନାହିଁ। ସକାଳ, ମାଧ୍ୟାହ୍ନ, ଅପରାହ୍ନ ଓ ରାତି ଯେତେ ବେଳେ ଇଚ୍ଛା ସେତେବେଳେ ଘଣ୍ଟା ଘଣ୍ଟା ଧରି ଲାଇନ କଟୁଛି। ପ୍ରବଳ ଖରା ଓ ଝାଞ୍ଜିରେ ଲୋକେ ସିଝୁଥିବା ବେଳେ ବିଜୁଳି କାଟ ଅସହ୍ୟ ହେଉଛି। ପ୍ରବଳ ତାତିରୁ ମୁକ୍ତି ପାଇବା ପାଇଁ ଲୋକେ ଏସି, କୁଲର, ପଙ୍ଖା ବ୍ୟବହାର କରୁଥିବା ବେଳେ୍ ଟାଣ ଖରାରେ ବିଜୁଳି ଉଭାନ୍ ହୋଇଯାଉଛି। ଏ ସମ୍ପର୍କରେ ଅଭିଯୋଗ ଦେବାକୁ ଗଲାବେଳେ ବିଭାଗୀୟ ଅଧିକାରୀ ବେଳେ ବେଳେ ଫୋନ ଉଠାଉ ନାହାଁନ୍ତି। ଟ୍ରିପ ନେଇଛି, ମରାମତି ଚାଲିଛି ବୋଲି କହି ଉପଭୋକ୍ତାଙ୍କୁ କହୁଛନ୍ତି। ଟାଟା ପାୱାର ବିଦ୍ୟୁତ ଯୋଗାଣ ଦାୟିତ୍ୱ ଦେଇଥିବା ବେଳେ ଲୋକମାନେ ସମସ୍ୟା ସୁଧୁରିବ ବୋଲି ଆଶା କରୁଥିଲେ ମାତ୍ର ତାହା ଫସର ଫାଟିଛି।

# କାଉନସିଲରଙ୍କ ବଦାନ୍ୟତା; ପାଇଥିବା ପର୍ସ ଓ ମୋବାଇଲ ଫେରାଇଲେ



**ବରଗଡ଼, ୪।୫(ସମିସ):** ବରଗଡ଼ ୱାର୍ଡ ନମ୍ବର୍ ୧୧ ର କାଉନସିଲର ସୁନନ୍ଦା ପଣ୍ଡାଙ୍କ ସହ ବିଜେଡିର ମହିଳା ସଦସ୍ୟା ରୀତାଞ୍ଜଳି ଦାଶ, ଜୟନ୍ତୀ ପ୍ରଧାନ, ମୀନା ଠାକୁର, ସରୋଜିନୀ ରାଉତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ବାହାରିଥିଲେ। ପ୍ରତ୍ୟେକ ଘରକୁ ଯାଇ ମା ଭଉଣୀଙ୍କ ସହ ସାକ୍ଷାତ ହେବା ସହ ସୁଖ ଦୁଃଖର ଆଦାନ ପ୍ରଦାନ କରୁଥିଲେ। ଏହି ସମୟରେ ରାସ୍ତାରେ ପଡ଼ିଥିବା ଏକ ଲେଡିଜ ପର୍ସ ପାଇ ବରଗଡ଼ ଥାନାରେ ଜମା ଦେଇଥିଲେ ପର୍ସରେ ଦୁଇଟି ମୋବାଇଲ ଫୋନ ସହ ଆଧାର କାର୍ଡ, ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ସହ କିଛି ପଇସା ମଧ୍ୟ ଥିଲା। ସେଥିରେ ଥିବା ଫୋନ୍ ନମ୍ବରକୁ ଫୋନ କରି ଯାହାର ପର୍ସ ତାକୁ ପୁଲିସ ଅଧିକାରୀଙ୍କ ସାମ୍ନାରେ ହସ୍ତାନ୍ତର କରିଥିଲେ। ଏହି ମହାତ କାର୍ଯ୍ୟ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଥିବା କାଉନସିଲର ଶ୍ରୀମତୀ ପଣ୍ଡା ଓ ଅନ୍ୟ ସମାଜ ସେବୀକା ମାନଙ୍କୁ ବିଧାୟକ ଦେବେଶ ଆଚାର୍ଯ୍ୟ ସାଧୁବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

**ରୋଗୀଙ୍କୁ ଘାରିଛି ରକ୍ତ ଚିନ୍ତା**

# ଗ୍ରୀଷ୍ମ ପ୍ରଭାବ ଯୋଗୁଁ ରକ୍ତଭଣ୍ଡାର ଖାଲି

**ବରଗଡ଼, ୪।୫(ସମିସ)**

ବର୍ତ୍ତମାନ ପରିସ୍ଥିତିରେ ବରଗଡ଼ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଫଳରେ ରକ୍ତ ଆବଶ୍ୟକ କରୁଥିବା ରୋଗୀ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରକ୍ତ ଭଣ୍ଡାରରେ ପାଖାପାଖି



ହଜାରେ ୟୁନିଟ୍ ରକ୍ତ ଗଚ୍ଛିତ ରହିପାରିବାର ସୁବିଧା ଥିଲେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତଦାନ ଶିବିର ହେଉନଥିବାରୁ ଏହା ଖାଲି ପଡ଼ିଛି। ଶନିବାର ରକ୍ତଭଣ୍ଡାରରେ ଏ ପଜିଟିଭ ୨ ୟୁନିଟ, ଏବି ପଜିଟିଭ ୬ ୟୁନିଟ, ବି ପଜିଟିଭ ୧୫ ୟୁନିଟ, ଓ ପଜିଟିଭ ୧୭ ୟୁନିଟ ଉପଲବ୍ଧ ଥିବା ବେଳେ ଏ ନେଗଟିଭ, ବି ନେଗଟିଭ, ଓ ନେଗଟିଭ ଏବଂ ଏବି ନେଗଟିଭ ରକ୍ତ ଉପଲବ୍ଧ ନାହିଁ। ପ୍ରାୟତଃ ଗ୍ରୀଷ୍ମ ଋତୁରେ ଜିଲ୍ଲାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କମି ଯାଉଥିବାରୁ ଏପରି ସ୍ଥିତି ଦେଖିବାକୁ ମିଳିଛି। ପ୍ରତ୍ୟହ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମେତ ସହରାଞ୍ଚଳ ଡାକ୍ତରଖାନାରେ ପ୍ରତ୍ୟହ ୫୦ ରୁ ୬୦ ଜଣ ରୋଗୀଙ୍କୁ ରକ୍ତର ଆବଶ୍ୟକତା ପଡୁଛି। ସେଥିମଧ୍ୟରୁ ପ୍ରସୂତୀ, ସିକିଲିନ୍, ଥାଲାସେମିଆ ରୋଗୀଙ୍କୁ ରକ୍ତଭଣ୍ଡାରରୁ ମାଗଣାରେ ରକ୍ତ ଯୋଗାଇ ଦିଆଯାଇଥାଏ। ଅପରପକ୍ଷେ ବର୍ତ୍ତମାନ ସ୍ଥିତିରେ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ଦ୍ୱାରା ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କମିବାକୁ ଲାଗିଥିବା ବେଳେ ଆଗାମୀ କିଛି ଦିନ ମଧ୍ୟରେ ବରଗଡ଼ ରକ୍ତଭଣ୍ଡାରର ଗଚ୍ଛିତ ସମସ୍ତ ରକ୍ତ ସରିଯିବାର ଆଶଙ୍କା ରହିଛି। ଏପରି ସ୍ଥିତିରେ ଜନସାଧାରଣ ସ୍ୱେଚ୍ଛାକୃତ ଭାବରେ ବରଗଡ଼ ରକ୍ତଭଣ୍ଡାରରେ ରକ୍ତଦାନ କରିବାକୁ ବିଭିନ୍ନ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ନିବେଦନ କରାଯାଇଛି।

**ସେମାନେ କହନ୍ତି..**



ବହୁ କ୍ଷେତ୍ରରେ ରୋଗୀମାନଙ୍କ ସମ୍ପର୍କୀୟ ନିଜେ ରକ୍ତଦାନ କରିବା ବଦଳରେ ସାମାଜିକ ସଂଗଠନ ଉପରେ ନିର୍ଭର କରୁଛନ୍ତି। ଅପରପକ୍ଷେ ବର୍ତ୍ତମାନର ଗ୍ରୀଷ୍ମ ଋତୁରେ ନୂଆ ରକ୍ତଦାତା ରକ୍ତଦାନ କରିବାକୁ ଆଗଭର ହେଉନାହାନ୍ତି। ଏପରି ସ୍ଥଳେ ରକ୍ତର ଅଭାବ ପରିଲକ୍ଷିତ ହେଉଛି। ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ସୁସ୍ଥ ଲୋକ ରକ୍ତଦାନ କରିବାକୁ ଆଗେଇ ଆସିଲେ ରକ୍ତ ଅଭାବ ପରିସ୍ଥିତି ସୁଧୁରି ପାରନ୍ତା।

**ଜି.ରମେଶ, ସମ୍ପାଦକ ସଂକଳ୍ପ ପରିବାର**



ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ରକ୍ତର ବିକଳ୍ପ ସୃଷ୍ଟି କରିପାରିନାହିଁ ଯାହା କେବଳ ଆମ ଶରୀର ରେ ହିଁ ତିଆରି ହୋଇଥାଏ। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ସମୟରେ ରକ୍ତର ଅଭାବ ପରିଲକ୍ଷିତ ହେଉଛି। ଅତି ଆବଶ୍ୟକ ସମୟରେ ରକ୍ତ ନ ପାଇ ରୋଗୀ ଓ ପରିଜନ ଅନେକ ସମସ୍ୟା ଭୋଗୁଛନ୍ତି। ଏପରିକି ପରିବାର ସଦସ୍ୟ ମଧ୍ୟ ରକ୍ତ ଦେବା ପାଇଁ କୁଣ୍ଠାବୋଧ କରି ସମାଜସେବୀ ସଂସ୍ଥା ମାନଙ୍କ ଉପରେ ନିର୍ଭର କରୁଛନ୍ତି। ସମସ୍ତଙ୍କୁ ନିବେଦନ ନିଜେ ପ୍ରଥମେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରନ୍ତୁ ଏବଂ ମିଳିମିଶି ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ଅଭାବ ସଙ୍କଟକୁ କିଛିକାଂଶରେ ଦୂର କରନ୍ତୁ।

**ନିଲେଶ କୁମାର ପ୍ରଧାନ, ସ୍ୱେଚ୍ଛାସେବୀ**



ସମ୍ପ୍ରତି ବରଗଡ଼ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗିରହିଥିବା ବେଳେ ବରଗଡ଼ ମୁଖ୍ୟ ଡାକ୍ତରଖାନାରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହୋଇଛି। ବରଗଡ଼ରେ ଦୈନିକ ୭୦ ରୁ ୮୦ ୟୁନିଟ ରକ୍ତର ଆବଶ୍ୟକତା ରହିଥିବା ବେଳେ ବହୁ କଷ୍ଟରେ ବ୍ୟକ୍ତିଗତ ତଥା କ୍ୟାମ୍ପ ମାଧ୍ୟମରେ ମାତ୍ର ୨୦ ରୁ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇପାରିଛି। ଏପରି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ରକ୍ତଦାନ ପାଇଁ ପ୍ରଚେଷ୍ଟା କରିବା ଉଚିତ। ଏଥିସହ ନୂଆ ରକ୍ତଦାତାଙ୍କୁ ମଧ୍ୟ ଉତ୍ସାହିତ କରିବାର ଆବଶ୍ୟକତା ରହିଛି।

**ରମଣୀ ରଞ୍ଜନ ବେହେରା, ରକ୍ତଦାତା**

# ବରିଷ୍ଠ ନାଗରିକଙ୍କ ଆଶିଷ ଭିକ୍ଷା କଲେ ଦେବେଶ



**ବରଗଡ଼, ୪।୫(ସମିସ):** ବରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ନିର୍ବାଚନ ପ୍ରଚାରରେ ବିଭିନ୍ନ ଗ୍ରାମରେ ଯୁବକ, ମହିଳା ମତଦାତାଙ୍କୁ ଭେଟୁ ଥିବା ବେଳେ ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ଭାବେ ଭେଟି ତାଙ୍କର ଅସୁବିଧା ସୁବିଧା ପଚାରି ବୁଝିବା ସହିତ ଆଗାମୀ ନିର୍ବାଚନରେ ବିଜେଡିକୁ ଆଶୀର୍ବାଦ ପ୍ରଦାନ ପାଇଁ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା। ବିଧାୟକ ଶ୍ରୀ ଆଚାର୍ଯ୍ୟ ସରସରା ପଞ୍ଚାୟତ କଟାଟିକ୍ରା ଗ୍ରାମରେ ନିଜର ନିର୍ବାଚନ ପ୍ରଚାର କରୁଥିବା ସମୟରେ ହଠାତ କିଛି ବରିଷ୍ଠ ନାଗରିକଙ୍କ ଉପରେ ତାଙ୍କ ନଜର ପଡ଼ିଥିଲା। ତେବେ ଦେବେଶ ତାଙ୍କ ପାଖକୁ ଯାଇ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାର ସୁଫଳ ପାଉଛନ୍ତି କି ନାହିଁ ବୋଲି ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ପଚାରି ବୁଝିଥିବା ବେଳେ ତାଙ୍କ ଠାରୁ ସକାରାତ୍ମକ ଉତ୍ତର ପାଇ ବିଧାୟକ ଦେବେଶ ଆଚାର୍ଯ୍ୟ ଖୁସି ବ୍ୟକ୍ତ କରିଥିଲେ।

# ପୂର୍ବତନ ବିଶ୍ୱ ହିନ୍ଦୁ ପରିଷଦ ସଭାପତିଙ୍କ ସମେତ ବିଭିନ୍ନ ଦଳର ନେତାଙ୍କ ବିଜେଡିରେ ଯୋଗଦାନ

**ବରଗଡ଼, ୪/୫( ସମିସ):** ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ପୌରାଧକ୍ଷା କଳ୍ପନା ମାଝୀ ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବରଗଡ଼ର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି ନିଧୁବନ ବିହାରି ପ୍ରସାଦ ପଣ୍ଡା, ବିଜେପି ନେତା ହେମନ୍ତ ପୁରୋହିତ, ଆଇନଜୀବୀ ସୁଶୀଲ କୁମାର ଶତପଥୀ, ଡ. ସୁମିତ କୁମାର ଦାସ, ବିଜୟ ଶତପଥି, ରାଜେନ୍ଦ୍ର ମହାନ୍ତି, ଅମିୟ ଶତପଥି, ରୋହିତ ସିଂହ, ମନୋଜ ନାୟକ, ପ୍ରବୁଦ୍ଧ ଦତ୍ତ ବିର୍ତିଆ, ଭୀମ ଆର୍ମି ଜିଲ୍ଲା ସଭାପତି ଆଶିଷ ଗୌତମ, ମହମ୍ମଦ ଅମିନ, ମହମ୍ମଦ ଇଯାଜ, ମହମ୍ମଦ ସଲିମ୍, ଲକ୍ଷ୍ମଣ ସୁନା, ଦିଲେଶ୍ୱର ତାଣ୍ଡି, ସୁଦାମ କୁମ୍ଭାର ପ୍ରମୁଖଙ୍କ ବିଭିନ୍ନ ଦଳର ଶତାଧିକ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ନୂତନ ଯୋଗ ଦେଇଥିବା ସଦସ୍ୟମାନେ ରାଜ୍ୟରେ ନବୀନ ବାବୁଙ୍କ ବ୍ୟକ୍ତିତ୍ୱ ଓ ବରଗଡ଼ରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଉଲ୍ଲେଖ କରିଥିବା ବେଳେ ବରଗଡ଼ ବିଜୁ ଜନତା ଦଳ ତରଫରୁ ସ୍ୱାଗତ କରାଯାଇଥିଲା।





# ବିଜେଡିର ମିଶ୍ରଣ ପର୍ବ

**ବରଗଡ଼, ୪।୫(ସମିସ):** ଶନିବାର ବରଗଡ଼ରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱ, ଆଦର୍ଶ ଓ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ପ୍ରଧାନପାଲି ଓ ତୋରା ଟାଙ୍ଗରପଡ଼ାର ଶତାଧିକ ଯୁବକ ବିଜେଡିରେ ଯୋଗ ଦେଇଛନ୍ତି। ପ୍ରଧାନପାଲି ଗ୍ରାମର ହୃଷିକେଶ ସେଟ, ବିଭୂତି ନାଏକ, ଅକ୍ଷୟ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଯୁବକ ଯୋଗ ଦେଇ ଆଗାମୀ ଦିନରେ ବିଜେଡିକୁ ସଶକ୍ତ କରିବା ପାଇଁ ସଂକଳ୍ପ ନେଇଥିଲେ। ସେହିପରି ତୋରା ଟାଙ୍ଗରପଡ଼ାର ମଧ୍ୟ ୩୦ ରୁ ଉର୍ଦ୍ଧ୍ୱ ଯୁବକ ବିଜେଡିରେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ଦେବେଶ ଆଚାର୍ଯ୍ୟ, ଜମୁର୍ଡା ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# କୃଷକ ସଂଗଠନର ଗାଁକୁ ଚାଲ ନିଷ୍ପତ୍ତି

**ପଦ୍ମପୁର, ୪।୫ (ସମିସ)**

ରାଜବୋଡ଼ାସମ୍ବର କୃଷକ ସଂଗଠନ ପଦ୍ମପୁରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗାଁ କୁ ଚାଲ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜବୋଡ଼ାସମ୍ବର କୃଷକ ସଂଗଠନ ପଦ୍ମପୁର ନେତୃତ୍ୱରେ କୃଷକମାନଙ୍କ ବିଭିନ୍ନ ଦାବି ନେଇ ଦୀର୍ଘ ୫୫୫ ଦିନ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହୋଇଥିଲା। ତନ୍ମଧ୍ୟରୁ ବରଗଡ଼ ଜିଲ୍ଲା ପାଇଁ ସର୍ବାଧିକ ୪୦୦ କୋଟିର ଫସଲ ବୀମା ରାଶି ମିଳିଛି। ସାରା ପଶ୍ଚିମ ଓଡ଼ିଶା କୁ ମୋଟ ୨୦୦ କୋଟି ଇନପୁଟ ସହାୟତା ରାଶି ମିଳିଥିବା ବେଳେ ତହିଁରୁ ୫୨ କୋଟି ପଦ୍ମପୁର ଉପଖଣ୍ଡ ଚାଷୀଙ୍କୁ ମିଳିପାରିଛି। ସଂଗଠନର ଆନ୍ଦୋଳନ ବରଗଡ଼ ସହ ସମାନ ଭାବେ ପଦ୍ମପୁର ଉପଖଣ୍ଡର ଧାନମଣ୍ଡି ଖୋଲିଥିଲା, ଅନେକ ମଣ୍ଡିରେ ଛାଉଣୀ ଓ ପିଣ୍ଡି ତିଆରି ହୋଇଛି, କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ୩୨ଟି ନୂଆଁ ସମବାୟ ସମିତି ଖୋଲିଥିଲା, ସଂଗଠନର ଚାରିଗୋଟି ପ୍ରସ୍ତାବିତ ଦାବି ମଧ୍ୟରୁ ଅଙ୍ଗ ନଦୀରେ ମାଣ୍ଡିଆଡ଼ିପା ଠାରେ ୧୦୪ କୋଟିରେ ନଦୀ ଗର୍ଭ ଜଳାଶୟକୁ ମଞ୍ଜୁରୀ ମିଳି ପାରିଛି, ଲଖମରା ସେତୁ ହୋଇଛି, ଅନେକ ଚାଷୀଙ୍କ ଗଭୀର ନଳକୂପରେ ବିଦ୍ୟୁତ ସଂଯୋଗ ହୋଉପାରିଛି ଓ ତଥାପି ୧୨୫ କୋଟି ଟଙ୍କା ଫସଲ ବୀମା ମିଳିନାହିଁ। ଫଳରେ କୃଷକ ସଂଗଠନ କୋର୍ଟର ଦ୍ୱାରସ୍ଥ ହୋଇଛି



ଓ ସମସ୍ତ ଚାଷୀଙ୍କୁ ଇନପୁଟ ସହାୟତା ରାଶି ମିଳିନାହିଁ ଓ ମିଗଜୋମ କ୍ଷୟକ୍ଷତି କେବଳ ନାମକୁ ମାତ୍ର ମିଳିଛି, ଅନେକ ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି ଓ ଆଗାମୀ ୮ ତାରିଖରେ ସଂଯୁକ୍ତ କୃଷକ ମୋର୍ଚ୍ଚାର ବରଗଡ଼ ଉପଖଣ୍ଡରେ ହେବାକୁ ଥିବା ବାଇକ ରାଲି ରେ ରାଜବୋଡ଼ାସମ୍ବର କୃଷକ ସଂଗଠନ ସାମିଲ ହେବା ନିଷ୍ପତ୍ତି ନିଆଗଲା ଓ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କୃଷକ ସଂଗଠନ ପ୍ରତ୍ୟେକ ଗାଁକୁ ଯାଇ ଚାଷୀ ସମସ୍ୟା ଓ ସରକାର ମାନଙ୍କ ଉଦାସୀନତାକୁ ଆଲୋଚନା କରି ଦୃଢ଼ ନିଷ୍ପତ୍ତି ନେବା ପାଇଁ 'ଗାଁ କୁ ଚାଲ ' କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୧୨ଟି ଚାଷୀ ସମସ୍ୟା ସମ୍ମିଳିତ ଏକ ପୋଷ୍ଟର ବାହାର କରାଯାଇଛି ଓ ସେଥିରେ ସବୁ ଚାଷୀଙ୍କ ଋଣ ଛାଡ଼, ଧାନ କ୍ୟୁଣ୍ଟାଲ ୪ ହଜାର, ଯେତେ ଦିନ ପର୍ଯ୍ୟନ୍ତ ଧାନ ଦର ବୃଦ୍ଧି ନ ହୋଇଛି ଏକ ହଜାର ଟଙ୍କା ବୋନସ, ବିସ୍ଥାପନ ବିହୀନ ଜଳ ସେଚନ, ବିଦ୍ୟୁତ ବିଲ ଛାଡ଼, ୩ ହଜାର ଟଙ୍କା ଭତ୍ତା, ଜଙ୍ଗଲଜାତ ଦ୍ରବ୍ୟର ମୁଲ୍ୟ ଏବଂ ବଜାର ବ୍ୟବସ୍ଥା, ଫସଲ ନଷ୍ଟର କ୍ଷତିପୂରଣ, ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି, ଗୁଣାତ୍ମକ ଶିକ୍ଷା ଓ ସୁନିଶ୍ଚିତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଆଦି କୁ ନିର୍ବାଚନୀ ପ୍ରସଙ୍ଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚାଷୀଙ୍କ କେତେକ ସମସ୍ୟା ରହିଛି ଓ କେତେ ସମାଧାନ କରିଛନ୍ତି ଗାଁ ଗାଁ ରେ ଆଲୋଚନା ହେବ ଏବଂ ନିର୍ବାଚନରେ ତାର ଉଚିତ ଜବାବ ଦିଆଯିବ ବୋଲି ପ୍ରସ୍ତାବ ଆଗତ ହୋଇଛି। ବୈଠକ ରେ ରମେଶ ମହାପାତ୍ର, ଅଶୋକ ସାହୁ, ଅଜିତ ଶତପଥି, ମୀନକେତନ ବିଶ୍ୱାଳ, କୁଳମଣି ବାରିକ, ଲିଙ୍ଗରାଜ ପ୍ରଧାନ, ପ୍ରକାଶ ଦାସ, ବିରେନ ପ୍ରଧାନ, କୈଳାସ ବାରିକ, ରୋହିତ ପଧାନ, ଯୋଗେନ୍ଦ୍ର ମେହେର, ନବୀନ ବେହେରା, ଚିତ୍ତ ପାଣ୍ଡେ, ବିଜୟ ସାହୁ, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ର ସୁବାସ ବରିହା, ରୁକ୍ମଣ, ସାନନ୍ଦ ବେହେରା ସମେତ ଅନେକ ଚାଷୀ ସାମିଲ ହୋଇଥିଲେ।

# ଭେଡେଁରିଆଛକରେ ଟ୍ରାଫିକ୍ ସମସ୍ୟା



**ପଦ୍ମପୁର, ୪।୫ (ସମିସ):** ପଦ୍ମପୁର ସହରର ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜନସାଧାରଣ ଯିବା ଆସିବା କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ବ୍ୟବସ୍ଥିତ କରିବା ପାଇଁ ଏହି ଛକରେ ଏବେ ସ୍ୱୟଂଚାଳିତ ଟ୍ରାଫିକ ସିଗନାଲ ବ୍ୟବସ୍ଥା କରାଯାଇଛି। ମାତ୍ର ଛକରେ ଉଠାଦୋକାନ ଓ ବେଆଇନ ପାର୍କିଂ ଯୋଗୁଁ ରାସ୍ତା ସବୁବେଳେ ଅବରୋଧ ହେଉଛି। ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମୁତୟନ ଥିଲେ ମଧ୍ୟ ଟ୍ରାଫିକ ସମସ୍ୟା ସୁଧୁରିବାର ନା ଧରୁନି। ଟ୍ରାଫିକ ସିଗ୍ନାଲକୁ ମଧ୍ୟ ଲୋକେ ମାନୁନଥିବାରୁ ଏହି ସମସ୍ୟା ଜଟିଳ ହୋଇ ପଡ଼ିଛି। ରାସ୍ତାରୁ ଅବରୋଧ ହଟେଇବା ସହିତ ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ସାଧାରଣ ରେ ଦାବି ହେଉଛି।

### ଧର୍ମେନ୍ଦ୍ରଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରାରେ କଳାକାରଙ୍କ ମୃତ୍ୟୁ ଘଟଣା

# ପରିବାରକୁ ପୋଷ୍ୟ ଗ୍ରହଣ କଲା ବିଜେଡି



**ଧର୍ମେନ୍ଦ୍ରଙ୍କ ପାଇଁ ମାନବିକତା ବଡ଼ ନୁହେଁ: ବିଜେଡି**

**ଗରିବ କଳାକାର ପ୍ରାଣ ହରାଇଲା, ପଚାରିଲେନି**

**ବିଜେଡି ସଂଗଠନ ସମ୍ପାଦକ କଲେ ହସ୍ତକ୍ଷେପ**

**ଭୁବନେଶ୍ୱର, ୪।୫(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ରାଜନୀତି ଆଗରେ ଗରିବ ଲୋକର ମୃତଦେହ ତୁଚ୍ଛ ହୋଇଗଲା। ଶବକୁ ଚାହିଁଲେନି କି ତାଙ୍କ ଗରିବ ପରିବାର କଥା ବୁଝିବାକୁ ଉଚିତ ମଣିଲେନି। କିନ୍ତୁ ମାନବିକତା ଦେଖାଇଲେ ସମ୍ବଲପୁର ବିଜେଡି ସାଂସଦ ପ୍ରାର୍ଥୀ ତଥା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଗତକାଲି ଧର୍ମେନ୍ଦ୍ରଙ୍କ ନିର୍ବାଚନ ରାଲିରେ ଯୋଗଦେଇ ପ୍ରଚଣ୍ଡ ଖରାରେ ପ୍ରାଣ ହରାଇଥିବା କଳାକାର ପରିବାକୁ ପୋଷ୍ୟ ଭାବେ ଗ୍ରହଣ କଲେ ବିଜେଡି ସଂଗଠନ ସମ୍ପାଦକ। ଶ୍ରୀ ଦାସଙ୍କ ଉଦ୍ୟମକ୍ରମେ ମୃତକଙ୍କ ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରିଛି ବିଜେଡି।

ଆଜି ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ମୁଖପାତ୍ର ଡଃ ଲେନିନ୍ ମହାନ୍ତି କହିଛନ୍ତି ଯେ ସମ୍ବଲପୁରବାସୀଙ୍କ ହଳିଆ ହେବି ବୋଲି କହୁଥିବା ଧର୍ମେନ୍ଦ୍ର ପ୍ରଧାନ କେବଳ ନିଜର ସ୍ୱାର୍ଥ ପାଇଁ ନିର୍ବାଚନ ଲଢୁଛନ୍ତି ବୋଲି ଗତକାଲିର ଘଟଣାରୁ ସ୍ପଷ୍ଟ ହୋଇଛି। କ୍ଷମତା ଲାଳସାରେ ଧର୍ମେନ୍ଦ୍ର ଏଭଳି ଭାବରେ ବୁଡ଼ି ରହିଛନ୍ତି ଯେ ଭୋଟରଙ୍କ ଭଲମନ୍ଦ ବୁଝିବାକୁ ତାଙ୍କ ପାଖରେ ସମୟ ନାହିଁ। ସମ୍ବଲପୁରବାସୀଙ୍କ ଶବର ପାହାଚ ଚଢ଼ି କ୍ଷମତା ଗାଦିରେ ବସିବା ଧର୍ମେନ୍ଦ୍ରଙ୍କର ଏକମାତ୍ର ଲକ୍ଷ୍ୟ ହୋଇଛି। ଶ୍ରୀ ପ୍ରଧାନ ଦିନରାତି ନିର୍ବାଚନ ପ୍ରଚାରରେ ମାତିଛନ୍ତି। ଭୋଟ ଛଡ଼ା ତାଙ୍କୁ ଆଉ କିଛି ଦିଶୁନାହିଁ। ତାଙ୍କ ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମରେ ସାମିଲ ହୋଇ ଜଣେ ଗରିବ ପରିବାରର ରୋଜଗାରିଆ ବ୍ୟକ୍ତିଙ୍କ ଜୀବନ ଗଲା। ହେଲେ ଏକଥା କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାନାହିଁ କିମ୍ବା ଜାଣିଶୁଣି ଚୁପ ରହିଛନ୍ତି।

ଶ୍ରୀମତୀ ଦେଓ କହିଛନ୍ତି, ନିର୍ବାଚନ ତ ଆସିବ ଯିବ। ନେତାଙ୍କ ପାଇଁ ଜନତା ନୁହେଁ, ଜନତାଙ୍କ ପାଇଁ ନେତା। ସାଂସଦ ହେବା ପାଇଁ ଲାଳସା ରଖୁଥିବା ଶ୍ରୀ ପ୍ରଧାନଙ୍କ ମନରେ ଏହି ସାମାନ୍ୟ ବିଚାର ଆସିପାରୁନାହିଁ। ଗତ ବୁଧବାର ଦିନ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ଆସନ ପାଇଁ ନାମାଙ୍କନ ଦାଖଲ କରିବାକୁ ଯିବା ସମୟରେ ଏକ ରାଲିର ଆୟୋଜନ କରିଥିଲେ। ଲୋକ ଭିଡ଼ ଦେଖାଇବା ପାଇଁ ଦୂରଦୂରାନ୍ତରରୁ ଲୋକଙ୍କୁ ଡକାଇଥିଲେ। ଏପରିକି, ୪୦ଟି ସାଂସ୍କୃତିକ ଦଳକୁ ମଧ୍ୟ ଡାକିଥିଲେ। ଶୋଭାଯାତ୍ରାରେ ସାମିଲ ହେବାକୁ ଆସିଥିଲେ ବାମରା ବ୍ଲକ ଅର୍ନ୍ତଗତ ପିଣ୍ଡାଥର ଗ୍ରାମର ବାଘପଡ଼ା ନିବାସୀ କୁମର ମାଝୀ। ୪୩ ଡିଗ୍ରୀ ଖରାରେ ସହର ସାରା ବୁଲିବୁଲି ବାଜା ବଜାଇଲେ। କିନ୍ତୁ ଶୋଭାଯାତ୍ରାରେ ସାମିଲ ହୋଇଥିବା କଳାକାର କିମ୍ବା ଜନତାଙ୍କୁ ପାଣି ଟିକିଏ ଦେବାକୁ ଉଚିତ ମଣିଲାନି ବିଜେପି। ଫଳସ୍ୱରୂପ, କୁମର ମାଝୀ ଅଂଶୁଘାତର ଶିକାର ହୋଇ ପ୍ରାଣ ହରାଇଥିଲେ ବୋଲି ଚର୍ଚ୍ଚା ହେଉଛି। ପ୍ରାଣ ହରାଇଥିବା କୁମର ଏକା ନୁହନ୍ତି, ସେହିଦିନ ଧର୍ମେନ୍ଦ୍ରଙ୍କ ଶୋଭଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଜନତା ଭୋକଶୋଷରେ ଛଟପଟ ହୋଇଛନ୍ତି। କୁମର ମାଝୀଙ୍କ ମୃତ୍ୟୁକୁ ୭୨ ଘଣ୍ଟାରୁ ଅଧିକ ସମୟ ବିତିଥିଲେ ବି ବର୍ତ୍ତମାନ ସୁଦ୍ଧା ଧର୍ମେନ୍ଦ୍ର ପ୍ରଧାନ କିମ୍ବା ତାଙ୍କ ଦଳର କୌଣସି ନେତା ପରିବାର ପରିଜନଙ୍କୁ ଭେଟି ସମବେଦନା ଟିକିଏ ଜଣାଇନାହାନ୍ତି। ଏହା ଅତ୍ୟନ୍ତ ଅମାନବୀୟ ଓ ଜଘନ୍ୟ କଥା।

ଡଃ ମହାନ୍ତି କହିଛନ୍ତି, ସବୁ ପରିସ୍ଥିତିରେ ରାଜନୀତି କରିବା ବିଜେପି ନେତାମାନଙ୍କୁ ବେଶ୍ ଜଣା। ସେମାନେ ଗରିବ ହେଲେ ବି ତାଙ୍କର କ'ଣ ଜୀବନ ନାହିଁ, ତାଙ୍କର କ'ଣ ପରିବାର ନାହିଁ। ରାଲିକୁ ଡକାଇ ନୃତ୍ୟ, ବାଦ୍ୟ ପ୍ରଦର୍ଶନ କରୁଛନ୍ତି। କିନ୍ତୁ ଗୋଟିଏ ଗରିବ ଲୋକର ପ୍ରାଣ ଚାଲିଗଲେ ବି ଭୋଟ ମାୟାରେ ବାୟା ହୋଇଯାଇଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହେଲା ନାହିଁ। ସେତେଯେପରି ଶ୍ରୀ ପ୍ରଧାନ କିମ୍ବା ବିଜେପି ନେତାଙ୍କ ପାଖରେ ମାନବିତା ମୂଲ୍ୟବୋଧ ବୋଲି କିଛି ନାହିଁ। କିନ୍ତୁ ଏପରି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଜାଣିବା ପରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମକ୍ରମେ ମୃତକଙ୍କ ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରିଛି ବିଜୁ ଜନତା ଦଳ। ବିଜେଡିର କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆଙ୍କ ନେତୃତ୍ୱରେ ଏକ ନେତୃମଣ୍ଡଳୀ କୁମରଙ୍କ ଘରେ ପହଞ୍ଚିଥିଲେ। କୁମରଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ ଘରର ଆର୍ଥିକ ଅବସ୍ଥାରେ ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ। ଏପରି ବ୍ୟକ୍ତି ଯଦି ନିର୍ବାଚିତ ହୁଅନ୍ତି ତା ହେଲେ ଲୋକେ କେତେ ଭଲରେ ରହିବେ ତାହା ଜଳ ଜଳ ଦିଶୁଛି ବୋଲି ଡଃ ମହାନ୍ତି କହିଛନ୍ତି।

**ପ୍ରଥମ ପର୍ଯ୍ୟାୟ ନିର୍ବାଚନର ସାଂସଦ ପ୍ରାର୍ଥୀ**

## ଜଣେ ନିରକ୍ଷର, ୭ ଜଣ ମାଟ୍ରିକ୍ ପାସ୍

**ଭୁବନେଶ୍ୱର, ୪।୫(ସମିସ):** ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ସାଂସଦ ପ୍ରାର୍ଥୀଙ୍କ ମଧ୍ୟରେ ଜଣେ ନିରକ୍ଷର ଥିବା ବେଳେ ଦୁଇଜଣ ପ୍ରାର୍ଥୀ ଡକ୍ଟରେଟ୍ କରିଛନ୍ତି। ଓଡ଼ିଶା ଇଲେକ୍ସନ୍ ୱାଚ୍ ଏବଂ ଏଡିଆର ପକ୍ଷରୁ ଜାରି ରିପୋର୍ଟ ଅନୁସାରେ, ୩୭ଜଣ ପ୍ରାର୍ଥୀ ନିଜ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୪ଜଣଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ନେଇ +୨ ମଧ୍ୟରେ ସୀମିତ। ସେହିପରି ୨୨ ଜଣଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ଥିବା ବେଳେ ଜଣେ ପ୍ରାର୍ଥୀ ନିରକ୍ଷର ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଜଣେ ପ୍ରାର୍ଥୀ ଆଦୌ ପାଠ ପଢ଼ି ନଥିବା ବେଳେ ଜଣେ ପଞ୍ଚମ ଏବଂ ଜଣେ ପ୍ରାର୍ଥୀ ଅଷ୍ଟମ ପାସ୍ କରିଛନ୍ତି। ସେହିପରି ୭ଜଣ ମାଟ୍ରିକ୍ ପାସ୍ କରିଛନ୍ତି, ୫ଜଣ ଯୁକ୍ତ-୨ ପାସ୍, ୧୦ ଜଣ ଗ୍ରାଜୁଏସନ୍ କରିଛନ୍ତି। ୪ ଜଣ ପ୍ରାର୍ଥୀ ଗ୍ରାଜୁଏଟ୍ ବୃତ୍ତିଧାରୀ ଥିବା ବେଳେ ୬ ଜଣ ପିଜି ଏବଂ ୨ ଜଣ ଡକ୍ଟରେଟ୍ କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଲୋକସଭା ପାଇଁ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୪୧-୫୦ ବର୍ଷ ମଧ୍ୟରେ ସର୍ବାଧିକ ୧୪ ଅଛନ୍ତି। ସେହିପରି ୫୧-୬୦ ବର୍ଷ ମଧ୍ୟରେ ୯ ଜଣ, ୬୧-୭୦ ବର୍ଷ ମଧ୍ୟରେ ଥିବା ୪ ଜଣ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୨୫-୩୦ ବର୍ଷ ମଧ୍ୟରେ ୩ ଜଣ ଏବଂ ୩୧-୪୦ ବର୍ଷ ମଧ୍ୟରେ ୭ ଜଣ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରୁଛନ୍ତି। ୨୩ ଜଣ ପ୍ରାର୍ଥୀ (୬୨%)ଙ୍କ ବୟସ ୪୧ରୁ ୬୦ ମଧ୍ୟରେ ଅଛି। ଚାରି ଲୋକସଭା ଆସନରେ ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ହେଉଛି ମାତ୍ର ୭ (୧୯%)।

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/ 2024-25/E-procurement Tender Notice/02, ତା.29.04.2024ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

କ୍ରମ ସଂ. 01 : ଟେଣ୍ଡର ସଂ. 81245157, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସ୍ପ୍ରିଙ୍ଗ୍ ସେଟିଙ୍ଗ୍ ଡିଭାଇସ୍‌ର ଯୋଗାଣ, ପରିମାଣ : 135 ସେଟ୍।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 27.05.2024, 1500 ଘଟିକାରେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-83/P/24-25

**NOTICE**

The Partnership firm bearing Regn No. 935/16 DTD. 15.11.2016 in the name & style M/S OM SHREE SAI FILLING STATION situated At/Po/Ps:- Tarbha, Dist:-Subarnapur Pin:- 767016, Odisha is hereby dissolved w.e.f. 01.04.2024 i.e. the date of execution of the dissolution deed . (1) Ipsita Sahu & (2) Satish Kumar Sahu are the outgoing partners.

**Ipsita Sahu Satish Ku Sahu**
**Partner**

**LOST**

Original ROR (Patta) Khata No-928/1429 of Plot No-1839/3967 in the name of Babita Das, W/o-Anjan Ku Das (Plot No.9, Ashok Nagar, BBSR, Khurda-751009) has been lossed in Laxmisagar area under Laxmisagar PS. FIR has been lodged in Laxmisagar PS vide dt: 04/05/24. If anyone finds it please send to above address.

**AFFIDAVIT**

I, Mehboob Beig Mirza, S/o- Mirza Mahemud Baig, resident of At- Chandapur, Po/Ps- Raghunathpur, Dsit- Jagatasingapur, Pin- 754132, Odisha declare by this affidavit No.2945, dated- 30/04/2024, that now onwards I shall be known as **MIRZA MAHABOOB BAIG** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭଲ ଲୋକଙ୍କୁ...

୫୦କୋଟି, ଚାଷୀଙ୍କ ପାଇଁ ମହେନ୍ଦ୍ରତନୟା ନଦୀରେ ଡ୍ୟାମ୍ ନିର୍ମାଣ ପାଇଁ ୨ଶହ କୋଟି କିଏ ଦେଇଛି ବୋଲି ପ୍ରଶ୍ନ କରିଥିଲେ। ସବୁରି ମୁହଁରୁ ଗୋଟିଏ ଉତ୍ତର ଆସିଥିଲା ନବୀନ ପଟ୍ଟନାୟକ। ତା'ପରେ ନବୀନ ପଟ୍ଟନାୟକଙ୍କ ଚିହ୍ନ ଓ ପ୍ରଗତିର ଚିହ୍ନ କଣ ପ୍ରଶ୍ନର ଉତ୍ତରରେ 'ଶଙ୍ଖ' ଶବ୍ଦ ସମଗ୍ର ଅଞ୍ଚଳରେ ଗୁଞ୍ଜରିତ ହୋଇଥିଲା। ଶ୍ରୀ ପାଣ୍ଡିଆନ ଏହି ଅବସରରେ ବିଧାନସଭା ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ ।

ପାରଳାଖେମୁଣ୍ଡି ଷ୍ଟାଡିୟମ ଠାରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଓ ଶ୍ରୀ ପାଣ୍ଡିଆନଙ୍କ ସମେତ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ପାରଳାଖେମୁଣ୍ଡି ବିଧାୟକ ପ୍ରାର୍ଥୀ ଇଂ ରୂପେଶ ପାଣିଗ୍ରାହୀ, ମୋହନା ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ନବୀନଙ୍କ ନେତୃତ୍ୱରେ ଦୀର୍ଘ ୨୪ ବର୍ଷ ଧରି ଚାଲିଥିବା ସ୍ୱଚ୍ଛ, ନିର୍ମଳ, ସ୍ଥିର ସରକାର ଓ ବିକାଶ ଧାରା ସମ୍ପର୍କରେ ମତ ରଖି ଜୋଡ ହସ୍ତରେ ଭୋଟ ଭିକ୍ଷା କରିଥିଲେ। ସଭାରେ ପାରଳାଖେମୁଣ୍ଡି ଓ ମୋହନା ନିର୍ବାଚନ ମଣ୍ଡଳୀର ୩୦ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା।

### ଦମ୍ ଥିଲେ ନିଜକୁ...

କରୁଛନ୍ତି। ମାତ୍ର ଆପଣଙ୍କ ଦଳ ଆପଣଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରୁନାହିଁ। ଅର୍ଥାତ୍ ଆପଣ ନିଜ ଦଳର ବିଶ୍ୱାସ ହାସଲ କରିପାରି ନାହାନ୍ତି । ଆପଣଙ୍କ ଦଳ ଆପଣଙ୍କୁ ବିଶ୍ୱାସ କରୁନାହିଁ। ପ୍ରଥମେ ଆପଣ ନିଜ ଦଳର ବିଶ୍ୱାସ ହାସଲ କରନ୍ତୁ, ତା ପରେ ଆପଣ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ମୁଖରେ ଠିଆ ହୋଇ ପ୍ରଶ୍ନ କରିବାର ଯୋଗ୍ୟତା ହାସଲ କରିବେ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ।

ଅତ୍ୟନ୍ତ ବିନମ୍ରତାର ସହ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଆପଣଙ୍କ ଦଳ ବିଜେପିରେ ଆପଣଙ୍କ ସ୍ଥିତି କ'ଣ ପ୍ରଥମେ ବୁଝନ୍ତୁ। ଆପଣଙ୍କୁ ଯଦି ଆପଣଙ୍କ ଦଳ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରେ ତେବେ ଆପଣ ୧୦ % ଆସନ ବି ପାଇବେ ନାହିଁ। ଯଦି ସତରେ ଆପଣଙ୍କର ଦମ୍ ଅଛି, ତେବେ ଆପଣ ନିଜ ଦଳର ମୁଖ୍ୟମନ୍ତ୍ରୀ ଚେହେରା ବୋଲି ଘୋଷଣା କରନ୍ତୁ। ତା' ପରେ ରାଜ୍ୟବାସୀ କାହାକୁ ଆଶୀର୍ବାଦ କରିବେ ତାହା ଦେଖିବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ ଦେବେ କି ଆପଣଙ୍କୁ ଆଶୀର୍ବାଦ କରିବେ ତାହା ଦେଖିବେ ବୋଲି ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ ।

ସେ ପୁଣି କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ 'ଡ଼ବଲ ଇଞ୍ଜିନ' କଥା କହୁଛନ୍ତି । ମାତ୍ର ଅନେକ ରାଜ୍ୟରେ ଡ଼ବଲ ଇଞ୍ଜିନ ବନ୍ଦ ହୋଇ ଗଲାଣି। ଆମ ରାଜ୍ୟରେ କେବଳ ନବୀନ ଇଞ୍ଜିନ ଚାଲିଛି, ଆଉ ଆଗକୁ ମଧ୍ୟ ଚାଲିବ। ବାର୍ଷିକ ୨କୋଟି ନିଯୁକ୍ତି ଦେବା ପ୍ରତିଶ୍ରୁତିକୁ ୧୦ ବର୍ଷ ବିତିଛି। ହିସାବ ଅନୁଯାୟୀ ଗତ ୧୦ବର୍ଷରେ ୨୦ କୋଟି ନିଯୁକ୍ତି ମିଳିବା କଥା। ନିଯୁକ୍ତି ପ୍ରତିଶ୍ରୁତି କୁଆଡ଼େ ଗଲା? ୧୦ବର୍ଷରେ ୨୦କୋଟି ନିଯୁକ୍ତିରୁ ଓଡିଶା ଭାଗରେ ଅନ୍ତତଃ ୮୦ ଲକ୍ଷ ନିଯୁକ୍ତି ମିଳିବା କଥା। ଅର୍ଥାତ୍ ୩ଟି ଘରେ ଅନ୍ତତଃ ଜଣେ ନିଯୁକ୍ତି ପାଇବା କଥା। ମାତ୍ର ଏହି ପ୍ରତିଶ୍ରୁତି ବିଫଳ ହୋଇଛି। କେନ୍ଦ୍ରମନ୍ତ୍ରୀ କହୁଛନ୍ତି ରାଜ୍ୟ ସରକାର ନିଯୁକ୍ତିରେ ବିଫଳ। ଏଣୁ କେନ୍ଦ୍ର ସରକାର ଦେଇଥିବା ନିଯୁକ୍ତି ସଂକ୍ରାନ୍ତୀୟ ପ୍ରତିଶ୍ରୁତି କେତେ ରକ୍ଷା କରିଛନ୍ତି ସେ ନେଇ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ସମଗ୍ର ଦେଶରେ ଓଡ଼ିଶାରେ ବେକାରୀ ହାର ସବୁଠାରୁ କମ ରହିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

### ୩୭ ଲୋକସଭା...

ଭାବେ ଲଢୁଥିବା ଭି. ଚନ୍ଦ୍ରଶେଖର ଦ୍ୱିତୀୟ ସର୍ବାଧିକ ସମ୍ପତ୍ତିର ଅଧିକାରୀ। ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ମିଶାଇ ତାଙ୍କ ନିକଟରେ ୨୮କୋଟି ୭୦ ଲକ୍ଷ ୩୨୦୦୦ ଟଙ୍କାର ସମ୍ପତ୍ତି ରହିଛି। ଅପରପକ୍ଷେ, ୩୭ପ୍ରାର୍ଥୀଙ୍କ ମଧ୍ୟରେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ଏସୟୁସିଆଇ(ସି) ଟିକଟରେ ଲଢୁଥିବା ପ୍ରମିଳା ପୂଜାରୀ ସବୁଠାରୁ ଗରିବ ବୋକସଭା ପ୍ରାର୍ଥୀ ଅଟନ୍ତି। ତାଙ୍କ ନିକଟରେ ମାତ୍ର ୨୦୬୨୫ ଟଙ୍କା ମୂଲ୍ୟର ସମ୍ପତ୍ତି ଥିବା ଜଣାପଡ଼ିଛି। ଅପରପକ୍ଷେ ବିଜେପିର ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ନାମରେ ସର୍ବାଧିକ ଋଣ ଥିବା ବେଳେ ବିଜେପିର ନବରଙ୍ଗପୁର ଲୋକସଭା କ୍ଷେତ୍ରର ସାଂସଦ ପ୍ରାର୍ଥୀ ବଳଭଦ୍ର ମାଝୀ ସବୁଠାରୁ ଅଧିକ ଆୟ କରୁଥିବା ପ୍ରାର୍ଥୀ ବୋଲି ଜଣାପଡ଼ିଛି।

### ଆଜି ଆସୁଛନ୍ତି...

ଆୟୋଜିତ ଏକ କାର୍ଯ୍ୟକର୍ତ୍ତା ବୈଠକରେ ଶ୍ରୀ ନଡ୍ଡା ଉପସ୍ଥିତ ରହିବେ ବୋଲି ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

ଦଳୀୟ ସୂଚନା ଅନୁଯାୟୀ, ଆସନ୍ତାକାଲି ରାତି ସାଢ଼େ ୯ଟାରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସେ ସିଧା ରାଜଭବନ ଯାଇ ସେଠାରେ ରାତ୍ରିଯାପନ କରିବେ। ସୋମବାର ସକାଳେ ବ୍ରହ୍ମପୁର ଅଭିମୁଖେ ଯାଇ ସେଠାରେ ଦଳ ପକ୍ଷରୁ ଆୟୋଜିତ ନିର୍ବାଚନ ପ୍ରଚାର ସମାବେଶରେ ଯୋଗଦେବେ। ଏହାପରେ ନବରଙ୍ଗପୁରରେ ମଧ୍ୟ ଏକ ଜନସଭାକୁ ସମ୍ବୋଧିତ କରି ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଆସନ୍ତା ୧୦ ତାରିଖରେ ଶ୍ରୀ ମୋଦୀ ଭୁବନେଶ୍ୱରରେ ରୋଡ୍ ଶୋ' କରିବେ। ୧୧ ତାରିଖରେ ସେ ବଲାଙ୍ଗିରରେ ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ପ୍ରଧାନମନ୍ତ୍ରୀଙ୍କ ଏହି ଦୁଇ ଦିନିଆ ଗସ୍ତକୁ ଦୃଷ୍ଟିରେ ରଖି ବିମାନବନ୍ଦର ଠାରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଲାଗି ଶନିବାର କମିସନରେଟ୍ ପୁଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ୍ କରାଯାଇଥିବାବେଳେ ଆସନ୍ତାକାଲି ୨୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ। ଏଥିସହ ୩ ଜଣ ଡିସିପି, ୧୦ଜଣ ଏସିପି, ୧୭ଜଣ ଇନ୍ସପେକ୍ଟର ଓ ୯୦ଜଣ ଏଏସ୍‌ଆଇ/ଏସ୍‌ଆଇଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ ଲାଗି ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବେଳେ ରାସ୍ତାରେ ବ୍ୟାରିକେଡ୍ କରାଯାଇ ଗମନାଗମନକୁ ନିୟନ୍ତ୍ରଣ କରାଯିବ। ବିମାନବନ୍ଦରରେ ସିଆଇଏସ୍‌ଏଫ୍ ସହ ପୁଲିସ ମୁତୟନ ରହିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ନୋ ଡ୍ରୋନ୍ ଫ୍ଲାଇଂ ଜୋନ୍ କରାଯିବ। ଏନେଇ ଏସ୍‌ପିଜି ସହ ବିସ୍ତୃତ ଭାବେ ଆଲୋଚନା କରାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

### ମତଦାନରେ ବାଧକ...

କରିବ ନାହିଁ।କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ, ୫ ତାରିଖଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ୫ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଅପରପକ୍ଷେ ଶନିବାର ରାଜ୍ୟର ୨୫ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ୪୪ ଡିଗ୍ରୀ ସହ ବୌଦ୍ଧ ଏବଂ ନୂଆପଡ଼ା ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବା ବେଳେ ଭୁବନେଶ୍ୱର ଓ କଟକରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି।

### ପାସୋରିଗଲେ ୨୦୧୪ର...

ଯେଉଁ ସବୁ ଦାବି ରାଜ୍ୟ ସରକାର ରଖି ଆସିଛନ୍ତି, ସେଥିରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା। ଅତୀତରେ ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ର ନିକଟରେ ବାରମ୍ବାର ଏହି ପ୍ରସଙ୍ଗ ଉଠାଇଛନ୍ତି । ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗର ୭ମ ପରିଚାଳନା ପରିଷଦ ବୈଠକରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ନିର୍ମାଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ରେଳବାଇ, ଟେଲିକମ୍, ବ୍ୟାଙ୍କିଙ୍ଗ୍ ଆଦି କ୍ଷେତ୍ରରେ ଓଡ଼ିଶା ଚରମ ଅବହେଳାର ଶିକାର ହେଉଛି ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରି ଓଡ଼ିଶାର ଦୀର୍ଘ ଦିନର ଦାବି ଭାରତ ସରକାର ପୂରଣ କରିବା ଜରୁରୀ ବୋଲି କହିଥିଲେ। ଓଡ଼ିଶାର ବିଜେଡି ସାଂସଦମାନେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଅନୁରୂପ ଦାବି କରି ଆସୁଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ବିଜେଡି ପ୍ରତିନିଧି ଦଳ ଦାବି ଜଣାଇ ଆସୁଛନ୍ତି। ମାତ୍ର କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଛନ୍ତି। ଏପରିକି ନିଜେ ଦେଇଥିବା ପ୍ରତିଶ୍ରୁତିକୁ କେନ୍ଦ୍ରର ବିଜେପି ସରକାର ଭୂଲି ଯାଇଛନ୍ତି ଓ ଓଡ଼ିଶାକୁ ଅବହେଳାକୁ ରାଜ୍ୟର ବିଜେପି ନେତାମାନେ ଆଖିବୁଜି ସମର୍ଥନ କରୁଛନ୍ତି।

ପ୍ରାକୃତିକ ଦୁର୍ବିପାକ ଓଡ଼ିଶାର ଚିର ସହଚର। ବିଭିନ୍ନ ସମୟରେ ବନ୍ୟା, ବାତ୍ୟା, ମରୁଡି ଓଡ଼ିଶାବାସୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବିପର୍ଯ୍ୟୟକୁ ଆଧାର କରି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସରକାର ଓ ବିଜେଡି ବାରମ୍ବାର କେନ୍ଦ୍ର ନିକଟରେ ଦାବି କରି ଆସିଛନ୍ତି । ଅତୀତରେ କେନ୍ଦ୍ରରେ ୟୁପିଏ ସରକାର ସମୟରେ ରାଜନୈତିକ ଫାଇଦା ହାସଲ ପାଇଁ ଓଡ଼ିଶା ବିଜେପି ନେତାମାନେ ବିଜେଡି ସହିତ ସ୍ୱର ମିଳାଇଛନ୍ତି। ମାତ୍ର ଯେବେଠାରୁ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାର ଗଠନ ହୋଇଛି; ସେବେଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ବା ଧ୍ୟାନ କେନ୍ଦ୍ରୀତ ରାଜ୍ୟ ମାନ୍ୟତା ପ୍ରସଙ୍ଗକୁ ବିଜେପି ସମ୍ପୂର୍ଣ୍ଣ ଭୁଲି ଯାଇଛି । ନିର୍ବାଚନ ସମୟରେ ସ୍ୱତନ୍ତ୍ର ପାହ୍ୟା ପାଇଁ ଲଢ଼େଇ କରିବାକୁ ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ବିଜେପି ନେତାମାନେ ଆଖି ବୁଜି ବସିଛନ୍ତି । ଏପରିକି ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୧୦ ବର୍ଷ ମଧ୍ୟରେ ଥରେ ବି ଏଥିନେଇ ତୁଣ୍ଡ ଖୋଲି ନାହାନ୍ତି । ଆଉ ଏବେ ୧୦ ବର୍ଷ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ତାଙ୍କ ଦଳର ରାଜ୍ୟ ସଭାପତି ମନମୋହନ ବିଜେପିର କେନ୍ଦ୍ରୀୟ ପ୍ରତାରଣା ଉପରେ ପାଲ ଢ଼ାଙ୍କିବାକୁ ଉଦ୍ୟମ ଚଳାଇଛନ୍ତି।

**ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

## ୩୫ ଆସନ ପାଇଁ ନାମାଙ୍କନ ଭରିଲେ ୨୯୮ ପ୍ରାର୍ଥୀ

**ଭୁବନେଶ୍ୱର, ୪।୫(ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ଆସନ୍ତା ମେ' ୨୦ ତାରିଖରେ ହେବ। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନ ପ୍ରକ୍ରିୟା ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୩ ତାରିଖରେ ଶେଷ ହୋଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପର୍ଯ୍ୟାୟରେ ମୋଟ ୩୫ ବିଧାନସଭା ଆସନ ପାଇଁ ମତଦାନ ହେବ। ଏହି ୩୫ ଆସନ ପାଇଁ ଶେଷ ତାରିଖ ସୁଦ୍ଧା ୨୯୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ମୋଟ ୫୫୬ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ବୀରମିତ୍ରପୁର ବିଧାନସଭା ଆସନ ପାଇଁ ସର୍ବାଧିକ ୧୫ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଉରକେଲା ଆସନ ପାଇଁ ୧୪ ପ୍ରାର୍ଥୀ ନାମାଙ୍କନ ପତ୍ର ଭରିଥିବା ବେଳେ କଣ୍ଟାବାଞ୍ଜି ଆସନ ପାଇଁ ୧୩ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବଣାଇ ଓ ପୋଲସରା ଆସନ ପାଇଁ ୧୨ଜଣ ଲେଖାଏଁ ପ୍ରାର୍ଥୀ, ଫୁଲବାଣୀ ଓ କବିସୂର୍ଯ୍ୟନଗର ଆସନ ପାଇଁ ୧୧ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ବ୍ରଜରାଜନଗର, ଝାରସୁଗୁଡ଼ା, ପାଟଣାଗଡ଼, ଭଞ୍ଜନଗର ଓ ହିଞ୍ଜିଳି ବିଧାନସଭା ଆସନ ପାଇଁ ୧୦ ଜଣ ଲେଖାଏଁ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.shb.org

CAD-84

ପତ୍ର ସଂଖ୍ୟା- ୧୦୫ H-357/05

**ବିଜ୍ଞାପନ**

ତା. ୦୧.୦୫.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ✓ ଗୋପାଳ କୃଷ୍ଣ ରାଉତ<br>ପିତା- ✓ ଶ୍ରୀବାସ ଚନ୍ଦ୍ର ରାଉତ<br>ସା- ସିଦ୍ଧିପୁର<br>ପୋ- କଣ୍ଟି ଗୋଡିଆ (Kantigadia)<br>ଥାନା- ଧର୍ମଶାଳା<br>ଜିଲ୍ଲା- ଯାଜପୁର | ଏମ୍‌ଆଇଜି-୨-୧୬୯<br>(MIG-II-169)<br>କାନନ ବିହାର<br>୨ୟ ପର୍ଯ୍ୟାୟ<br>ଏମ୍‌ଆଇଜି-୨<br>ହୁଡ୍‌କୋ ଫାଇନାନ୍ସ ସ୍କିମ୍<br>ପଟିଆ, ଭୁବନେଶ୍ୱର | ୧. ନମିତା ରାଉତ (ସ୍ତ୍ରୀ)<br>୨. ଲିମା ଦାସ (ବି. କନ୍ୟା)<br>୩. ସୀମା ରାଉତ (ବି.କନ୍ୟା)<br>୪. ସୋନି ରାଉତ (ବି.କନ୍ୟା)<br>୫. ଶିଶିକେଶ ରାଉତ (ପୁତ୍ର) |

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0081/2425

**ପ୍ରେସ୍ ଇସ୍ତାହାର**

ଏତଦ୍ୱାରା ଗଞ୍ଜାମ ଜିଲ୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ନିମ୍ନ ଲିଖିତ ପର୍ଯ୍ୟବେକ୍ଷକଗଣ ଗଞ୍ଜାମ ଜିଲ୍ଲାରେ ଉପସ୍ଥିତ ଅଛନ୍ତି । ୧୯-ଆସ୍କା ଲୋକସଭା, ୧୨୪-ପୋଲସରା ବିଧାନସଭା, ୧୨୫-କବିସୂର୍ଯ୍ୟନଗର ବିଧାନସଭା, ୧୨୬- ଖଲ୍ଲିକୋଟ ବିଧାନସଭା, ୧୩୧- ହିଞ୍ଜିଳି ବିଧାନସଭା, ୧୨୮- ଆସ୍କା ବିଧାନସଭା, ୧୨୯-ସୋରଡା ବିଧାନସଭା, ୧୩୦-ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ନିମନ୍ତେ ତଳ ଲିଖିତ ମୋବାଇଲ୍ ନମ୍ବର କିମ୍ବା ସେମାନଙ୍କ ମେଲ୍‌କୁ ଯୋଗାଯୋଗ କରିପାରିବେ ।

| SL. NO | NAME OF THE OBSERVER | LOCAL ADDRESS | CONTACT NO | Email ID |
|---|---|---|---|---|
| 01 | **GENERAL OBSERVER**<br>**MR. HARI MOHAN MEENA, IAS**<br>19- ASKA PC<br>128- ASKA AC<br>129- SURADA AC<br>130-SANAKHEMUNDI AC | Special Circuit House, Near Conference Hall, Berhampur 760002 | 7008507206 | generaloberveraska@gmail.com |
| 02 | **GENERAL OBSERVER**<br>**DR. (MS.) AARTHI M, IAS,**<br>19- ASKA PC<br>124- POLASARA AC<br>125- KABISURYANAGAR AC<br>126- KHALLIKOTE AC<br>131- HINJILI AC | Suite No-01 "A"-Class Circuit House, Gopalpur-on-Sea 761002 | 8249712465 | go19askapc1@gmail.com |
| 03 | **POLICE OBSERVER**<br>**MRS. RAGSUDHA R, IPS**<br>19- ASKA PC | Suite No-03 "A"-Class Circuit House, Gopalpur-on-Sea 761002 | 7008512306 | ragasudha.1990@gmail.com |
| 04 | EXPENDITURE OBSERVER<br>**SRI G. ELAMURUGU, IRS**<br>19-ASKA P.C. | Room No 1 Dune Delight, The High Court Guest House, Gopalpur-on-Sea | 9692529642 | expobserver.askapc@gmail.com |
| 05 | **EXPENDITURE OBSERVER**<br>**SRI MANEESH DUDPURI, IRS (C&CE)**<br>19-ASKA P.C.<br>124-POLASARA A.C.,<br>125-K.S.NAGAR A.C.,<br>126-KHALLIKOTE A.C.<br>131-HINJILI A.C. | Room No 11 IAS Circuit House, Gopalpur on Sea | 9692545997 | m.dudpuri@gov.in |
| 06 | **EXPENDITURE OBSERVER**<br>**SRI SUNIL KISHAN AGAWANE, IRS**<br>19-ASKA P.C.,<br>128-ASKA A.C.,<br>129-SURADA A.C.,<br>130-SANAKHEMUNDI A.C | Room No 14 IAS Circuit House, Gopalpur- on-Sea | 9692542739 | cogangam@gmail.com |

ଜିଲ୍ଲାପାଳ- ତଥା- ଜିଲ୍ଲା ନିର୍ବାଚନ ଅଧିକାରୀ
ଗଞ୍ଜାମ

# ଗୁପ୍ତ ମଣି

## ଓଡ଼ିଶା



ତାରିଣୀ ନଡ଼ିଆ ରାଣୀ । ମା' ତାରିଣୀଙ୍କ କଥା ଉଠିଲେ, ଆଖିକୁ ପ୍ରଥମେ ନଡ଼ିଆର ଛବି ଆସେ । ଭୋଗ ମଧ୍ୟରେ ନଡ଼ିଆ ମା' ଙ୍କର ଅତି ପ୍ରିୟ । ତାରିଣୀ ପୀଠରେ ଏହି ନଡ଼ିଆ ଭୋଗ ପରମ୍ପରା କାହିଁ କେଉଁ କାଳରୁ ଚଳି ଆସୁଅଛି । ନଡ଼ିଆ ଶ୍ରୀଫଳ ଭାବରେ ପରିଚିତ । ଯାହାକୁ ପବିତ୍ରତାର ପ୍ରତୀକ ବୋଲି କୁହାଯାଏ । ଭକ୍ତଟିଏ ନିଜ ମନର ଆବେଗ ଓ ଶ୍ରଦ୍ଧାର ପ୍ରତୀକ ଭାବରେ ନଡ଼ିଆ ଭୋଗ ମା'ଙ୍କୁ ଅର୍ପଣ କରିଥାଏ । ସେହିପରି ଭକ୍ତମାନେ ମନସ୍କାମନା ପୂର୍ଣ୍ଣ ପାଇଁ ମା' ତାରିଣୀଙ୍କ ନାମରେ ନଡ଼ିଆ ପଠାଇଥାନ୍ତି । ଓଡ଼ିଶାର କୋଣ-ଅନୁକୋଣ, ଦେଶ ବିଦେଶରୁ ବସ୍ ଓ ଟ୍ରକ୍‌ରେ ଭକ୍ତମାନେ ଦୈନିକ ହଜାର ହଜାର ସଂଖ୍ୟାରେ ନଡ଼ିଆ ପଠାନ୍ତି । ତାରିଣୀଙ୍କ ନାମରେ ମାନସିକ କରି ପଠାଉଥିବା ଏହି ନଡ଼ିଆକୁ ଗାଡ଼ିରେ ନେବା ପାଇଁ କୌଣସି ଲୋକ ମନା କରନ୍ତି ନାହିଁ କି ଏଥିପାଇଁ କୌଣସି ଭଡ଼ା ମଧ୍ୟ ମାଗନ୍ତି ନାହିଁ ।



# ନଡ଼ିଆ ରାଣୀ

ଓଡ଼ିଶାର ଅନେକ ଶକ୍ତିପୀଠ ମଧ୍ୟରୁ ଘଟଗାଁ ତାରିଣୀ ପୀଠ ଅନ୍ୟତମ । କିମ୍ବଦନ୍ତୀ ଅନୁଯାୟୀ ମା' ସୀତାଙ୍କୁ ରାବଣ ହରଣ ବେଳେ ଶ୍ରୀରାମଚନ୍ଦ୍ରଙ୍କ ଦୁଃଖ ତାରଣ କରି ସେ ତାରିଣୀ ମା' ନାମରେ ପରିଚିତ ହୋଇଥିଲେ । ଏବେ ବି ଲୋକଙ୍କ ବିଶ୍ୱାସ ରହିଛି, ଯେତେବଡ଼ ସମସ୍ୟା ହେଉନା କାହିଁକି; ମାନସିକ ରଖି ମା'ଙ୍କ ପାଖରେ ନଡ଼ିଆଟିଏ ପଠାଇଲେ ତାହା ସମାଧାନ ହୋଇଥାଏ । ଯେଉଁଥିପାଇଁ ମା' ତାରିଣୀ ସାଧାରଣରେ 'ନଡ଼ିଆ ରାଣୀ' ଭାବେ ପରିଚିତ । ଘଟଗାଁର ତାରିଣୀ ପୀଠ ସମ୍ପର୍କରେ ଆମର ସ୍ୱତନ୍ତ୍ର ଉପସ୍ଥାପନା ।

କେନ୍ଦୁଝରରୁ ଶରତ ଦାସ ଓ ଭୁବନେଶ୍ୱରରୁ ପ୍ରିୟତମା ଦାସଙ୍କ ରିପୋର୍ଟ

କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବୀ ମା' ତାରିଣୀଙ୍କ ଅନ୍ୟ ନାମ 'ନଡ଼ିଆ ରାଣୀ' । ବିଭିନ୍ନ ସ୍ଥାନରୁ ଗାଡ଼ିମଟରରେ ମା' ଙ୍କ ନିକଟକୁ ଆସୁଛି ବାର୍ଷିକ ୩୫ ଲକ୍ଷ ମାନସିକ ନଡ଼ିଆ, ଘଟଗାଁରେ ବିକ୍ରି ହେଉଛି ଦୈନିକ ୧୦-୨୦ ହଜାର ନଡ଼ିଆ, କେନ୍ଦୁଝର ଜିଲ୍ଲା ତାରିଣୀ, ବୈତରଣୀ ଏବଂ ଖଣି ପାଇଁ ସାରା ରାଜ୍ୟରେ ସ୍ୱତନ୍ତ୍ରତା ବହନ କରୁଛି । ମା' ଘଟଗାଁ ତାରିଣୀଙ୍କ କରୁଣାରୁ ରାଜ୍ୟରେ କେନ୍ଦୁଝରର ପରିଚୟ ଭିନ୍ନ ରହିଛି । ମା'ଙ୍କର ଦର୍ଶନ କରିବାକୁ ପ୍ରତ୍ୟହ ଜିଲ୍ଲା, ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଛୁଟି ଆସିଥାନ୍ତି । ମା'ଙ୍କର ବିଶେଷ ପର୍ବପର୍ବାଣି ଅଶାଢ଼ୀ ପର୍ବ, ଚଇତି ପର୍ବ, ପଣା ସଂକ୍ରାନ୍ତି ସମେତ ନୂଆବର୍ଷ ସମୟରେ ଲକ୍ଷାଧିକ ଭକ୍ତ ଦର୍ଶନ କରିବାକୁ ଆସିଥାନ୍ତି । ଘଟଗାଁବାସିନୀ ମା'ତାରିଣୀଙ୍କର ପ୍ରିୟ ଭୋଗ ନଡ଼ିଆ ହୋଇଥିବାରୁ ଭକ୍ତମାନେ ମା'ଙ୍କ ନିକଟରେ ନଡ଼ିଆ ଅର୍ପଣକରି ପୂଜାର୍ଚ୍ଚନା କରିଥାନ୍ତି । କେବଳ ସେତିକି ନୁହେଁ, ଭକ୍ତମାନେ ମା'ଙ୍କ ନିକଟକୁ ନ ଆସି ଘରେ ଥାଇ ମାନସିକ କରି ମଟର ଗାଡ଼ିରେ ନଡ଼ିଆ ପଠାଇଥାନ୍ତି । ନଦେଖିବା ଲୋକେ ବିଶ୍ୱାସ କରିବେନି । ଘଟଗାଁ ଦେଇ ଯାଆସ କରୁଥିବା ଏମିତି ଗାଡ଼ିମଟର ନାହିଁ, ଯେଉଁଥିରେ ମା'ଙ୍କ ନିକଟକୁ ନଡ଼ିଆ ଆସୁନାହିଁ । କାହିଁ କେଉଁ କାଳରୁ ଚାଲି ଆସିଛି ଏହି ଧାରା । ପ୍ରବଳ ଆସ୍ଥା ଓ ବିଶ୍ୱାସର ସହିତ ରାଜ୍ୟର କୋଣ ଅନୁକୋଣରୁ ବସ୍, ଟ୍ରକ ଏବଂ ଅନ୍ୟାନ୍ୟ ଗାଡ଼ିମଟରରେ ତାରିଣୀଙ୍କ ପାଖକୁ ଆସୁଛି ନଡ଼ିଆ । କେହିକେହି ଏହାକୁ ଭାରତର ସବୁଠାରୁ ବଡ଼ ଫ୍ରି କୋରିଅର୍ ସେବା ବୋଲି ମଧ୍ୟ କହିଥାନ୍ତି । କାରଣ ଗାଡ଼ିମଟରରେ ଅନ୍ୟାନ୍ୟ ସାମଗ୍ରୀ ଦୂରଦୂରାନ୍ତକୁ ପଠାଇଲେ ପଇସା ଦେବାକୁ ପଡ଼ିଥାଏ । ମାତ୍ର ରାଜ୍ୟର କୋଣଅନୁକୋଣରୁ ଘଟଗାଁକୁ ଆସୁଥିବା ନଡ଼ିଆ ପାଇଁ କେହି କେବେ ପାଉଣା ମାଗନ୍ତିନାହିଁ । ବଂର ଉକ୍ତ ନଡ଼ିଆକୁ ଭକ୍ତିର ସହିତ ମା'ଙ୍କ ପୀଠ ପ ର୍ଯ୍ୟନ୍ତ ଆଣି ପହଞ୍ଚାଇ ଦେଇଥାନ୍ତି । ଏପରିକି ଅନ୍ୟ ଧର୍ମର ଡ୍ରାଇଭର ଭାଇମାନେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ମା'ଙ୍କର ନଡ଼ିଆଗୁଡ଼ିକୁ ନିଜ ନିଜର ଗାଡ଼ିମଟରରେ ଭକ୍ତି ଭାବରେ ଆଣି ପହଞ୍ଚାଉଛନ୍ତି । ଫଳରେ ଘଟଗାଁକୁ ପ୍ରତ୍ୟେକ ଦିନ ୧୦ରୁ ୧୨ ହଜାର ମାନସିକ ନଡ଼ିଆ ଗାଡ଼ିମଟରରେ ଆସୁଛି । ଏହିଭଳି ବର୍ଷକୁ ପ୍ରାୟ ୩୫ ଲକ୍ଷ ନଡ଼ିଆ ଆସୁଛି । ଭକ୍ତମାନଙ୍କର ସୁବିଧା ନିମନ୍ତେ କେବଳ ଜିଲ୍ଲାରେ ନୁହେଁ, ଜିଲ୍ଲା ବାହାରେ ମଧ୍ୟ ମନ୍ଦିର ପ୍ରଶାସନ ପକ୍ଷରୁ ନଡ଼ିଆ ହୁଣ୍ଡି ସ୍ଥାପନ ହୋଇଛି । ବିଶେଷକରି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ମଙ୍ଗୁଳୀ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଆନନ୍ଦପୁର, ରାଉରକେଲା, ଚଣ୍ଡିଖୋଲ, ଜାରକା, କୁଆଖିଆ, ଡୁବୁରୀ, ସୁକିନ୍ଦା, ହରିଚନ୍ଦନପୁର, କରଞ୍ଜିଆ, ବାରିପଦା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମନ୍ଦିର ପ୍ରଶାସନର ନଡ଼ିଆ ହୁଣ୍ଡି ରହିଛି । ସମ୍ବଲପୁରରେ ସ୍ଥାନୀୟ ଲୋକେ ନିଜେ ହୁଣ୍ଡି ତିଆରି କରିଛନ୍ତି ଏବଂ ବସ୍‌ରେ ନଡ଼ିଆ ଆସୁଛି । କେବଳ ସମ୍ବଲପୁର ନୁହେଁ, ରାଜ୍ୟର ଅନେକ ସ୍ଥାନରେ ଲୋକେ ଶ୍ରଦ୍ଧାର ସହିତ ନିଜ ଉଦ୍ୟମରେ ନଡ଼ିଆ ହୁଣ୍ଡି ସ୍ଥାପନ କରିଛନ୍ତି ।

ବାହାରୁ ଗାଡ଼ିମଟରରେ ଆସୁଥିବା ମାନସିକ ନଡ଼ିଆପିଟା ଦେଉରୀଙ୍କ ସମେତ ନଡ଼ିଆ ସଂଗ୍ରହ, ନଡ଼ିଆଛଡ଼ା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ୧୪ଜଣ କର୍ମଚାରୀ ନିୟୋଜିତ ଅଛନ୍ତି । ଦୂରଦୂରାନ୍ତରୁ ଗାଡ଼ିରେ ଆସୁଥିବା ନଡ଼ିଆ ସଂଗ୍ରହ କରିବାପାଇଁ ଘଟଗାଁରେ ଦିନରାତି କର୍ମଚାରୀ ନିୟୋଜିତ ରହିଛନ୍ତି । ସେମାନେ ଗାଡ଼ିରୁ ନଡ଼ିଆ ଓହ୍ଲାଇବା ପରେ ବସ୍‌ଷ୍ଟାଣ୍ଡରେ ଥିବା ସ୍ଥାୟୀ ନଡ଼ିଆ ହୁଣ୍ଡିରେ ଏହାକୁ ରଖିଥାନ୍ତି । ସେଠାରୁ ଟ୍ରଲି ଯୋଗେ ମନ୍ଦିର ପରିସରରେ ଥିବା ନଡ଼ିଆ ଗୋଦାମକୁ ନିଆଯାଇଥାଏ । ସେଠାରେ ଗଣତି ହୋଇ ନଡ଼ିଆରେ ଲାଗିଥିବା ଟଙ୍କା ଏବଂ ଧୂପକାଠିଗୁଡ଼ିକୁ ଅଲଗା କରାଯାଏ । ଟଙ୍କା ଗଣତି ହୋଇ ଦାଖଲ କରାଯାଇଥାଏ । ପରେ ନଡ଼ିଆର କତା ଛଡ଼ାଯାଇ ମା' ଙ୍କ ମନ୍ଦିର ପରିସର ଦ୍ୱାରଶୁଣୀ ମନ୍ଦିରରେ ନଡ଼ିଆଗୁଡିକୁ ପିଟାଯାଇଥାଏ ।

ଗତ ଏପ୍ରିଲ ୨୩ ତାରିଖ ପର୍ଯ୍ୟନ୍ତ ଆସିଥିବା ୧୨ ଲକ୍ଷ ୪ ହଜାର ୪୨୮ ନଡ଼ିଆ ଗୋଦାମ ଘରେ ଗଚ୍ଛିତ ରହିଥିବାବେଳେ ମାନସିକ ପିଟା ନଡ଼ିଆକୁ ୩ ବର୍ଷ ପାଇଁ ଟେଣ୍ଡର କରାଯାଇଛି । ଜଣେ ଟେଣ୍ଡରଧାରୀ ଭୋଗ ନଡ଼ିଆ ଗୋଟା ପ୍ରତି ୩ ଟଙ୍କା ୬୭ପଇସାରେ ନେଉଛନ୍ତି । ଭକ୍ତଙ୍କ ନିମନ୍ତେ ଭୋଗପିଟା ନଡ଼ିଆର ମୂଲ୍ୟ ୪ ଟଙ୍କା ୦୩ ପଇସା ଧାର୍ଯ୍ୟ ହୋଇଥିବାବେଳେ ଖାଉଟି ମୂଲ୍ୟ ରହିଛି ୪ ଟଙ୍କା ୪୦ ପଇସା ରହିଛି । ମାନସିକ ନଡ଼ିଆରୁ ଛଡ଼ା ଯାଉଥିବା କତାକୁ ମଧ୍ୟ ଚଳିତ ଥର ୧.୩୨ ଲକ୍ଷ ଟଙ୍କାରେ ବିକ୍ରୟ ହୋଇଛି । ଅନ୍ୟପକ୍ଷରେ ମା' ଙ୍କର ଦର୍ଶନ ପାଇଁ ପ୍ରତ୍ୟହ ହଜାର ହଜାର ଭକ୍ତ ଘଟଗାଁ ଆସୁଛନ୍ତି । ସେମାନେ ମଧ୍ୟ ସ୍ଥାନୀୟ ଦୋକାନ ବଜାରରୁ ମା'ଙ୍କର ପ୍ରିୟ ନଡ଼ିଆ କିଣିଥାନ୍ତି । ସୂଚନା ଅନୁଯାୟୀ ଏଭଳି ଦୈନିକ ଅନ୍ୟୂନ ୨୦ ହଜାର ନଡ଼ିଆ ଭକ୍ତଙ୍କୁ ବିକ୍ରୟ ହୋଇଥାଏ । ବିଶେଷ ଦିନଗୁଡ଼ିକର ଏଠାରେ ଅଧିକ ନଡ଼ିଆ ବିକ୍ରୟ ହୋଇଥାଏ । ତେଣୁ ଏଠାକୁ ଆସୁଥିବା ଭକ୍ତଙ୍କ ଦ୍ୱାରା ବାର୍ଷିକ ପ୍ରାୟ ୫୦ ଲକ୍ଷ ନଡ଼ିଆ ମା'ଙ୍କ ପାଇଁ କିଣାଯାଇଥାଏ । ନଡ଼ିଆରାଣୀଙ୍କର ପ୍ରିୟ ଭୋଗ ନଡ଼ିଆ ସମେତ ଏଥିରୁ ତିଆରି ଅନ୍ୟାନ୍ୟ ଭୋଗ ସାମଗ୍ରୀ ବିକ୍ରୟ କରି ଘଟଗାଁ ଅଞ୍ଚଳର ଶତାଧିକ ଲୋକେ ପରିବାର ପ୍ରତିପୋଷଣ କରୁଛନ୍ତି । ଟେଣ୍ଡରଧାରୀ ଭୋଗ ନଡ଼ିଆକୁ ମନ୍ଦିରରୁ ନେଇ ଭକ୍ତ, ନଡ଼ିଆ କୋରା



ତିଆରି କରୁଥିବା ଲୋକଙ୍କୁ ବିକ୍ରୟ ପରେ ତାଙ୍କର ପ୍ରୋସେସିଂ ୟୁନିଟ୍‌ରେ ପ୍ରକ୍ରିୟାକରଣ କରୁଛନ୍ତି ଏବଂ ନଡ଼ିଆ ତେଲ ତିଆରି ନିମନ୍ତେ ବାହାରକୁ ପଠାଉଛନ୍ତି । ଖାଉଟିମାନେ ନେଉଥିବା ପିଟା ନଡ଼ିଆରୁ କୋରା, ନଡ଼ିଆ ତେଲ କରି ଶହ ଶହ ଲୋକେ ପରିବାର ପ୍ରତିପୋଷଣ କରୁଛନ୍ତି । ମା' ତାରିଣୀଙ୍କ ପ୍ରତି ଲୋକଙ୍କର ଆସ୍ଥା ବଢ଼ିବଢ଼ି ଚାଲିଛି । ସେ ଅନୁସାରେ ଘଟଗାଁକୁ ଭକ୍ତଙ୍କ ସଂଖ୍ୟା ଆସିବା ବୃଦ୍ଧିହୋଇଛି । ସୂଚନା ଅନୁସାରେ ଘଟଗାଁରେ ୪୦୦ରୁ ଅଧିକ ନଡ଼ିଆ ଏବଂ ଭୋଗ ଉଠାଦୋକାନୀ ରହିଛନ୍ତି ।





### ନଡ଼ିଆ ରାଣୀ ମା' ତାରିଣୀ

ସଙ୍କଟ ହାରିଣୀ, ଦୁଃଖନାଶିନୀ, ବିଜୟ ପ୍ରଦାୟିନୀ ମା' ତାରିଣୀ । ଭକତ ଡାକରେ ଉତ୍ତର ଦିଏ, ପଣତକାନିରେ କୋଳେଇ ନିଏ । ସେ କରୁଣାମୟୀ ଓ ଦୟାଶୀଳ । ମା'ର ମହିମା, ଅବ୍ୟକ୍ତ ଓ ଅବର୍ଣ୍ଣନୀୟ ।



### ଗୀତରେ ନଡ଼ିଆ

'ଯୁଆଡ଼େ ଯାଉଛୁ ଯା' ଗାଡ଼ିବାଲା ନଡ଼ିଆ ମୋ ନେଇ ଯିବୁ', 'ଯାଏ ଗଡ଼ି ଗଡ଼ି କେଉଁଝର ଗାଡ଼ି', 'ଘଟ ଗାଁ ଠାକୁରାଣୀ ତାରିଣୀ ନଡ଼ିଆ ରାଣୀ', 'ମୁଁ ତୋ ପାଇଁ ଦେଲି ନଡ଼ିଆ ଦାସିଆ ବାଉରୀ ପରି', 'ନଡ଼ିଆରେ ଲାଗିଥାଉ କତା, ଲୋ ଗଜମୁକୁତା', ନଡ଼ିଆ ଯାଚିଦେ ମା'ଙ୍କ ନା ରେ ଆଦି ଲୋକପ୍ରିୟ ଏହି ଭଜନ ଜଣାଣରୁ ବାରି ହୋଇପଡ଼େ ମା' ତାରିଣୀର ଶରଧା କେତେ । ଭକ୍ତମାନେ ଭକ୍ତି ଅର୍ଘ୍ୟରେ ନିଜ ମନର ଭାବନାକୁ ଏହି ଗୀତଧାଡ଼ି ମାଧ୍ୟମରେ ମା'ତାରିଣୀଙ୍କ ପାଖେ ସମର୍ପଣ କରିଥାନ୍ତି । ନଡ଼ିଆ ସହ ମା'ର ସମ୍ପର୍କ ନିବିଡ଼ ।



### କିମ୍ବଦନ୍ତୀ ଓ ଲୋକକଥା

ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ଅତି ପ୍ରାଚୀନ । ଓଡ଼ିଶାରେ ବହୁ ପ୍ରସିଦ୍ଧ ଶକ୍ତିପୀଠ ରହିଛି । ସେହି ସବୁ ଶକ୍ତିପୀଠ ମଧ୍ୟରେ ଘଟଗାଁ ତାରିଣୀ ପୀଠ ଅନନ୍ୟ, ସ୍ୱତନ୍ତ୍ର । ମା' ତାରିଣୀଙ୍କ ଆବିର୍ଭାବକୁ ନେଇ ବହୁ କିମ୍ବଦନ୍ତୀ ରହିଛି । କୁହାଯାଏ, ଘଟଗାଁରେ ପୂଜାପାଇବା ପୂର୍ବରୁ କାଞ୍ଚି ରାଜ୍ୟରେ ଘଞ୍ଚ ଅରଣ୍ୟରେ ମା' ବିରାଜମାନ କରିଥିଲେ । ରାମାୟଣ ଅନୁଯାୟୀ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ବନବାସ ସମୟରେ ଲଙ୍କାଧିପତି ରାବଣ ସୀତାଙ୍କୁ ଅପହରଣ କରି ନେଇଥିଲେ । ସୀତାଙ୍କ ଅନୁପସ୍ଥିତିରେ ଶ୍ରୀରାମ ଚିନ୍ତାଗ୍ରସ୍ତ ଥିଲେ । ସୀତାଙ୍କୁ ଉଦ୍ଧାର କରିବାପାଇଁ ପ୍ରଭୁ ପାଦରେ ଭ୍ରମଣକରି ବହୁ କଷ୍ଟ ସହିଥିଲେ । ଶେଷରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଯୁଦ୍ଧ ପାଇଁ ଦୁର୍ଗା ମା' ଙ୍କୁ ପ୍ରାର୍ଥନା କରିଥିଲେ । ମା' ଦୁର୍ଗା ତାଙ୍କ ସମ୍ମୁଖରେ ଆବିର୍ଭାବ ହେବା ସମୟରେ ପ୍ରଭୁ ରାମଚନ୍ଦ୍ର ଚକ୍ଷୁ ଖୋଲିଦେବାରୁ ମା' ଅନ୍ତର୍ଦ୍ଧାନ ହୋଇ ଏକ ଶିଳାରେ ରୂପାନ୍ତର ହୋଇଥିଲେ । ପ୍ରଭୁ ଶ୍ରୀରାମଙ୍କ ଦୁଃଖ ତାରଣ କରିଥିବାରୁ ମା' ତାରିଣୀ ନାମରେ ସେ ସର୍ବବିଦିତ । ଇତିହାସ କହେ, ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କରି ଗୋବିନ୍ଦ ଭଞ୍ଜଙ୍କୁ କାଞ୍ଚି ରାଜ୍ୟର ଦାୟିତ୍ୱ ଦେଇଥିଲେ । ଗୋବିନ୍ଦ ଭଞ୍ଜ ମା' ତାରିଣୀଙ୍କୁ ଆରାଧନା କରୁଥିଲେ । ମା'ତାରିଣୀଙ୍କୁ କେନ୍ଦୁଝର ଆଣିବାକୁ ଇଚ୍ଛା କରିଥିଲେ । ଗୋବିନ୍ଦଭଞ୍ଜଙ୍କୁ ସ୍ୱପ୍ନାଦେଶ ଦେଇ କେନ୍ଦୁଝର ଯିବା ନିମନ୍ତେ ମା' ଏକ ସର୍ତ୍ତ ରଖିଥିଲେ । ସର୍ତ୍ତାନୁସାରେ ଗୋବିନ୍ଦଭଞ୍ଜ ଅଶ୍ୱାରୋହଣ କରି କେନ୍ଦୁଝରକୁ ଫେରିବା ବାଟରେ ମା' ଅଶ୍ୱ ପଛେ ପଛେ ତାଙ୍କ ଗୋଡ଼ର ନୂପୁର ରୁରୁଝୁଣୁ କରି ଯିବେ । ଯେଉଁଠି ପହଞ୍ଚିବେ, ସେହି ସ୍ଥାନରେ ମା' ବିରାଜମାନ ହେବେ । ସ୍ୱପ୍ନ ଅନୁସାରେ ଯୁବରାଜ ଘୋଡ଼ା ଚଢ଼ି ଆସିବା ପଥରେ କ୍ଳାନ୍ତ ଅନୁଭବ କରିଥିଲେ, ଫଳରେ ଅଶ୍ୱର ଓହ୍ଲାଇ ପଛକୁ ଚାହିଁଦେଲେ, ଦେବୀ ସେଠାରେ ଶିଳାଖଣ୍ଡରେ ରୂପାନ୍ତର ହୋଇଗଲେ । ସେହିଦିନଠାରୁ ସେହି ସ୍ଥାନରେ ମା'ଙ୍କର ପୂଜାର୍ଚ୍ଚନା କରାଯାଉଛି ।

## ବିଶ୍ୱାସ

### ବିପଦ ବେଳରେ ମା' ହିଁ ସାହା



ମା' ଏକ କିନ୍ତୁ ନାମ ଅନେକ । ଯେ କୌଣସି ବିପଦ ଆପଦରେ ମା'ଙ୍କୁ ସୁମରିଲେ କୌଣସି ରୂପରେ ମା' ଭକ୍ତଙ୍କୁ ବିପଦରୁ ଉଦ୍ଧାର କରନ୍ତି । ମା' ଙ୍କ ପ୍ରତି ଅଗାଧ ବିଶ୍ୱାସ ସବୁବେଳେ ରହି ଆସିଛି ।

ମାଳତୀ ମଣ୍ଡଳ, ନୟାଗଡ଼

### ସଙ୍କଟମୋଚନୀ ତାରିଣୀ ମା'



ସେ ସଙ୍କଟମୋଚନୀ । ଯେତେବେଳେ କୌଣସି ବିପଦପଡ଼େ ମା'ଙ୍କୁ ଗୁହାରି କରୁ । ଯିଏ ଯୋଉଠି ଥିଲେ ବି ମା' ଙ୍କ ଉପରେ ବିଶ୍ୱାସ ରଖି ମନସ୍କାମନା ପୂର୍ବକ ନଡ଼ିଆ, ଲୁଗା, ଶଙ୍ଖା, ସିନ୍ଦୂର, ମନ୍ଦାର ଫୁଲ ଲାଗି କରନ୍ତି । ପୁଣି ଭକ୍ତଙ୍କ ଇଚ୍ଛାପୂରଣ ହେଲେ ମା' ପାଖକୁ ଆସି ଦର୍ଶନ କରନ୍ତି । ଏହି ଭଳି ଭାବେ ମା'ର ଜୟଜୟକାର ବଜାୟ ରହି ଆସିଛି ।

ଚିନ୍ମୟୀ ପାଇଁଯୋଶୀ, ପୁରୀ

# ଗୁଡ୍ ମର୍ଣ୍ଣିଂ ଓଡ଼ିଶା



କୃଷିପ୍ରଧାନ ଦେଶ ଭାରତରେ ଓଡ଼ିଶା ହେଉଛି ଏମିତି ଏକ ରାଜ୍ୟ, ଯେଉଁଠାରେ ଧାନ ହିଁ ମୁଖ୍ୟ ଫସଲ। ତେବେ ଅନେକ କ୍ଷେତ୍ରରେ ଆମେ ଚିରାଚରିତ ଧାନଚାଷ କରି ଆସିଥାଉ। କିନ୍ତୁ ଧାନକୁ ଅଧିକ ଆକର୍ଷଣୀୟ ଓ ମନମତାଣିଆ କରିବା ପାଇଁ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ସେମାନେ ଅଧିକ ଗବେଷଣା କରି କିସମ କିସମର ଧାନ ବିକଶିତ କରିଛନ୍ତି। ଏହିକ୍ରମରେ କେବେ ରଙ୍ଗିନ ଧାନ ତ ଆଉ କେବେ ବାସ୍ନା ଧାନ, ଏବେ ଆଖି ଲାଖି ରହିଲା ଭଳି ଧାନ ବିକଶିତ କରି ଲୋକଙ୍କୁ ଆକର୍ଷିତ କରିପାରିଛନ୍ତି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ। ଏହାକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।

ପ୍ରସ୍ତୁତି- ବିଶ୍ୱଜିତ୍ ଗାଇଗରିଆ

# ଧାନ ମୋହୁଛି ମନ

## ବିକାଶ ପଥେ ବିକଶିତ ଧାନ

'ଚାଷୀ ହୋଇଲେ ସଶକ୍ତ, ଦେଶ ହୋଇବ ବିକଶିତ' ଏପରି ନାରା ଆମେ ଅନେକ ସମୟରେ ଶୁଣିଥାଉ। ଏହାକୁ ବାସ୍ତବ ରୂପ ଦେବାପାଇଁ ଦେଶରେ କୃଷି ବୈଜ୍ଞାନିକମାନେ ପ୍ରଚେଷ୍ଟା ଜାରି ରଖିଛନ୍ତି। ନୂତନ କିସମର ବିହନ ଉତ୍ପାଦନ ସାଙ୍ଗକୁ ପରିବେଶ ଉପଯୋଗୀ ଧାନ ଚାଷ କରିବାକୁ ପ୍ରେରିତ କରୁଛନ୍ତି। ସମ୍ପ୍ରତି ରୋଗ ଓ ପୋକ ଧାନ ଚାଷରେ ପ୍ରମୁଖ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବେଳେ ଏହାକୁ ଦୂର କରିବାକୁ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି। ନୂତନ କିସମର ଧାନ ବିହନରେ ରୋଗପୋକ ସହଣୀ ଶକ୍ତିବୃଦ୍ଧି କରିବାକୁ ଗୁରୁତ୍ୱ ଦେଉଛନ୍ତି ଆମର କୃଷି ବୈଜ୍ଞାନିକ। ଚକଡ଼ା ପରି ରୋଗକୁ ସମୂଳେ ବିନାଶ କରିବାକୁ ପ୍ରାଥମିକତା ଦେଉଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସମେତ ଜୟପୁରସ୍ଥିତ ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ଜ୍ଞାନ ପ୍ରସାରଣ ଉପକେନ୍ଦ୍ରରେ ଏଥିପାଇଁ ନିୟମିତ ଗବେଷଣା କରାଯାଉଛି। ଚାଷୀଙ୍କୁ ଆର୍ଥିକ ସୁଦୃଢ଼ କରିବାକୁ ଧାନ ଚାଷ ଉପରେ ଜୟପୁର କେନ୍ଦ୍ରରେ ବିଶେଷ ଗୁରୁତ୍ୱ ଦେଇ ଗବେଷଣା କରାଯାଉଥିବା ଧାନ ବୈଜ୍ଞାନିକ ମିହିର ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ନିକଟରେ ବହୁ ଉନ୍ନତ କିସମର ଧାନ ବିହନ ବିକଶିତ କରିଛନ୍ତି।




## ପ୍ରଥମ ବାୟୋ ଫର୍ଟିଫାଏଡ୍ ଧାନ

## ବାସନା ଧାନ 'ନବାନ୍ନ'

ଥରେ ଚାଷ କଲେ ଦୁଇଥର ଅମଳ ହେବ। ଅଳ୍ପ ବର୍ଷାରେ ବି ଏହି ଧାନ ଚାଷ ହୋଇପାରିବ। ଏହାର ବିହନରୁ ସରୁ ଓ ବାସନାଯୁକ୍ତ ଚାଉଳ ଉତ୍ପାଦନ ହୋଇପାରିବ। ଅନ୍ୟ ଧାନ ତୁଳନାରେ ଖୁବ୍ କମ୍ ସମୟ ମଧ୍ୟରେ ଏହାକୁ ଅମଳ କରାଯାଇପାରିବ। ତେଣୁ ସ୍ୱଳ୍ପ ଖର୍ଚ୍ଚରେ ଚାଷୀମାନେ ଲାଭାନ୍ୱିତ ହୋଇପାରିବେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ 'ନବାନ୍ନ ଧାନ' ନାମରେ ଏପରି ଉନ୍ନତ କିଷମର ଧାନ ବିହନକୁ ବିକଶିତ କରାଯାଇଛି। ଏହା ମଧ୍ୟ ରାଜ୍ୟର ପ୍ରଥମ ବାୟୋ ଫର୍ଟିଫାଏଡ୍ ଧାନ। ଶତକଡ଼ା ୧୦.୫ ଭାଗ ପ୍ରୋଟିନ୍, ୨୯.୫ ଭାଗ ଜିଙ୍କ୍ ଏବଂ ୭.୫ଭାଗ ଲୌହ ଏଥିରେ ରହିଛି। ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ପାଇଁ ମଧ୍ୟ ଏହା ସହାୟକ ହେବ। ମାତ୍ର ୮୫ଦିନରେ ଅମଳ ଉପଯୋଗୀ ହୋଇପାରେ। ଏହି କିସମ ଧାନର ଚାଉଳ ସରୁ, ଲମ୍ବା ଓ ବାସ୍ନାଯୁକ୍ତ। ଏହାର ମରୁଡ଼ି ସହଣି ଶକ୍ତି ଥିବାରୁ ଢ଼ିପ ଓ ମଧ୍ୟମ ଉଚ୍ଚ ଜମିରେ ବିନା ବାଧକରେ ଚାଷ ହୋଇପାରିବ। ଫଳରେ ସ୍ୱଳ୍ପ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ ମଧ୍ୟ ଏହାକୁ ଚାଷ କରି ଚାଷୀମାନେ ବିଶେଷ ଲାଭାନ୍ୱିତ ହୋଇପାରିବେ। ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଥରେ ଚାଷକରି ଏହାକୁ ଦୁଇଥର ଅମଳ କରାଯାଇପାରିବ। ପ୍ରଥମ ଅମଳର ମାସେ ପରେ ଧାନ ଗଛର ମୂଳ ଓ ଉପରିସ୍ଥ କାଣ୍ଡରୁ ପୁଣି କେଣ୍ଡା ବାହାରିଥାଏ। କ୍ରମେ ଏହି କେଣ୍ଡା ଅମଳ ଉପଯୋଗୀ ହୁଏ। ଦ୍ୱିତୀୟ ଅମଳରେ ପ୍ରଥମ ଅମଳର ପ୍ରାୟ ୫୦ ପ୍ରତିଶତ ଧାନ ମିଳିଥାଏ। ଦ୍ୱିତୀୟ ଅମଳରେ କୌଣସି ଖର୍ଚ୍ଚ ହେଉ ନ ଥିବାରୁ ଚାଷୀ ଅଧିକ ଲାଭାନ୍ୱିତ ହୋଇପାରିବେ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମୟରେ ନୂଆ ଚାଉଳରୁ ଅନ୍ନ ପ୍ରସ୍ତୁତ କରାଯାଏ। ଏଥିପାଇଁ ଏହି ନବାନ୍ନ କିସମର ଧାନ ବେଶ୍ ଉପଯୋଗୀ ହୋଇପାରିବ। କାରଣ ଏହା ସ୍ୱଳ୍ପ ଅବଧି ବିଶିଷ୍ଟ ହୋଇଥିବାରୁ ଜୁନ୍ ମଧ୍ୟ ଭାଗରେ ଚାଷ ଆରମ୍ଭ କଲେ ସେପ୍ଟେମ୍ବର ମାସରେ ଅମଳ ଉପଯୋଗୀ ହୋଇଯାଏ। ଏହି ସମୟରେ ନୂଆଁଖାଇ ପଡୁଥିବାରୁ ଏହାକୁ ବ୍ୟବହାର କରାଯାଇପାରିବ। ଗତ ମାର୍ଚ୍ଚ ମାସରେ ରାଜ୍ୟ ଫସଲ କିସମ କମିଟି (ଷ୍ଟେଟ୍ ଭେରାଇଟି ରିଲିଜ କମିଟି) ଦ୍ୱାରା ଅନୁମୋଦନ ପାଇବା ପରେ ଏହି ନୂତନ ଜୈବ ପୁଷ୍ଟିକୃତ (ବାୟୋ ଫର୍ଟିଫାଇଡ୍) ଧାନର ବିହନ ଉତ୍ପାଦନ କରାଯାଉଛି।

## ରୋଗପୋକ ସହଣି

ଧାନ ଚାଷରେ ରୋଗ ଓ ପୋକ ପାଇଁ ଚାଷୀ ମୁଣ୍ଡରେ ବହୁ ସମୟରେ ଚଡ଼କ ପଡ଼ିଥାଏ। କୀଟନାଶକ ପ୍ରୟୋଗ କରି ଖର୍ଚ୍ଚାନ୍ତ ମଧ୍ୟ ହୋଇଥାନ୍ତି। ଏଥିପାଇଁ ଅନେକ ସମୟରେ ଚାଷୀ ମାନସିକ ସ୍ତରରେ ଭାଙ୍ଗି ପଡୁଥିବା ଖବର୍ ଆମେ ଶୁଣିଥାନ୍ତି। ହେଲେ ଏହାର ବିକଳ୍ପ ବ୍ୟବସ୍ଥା କରିଛନ୍ତି କୃଷି ବୈଜ୍ଞାନିକ। କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଆଞ୍ଚଳିକ କୃଷି ଗବେଷଣା ଓ ବୈଜ୍ଞାନିକ ଜ୍ଞାନ ପ୍ରସାରଣ ଉପକେନ୍ଦ୍ର ରୋଗ ଓ ପୋକ ସହଣି ବିଶିଷ୍ଟ ଧାନ କଳିଙ୍ଗ ଧାନ ୧୨୦୩ ବିକଶିତ କରିଛନ୍ତି। ଏହାକୁ ସାଧାରଣରେ କେବଳ ୧୨୦୩ ଧାନ ମଧ୍ୟ କହିଥାନ୍ତି। ମୂଳ ଶଢ଼ା, ପତ୍ର ପୋଡ଼ା, ଚକଡ଼ା, କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପରି ରୋଗରୁ ଏହା ବେଶ୍ ସୁରକ୍ଷିତ ରହିଥାଏ। ଏହି ଧାନ ମଧ୍ୟମ ଜଳସେଚିତ ଜମିରେ ହୋଇଥାଏ। ୧୩୦ ରୁ ୧୩୫ ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇଯାଏ। ତେଣୁ ଏହାକୁ ମାଳ ବା ନାଳି ଅଞ୍ଚଳରେ କରାଯାଏ। ଧାନ ଗଛର ଉଚ୍ଚତା ୯୦ ରୁ ୧୦୦ ସେଣ୍ଟିମିଟର ମଧ୍ୟରେ ହୋଇଥାଏ। ବୈଜ୍ଞାନିକ ପଦ୍ଧତିରେ ବା ଧାଡ଼ିରୁଆ କଲେ ହେକ୍ଟର ପିଛା ପ୍ରାୟ ୫୫ କ୍ୱିଣ୍ଟାଲ ଧାନ ଅମଳ ହୋଇପାରିବ। ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି, ମିଲିଙ୍ଗ ପରେ ଗୋଟା ଧାନର ପରିମାଣ ଶତକଡ଼ା ୬୧ ପ୍ରତିଶତ ରହିଥାଏ। ଫଳରେ ଚାଷୀମାନେ ଏହି ଧାନଚାଷ କରି ଲାଭାନ୍ୱିତ ହୋଇ ପାରିବେ।




## ସୁଆଦିଆ 'କଳିଙ୍ଗ'





ଖାଇବା ପାଇଁ ପାଟିକୁ ସୁଆଦିଆ। ସରୁ ଦାନା ବିଶିଷ୍ଟ ଚାଉଳ ପାଇଁ ଖାଇବାକୁ ସମସ୍ତେ ପସନ୍ଦ କରିବେ। ଆକାରରେ ଦେଖିବାକୁ ମଧ୍ୟ ସୁନ୍ଦର। ରୋଗ ଓ ପୋକ ସହଣୀ ଶକ୍ତି ଥିବାରୁ ଚାଷୀମାନେ ଏହାକୁ ପ୍ରାଥମିକତା ଦେଉଛନ୍ତି। ଜୟପୁର ସ୍ଥିତ ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ଜ୍ଞାନ ପ୍ରସାରଣ ଉପକେନ୍ଦ୍ର ପକ୍ଷରୁ ଏହି କଳିଙ୍ଗ ଧାନ ୧୨୦୫ କୁ ବିକଶିତ କରାଯାଇଛି। ଆଜିକାଲି ଧାନ ଚାଷ ଚାଷ ସମୟରେ ମହିଷା, ବାଦାମୀ ପତ୍ର ଚିତା, ମୂଳ ଶଢ଼ା ଓ ପତ୍ର ପୋଡ଼ା ପରି ରୋଗ ବ୍ୟାପକ ଭାବେ ଦେଖାଯାଉଛି। ଏଥିରେ ଚାଷୀ ପ୍ରଭାବିତ ହେବା ସହିତ କ୍ଷତି ସହୁଛି। ହେଲେ ଏହି ଧାନରେ ଏସବୁ ରୋଗର ସହଣୀ ଶକ୍ତି ଥିବାରୁ ବିଶେଷ କ୍ଷତି କରିପାରେ ନାହିଁ। ଏହାର ଚାଷ ପ୍ରଣାଳୀ ମଧ୍ୟ ସରଳ। ମଧ୍ୟମ ଜଳ ସେଚିତ ଜମିରେ ଏହା ଚାଷ ହୋଇଥାଏ। ୧୩୦ ରୁ ୧୩୫ ଦିନ ମଧ୍ୟରେ ଅମଳ ଯୋଗ୍ୟ ବିବେଚିତ ହୁଏ। ହେକ୍ଟର ପିଛା ପ୍ରାୟ ୫୨ କ୍ୱିଣ୍ଟାଲ ଧାନ ଅମଳ ହୁଏ। ଧାନ ଗଛର ଉଚ୍ଚତା ୧୦୦ ରୁ ୧୧୦ ସେଣ୍ଟିମିଟର ମଧ୍ୟରେ ରୁହେ। ମିଲିଙ୍ଗ ପରେ ଶତକଡ଼ା ୫୬ ପ୍ରତିଶତ ଗୋଟା ଚାଉଳ ରହୁଥିବାରୁ ଚାଷୀଙ୍କ ପସନ୍ଦ ମଧ୍ୟ ପାଲଟିଥାଏ।







## ଆକର୍ଷଣୀୟ 'ମହେନ୍ଦ୍ରଗିରି'

ମହେନ୍ଦ୍ରଗିରି ଧାନକୁ ସାନ ଧାନ ଓ ଦ୍ୱିଫସଲି ଧାନ ବୋଲି ମଧ୍ୟ କୁହାଯାଏ। କାରଣ ଏହା ୧୧୫ ରୁ ୧୨୦ ଦିନ ମଧ୍ୟରେ ଅମଳକ୍ଷମ ହୋଇଥାଏ। ତେଣୁ ବର୍ଷକୁ ୨ ଥର ଅର୍ଥାତ ଉଭୟ ଖରିଫ ଓ ରବି ଋତୁରେ ଏହାକୁ ଚାଷ କରାଯାଇ ପାରିବ। ଚାଷ ପାଇଁ ସ୍ୱଳ୍ପ ପରିମାଣର ଜଳ ଆବଶ୍ୟକ କରେ। ଫଳରେ ମଧ୍ୟମ ଜଳସେଚିତ ଓ ଢିପ ଜମିରେ ଚାଷ ସମ୍ଭବପର ହୋଇଥାଏ। ଏହି ଧାନ ହେକ୍ଟର ପ୍ରତି ପ୍ରାୟ ୫୭ କ୍ୱିଣ୍ଟାଲ ଉତ୍ପାଦନ ହୁଏ। ଧାନ ଗଛର ଉଚ୍ଚତା ୯୦ ରୁ ୧୦୦ ସେଣ୍ଟିମିଟର ମଧ୍ୟରେ ରୁହେ। ଲମ୍ବା ଓ ସରୁ ଧାନ ହୋଇଥିବାରୁ ଆଖିକୁ ଆକର୍ଷଣୀୟ ଦେଖାଯିବା ସହ ପାଟିକୁ ସୁସ୍ୱାଦୁ ମଧ୍ୟ ଲାଗିଥାଏ। ମୂଳ ଶଢ଼ା ଓ ଚକଡ଼ା ପରି ରୋଗରୁ ନିଜକୁ ସୁରକ୍ଷିତ ରଖିପାରେ। ମିଲିଙ୍ଗ ପରେ ଗୋଟା ଚାଉଳର ପରିମାଣ ଶତକଡ଼ା ୫୭ ପ୍ରତିଶତ ରହିଥାଏ। ସ୍ୱଳ୍ପ ଜଳରେ ବର୍ଷକୁ ଦୁଇଥର ଚାଷ ସହିତ ଅଧିକ ଅମଳ ଚାଷୀଙ୍କୁ ଆକୃଷ୍ଟ କରିଥାଏ।



## ସରୁ, ଲମ୍ବା- 'କୋଲାବ୍'

କୋଲାବ୍ ଧାନ ଦେଖିବାକୁ ଲମ୍ବା ଓ ସରୁ ହୋଇଥାଏ। ସେହି ଅନୁସାରେ ଚାଉଳ ମଧ୍ୟ ସରୁ ହୋଇ ଲମ୍ବାଳିଆ ହୋଇଥାଏ। ଉନ୍ନତ ଅମଳ ସାଙ୍ଗକୁ ସ୍ୱାଦ ଯୁକ୍ତ ଚାଉଳ ଏହାର ବିଶେଷତ୍ୱ। ମଧ୍ୟମ ଜଳସେଚିତ ଜମିରେ ଏହାକୁ ଚାଷ କରାଯାଏ। ୧୩୦ ରୁ ୧୩୫ ଦିନ ମଧ୍ୟରେ ଏହାକୁ ଅମଳ କରାଯାଇ ପାରିବ। ଧାନ ଗଛର ଉଚ୍ଚତା ୧୦୦ ରୁ ୧୧୦ ସେଣ୍ଟିମିଟର ମଧ୍ୟରେ ରହିଥାଏ। ସଠିକ ପଦ୍ଧତିରେ ଚାଷ କଲେ ଉନ୍ନତ ଅମଳ ହୋଇ ପାରିବ। ହେକ୍ଟର ପିଛା ପ୍ରାୟ ୫୪ କ୍ୱିଣ୍ଟାଲ ଧାନ ଅମଳ ହୋଇଥାଏ। ଏହା ମଧ୍ୟ ରୋଗ ଓ ପୋକ ଦାଉରୁ ନିଜକୁ ରକ୍ଷା କରିଥାଏ। ମହିଷା, ବାଦାମୀ ପତ୍ର ଚିତା, ମୂଳ ଶଢ଼ା, ଚକଡା ଓ ବଙ୍ଗି ପୋକ ଏହାକୁ କୌଣସି କ୍ଷତି ପହଞ୍ଚାଇ ପାରି ନ ଥାନ୍ତି। ମିଲିଙ୍ଗ ପରେ ଗୋଟା ଧାନର ପରିମାଣ ସର୍ବାଧିକ ଶତକଡ଼ା ୬୪ ପ୍ରତିଶତ ରହିଥାଏ। ତେଣୁ ଅଧିକ ଅମଳ ସହିତ ସରୁ ଓ ସୁଆଦିଆ ଚାଉଳ ପାଇଁ ଚାଷୀମାନେ ଏହାକୁ ପ୍ରାଥମିକତା ଦେଇଥାନ୍ତି।












## ଶୀଘ୍ର ଅମଳକ୍ଷମ ଧାନ 'ଚନ୍ଦ୍ରଗିରି'

ମହେନ୍ଦ୍ରଗିରି ଲମ୍ବା ଓ ସରୁ ହୋଇଥିବା ବେଳେ ଚନ୍ଦ୍ରଗିରି ଲମ୍ବା ଓ ମୋଟା। ଏହାକୁ ସାନ ଧାନ ବୋଲି କୁହାଯାଏ। କାରଣ ଏହା ୧୧୫ ରୁ ୧୨୦ ଦିନ ମଧ୍ୟରେ ଅମଳ କ୍ଷମ ହୋଇଥାଏ। ତେଣୁ ବର୍ଷକୁ ୨ ଥର ଅର୍ଥାତ୍ ଉଭୟ ଖରିଫ ଓ ରବି ଋତୁରେ ଏହାକୁ ଚାଷ କରାଯାଏ। ଚାଷ ପାଇଁ ସ୍ୱଳ୍ପ ପରିମାଣର ଜଳ ଆବଶ୍ୟକ କରେ। ଫଳରେ ମଧ୍ୟମ ଜଳସେଚିତ ଓ ଢିପ ଜମିରେ ଚାଷ ସମ୍ଭବପର ହୋଇଥାଏ। ପୁଣି ସର୍ବାଧିକ ଅମଳ ମଧ୍ୟ ଦିଏ। ହେକ୍ଟର ପ୍ରତି ପ୍ରାୟ ୫୭ କ୍ୱିଣ୍ଟାଲ ଧାନ ଉତ୍ପାଦନ ହୁଏ। ଧାନ ଗଛର ଉଚ୍ଚତା ୯୦ ରୁ ୧୦୦ ସେଣ୍ଟିମିଟର ମଧ୍ୟରେ ରୁହେ। ମୂଳ ଶଢ଼ା, ମହିଷା ଓ ଚକଡ଼ା ପରି ରୋଗରୁ ନିଜକୁ ସୁରକ୍ଷିତ ରଖିପାରେ। ମିଲିଙ୍ଗ ପରେ ଗୋଟା ଚାଉଳର ପରିମାଣ ଶତକଡ଼ା ୬୭ % ରହିଥାଏ। ଗୋଟା ଚାଉଳର ପରିମାଣ ଅଧିକ ରହୁଥିବାରୁ ବହୁ ଚାଷୀ ପ୍ରାଥମିକତା ଦେଇ ଏହାକୁ ଚାଷ କରିଥାନ୍ତି।

## ଧାନ ଗବେଷଣାର ଉତ୍ପତ୍ତିସ୍ଥଳ

କୃଷି କ୍ଷେତ୍ରର ବିକାଶରେ ଏକମାତ୍ର ଓ ଅନନ୍ୟ ବିଶ୍ୱବିଦ୍ୟାଳୟ ହେଉଛି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)। ଏହାର ସହଭାଗିତାରେ ୪ଟି ଉପକେନ୍ଦ୍ର ମଧ୍ୟ କାର୍ଯ୍ୟକ୍ଷମ ଅଛି। ତନ୍ମଧ୍ୟରୁ ଜୟପୁର ସ୍ଥିତ ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ଜ୍ଞାନ ପ୍ରସାରଣ ଉପକେନ୍ଦ୍ରକୁ ଧାନର ଉତ୍ପତ୍ତି ସ୍ଥଳ କୁହାଯାଏ। ଏଠାରେ ଧାନର ବିଭିନ୍ନ ପ୍ରକାର ବିଭିଧତା ଉପଲବ୍ଧ ହୋଇଥାଏ। ଲଲାଟ, ଖଣ୍ଡଗିରି ପରି ବହୁ ପୁରାତନ ଧାନ କିଷମର ରକ୍ଷଣାବେକ୍ଷଣ କରାଯିବା ସହ ବିକଶିତ କରାଯାଉଛି। ଧାନର ମାନ ବୃଦ୍ଧି କରି ସ୍ୱଳ୍ପ ପରିମାଣର ଚାଷ ଜମିରେ ଅଧିକ ଉତ୍ପାଦନ କରିବାକୁ ଗୁରୁତ୍ୱ ଦିଆଯାଉଛି। ରୋଗ ପୋକ ଦାଉରୁ ନିଜକୁ ସୁରକ୍ଷିତ ରଖି ପାରୁଥିବା ଧାନ କିଷମକୁ ବିକଶିତ କରାଯାଉଛି। ଜୟପୁର ସ୍ଥିତ ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ଜ୍ଞାନ ପ୍ରସାରଣ ଉପକେନ୍ଦ୍ର ସମେତ ରାଜ୍ୟରେ ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି), ସମ୍ବଲପୁର ଚିପିଲିମା ସ୍ଥିତ କୃଷି ମହାବିଦ୍ୟାଳୟ, ଭଦ୍ରକ ରାଣୀତାଲ ସ୍ଥିତ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର ଏବଂ କଳାହାଣ୍ଡି ଜିଲ୍ଲା ଭବନିପାଟଣା ସ୍ଥିତ କୃଷି ମହାବିଦ୍ୟାଳୟରେ ନିୟମିତ ଭାବେ ଧାନ ସମ୍ପର୍କିତ ଗବେଷଣା କରାଯାଉଛି। ଚିପିଲିମାରୁ ସୂର୍ଯ୍ୟାଶ୍ରୀ, ରାଣୀତାଲରୁ ସାଲନ୍ଦୀ ଓ ଭୁବନେଶ୍ୱରରୁ କଳିଙ୍ଗ ଧାନ ୧୨୦୧, ୧୨୦୨, ୧୨୦୪, ୧୩୦୧, ୧୫୦୧, ୧୫୦୨, ୧୪୦୧, ବରୁଣେଇ ଓ ଭାର୍ଗବୀ ଧାନ କିଷମ ବିକଶିତ କରାଯାଇଛି। ଉନ୍ନତ ଧାନ କିଷମକୁ ବିକଶିତ କରି କୃଷକଙ୍କୁ ନୂତନ ଆଶା ଓ ଦିଶା ପ୍ରଦାନ କରୁଛି। ଚିପିଲିମାରୁ ବିକଶିତ କରାଯାଇଥିବା ସୂର୍ଯ୍ୟାଶ୍ରୀ ଧାନ କିଷମର ଉତ୍ତାପ ସହଣି ଶକ୍ତି ରହିଛି। ଫୁଲ ହେବା ସମୟରେ ଖରାର ପ୍ରଭାବରେ ବିଶେଷ ଭାବେ କ୍ଷତି ହୋଇ ନଥାଏ। ଗଛର ଉଚ୍ଚତା ୯୦ ସେଣ୍ଟିମିଟର ମଧ୍ୟରେ ରୁହେ। ଫଳରେ ଅଧିକ ପବନ ହେଲେ ମଧ୍ୟ ବିଶଷେ କ୍ଷତି ହୋଇନଥାଏ। ଏହି କିଷମର ଧାନ ୧୨୫ ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇଯାଏ। ସେହିପରି ରାଣୀତାଲରୁ ବିକଶିତ ହୋଇଥିବା ସାଲନ୍ଦୀ କିଷମ ଗଛର ଉଚ୍ଚତା ୧୧୦ ସେଣ୍ଟିମିଟର ମଧ୍ୟରେ ହୋଇଥାଏ। ଉଭୟ ଧାନ ଆକୃତିରେ ଲମ୍ବା ମୋଟା ହୋଇଥିବାରୁ ସ୍ୱାଦଯୁକ୍ତ ମଧ୍ୟ ହୋଇଥାଏ।





## ଘରୋଇ ଲାବ୍‌ରେ ଧାନ ଗବେଷଣା

ଧାନ ଗବେଷଣା କ୍ଷେତ୍ରରେ ବିଭିନ୍ନ ଘରୋଇ ସଂସ୍ଥା ତଥା ବ୍ୟକ୍ତିବିଶେଷ କୃତିତ୍ୱ ହାସଲ କରିଛନ୍ତି। ସେଥିମଧ୍ୟରୁ ଜଗତସିଂହପୁର ଜିଲ୍ଲା ରେଡୁଆ ପଞ୍ଚାୟତ ନୂଆଗଡ଼ସ୍ଥିତ ଗବେଷଣା କେନ୍ଦ୍ରରେ ଲାଇଭ୍ ଆଣ୍ଡ ଲେଟ୍ ଲାଇଭ୍ ବା ଲାଲ୍ (ଲାଲ୍) ପକ୍ଷରୁ ଉନ୍ନତ କିଷମର ଧାନ ବିହନ ବିକଶିତ କରାଯାଉଛି। ଏହାର ୭ଟି କିସମର ଧାନ ସରକାରଙ୍କ ଠାରୁ ସ୍ୱୀକୃତି ମଧ୍ୟ ପାଇଛି। ଜଗତସିଂହପୁର ଜିଲ୍ଲାରେ ଅନେକ ସମୟରେ ସାଧାରଣତଃ ବଢ଼ି ବା ବନ୍ୟା ହୋଇଥାଏ। ଢିପ ଅଞ୍ଚଳରେ ପାଣିର ଅଭାବ ମଧ୍ୟ ଦେଖାଦିଏ। ଏଣୁ ଏହାକୁ ଦୃଷ୍ଟିରେ ରଖି ମରୁଡ଼ି ଓ ବଢ଼ିକୁ ସହଣ କରିପାରୁଥିବା କିଷମକୁ ଏଠାରେ ବିକଶିତ କରାଯାଉଛି। ବନ୍ୟା ସମୟରେ ପ୍ରାୟ ୭ ଦିନ ପାଣିରେ ବୁଡ଼ି ରହିଲେ ମଧ୍ୟ ଏହି କିସମର ଧାନକୁ ବିଶେଷ ଭାବେ ପ୍ରଭାବିତ କରିପାରେ ନାହିଁ। ସେହିପରି ସପ୍ତାହେ ଧରି ଜମିରେ ଜଳ ନ ରହିଲେ ମଧ୍ୟ ଏହାର ବିଶେଷ କ୍ଷତି ହୋଇ ନ ଥାଏ। ତେଣୁ ଏହି ଅଞ୍ଚଳରେ ମରୁଡ଼ି ଓ ବଢ଼ି ସହଣି କିଷମର ଧାନ ଚାଷ କରିବାକୁ ଚାଷୀମାନେ ପ୍ରାଥମିକତା ଦେଇଥାନ୍ତି। ସଂସ୍ଥାନ ନାମ ଅନୁଯାୟୀ ଏଠାରେ ବିକଶିତ କରାଯାଉଥିବା ସମସ୍ତ ଧାନର ନାମକରଣ କରାଯାଉଛି।

### କ୍ଷେତ୍ରମୋହନଙ୍କ କୁବେର

ଚାଷୀ କ୍ଷେତ୍ରମୋହନ ବେହେରା ନିଜ ଘରୋଇ ଲାବ୍‌ରେ ବିକଶିତ କରିଥିବା ଧାନ କିଷମକୁ ଲାଲ୍ କୁବେର ନାମ ଦିଆଯାଇଛି। ମଧ୍ୟମ ବୃଷ୍ଟିପାତ ଅଞ୍ଚଳରେ ଏହାକୁ ଚାଷ କରାଯାଏ। ୧୩୦ ରୁ ୧୩୫ ଦିନ ମଧ୍ୟରେ ଏହା ଅମଳ ଉପଯୋଗୀ ହୋଇଥାଏ। ଏହା ଖରିଫ ଓ ରବି ଋତୁରେ ଚାଷ କରାଯାଏ। ଏହାସହ ବରୋ ବା ନଭେମ୍ବର୍ ମାସରୁ ଜାନୁଆରୀ ମାସ ମଧ୍ୟରେ ମଧ୍ୟ ଏହାକୁ ଚାଷ କରାଯାଇ ପାରିବ। ଏହି କିଷମ ଧାନର ଉଭୟ ମରୁଡ଼ି ଓ ବଢ଼ି ସହଣି ଶକ୍ତି ରହିଛି। ସଠିକ ପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ପ୍ରାୟ ୭୦ କ୍ୱିଣ୍ଟାଲ ଧାନ ଅମଳ କରିହୁଏ।

### କାଦମ୍ବିନୀଙ୍କ ବାସନା ଧାନ

ଚାଷୀ କାଦମ୍ବିନୀ ବେହେରା ବିକଶିତ କରିଥିବା ଧାନ କିଷମର ନାମ ହେଉଛି ଲାଲ ବାସନା ଧାନ। ଏହାର ମଧ୍ୟ ମରୁଡ଼ି ଓ ବଢ଼ି ସହଣି ଶକ୍ତି ରହିଛି। ୧୨୫ରୁ ୧୩୦ ଦିନ ମଧ୍ୟରେ ଏହା ଅମଳକ୍ଷମ ହୋଇଥାଏ। ଖରିଫ୍, ରବି ଋତୁ ସମେତ ବରୋ ଋତୁରେ ଚାଷ କରାଯାଏ। ସଠିକ ପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ୬୫ କ୍ୱିଣ୍ଟାଲ ଧାନ ଉତ୍ପାଦନ ହୋଇଥାଏ।

### କୃଷ୍ଣଚନ୍ଦ୍ରଙ୍କ ଲାଲ୍‌ପରୀ

୧୪୦ରୁ ୧୪୫ ଦିନ ମଧ୍ୟରେ ଅମଳକ୍ଷମ ହେଉଥିବାରୁ ଏହି ଲାଲ୍ ପରୀ ଧାନକୁ ବଡ଼ ଧାନ ବୋଲି ମଧ୍ୟ କୁହାଯାଏ। ଚାଷୀ କୃଷ୍ଣଚନ୍ଦ୍ର ସ୍ୱାଇଁ ଏହାକୁ ବିକଶିତ କରିଛନ୍ତି। ଏହା କେବଳ ଖରିଫ ଋତୁ ସମୟରେ ଚାଷ କରାଯାଏ। ମରୁଡ଼ି ଓ ବଢ଼ି ସହଣି ଏହି କିଷମ ଧାନକୁ ସଠିକ ପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ୬୫ କ୍ୱିଣ୍ଟାଲ ଧାନ ଅମଳ ହୋଇଥାଏ।

### ସୁଧିରଙ୍କ ଲାଲ୍‌ମଣି

ଚାଷୀ ସୁଧିରଞ୍ଜନ ବାରିକ ଏହି ଲାଲ୍ ମଣି କିଷମର ଧାନକୁ ବିକଶିତ କରିଛନ୍ତି। ୧୪୦ରୁ ୧୪୫ ଦିନ ମଧ୍ୟରେ ଅମଳକ୍ଷମ ହେଉଥିବାରୁ ଏହାକୁ ବଡ଼ ଧାନ ବୋଲି ମଧ୍ୟ ସାଧାରଣରେ କୁହାଯାଏ। ଏହା କେବଳ ଖରିଫ ଋତୁ ସମୟରେ ଚାଷ କରାଯାଏ। ମରୁଡ଼ି ଓ ବଢ଼ି ସହଣି ଶକ୍ତି ଏହି କିଷମ ଧାନକୁ ସଠିକ ପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ୬୫ କ୍ୱିଣ୍ଟାଲ ଧାନ ଅମଳ କରାଯାଇପାରେ।

### ଲାଲ ଏସ୍ ୧୩

କଟକର ଚାଷୀ ଅବନୀ ବେହେରା ଏହାକୁ ବିକଶିତ କରିଛନ୍ତି। ୧୩୦ରୁ ୧୩୫ ଦିନ ମଧ୍ୟରେ ଏହା ଅମଳକ୍ଷମ ହୋଇଥାଏ। ଖରିଫ, ରବି ସମେତ ବରୋ ଋତୁରେ ମଧ୍ୟ ଏହାକୁ ଚାଷ କରାଯାଏ। ସଠିକ ପ୍ରଣାଳୀର ଚାଷ କଲେ ହେକ୍ଟର ପିଛା ପ୍ରାୟ ୭୦ କ୍ୱିଣ୍ଟାଲ ଧାନ ଉତ୍ପାଦନ ହୁଏ। ଏହି ଧାନ କିଷମ କେବଳ ବଢ଼ି ସହିବାର ଶକ୍ତି ରଖିଥାଏ।

### ଲାଲ ଅଶୋକଙ୍କ ରତ୍ନମଣି

କେବଳ ଖରିଫ ଋତୁରେ ଚାଷ ଉପଯୋଗୀ ରତ୍ନମଣି ଧାନକୁ ଚାଷୀ ଅଶୋକ କୁମାର ବାରିକ ବିକଶିତ କରିଛନ୍ତି। ୧୪୫ରୁ ୧୫୦ ଦିନ ମଧ୍ୟରେ ଏହାକୁ ଅମଳ କରାଯାଉଥିବରୁ ବଡ଼ ଧାନ ବୋଲି କୁହାଯାଏ। ଏହା ବର୍ଷକୁ ଥରେ ଚାଷ କରାଯାଇ ପାରିବ। କେବଳ ବଢ଼ି ସହିବାର ଶକ୍ତି ରଖିଥିବା ଏହି କିଷମର ଧାନ ହେକ୍ଟର ପିଛା ୭୦ କ୍ୱିଣ୍ଟାଲ ଅମଳ କ୍ଷମ ହୋଇଥାଏ।

### ବିଜୟଙ୍କ ଲାଲ୍ ଏସ୍-୫

ସବୁସମୟରେ ଏହି ଲାଲ ଏସ୍ ୫ ଧାନ କିଷମକୁ ଚାଷ କରାଯାଏ। ଚାଷୀ ବିଜୟ କୁମାର ପାତ୍ର ଏହାକୁ ବିକଶିତ କରିଛନ୍ତି। ୧୩୫ରୁ ୧୪୦ ଦିନ ମଧ୍ୟରେ ଏହା ଅମଳକ୍ଷମ ହୋଇଥାଏ। କେବଳ ବଢ଼ି ସହିବାର ଶକ୍ତି ରଖିଥିବା ଏହି କିଷମର ଧାନ ହେକ୍ଟର ପିଛା ୭୦ କ୍ୱିଣ୍ଟାଲ ଅମଳକ୍ଷମ ହୋଇଥାଏ।

# ଗ୍ରାଉଣ୍ଡ ଜିରୋ ରିପୋର୍ଟର



ତପନ ବିଶ୍ୱାଳ
ରେଢ଼ାଖୋଲ

୨୦ବର୍ଷ ହେଲାଣି ଗାଁ ପାଖ ଜଙ୍ଗଲକୁ ସୁରକ୍ଷା ଦେଇଆସୁଛନ୍ତି ରେଢ଼ାଖୋଲ ବନଖଣ୍ଡ ବଡ଼ମାଲ ରେଞ୍ଜ ସୁନାମୁଦି ଗାଁର ମହିଳାମାନେ । ବିନା ସରକାରୀ ସାହାଯ୍ୟ ଓ ପ୍ରୋତ୍ସାହନରେ ଗଛ ଲଗାଇ ଟାଙ୍ଗରା ଭୂଇଁରେ ସୃଷ୍ଟି କରିପାରିଛନ୍ତି ସୁନାର ସବୁଜ ଜଙ୍ଗଲ । ଗାଁ କୁ ଗାଁ ବୁଲି ବୁଲି ଜଙ୍ଗଲ ବିଷୟରେ ସଚେତନ କରୁଛନ୍ତି ମହିଳାମାନେ ।



## ଟାଙ୍ଗରା ଭୂଇଁରୁ ସବୁଜ ଜଙ୍ଗଲ



ଯେଉଁଠି ବନବିଭାଗ ଲକ୍ଷ ଲକ୍ଷ ଟଙ୍କାର ଖର୍ଚ୍ଚ କରି ବିଫଳ ହେଉଛି, ସେଠି ଏଭଳି ଗାଁ ମହିଳାଙ୍କ ସଫଳତା ବାସ୍ତବିକ ପ୍ରଶଂସନୀୟ । ନିଘଞ୍ଚ ଜଙ୍ଗଲ ଭିତରେ ହାତରେ ଠେଙ୍ଗା ଧରି ବଡ଼ପାଟିରେ ଡାକଦେଇ କହୁଛନ୍ତି ଜଙ୍ଗଲରେ କିଏ ପଶିଛକି, ଗଛ କିଏ କାଟନି ଆମେ ଏପଟେ ଜଗିଛୁ, ହୁସିଆର । ଏଭଳି ଡାକ ଦେଇ ପ୍ରତିଦିନ ପାଳି କରି ଜଙ୍ଗଲରେ ପହରା ଦେଉଛନ୍ତି ରେଢ଼ାଖୋଲ ବନଖଣ୍ଡ ବଡ଼ମାଲ ରେଞ୍ଜ ସୁନାମୁଦି ଗାଁର ଶିବଶକ୍ତି ମହିଳା ସଂଘର ମହିଳାମାନେ । ଏହି ଗାଁର ୧୦ଜଣ ମହିଳା ପ୍ରତିଦିନ ପାଳି କରି ଦୁଇଜଣ ଲେଖାଏଁ ହାତରେ ଠେଙ୍ଗା ଧରି ଜଗୁଛନ୍ତି ଜଙ୍ଗଲ । କେବଳ ଜଗୁନାହାଁନ୍ତି ବରଂ ପ୍ରତିଟି ଗଛର ଯତ୍ନନେବା ସହ ନିଜ ପଣତକାନିରେ ଗଛକୁ ପୋଛି ଦେଉଛନ୍ତି । ଗଛରେ ଉଇ ଲାଗିଲେ ଛଡ଼େଇ ଦେଉଛନ୍ତି, ଅନାବନା ଗଛଡାଳକୁ କାଟି ସଫା ବି କରୁଛନ୍ତି । ଗଛମୂଳ ସଫା କରିବା ସହ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ପାଇଁ ଶୁଖିଲା ପତ୍ରକୁ ଦୁଇଭାଗ କରି ସଫା କରୁଛନ୍ତି । ଏବେ ଚାରିଆଡ଼େ ନିଆଁ ଜଙ୍ଗଲ ଜଳୁଛି । ତେବେ ଆଜକୁ ୧୫ବର୍ଷ ହେବ ଏଠାରେ ନିଆଁ ଲାଗି ନାହିଁ । କାରଣ ଏମାନଙ୍କ ସୁରକ୍ଷାରେ ରହିଛି ଜଙ୍ଗଲ । ୨୦ବର୍ଷ ତଳେ ଏହି ଜାଗାରେ ଅଳ୍ପକିଛି ଗଛ ଥିଲା । 'ବୃକ୍ଷ ହିଁ ଜୀବନ' ଏମାନେ ଜାଣିପାରି ୧୦ଜଣ ମହିଳା ମିଶି ଗଛଲଗାଇ ଗଛ ସୁରକ୍ଷା ଦେବା ଆରମ୍ଭ କଲେ । ଫଳସ୍ୱରୂପ ଆଜି ଆଖିଆଗରେ ଏଭଳି ଜଙ୍ଗଲ ସୃଷ୍ଟି ହୋଇଛି । ତାରି ଭିତରେ ଅନେକ ଜୀବଜନ୍ତୁ ଭରି ରହିଛନ୍ତି । ସୁନାମୁଦି ଗାଁର ଏହି ଗ୍ରାମ୍ୟ ଜଙ୍ଗଲଟି ୨୦ବର୍ଷ ପୂର୍ବରୁ ଏକ ଟାଙ୍ଗର ଭୂଇଁ ଥିଲା । ଗାଁର ଶିବଶକ୍ତି ମହିଳା ସଂଘର ମହିଳାମାନେ ବୈଠକ କରି ଏଠାରେ ଜଙ୍ଗଲ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଲେ । ବନ ବିଭାଗର ବିନା ସହାୟତା ତଥା ବିନା ପ୍ରୋତ୍ସାହନରେ ପ୍ରତି ସଭ୍ୟ ମାସିକ ୩୦ଟଙ୍କା ସହ ଚାଉଳ ଗୋଟିଏ ମାଣ ସଂଗ୍ରହ କରି ସେଥିରେ ଗଛ ଲଗାଇବା, ସୁରକ୍ଷା ଦେବା କାମ ଆରମ୍ଭ କଲେ । ପ୍ରାୟ ୪ହେକ୍ଟର ଏରିଆରେ ଗଛ ଲଗାଇ ସବୁଜ ସୁନା ଫଳାଇଛନ୍ତି ମହିଳାମାନେ । ଶାଳ, ପିଆଶାଳ, ଶାଗୁଆନ, ମହୁଲ, କେନ୍ଦୁ, ଆମ୍ବ ଗଛ ଲଗାଇଛନ୍ତି । କେବଳ ଏତିକି ନୁହେଁ ଜଙ୍ଗଲ ଚୋରି ବନ୍ଦ କରିବା ସହିତ ଗାଁ ଗାଁ ବୁଲି ଗଛର ଉପକାରିତା ଉପରେ ସଚେତନତା ବାର୍ତ୍ତା ଦେଉଛନ୍ତି । ପ୍ରଥମେ ପ୍ରଥମେ ବିଭିନ୍ନ ଲୋକଙ୍କଠାରୁ ଅନେକ ସମାଲୋଚନା ଶୁଣିଲେ । ସେସବୁକୁ ଖାତିରି ନ କରି ନିଜ କର୍ମରେ ଲାଗିଲେ ୧୦ଜଣ ମହିଳା । ଆଜି ଏମାନଙ୍କ ପାଇଁ ଗାଁ ଗର୍ବ କରୁଛି ବୋଲି ଗାଁ ଲୋକେ ମଧ୍ୟ କହୁଛନ୍ତି । ନିଜର ପୁଅ ଝିଅକୁ ଯତ୍ନ ନେଲାଭଳି ଗଛର ଯତ୍ନ ନେଇଛୁ ଆଜି ଖୁସି ଲାଗୁଛି ଯେ ଆମ ପରିଶ୍ରମ ଦେଖି ଅନ୍ୟ ମହିଳାମାନେ କିଛି ଜାଣିବେ ବୋଲି କହିଛନ୍ତି ସେମାନେ । ଏମାନଙ୍କ ଏହି ମହାନ ଅବଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ, ସେନାବାହିନୀ ପରି ଏମାନେ ପ୍ରକୃତରେ ସବୁଜବାହିନୀ ବୋଲି ବଡ଼ମାଲ ରେଞ୍ଜର ପ୍ରଦୀପ ସେଠୀ କହିଛନ୍ତି ।



## ବାଲେଶ୍ୱରୀ ଗଜା 'ମନ ହୋଇଯିବ ତାଜା'

କଥାରେ ଅଛି ଥରେ ଖାଇଯାଅ ବାଲେଶ୍ୱରିଆ ଗଜା... ପେଟ ପୂରିଯିବ, ହୃଦୟ ଭରିବ ଏବଂ ମନ ହୋଇଯିବ ତାଜା' । ଦିନ ଥିଲା, ଏହି ଗଜା ନାଁରେ ବାଲେଶ୍ୱରକୁ ସଭିଏଁ ଜାଣୁଥିଲେ । ସେତେବେଳେ ମିଠା ଭିତରେ ରାଜା ଥିଲା ଏହି 'ବାଲେଶ୍ୱରୀ ଗଜା' । ହେଲେ ଏବେ ଏହି ଗଜାକୁ ଲୋକେ ଭୁଲିଗଲେଣି ।





ପ୍ରତ୍ୟାଶା ପ୍ରିୟମ୍ୱଦା ମହାନ୍ତି
ବାଲେଶ୍ୱର

ଗଜା ଏକ ପାରମ୍ପରିକ ଓଡ଼ିଆ ମିଠା । ବାଲେଶ୍ୱର ଜିଲ୍ଲା ଏହା ପାଇଁ ପ୍ରସିଦ୍ଧି ଲାଭ କରିଛି । ବିଭାଘର, ବ୍ରତ ଓ ବିଭିନ୍ନ ପାର୍ବଣରେ ଏହା ଦିଆଯାଇଥାଏ । ଚଉଠି ଭାର ଓ ବନ୍ଧୁ ବେଭାରରେ ମଧ୍ୟ ଏହି ଗଜା ଦିଆଯାଇଥାଏ । ଜଗନ୍ନାଥଙ୍କ ଧୂପରେ ମଧ୍ୟ ଏହା ଏକ ଭୋଗ ରୂପେ ଅର୍ପଣ କରାଯାଇଥାଏ । ଗଜାକୁ ନେଇ ଏକ ରୋଚକ କାହାଣୀ ମଧ୍ୟ ରହିଛି । ଏକ ବିବାହିତ କନ୍ୟାର ପିତାମାତାଙ୍କ ଉପରେ ଅଭିମାନକୁ ନେଇ ଏହି ଘଟଣା । ବିବାହିତ କନ୍ୟା ହୃଦୟରେ ସବୁ ସମୟରେ ଏକ ସମ୍ମାନର ପ୍ରଶ୍ନ ନିଜର ସ୍ୱାମୀ ଶ୍ୱଶୁର ଘରୁ ଉପଯୁକ୍ତ ସମ୍ମାନ ପାଆନ୍ତୁ । ପୁରୀ ରାଜକନ୍ୟା କଲରା ଦେବୀ ନୀଳଗିରି ରାଜପୁତ୍ରଙ୍କୁ ବିବାହ କରିଥିଲେ । ଏକଦା ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ ନିମନ୍ତେ ବାପଘର ଶ୍ରୀକ୍ଷେତ୍ର ପୁରୀକୁ ଯାଇଥିଲେ । କିନ୍ତୁ ବାପ ଘରେ ରାଜକୁମାରୀ ଅପମାନିତ ହୋଇଥିଲେ ରାଜକୁମାରଙ୍କୁ ଉପଯୁକ୍ତ ସମ୍ମାନରେ ଅବହେଳା ହୋଇଥିଲା । ରାଣୀ ନୀଳଗିରିରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ତାହା ବାଲେଶ୍ୱରର ସର୍ବ ପୁରାତନ, ଯାହା ଶ୍ରୀଜଗନ୍ନାଥ ମନ୍ଦିର ଓ ପୁରୀ ଜଗନ୍ନାଥ ମନ୍ଦିରର ସମସ୍ତ ରୀତନୀତି ଏଠାରେ ପାଳନ କରାଯାଏ । ରାଣୀ କଲରା ଦେବୀଙ୍କ ପ୍ରିୟ ଚାଉଳ ଓ ଚାଉଳ ଚୂନାରେ ପ୍ରସ୍ତୁତ ପରିବର୍ତ୍ତେ ଅଟାରୁ ପ୍ରସ୍ତୁତ 'ଗଜା' ଜଗନ୍ନାଥଙ୍କ ଭୋଗ ଧୂପ ବା ସକାଳ ଭୋଗରେ ଲାଗେ ଓ ବାଲେଶ୍ୱରରେ ଗଜା ପ୍ରିୟ ଭୋଗ । 'ବାଲେଶ୍ୱରୀ ଗଜା' କଳାକ୍ରମେ ମଇଦା ଚିନିରୁ ପ୍ରସ୍ତୁତ ହୋଇ ପ୍ରସିଦ୍ଧ 'ବାଲେଶ୍ୱରୀ ଗଜା' ରୂପେ ଆଜି ପରିଚିତ । ଏହା ପୂର୍ବତନ ବାଲେଶ୍ୱର ପୋଷ୍ଟମାଷ୍ଟର ଗୋଲକ ମହାପାତ୍ରଙ୍କ ବାଲେଶ୍ୱର ଇତିହାସ ଲିଖିତ କାହାଣୀ ଓ ମୌଖିକ କାହାଣୀ ମଧ୍ୟ । କିନ୍ତୁ ମୋଟାମୋଟି ଏକ ବିବାହିତ କନ୍ୟାର ଅଭିମାନ 'ବାଲେଶ୍ୱରୀ ଗଜା' ବୋଲି ବ୍ରଜକିଶୋର ପ୍ରଧାନ ସୂଚନା ଦେଇଛନ୍ତି । ଫକୀରମୋହନ ସେନାପତିଙ୍କ ସମୟରେ ବାଲେଶ୍ୱରୀ ଗଜାର ବେଶ୍ ପ୍ରସିଦ୍ଧ ଥିଲା । ଫକୀରମୋହନ ଯେତେବେଳେ ଗଡ଼ଜାତ ଅଞ୍ଚଳରେ ଚାକିରି କରୁଥିଲେ ସେତେବେଳେ ସେମାନଙ୍କ ପାଇଁ ବାଲେଶ୍ୱରରୁ ଗଜା ନେଇକି ଯାଉଥିଲେ ।



ଇତିହାସ କହେ, ମୋଗଲ ସମୟରେ ବାଲେଶ୍ୱରର ମିଠା ବା ଗଜା କାରିଗରମାନେ ମୋଗଲ ଦରବାରକୁ ଯାଇ ବାଲେଶ୍ୱରୀ ଗଜା ରାନ୍ଧୁଥିଲେ । ପରବର୍ତ୍ତୀ ସମୟରେ ଗଜା ଦୁଇ ଭାଗରେ ବିଭକ୍ତ ହୋଇଗଲା ଶୁଖିଲା ଗଜା ଓ ରସ ଗଜା । ଆଗରୁ ଖାଦ୍ୟକୁ ବହୁତ ଦିନ ରଖିବା ଉଦ୍ଦେଶ୍ୟରେ ଖାଦ୍ୟ ପ୍ରସ୍ତୁତ ହେଉଥିଲା । ଦୀର୍ଘ ୧୫ ବର୍ଷ ଧରି ଗଜା ତିଆରି କରୁଥିବା ମିଠା କାରିଗର ଅମୂଲ୍ୟ ମହାଳିକ କହିଛନ୍ତି, 'ଅତୀତରେ କୁଇଣ୍ଟାଲ କୁଇଣ୍ଟାଲ ଗଜା ତିଆରି କରୁଥିଲୁ । ଏବେ ତାହାର ପରିମାଣ କମିଯାଇଛି । ଲୋକେ ଏବେ ମଇଦା ଅପେକ୍ଷା ଛେନା ଜାତୀୟ ମିଠା ଅଧିକ ପସନ୍ଦ କରୁଛନ୍ତି ।



ହେମନ୍ତ ନାୟକ
ପୁରୀ

## ଆଶ୍ରୟର ଠିକଣା ସେଇ ବୁଢ଼ା ବରଗଛ

ବର୍ଷେ କି ଦୁଇବର୍ଷ ନୁହେଁ ଶତାଧିକ ବର୍ଷ ଧରି ଛିଡ଼ା ହୋଇଛି ବୁଢ଼ା ବରଗଛ । କେତେ ଝଡ଼ ବତାସ ଆସିଛି, କିନ୍ତୁ ସବୁକୁ ମୁଣ୍ଡପାତି ସହି ସେମିତି ଛିଡା ହୋଇ ରହିଛି । କେବଳ ନିଜେ ସଂଘର୍ଷ କରି ବଞ୍ଚିନି ଅନ୍ୟକୁ ବି ତା' ଶୀତଳ ଛାଇ ତଳେ ଜୀବନ ଜୀଇଁବାର ପ୍ରେରଣା ଦେଉଛି । ଖରା, ବର୍ଷା, ଶୀତ ସବୁ ଋତୁରେ ସବୁ ବର୍ଗର ଲୋକଙ୍କୁ ନିଜ ଛାଇରେ ଆଶ୍ରୟ ଦେଇଆସୁଛି ବୁଢା ବରଗଛ । ନିଜେ ସିନା ବୁଢା ହୋଇଗଲାଣି, ହେଲେ ଲୋକଙ୍କର ଭଲପାଇବା ତା' ପ୍ରତି କମିନି । ସେ ପାଲଟିଯାଇଛି କର୍ମଜୀବୀଙ୍କ ଠିକଣା । ବିଶେଷକରି ଖରାଦିନର ଖରାବେଳେ ଏଠାରେ ବେଶ୍ ଭିଡ଼ ହୁଏ କର୍ମଜୀବୀ, ବ୍ୟବସାୟୀ, ପର୍ଯ୍ୟଟକ ଏବଂ ଭକ୍ତଙ୍କର...



ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଛିଡ଼ା ହୋଇଛି ଝଙ୍କାଳିଆ ବରଗଛଟିଏ । ଅବଶ୍ୟ ବୟସ ହୋଇଗଲାଣି, ତଥାପି ଡାଳ, ପତ୍ରକୁ ଦେଖିଲେ ଏବେ ବି ଯୁବ ସୁଲଭତା ବାରି ହୋଇପଡ଼େ । ପତ୍ରଗୁଡ଼ିକ ବେଶ୍ ସବୁଜ ଆଉ ଶାଖାପ୍ରଶାଖା ବି ମେଲିଯାଇଛି ଢେର୍ ବାଟ । ଅନେକ ଇତିହାସର ସିଏ ମୂକସାକ୍ଷୀ । ପିଢୀ ପରେ ପିଢୀ ଚାଲିଯାଉଛନ୍ତି ହେଲେ, ସିଏ ସେମିତି ଛିଡା ହୋଇ ରହିଛି । ସବୁ ଗଛତ ଶୀତଳତା ପ୍ରଦାନ କରିଥାନ୍ତି । କିନ୍ତୁ ଏହି ବୁଢା ବରଗଛର ଏକ ସ୍ୱତନ୍ତ୍ରତା ରହିଛି । ସିନ୍ଧୁରା ଫାଟିବା ପୂର୍ବରୁ ଶ୍ରୀମନ୍ଦିରରେ ରାତ୍ର ପହୁଡ଼ ପଡ଼ିବା ପର୍ଯ୍ୟନ୍ତ ଏହି ଗଛ ତଳେ ଲୋକମାନଙ୍କର ଆସର ଜମେ । ସବୁ ବର୍ଗର ଲୋକ ଏକାଠି ହୁଅନ୍ତି ଗଛ ମୂଳ ପିଣ୍ଡି ଉପରେ । ଲୋକଙ୍କ ସୁଖ, ଦୁଃଖ ସବୁକିଛିର ମୂକସାକ୍ଷୀ ଏହି ବରଗଛ । ଖାସ୍ କଥା ହେଉଛି ଏହି ଗଛ କର୍ମଜୀବୀଙ୍କ ଖରାବେଳର ଠିକଣା । ଅର୍ଥାତ୍ ପୁରୀ ସହର ଉପକଣ୍ଠର କର୍ମଜୀବୀମାନେ ଖରାବେଳ ସମୟ ଅତିବାହିତ କରିବା ପାଇଁ ଏହି ଗଛ ତଳକୁ ପଳାଇ ଆସନ୍ତି । ବିଭିନ୍ନ କମ୍ପାନୀର ମାର୍କେଟିଂ କରୁଥିବା, ସରକାରୀ କାର୍ଯ୍ୟାଳୟକୁ ଆସିଥିବା ବ୍ୟକ୍ତି, ବସ୍‌ରେ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀ, ଭକ୍ତ, ପର୍ଯ୍ୟଟକ ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ଖରାବେଳେ ବିଶ୍ରାମ ନେବାକୁ ମୁଣ୍ଡ ଉପରେ ଛାତଟିଏ ନ ଥାଏ ସେମାନେ ଛୁଟିଆସନ୍ତା ଗୁଣ୍ଡିଚା ମନ୍ଦିର ନିକଟ ବରଗଛ ତଳକୁ । କର୍ମଜୀବୀମାନେ ପ୍ରଶସ୍ତ ଖୋଲା ଜାଗାରେ ଗାଡ଼ି ପାର୍କିଂ କରି ଛାଇତଳେ ବିଶ୍ରାମ ନିଅନ୍ତି । ଏପରି କି ମାର୍କେଟିଂ ପିଲା ଲାପ୍‌ଟପ ବାହାର କରି ଅଫିସ କାମ ବି କରନ୍ତି । ବିଳମ୍ବରେ ଯଦି କାହାର ବସ୍ ଥାଏ ତେବେ ସେମାନେ ବି ଦୌଡି ଆସନ୍ତି ଏହି ବରଗଛ ତଳକୁ । ଭକ୍ତ, ପର୍ଯ୍ୟଟକ ବି ଖରାବେଳେ ଗଛ ଛାଇତଳେ ବଶି ସମୟ ବିତାଇଥାନ୍ତି । ନିକଟସ୍ଥ ବ୍ୟବସାୟୀମାନେ ଖରାରେ ଅସ୍ତବ୍ୟସ୍ତ ହୋଇଗଲେ ଗଛ ତଳକୁ ପଳାଇ ଆସନ୍ତି । ଏମିତି କହିବାକୁ ଗଲେ ସବୁବର୍ଗର ଲୋକେ ଏହି ବୁଢା ବରଗଛଠାରୁ ଶୀତଳତାର ସେବା ପାଇଥାନ୍ତି ।



କେବଳ ଖରାଦିନର ଖରାବେଳ ନୁହେଁ, ବର୍ଷର ସବୁଦିନ ସବୁ ସମୟରେ ଏହି ବରଗଛ ତଳେ ଭିଡ଼ ଜମେ । ସିନ୍ଧୁରା ଫାଟିଲେ ପୁରୀ ସହରର ବରିଷ୍ଠ ନାଗରିକ ହୁଅନ୍ତୁ ଅବା ଗୁଣ୍ଡିଚା ମନ୍ଦିର ବୁଲିବାକୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ଏହି ବରଗଛ ପିଣ୍ଡିରେ ବସି ଚା' ପିଇଥାନ୍ତି । ପ୍ରାତଃ ଭ୍ରମଣରେ ଯାଇ କିଛି ବରିଷ୍ଠ ନାଗରିକ ଏହାରି ତଳେ ବଶି ଥକା ମେଣ୍ଟାଇଥାନ୍ତି । ସଞ୍ଜ ନଇଁଲେ ବି ସମାନ ଚିତ୍ର ଦେଖିବାକୁ ମିଳେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନେକ ଯୁବଗୋଷ୍ଠୀ ବସି ଖଟି କରିଥାନ୍ତି ।

ପୁରୀ ସଦର ଅଞ୍ଚଳର କର୍ମଜୀବୀ ଯୁବକ ସୁବାସ ମହାନ୍ତି କହିଛନ୍ତି, ପୁରୀ ସହରରେ ଡେଲିଭରି ବୟ ଭାବେ କାମ କରୁଛି । ସକାଳୁ ଘରୁ ପଳାଇ ଆସିଥାଏ । ବିଭିନ୍ନ ଲୋକଙ୍କୁ ସେମାନଙ୍କ ଅର୍ଡର ଦେବା ପରେ ଦ୍ୱିପ୍ରହର ସମୟରେ ହୋଟେଲରେ ଖାଇଦିଏ । ବିଶ୍ରାମ ନେବା ପାଇଁ ଏହି ବରଗଛ ତଳକୁ ପଳାଇ ଆସେ । ପ୍ରବଳ ଖରା ହେଉଥିଲେ ବି ଏହାର ଛାଇତଳେ ସେମିତି ଜଣାପଡେ ନାହିଁ । ଥଣ୍ଡା ବି ଲାଗେ । ମୋ ଭଳି ଅନେକ ଲୋକ ଦ୍ୱିପ୍ରହର ସମୟରେ ଏଠାରେ ବିଶ୍ରାମ ନେଇଥାନ୍ତି ବୋଲି କହିଛନ୍ତି ସୁବାସ ।

କେବଳ ଲୋକଙ୍କୁ ନୁହେଁ, ବିଭିନ୍ନ ପକ୍ଷୀ ଏବଂ ମାଙ୍କଡ଼ଙ୍କୁ ମଧ୍ୟ ଆଶ୍ରୟ ଦେଇଆସିଛି ଏହି ବରଗଛ । ସକାଳେ ମାଙ୍କଡ଼ ଗଛର ଏ ଡାଳରୁ ସେ ଡାଳ ଡେଇଁବାର ଦୃଶ୍ୟ ବାସ୍ତବିକ ବେଶ୍ ନିଆରା । ଏହି ବୁଢା ବରଗଛ ୧୯୯୯ ମହାବାତ୍ୟାକୁ ଦେଖିଛି । ପୁଣି ପୁରୀରେ ତାଣ୍ଡବ ରଚିଥିବା ଫନୀ, ଅମ୍ଫନକୁ ମଧ୍ୟ ସାମ୍ନା କରିଛି । ଝଡ଼ ବତାସରେ ଅନେକ ଶାଖା ପ୍ରଶାଖା ଭାଙ୍ଗି ଯାଇଛି । ହେଲେ ସବୁକୁ ମୁଣ୍ଡପାତି ଏବେ ବି ମୁଣ୍ଡ ଟେକି ଛିଡା ହୋଇଛି ଗୁଣ୍ଡିଚା ମନ୍ଦିର ସମ୍ମୁଖ ବୁଢା ବରଗଛ ।

# ପଦ୍ମପୁର ନିର୍ବାଚନ ମଇଦାନରେ ୭ ପ୍ରାର୍ଥୀ, ପ୍ରଚାର ଜୋରଦାର

**ପଦ୍ମପୁର, ୪।୫(ସମିସ):** ଆସନ୍ତା ୨୦ରେ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଆଜି ନାମାଙ୍କନପତ୍ର ଯାଞ୍ଚ ଶେଷ ହୋଇଛି। ବିଜେପିରୁ ଗୋବର୍ଦ୍ଧନ ଭୋଏ, ବିଜେଡିରୁ ବର୍ଷା ସିଂ ବରିହା, କଂଗ୍ରେସରୁ ଟଙ୍କଧର ସାହୁ, ଆପ୍‌ରୁ ବାଲ୍ମୀକି ନାଏକ, ବିଏସପିରୁ ରୂପଧର କୁମ୍ଭାର ଏବଂ ସ୍ୱାଧିନ ଭାବେ ରେବତୀ ଗିରି ଓ ଗଙ୍ଗାଧର ସାହାଙ୍କ ମନୋନୟନ କାଏମ ରହିଛି। ପଦ୍ମପୁର, ପାଇକମାଲ, ଝାରବନ୍ଧ ବ୍ଲକକୁ ନେଇ ପଦ୍ମପୁର ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ଚଳିତ ନିର୍ବାଚନରେ ୨ ଲକ୍ଷ ୭୦ହଜାର ୨୪୪ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥର ୫ଜଣ ଦଳୀୟ ପ୍ରାର୍ଥୀ ଥିବା ବେଳେ ୨ଜଣ ସ୍ୱାଧିନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଜେପି ଓ ବିଜେଡି ପ୍ରାର୍ଥୀ ନିଜର ପ୍ରଚାରକୁ ଜୋରଦାର କରିଥିବା ବେଳେ କଂଗ୍ରେସ ନୀରବ ରହିଛି। ପ୍ରାର୍ଥୀ ପତ୍ର ଦାଖଲ ଦିନ କଂଗ୍ରେସ ପ୍ରାର୍ଥୀ ଶ୍ରୀ ସାହୁ ନିଜର ପାତିଆରା ଜାହିର କରିଥିଲେ। କିନ୍ତୁ ପରବର୍ତ୍ତି ଦିନରେ କଂଗ୍ରେସର ପ୍ରଚାର ସରଗରମ ହୋଇପାରିନାହିଁ। ଅନ୍ୟ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନ ଏକ ଭିନ୍ନ ମୋଡ଼ ନେବାକୁ ଯାଉଥିବା ଭୋଟର ଆଲୋଚନା କରୁଥିବା ବେଳେ କଂଗ୍ରେସର ନୀରବତା ସନ୍ଦେହ ଘେରରେ ରହିଛି।

# ସାଧାରଣ ଏବଂ ପୁଲିସ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ସମୀକ୍ଷା ବୈଠକ

## ଅଭିଯୋଗ ଶୁଣାଣି ନିମନ୍ତେ ମୋବାଇଲ ନମ୍ବର ଜାରି

**ବରଗଡ଼, ୪।୫(ସମିସ)**

ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଅବସରରେ ଆଗାମୀ ମଇ ୨୦ ତାରିଖରେ ବରଗଡ଼ ଜିଲ୍ଲାରରେ ମତଦାନ ହେବ। ଏହି ପରିପେକ୍ଷୀରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିବା ସମସ୍ତ ବ୍ୟବସ୍ଥା ଗୁଡ଼ିକର ଯାଞ୍ଚ ନିମନ୍ତେ ନିର୍ବାଚନ ଆୟୋଗ ତଥା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଦେଶ କ୍ରମେ ଉଭୟ ସାଧାରଣ, ପୁଲିସ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜିଲ୍ଲାରେ ଉପସ୍ଥିତ ଅଛନ୍ତି। ଶନିବାର ସମସ୍ତ ପର୍ଯ୍ୟବେକ୍ଷକ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ ନିର୍ବାଚନୀ ସମୀକ୍ଷା ବୈଠକରେ ଯୋଗଦେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ/ ନୋଡାଲ ଅଫିସରଙ୍କ ଠାରୁ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଲୋକଙ୍କ ଅଭିଯୋଗ ଶୁଣାଣି ନିମନ୍ତେ ନିଜ ମୋବାଇଲ ନମ୍ବର ଜାରି କରିଛନ୍ତି। ନିର୍ବାଚନ ଶେଷ




ଯାଏଁ ଜିଲ୍ଲାର ନିର୍ବାଚନ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ତଥା ନିର୍ବାଚନୀ ଖର୍ଚ୍ଚ ବାବଦରେ କୌଣସି ଅଭିଯୋଗ ପର୍ଯ୍ୟବେକ୍ଷକଙ୍କୁ ତାଙ୍କ ଯୋଗାଯୋଗ ନମ୍ବର କିମ୍ବା ନିର୍ଦ୍ଧାରିତ ସ୍ଥାନ ଏବଂ ସମୟରେ ସିଧାସଳଖ ଜଣାଇପାରିବେ। ଏତଦବ୍ୟତୀତ ନିର୍ବାଚନ କଣ୍ଟ୍ରୋଲ ରୁମ ଟୋଲ ଫ୍ରି ନମ୍ବର ୧୯୫୦ରେ ଫୋନ କରି ନିଜ ଅଭିଯୋଗ ଦାଖଲ କରି ପାରିବେ। ବରଗଡ଼ ଲୋକସଭାର ବରଗଡ଼, ପଦ୍ମପୁର ଓ ବିଜେପୁର ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଗିରିୱାର ଦୟାଲ ସିଂ (୮୧୪୪୮୬୩୯୯୫) ଏବଂ ଅତାବିରା, ଭଟଲି, ବ୍ରଜରାଜନଗର ଓ ଝାରସୁଗୁଡ଼ା ବିଧାନସଭା ପାଇଁ ଜେ. ମଞ୍ଜୁନାଥ (୮୧୪୪୮୭୯୮୪୫) ନିଯୁକ୍ତ ହୋଇଛନ୍ତି। ସେହିପରି ବରଗଡ଼ ସଂସଦୀୟକ୍ଷେତ୍ରର ପୁଲିସ ପର୍ଯବେକ୍ଷକ ମୋଦକ ରାଜେଶ ଡି. ରାଓ (୯୪୫୪୪୦୦୨୨୭) ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଶଶୀକାନ୍ତ ସିଂ (୬୩୭୧୦ ୧୫୪୪୫) ଦାୟିତ୍ୱ ନିର୍ବାହ କରୁଛନ୍ତି। ଅନୁରୂପ ଭାବେ ବରଗଡ଼, ପଦ୍ମପୁର ଓ ବିଜେପୁର ବିଧାନସଭା ପାଇଁ ଗୌତମ ମହାକୁଲ (୮୧୪୪୮୫୨୦୭୨) ଏବଂ ଅତାବିରା, ଭଟଲି, ବ୍ରଜରାଜନଗର ଓ ଝାରସୁଗୁଡା ବିଧାନସଭା ପାଇଁ କ୍ରିଷ୍ଣା ମୂର୍ତ୍ତି (୮୧୪୪୮ ୫୬୪୬୩) ଖର୍ଚ୍ଚ ପର୍ଯବେକ୍ଷକ ଦାୟିତ୍ୱରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଣାଇଛନ୍ତି।

# ଜ୍ୟୋତିଷ ବିଶାରଦ ପଣ୍ଡିତ ଲୋକେଶ୍ୱର ଦାଶଙ୍କ ପରଲୋକ

**ପଦ୍ମପୁର, ୪।୫ (ସମିସ):** ପଦ୍ମପୁର ଉପଖଣ୍ଡ ସୋହେଲା ନିକଟସ୍ଥ ଲେବେଡି ଗ୍ରାମର ଜନପ୍ରିୟ ଜୌତିଷଶାସ୍ତ୍ର ବିଶାରଦ ପଣ୍ଡିତ ଲୋକେଶ୍ୱର ଦାଶଙ୍କ ୬୭ ବର୍ଷ ବୟସରେ ପରଲୋକ



ହୋଇଯାଇଛି। ସେ ଦୁଇଦିନ ପୂର୍ବରୁ ଏକ ମନ୍ଦିର ପ୍ରାଣ ପ୍ରତିଷ୍ଠା ପୂଜା କାର୍ଯ୍ୟକ୍ରମ ସାରି ଘରେ ବିଶ୍ରାମ ନେବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ବରଗଡ଼ର ଏକ ଡାକ୍ତର ଖାନାକୁ ନିଆଯାଇଥିଲା। ସ୍ୱର୍ଗତ ପଣ୍ଡିତ ଲୋକେଶ୍ୱର ଦାଶଙ୍କ ବିୟୋଗରେ ନିଜ ଗ୍ରାମ ଲେବିଡି, ଭାତବିଡା ସମେତ ସୋହେଲା, ବିଜେପୁର, ବରଗଡ଼ ତଥା ନିକଟସ୍ଥ ଛତିଶଗଡ଼ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଜୈଷ୍ଠ ପୁତ୍ର ଉମେଶ, ବୋହୂ ଗୀତା, ସାନପୁଅ ରମେଶ, ବୋହୂ ଝିଲିମା, ଝିଅ ଗୀତା, ରୀତା ଜାମାତା ଦ୍ୱୟ, ନାତି ନାତୁଣୀ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ। ପୁତ୍ର ଉମେଶ ମୁଖାଗ୍ନି ଦେଇଥିଲେ।

# କନସିଂହାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ପଦ୍ମପୁର, ୪।୫ (ସମିସ):** ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନସିଂହା ପଞ୍ଚାୟତରେ ବିଜେଡିର ଏକ ବାଇକ ରେଲି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ନାରାୟଣ ବେହେରା, ବାବୁଲୁ ସାହୁ, ମୋହନ ସାହୁ, ଯାଦବ ସାହୁ, ଯାଦବ ବରିହା, ନିଳାମ୍ବର ଡନସନା, ମାନଭଞ୍ଜନ ହୋତା, ଅଶ୍ୱିନୀ ଶତପଥୀ, ହୃଦମଣୀ ବେହେରା, ସୁଦାମ ମହାନନ୍ଦ, ସୂର୍ଯ୍ୟ ସୁନା ତଥା ଗ୍ରାମର ସମସ୍ତ କର୍ମୀ ଏହି ବାଇକ ରେଲିରେ ଅଂଶଗ୍ରହଣ କରି ବର୍ଷା ସିଂ ବରିହାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ।

# ପତଙ୍ଗ ଦ୍ୱାରା ଯୁବ ନେତୃତ୍ୱ ଓ ସାମାଜିକ ବିକାଶ କାର୍ଯ୍ୟକ୍ରମ

**ବରଗଡ଼, ୪।୫(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନହଲ ଠାରେ ପତଙ୍ଗ ଅନୁଷ୍ଠାନ ତରଫରୁ ବରଗଡ଼ ଜିଲ୍ଲାର ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ମାନଙ୍କର ବିଶେଷ ଉଦ୍ୟମକୁ ଉତ୍ସାହିତ କରିବା ନିମନ୍ତେ ଯୁବ ନେତୃତ୍ୱ ଓ ସାମାଜିକ ବିକାଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ଅବସରରେ ମନୋରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ପଞ୍ଚାୟତ କଲେଜର ପ୍ରଫେସର ଡ. ଉମେଶ ଚନ୍ଦ୍ର ମହାପାତ୍ର, ସମାଜର ବିକାଶରେ ଯୁବ ଗୋଷ୍ଠୀ ମାନଙ୍କର ନେତୃତ୍ୱ ତଥା ଯୁବଗୋଷ୍ଠୀ ମାନଙ୍କର ବିକାଶ କ୍ଷେତ୍ରରେ ପତଙ୍ଗର ପ୍ରୟାସକୁ ନେଇ ପ୍ରଶଂସା କରିଥିଲେ। ସିମେଣ୍ଟନଗର କ୍ଲଷ୍ଟରର ସିଆରସିସି, ଦୀପ୍ତିମାନ ପାଣିଗ୍ରାହୀ, ବରଗଡ଼ ଜିଲ୍ଲାରେ ପତଙ୍ଗ ଦ୍ୱାରା ଚାଲିଆସୁଥିବା ଶିକ୍ଷା କାର୍ଯ୍ୟକ୍ରମରେ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିଜେ ସାମିଲ ଥିବା ଅନୁଭୂତିକୁ କହିବା ସହିତ ବିଦ୍ୟାଳୟ ଗୁଡିକରେ ଚାଲୁଥିବା କାର୍ଯ୍ୟକଳାପ ତଥା ପତଙ୍ଗ ଦ୍ୱାରା ଶିକ୍ଷା ଓ ଶିଶୁ ଅଧିକାରକୁ ନେଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ପତଙ୍ଗ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସିଇଓ ଡ. ରୀତା ମିଶ୍ର ପତଙ୍ଗ ଆରମ୍ଭ କରିବାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ଓ ଭଟଲି ବ୍ଲକର ୨୦ଟି ଗ୍ରାମର ଯୁବଗୋଷ୍ଠୀ, ଶିଶୁ, ଅଭିଭାବକ, ଆଶା, ଅଙ୍ଗନୱାଡି କର୍ମୀ, ୱାର୍ଡ଼ମେମ୍ବର, ସରକାରୀ କର୍ମଚାରୀ ପ୍ରାୟ ୧୫୦ ଜଣ ଯୋଗ ଦେଇଥିଲେ।




# ଲେରଗାଁ ଶିବ ମନ୍ଦିର ପ୍ରତିଷ୍ଠା

**ପଦ୍ମପୁର, ୪।୫ (ସମିସ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ତିନୋଟି ପୁଷ୍କରିଣୀ ସଂଲଗ୍ନ ପାହାଡ଼ ଉପରେ ନବ ନିର୍ମିତ ଶିବ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଅନ୍ତିମ ତିଥିରେ ପଦ୍ମପୁର ଯୁବରାଜ ପ୍ରତାପ କେଶରୀ ସିଂ ବରିହା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ପଦ୍ମପୁର ଉପ ଖଣ୍ଡ ଲେରଗାଁରେ ବିରାଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରିଥିଲେ। ଷୋହଳ ପ୍ରହର ନାମଯଜ୍ଞ, ମୀନାବଜାର, ପ୍ରବଚନ, ବିଶ୍ୱଶାନ୍ତି ବ୍ରହ୍ମ ଯଜ୍ଞ ହୋଇ ଥିଲା। ମୁଖ୍ୟ ଅତିଥି ଶ୍ରୀ ସିଂ ବରିହା ରୀତି ନୀତି ଅନୁଯାୟୀ ବିଗ୍ରହକୁ ମନ୍ଦିରକୁ ପ୍ରବେଶ କରାଇ ଥିଲେ। ପୂଜକ ପିତାମ୍ବର ହୋତା, ବୁଦ୍ଧାଧିନ ଦାସ, ଅଜୟ ତ୍ରିପାଠୀ, ଦିଲ୍ଲୀପ ପୂଜାରୀ, ଗୋବିନ୍ଦ ପଟେଲ ସମେତ ସମସ୍ତ ଗ୍ରାମବାସୀ ବିଗ୍ରହ ପ୍ରବେଶରେ ସହଯୋଗ କରିଥିଲେ। ପ୍ରକୃତି ବନ୍ଧୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ପ୍ରଧାନ ପ୍ରଦତ୍ତ ନଅ ଗୋଟି ବୃକ୍ଷ ଚାରାକୁ ପୂଜାରେ କର୍ତ୍ତା ଥିବା ନବ ଦମ୍ପତି ମନ୍ଦିର ଚତୁପାର୍ଶ୍ୱରେ ରୋପଣ କରିଥିଲେ। ଚାରାର ରକ୍ଷଣ ବେକ୍ଷଣ ପାଇଁ ଯୁବରାଜ ପରାମର୍ଶ ଦେଇ ଥିଲେ। ଗ୍ରାମବାସୀଙ୍କ ଆଗ୍ରହ ଓ ଆତିଥ୍ୟରେ ଅଞ୍ଚଳବାସୀ ଆନନ୍ଦ ପ୍ରକାଶ କରିଛନ୍ତି।

# ବାମଣ୍ଡା କଳାକାର ସଂଘ ପକ୍ଷରୁ ଏକଦିବସୀୟ ନାଟ୍ୟ କର୍ମଶାଳା

**ଦେବଗଡ଼, ୪।୫(ସମିସ):** ବାମଣ୍ଡା କଳାକାର ସଂଘ ପକ୍ଷରୁ ଶନିବାର ସ୍ଥାନୀୟ ଅଗ୍ରସେନ ଭବନଠାରେ ଏକଦିବସୀୟ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିପିନ ବିହାରୀ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସଂଘର ପରାମର୍ଶଦାତା ହେମନ୍ତ ମହାପାତ୍ର, ନେତ୍ରାନନ୍ଦ ସାହୁ,



ମନୋଜ କୁମାର ପାଢ଼ୀ, ସମ୍ପାଦକ ରୋମିଓ ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। କୁମୁଦଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନେଶ୍ୱରର ନାଟ୍ୟଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଉକ୍ତ କର୍ମଶାଳାରେ ତାଲିମ ଦାତା ଭାବେ ଯୋଗଦେଇ ନାଟକର ଆବଶ୍ୟକତା, ପ୍ରାଥମିକତା ଓ ସଚେତନତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ତାଲିମ କର୍ମଶାଳାରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ ଅମାତ, ପ୍ରଶାନ୍ତ ଦ୍ୱିବେଦୀ, ସନ୍ତୋଷ ସାହୁ, ଉପେନ୍ଦ୍ର ଭଞ୍ଜ, ସନ୍ତୋଷ ଦେବତା, ଗୀତାରାଣୀ ତିୱାରୀ, ସୁଜାତା ବେହେରା, ସୁନୀଲ ଦାଶ, ଶ୍ରବଣ ନାୟକ, ଧୃବଚରଣ ବେହେରା, ପ୍ରୀତମ ବେହେରା, ରଞ୍ଜନ ବ୍ରହ୍ମା, ରାଜୀବ ପାତ୍ର, ସାଗର ପୃଷ୍ଟି ଓ ଫକୀର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ

**ଦେବଗଡ଼, ୪।୫ (ସମିସ):** ଭାରତୀୟ ସେନାରେ ସଫଳତାର ସେବା କରିବା ପରେ ବିହାର ରେଜିମେଣ୍ଟର ସିପାହୀ ହୃଷିକେଶ କିଷାନ ଗତକାଲି ଘର ବାହୁଡ଼ା କରିଛନ୍ତି। ଦେଶ ମାତୃକାର ସେବା କରି ସେ ଗାଁକୁ ଫେରିଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ହାତରେ ଜାତୀୟ ପତାକା ଧରି ବୀର ଯବାନଙ୍କୁ ଢୋଲ ଓ ମାଦଳ ବାଜାର ତାଳେତାଳେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ। ବୀର ଯବାନଙ୍କ ପ୍ରତି ଗ୍ରାମବାସୀଙ୍କ ସମ୍ମାନ ପ୍ରଦର୍ଶନ ଉପସ୍ଥିତ ଗ୍ରାମବାସୀଙ୍କୁ ଭାବ ବିହ୍ୱଳ କରିଥିଲା। ଅନ୍ୟପକ୍ଷରେ ଏଭଳି ଅଭ୍ୟର୍ଥନା କାର୍ଯ୍ୟକ୍ରମକୁ ଦେଖି ଅଞ୍ଚଳର ଯୁବପିଢ଼ି ଭାରତୀୟ ସେନାରେ ନିଜକୁ ସାମିଲ କରିବାକୁ ଅନୁପ୍ରାଣିତ ହୋଇଥିଲେ। ସୂଚନାଯୋଗ୍ୟ ତିଲେଇବଣି ବ୍ଲକ ଅନ୍ତର୍ଗତ ଝରାଗୋଗୁଆ ପଞ୍ଚାୟତର ହୃଷିକେଶ କିଷାନ ୨୦୦୧ ମସିହାରେ ଭାରତୀୟ ସେନା ବାହିନୀର ବିହାର ରେଜିମେଣ୍ଟରେ ସିପାହୀ ଭାବେ ଯୋଗଦେଇଥିଲେ ଓ ଗତକାଲି କାର୍ଯ୍ୟକ୍ଷେତ୍ରରୁ ଅବସର ପରେ ଘର ବାହୁଡ଼ା କରିଥିଲେ।



# ସ୍ୱାଧୀନ ପ୍ରାର୍ଥୀ ଲଙ୍କେଶ ରାବଣଙ୍କ ନାମାଙ୍କନ



**ସମ୍ବଲପୁର, ୪।୫(ସମିସ):** ସମ୍ବଲପୁର, ୪।୫(ସମିସ): ରେଙ୍ଗାଲି ବିଧାନସଭା ପାଇଁ ଆଜି ସ୍ୱାଧୀନ ପ୍ରାର୍ଥୀ ଭାବେ ଲଙ୍କେଶ ରାବଣ ନାମାଙ୍କପତ୍ର ଦାଖଲ କରିଛନ୍ତି। ନାରୀସେବା ସଦନଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ ଅଫିସ୍‌ରେ ପହଞ୍ଚିଥିଲେ। ସେଠାରେ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ସମୟରେ ତାଙ୍କ ସହ ସୁଶାନ୍ତ ବୁଡ଼ା, ସୁଦାମ ଭୋସାଗାର, ଅନିତ ଲୁହା, ସୁଦାମ ଲୁହା, ପ୍ରଦୀପ କୁମାର ବାଦୀ, ପ୍ରଫୁଲ୍ଲ ଭେସ୍ରା, ଉମେଶ ଉଗର, ଲୋକନାଥ ରୋହିଦାସ, ଗୋପୀନାଥ ରୋହିଦାସ, ବିଶ୍ୱଜୀବନ ନିଖଣ୍ଡିଆ ପ୍ରସ୍ତାବକ ଓ ସମର୍ଥକ ରହିଥିଲେ।

# ଗାଇସିଲେଟ ବ୍ଲକରେ ରୀତା ଓ ପରିଣୀତାଙ୍କ ମାରାଥନ୍ ପ୍ରଚାର



**ବରଗଡ଼, ୪।୫(ସମିସ)**

ଶନିବାର ବିଜେପୁର ବିଜେଡି ବିଧାୟିକା ପ୍ରାର୍ଥିନୀ ରୀତା ସାହୁ ଏବଂ ସାଂସଦ ପ୍ରାର୍ଥିନୀ ପରିଣିତା ମିଶ୍ର ମାରାଥନ ପ୍ରଚାର କରିଛନ୍ତି। ଗାଇସିଲେଟ ବ୍ଲକ ଗନିଆପାଲି ମୁଚଲିନ୍ଦ ବୌଦ୍ଧ ବିହାରରୁ ନିଜ ପ୍ରଚାର ଆରମ୍ଭ କରି ଗନିଆପାଲି, କେରମେଲି, ଚାଣ୍ଟିପାଲି, କୁଣ୍ଡାଖାଇ, ଗୁଦେରପାଲି ଆଦି ପଞ୍ଚାୟତର ବିଭନ୍ନ ଗ୍ରାମରେ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ରୀତା ସାହୁ ନିଜର ପ୍ରଚାର ଆରମ୍ଭ କରି ଗାଇସିଲେଟ ବ୍ଲକ ଗନିଆପାଲିରୁ ପ୍ରଚାର ଆରମ୍ଭ କରିଥିଲେ। ତାଙ୍କ ସହିତ ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ମିଶ୍ର ସାମିଲ ହୋଇ ପ୍ରଚାରକୁ ଜୋରଦାର କରିଥିଲେ। ପ୍ରାରମ୍ଭରେ ଗନିଆପାଲି ମୁଚଲିନ୍ଦ ବୌଦ୍ଧ ବିହାର ଠାରେ ପୂଜାର୍ଚ୍ଚନା କରିଥିଲେ। ଗନିଆପାଲି ଗ୍ରାମରେ ଘରକୁ ଘର ଯାଇ ନିଜ ପ୍ରଚାର କରିବା ସହ ବିଜେପୁର ନିର୍ବାଚନ ମଣ୍ଡଳୀର ଗାଇସିଲେଟ ଅଞ୍ଚଳରେ ହୋଇଥିବା ଉନ୍ନୟନ ମୂଳକ କାମ ୫ ଟି ଯୋଜନାରେ ଅଞ୍ଚଳରେ ହୋଇଥିବା ସ୍କୁଲ ଓ କଲେଜର ଉନ୍ନତି, ପାନୀୟଜଳ ତଥା ଚାଷ ପାଇଁ ହୋଇଥିବା ଗଙ୍ଗାଧର ମେହେର ଜଳ ପ୍ରକଳ୍ପ, ଗମନାଗମନ ପାଇଁ ରାସ୍ତାର ଉନ୍ନତିକରଣ, ମିଶନ ଶକ୍ତି ମାଧମରେ ମହିଳାଙ୍କୁ ସଶକ୍ତିକରଣ ତଥା ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ବିଷୟରେ ଲୋକଙ୍କୁ ବୁଝାଇ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଏ ଅବସରରେ ଉଭୟେ ଯୋଡ଼ି ଶଙ୍ଖ ନାରା ସହିତ ଦୁଇଟି ଯାକ ଭୋଟ ବିଜେଡିକୁ ଦେଇ ଓଡ଼ିଶାର ପ୍ରଗତିରେ ସହାୟକ ହୁଅନ୍ତୁ ବୋଲି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଗାଇସିଲେଟ ବ୍ଲକ ଅଧକ୍ଷ ପ୍ରଣୟ ସାହୁ, ସୁଶାନ୍ତ ମିଶ୍ର ଙ୍କ ସମେତ ଅଞ୍ଚଳର ବହୁ କର୍ମକର୍ତ୍ତା ତଥା କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ।

## ଯାଞ୍ଚ ପ୍ରକ୍ରିୟା ସମାପ୍ତ

# ବରଗଡ଼ ଲୋକସଭାରୁ ୨ ଓ ଭଟଲି ବିଧାନସଭାରୁ ଜଣେ ପ୍ରାର୍ଥୀ ବାଦ ପଡ଼ିଲେ

**ବରଗଡ଼, ୪।୫(ସମିସ):** ଶନିବାର ନାମାଙ୍କନ ପତ୍ର ଯାଞ୍ଚ ପରେ ବରଗଡ଼ ଲୋକସଭାରୁ ୨ ପ୍ରାର୍ଥୀ ଏବଂ ଭଟଲି ବିଧାନସଭାରୁ ଜଣେ ପ୍ରାର୍ଥୀ ବାଦ ପଡ଼ିଥିବା ସୂଚନା ମିଳିଛି। ବରଗଡ଼ ଲୋକସଭା ଏବଂ ୫ ଟି ବିଧାନସଭା ପାଇଁ ବିଭିନ୍ନ ରାଜନୈତିକ ଦଳ ତଥା ସ୍ୱାଧୀନ ଭାବେ ମୋଟ ୪୨ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ବରଗଡ଼ ଲୋକସଭା ପାଇଁ ବିଏସପିରୁ ତିନି ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଟଙ୍କଧର କଣ୍ଟା ଏବଂ କୌଶିକ ସୁନାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ବେଳେ ଜୟରାମ ବାଗଙ୍କ କାଏମ ରହିଛି। ସେହିପରି ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ଭଟଲି ବିଧାନସଭାରେ ନବ ଭାରତ ନିର୍ମାଣ ପାର୍ଟିର ପ୍ରେମାନନ୍ଦ ସାହୁ ବାଦ ପଡ଼ିଥିବା ସୂଚନା ମିଳିଛି। ବର୍ତ୍ତମାନ ବରଗଡ଼ ଲୋକସଭା ଏବଂ ୫ଟି ବିଧାନସଭା ଆସନ ବରଗଡ଼, ଭଟଲି, ପଦ୍ମପୁର, ଅତାବିରା ଏବଂ ବିଜେପୁର ପାଇଁ ୩୯ ଜଣ ପ୍ରାର୍ଥୀ ରହିଛନ୍ତି।

# ମିଶନ ଆଶ୍ରା ଓ ମିଶନ ଆଶାଲୋକରୁ ସୁସ୍ଥହୋଇ ଫେରିଲେ ୫ ମାନସିକ ରୋଗୀ

ଝାରସୁଗୁଡ଼ା, ୪।୫(ସମିସ)

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ପରିଚାଳିତ ମିଶନ ଆଶ୍ରା ଓ ମିଶନ ଆଶାଲୋକରୁ ୫ ଜଣ ମାନସିକ ବିକାରଗ୍ରସ୍ତ ମହିଳା ଓ ପୁରୁଷ ସୁସ୍ଥ ହେଲା ପରେ ନିଜ ନିଜ ଘରକୁ ଫେରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗର ପ୍ରତିମା ମାଝୀ ଓ ଇତି ଘୋଷ ଏବଂ ଛତିଶଗଡ଼ର ଶୁଖିଲାଲ କାଶ୍ୟପ, ସୁନ୍ଦରଗଡ଼ର ହେମନ୍ତ କୁମାର ଏକା, ଝାରସୁଗୁଡ଼ାର ମୁନ୍ନୁ ମହାନନ୍ଦ। ଏଠାରେ ସୂଚନା ଥାଉକି ପ୍ରତିମା ମାଝୀ ପଶ୍ଚିମବଙ୍ଗରୁ ଦୀର୍ଘ ୨ ବର୍ଷ ଧରି ନିଖୋଜ ଥିଲେ। ଝାରସୁଗୁଡ଼ାର ବଡ଼ମାଲ ପୁଲିସ ଷ୍ଟେସନ ଦ୍ୱାରା ଉଦ୍ଧାର କରାଯାଇ ଗତ୨୭/୦୩/୨୦୨୨ ତାରିଖରେ ମିଶନ ଆଶ୍ରାରେ ଭର୍ତ୍ତି କରାଯାଇଥିଲା। ସେହି ପରି ମଧ୍ୟ ଇତି ଘୋଷ ମାନସିକ ଭାରସାମ୍ୟ ହରାଇ ବ୍ରଜରାଜନଗର ପୁଲିସ ଦ୍ୱାରା ଉଦ୍ଧାର




କରାଯାଇ ମିଶନ ଆଶ୍ରା ରେ ଭର୍ତ୍ତି ହୋଇଥିଲେ। ପରେ ପରେ ଶୁଖିଲାଲ କାଶ୍ୟପ ନାମକ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଛତିଶଗଡ଼ ରାଜ୍ୟର ବସ୍ତାର ଜିଲ୍ଲାର କରକାପାଲ ଗ୍ରାମରୁ ପ୍ରାୟ ୧ ବର୍ଷ ହେବ ନିଖୋଜ ଥିଲେ। ଟାଉନ ପୁଲିସ ଦ୍ୱାରା ଉଦ୍ଧାର କରାଯାଇ ମିଶନ ଆଶାଲୋକରୁ ଗତ ୨୦୨୩ ମସିହା ଅଗଷ୍ଟ ମାସ ୧୧ ତାରିଖରେ ଭର୍ତ୍ତିକରାଯାଇଥିଲା। ସେହିପରି ସୁନ୍ଦରଗଡ଼ ଜିଲ୍ଲାର ହେମନ୍ତ କୁମାର ଏକା ମିଶନ ଆଶାଲୋକ ଉଦ୍ଧାରକାରୀ ଦଳ ଦ୍ୱାରା ବଡ଼ମାଲଠାରୁ ଉଦ୍ଧାର କରାଯାଇ ମିଶନ ଆଶାଲୋକରେ ଭର୍ତ୍ତି କରାଯାଇଥିଲା ଏବଂ ଝାରସୁଗୁଡ଼ାର ମୁନ୍ନୁ ମହାନନ୍ଦଙ୍କୁ ପରିବାର ଲୋକଙ୍କ ଦ୍ୱାରା ଭର୍ତ୍ତି କରାଯାଇଥିଲା। ସମସ୍ତ କେନ୍ଦ୍ରର କର୍ମଚାରୀ ମାନଙ୍କ ଦ୍ୱାରା ଦୀର୍ଘ ଦିନର ଚିକିତ୍ସା ଓ ଯତ୍ନ ନେବା ପରେ ସୁସ୍ଥ ହୋଇ ନିଜର ପୂର୍ବ କଥା ମନେ ପକାଇ ନିଜ ନିଜର ସ୍ଥାୟୀ ଠିକଣା କହିଥିଲେ। ଯାହାକି ସଂସ୍ଥାର କର୍ମଚାରୀ ମାନଙ୍କ ପାଇଁ ତାଙ୍କୁ ନିଜ ଘରକୁ ଫେରାଇବାର ଯୋଜନା କରିବାରେ ସହାୟ ହୋଇଥିଲା। ଏହା ପରେ କର୍ମଚାରୀ ମାନଙ୍କ ଦ୍ୱାରା ଛତିଶଗଡ଼ ଓ ପଶ୍ଚିମବଙ୍ଗ ରାଜ୍ୟର ପୁଲିସ ପ୍ରଶାସନ ସହ ଆଲୋଚନା କରି ଠିକଣାର ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ।

## ମାପ ଓଜନରେ ଠକୁଛନ୍ତି ପରିବା ବ୍ୟବସାୟୀ



**ଝାରସୁଗୁଡ଼ା, ୪।୫(ସମିସ):** ଝାରସୁଗୁଡ଼ା ପନିପରିବା ବଜାରରେ ଗ୍ରାହକମାନେ ଠକାମୀର ଶିକାର ହେଉଥିବା ଅଭିଯୋଗ ହୋଇଛି। ପରିବା ବ୍ୟବସାୟୀମାନେ ସାଧାରଣ ଗ୍ରାହକଙ୍କ ଠାରୁ ଓଜନ ଅନୁସାରେ ଟଙ୍କା ନେଉଥିବାବେଳେ ଓଜନରୁ କମ୍ ପନିପରିବାନ ଦେଉଛନ୍ତି। ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ବଜାରରେ ପନିପରିବା ବ୍ୟବସାୟୀ ପନିପରିବା କିଣିବା ସମୟରେ ଠକାମିର ଶିକାର ହେଉଥିବାର ଦୀର୍ଘ ଦିନରୁ ଅଭିଯୋଗ ହେଉଛି। ସହରର ବିଟିଏମ ଡେଲି ମାର୍କେଟ, ଶୁକ୍ର ବଜାର, ଝଣ୍ଡାଛକ ଡେଲି ମାର୍କେଟ ସରବାହାଲ ଡେଲି ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ମାପ ଓଜନ ସମୟରେ ଖାଉଟି ପନିପରିବା କିଣିବା ସମୟରେ ଠକାମିର ଶିକାର ହେଉଛନ୍ତି। ଏହି ବ୍ୟବସାୟୀ ମାନେ ବଟକରା ତଳପଟେ ଲୁହା ଲଗାଇ ପନିପରିବା ବିକ୍ରି କରୁଥିବା ପରିଲକ୍ଷିତ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

## ସଦର ପୁଲିସ ଦ୍ୱାରା ୧ ଲକ୍ଷ ୪୧ ହଜାର ଟଙ୍କା ଜବତ

**ଝାରସୁଗୁଡ଼ା, ୪।୫(ସମିସ):** ସଦର ପୁଲିସପକ୍ଷରୁ ସାପଡ଼ାଠାରେ ବିଭିନ୍ନ ଯାନବାହାନ ଯାଞ୍ଚ କରାଯାଉଥିବାବେଳେ ଏକ କାର୍‌ରୁ ୧ ଲକ୍ଷ ୪୧ ହଜାର ୭ ଶହ ଟଙ୍କା ଜବତ କରାଯାଇଛି। ଗୌରବ ଜୈନ (୪୫) ଙ୍କ କାର୍ ଭିତରୁ ଏହି ଟଙ୍କା ଜବତ କରିଛି ବଡ଼ମାଲ ପୁଲିସ। ଏହି ଟଙ୍କାର ସଠିକ ହିସାବ ଦେଇ ପରି ନ ଥିବାରୁ ଏହି ଟଙ୍କା ଜବତ କରାଯାଇଛି।

## ଅଜଣା ଟ୍ରକ୍ ଧକ୍କାରେ ଜଣେ ମୃତ

**ଦେବଗଡ଼, ୪।୫(ସମିସ):** ଦେବଗଡ଼ ଥାନାଞ୍ଚଳ ଅନ୍ତର୍ଗତ ବେଞ୍ଜାକ୍ଷତିନାଳୀ ଗ୍ରାମ ନିକଟସ୍ଥ ୪୯ ନଂ ଜାତୀୟ ରାଜପଥର ତିୱାରି ଢାବା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଅଜଣା ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଖବରଲେଖା ହେବା ପର୍ଯ୍ୟନ୍ତ ମୃତବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ସୂଚନାନୁଯାୟୀ, ଶୁକ୍ରବାର ରାତିରେ ତିୱାରି ଢାବା ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଜଣେ ପଥଚାରୀଙ୍କୁ ଏକ ଅଜଣା ଟ୍ରକ ଧକ୍କା ଦେବା ସହ ମାଡ଼ି ଯାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ବିଦ୍ୟାଳୟରୁ ଚୋରି ଓ ଭଙ୍ଗାରୁଜା ଅଭିଯୋଗ

**ଦବଗଡ଼, ୪।୫(ସମିସ):** ବାରକୋଟ ଥାନା ଅନ୍ତର୍ଗତ ଆମଗାଁ ଉଚ୍ଚ ବିଦ୍ୟାଳୟରୁ କେତେକ ଅଜଣା ଦୁର୍ବୃତ୍ତ ଗତ ୨୮ ତାରିଖ ରାତିରେ ପଶି ବିଭିନ୍ନ ଉପକରଣ ଚୋରି କରିବା ସହ ବହୁ ସାମଗ୍ରୀ ଭଙ୍ଗାରୁଜା କରିଥିବା ନେଇ ଥାନାରେ ବିଦ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ଗତ ୨୮ ତାରିଖ ରାତିରେ ସ୍କୁଲ ଜଗୁଆଳି ଘରକୁ ଖାଇବାକୁ ଯାଇଥିବା ସମୟରେ କେତେକ ଦୁର୍ବୃତ୍ତ ସ୍କୁଲ ସ୍କାଏଲାଇଟ ଭାଙ୍ଗି ପଶିବା ସହ ସ୍କୁଲ କାର୍ଯ୍ୟାଳୟର ପ୍ରିଣ୍ଟର ଓ ଏକ ସିମ ଚୋରାଇ ନେଇଥିଲେ। ଏଥିସହ ବିଜ୍ଞାନାଗାରରେ ଥିବା ପ୍ରୋଜେକ୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିବା ସ୍କୁଲ ଜଗୁଆଳି ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ପରେ ଶୁକ୍ରବାର ପ୍ରଧାନଶିକ୍ଷକ ଏ ସମ୍ପର୍କରେ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଛନ୍ତି।

## ୧୯ ଖଣ୍ଡ ମୌଜାରେ ସୁରେଶ ପୂଜାରୀ ହଟହଟା

ଝାରସୁଗୁଡ଼ା, ୪।୫(ସମିସ): ସୁରେଶ ପୀଜାରୀଙ୍କୁ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ହଟ୍ଟ ହଟ୍ଟା ହେବାକୁ ପଡୁଛି। କେଉଁଠି ଲୋକେ ସୁରେଶ ପୂଜାରୀଙ୍କୁ ସିଧାସଳଖ ପ୍ରଶ୍ନ କରୁଛନ୍ତି ତ କେଉଁଠି ସୁରେଶ ପୂଜରୀଙ୍କ କର୍ମୀମାନଙ୍କୁ ପ୍ରଶ୍ନ କରୁଛନ୍ତି। ଏମିତ ଏକ ଘଟଣା ଦେଖିବାକୁ ମିଳିଛି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ୧୯ ଖଣ୍ଡ ମୌଜା ଅଞ୍ଚଳରେ। ସୁରେଶ ପୂଜାରୀ ତାଙ୍କ ପ୍ରଚାର ପାଇଁ ଲଖନପୁର ବ୍ଲକର ୧୯ ଖଣ୍ଡ କେ ମୌଜାକୁ ଯାଇଥିବାବେଳେ କେତେକ ସ୍ଥାନୀୟ ସରପଞ୍ଚ ଓ ଜନ ସାଧାରଣ ବିଗତ ୫ ବର୍ଷ ଧରି ଏହି ଅଞ୍ଚଳର ସେ ଏମପି ରହିଥିବାବେଳେ ଲୋକଙ୍କ ପାଇଁ କଣ କରିଛନ୍ତି। ବ୍ରଜରାଜନଗର ଅଞ୍ଚଳରେ ଦୀର୍ଘଦିନରୁ ଏକ ଦିଲ୍ଲୀ ପବ୍ଲିକ ସ୍କୁଲର ଦାବିଥିଲେ ମଧ୍ୟ ତାହା ପୂରଣ ହୋଇ ପାରୁନାହିଁ। ଏମ୍‌ସିଏଲର ନିର୍ମିତ ବନ୍ଧବାହାଲର ଡାକ୍ତରଖାନା ପରିଚାଳନା ହେଇପାରୁନାହିଁ। ଝାରସୁଗୁଡ଼ା ବିମାନ ବନ୍ଦରର ବିକାଶ ହେଇପାରୁନାହିଁ କିମ୍ବା ନୂତନ ସେକ୍ଟରକୁ ବିମାନ ସେବା ଆରମ୍ଭ ହୋଇ ପାରୁନାହିଁ। ଏ ସମ୍ପର୍କରେ ସୁରେଶ ପଜାରୀ କ'ଣ କରିଛନ୍ତି ବୋଲି ସ୍ଥାନୀୟ ଲୋକେ ସୁରେଶ ପୂଜରୀଙ୍କୁ ପ୍ରଶ୍ନ କରିଛନ୍ତି।

■ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷକ ନାରା ଦେଉଛନ୍ତି 'ଆମ ନେତା ଜିନ୍ଦାବାଦ'

# ମନ୍ତ୍ରୀ କୃତ୍ୟକୃତ୍ୟ; ନିର୍ବାଚନ ଆଚରଣବିଧିକୁ ଫୁ କରିଛି ବିଜେପି

**ଦେବଗଡ଼, ୪।୫(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ ଓ ଜିନ୍ଦାବାଦ ନାରା ଦେଉଥିବା ବୁଢ଼ାପାଳ ହାଇସ୍କୁଲର ଜଣେ ଶିକ୍ଷକଙ୍କ ଭିଡିଓ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଅଗାମୀ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବାଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶିକ୍ଷକମାନେ ରାଜନୀତିରେ ମାତିଥିବା ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଯାହା ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଖିଲାପର ଅସଲ ଚିତ୍ର ପଦାରେ ପଡ଼ିଛି। କ୍ଷମତା ଲାଳସାରେ ବିଜେପି ନିଜ ପ୍ରଚାରପ୍ରସାର ପାଇଁ କେଉଁଠି ଛାତ୍ର ତ କେଉଁଠି ଶିକ୍ଷକଙ୍କୁ ବ୍ୟବହାର କରିବାରେ ତିଳେମାତ୍ର ସଙ୍କୋଚ କରୁନାହିଁ। ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ ଓ ପ୍ରଚାର ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ



ସହ ଦଳୀୟ କାର୍ଯ୍ୟକ୍ରମରେ ଟୁହିଳାମାଲ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରଞ୍ଜନ କୁମାର ବିଶି ହରଡ଼ଘଣାରେ ପଡ଼ିଥିବା ବେଳେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ବେଗୁନିଆ ନାଳୀ ସ୍କୁଲ ଶିକ୍ଷକ ଧନେଶ୍ୱର ନାୟକ ଚର୍ଚ୍ଚାରେ ରହିଥିଲେ। ସେହିପରି ଗତ କିଛିଦିନ ଧରି ବୁଢାପାଳ ସ୍କୁଲର ବିଜ୍ଞାନ ଶିକ୍ଷକ ତପନ କୁମାର ମିଶ୍ର ବୁଢ଼ାପାଳ ରାଜରାସ୍ତାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ ଓ ଜିନ୍ଦାବାଦ ନାରା ଦେଉଥିବା ଭିଡିଓ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ଫଳରେ ବିଭିନ୍ନ ମହଲରେ ଶିକ୍ଷକ ତପନ ମିଶ୍ରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ପଞ୍ଚପଡ଼ା ବିଦ୍ୟାନଗରରେ ଜଳସେବା ଶିବିର ଉଦ୍‌ଘାଟିତ

**ଝାରସୁଗୁଡ଼ା, ୪।୫(ସମିସ):** ବିଦ୍ୟାନଗର ପଞ୍ଚପଡ଼ାରେ ଶିଶୁ ବିକାଶ ବିଦ୍ୟାମନ୍ଦିର ପଞ୍ଚପଡ଼ା ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ବିଶ୍ୱ ଶ୍ରମିକ ଦିବସ ଅବସରରେ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି।



ଉକ୍ତ ଶିବିରକୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଶାରୀରିକ ଶିକ୍ଷାଧିକାରୀ ବିମଳ ତାଣ୍ଡି ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା, ପ୍ରଦୀପ୍ତ କୁମାର ସା, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ସିଂ, ପଞ୍ଚପଡ଼ା ସିଆରସିସି ସୁରଜ୍ ପଟେଲ ଶିଶୁବିକାଶ ବିଦ୍ୟାମନ୍ଦିର ସମ୍ପାଦକ ଦିଗାମ୍ବର ମାଝୀଙ୍କ ସମେତ ନବୀନ ସେନ, ମନୋଜ ପରିଡ଼ା, ପ୍ରେମାନନ୍ଦ ପଟେଲ, ସୁରେନ୍ ସେଟ୍, ରୁପାନନ୍ଦ ଚୌଧୁରୀ ସାମିଲ ରହିଥିଲେ। ଶିଶୁ ବିକାଶ ବିଦ୍ୟା ମନ୍ଦିର ପଞ୍ଚପଡ଼ାର ପ୍ରଧାନ ଆଚାର୍ଯ୍ୟା ମମତା ସିଂହ, କୋଷାଧକ୍ଷା ପ୍ରିୟଙ୍କା ସାହୁଙ୍କ ସମେତ ଆରଜୁ ପଟେଲ, ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ୍, ବର୍ଷାରାଣୀ ଦୋରା, ବୀଣାପାଣି ପ୍ରଧାନ, ତାରିଣୀ ପ୍ରିୟା ମହାନ୍ତି, ଝରଣା ସାହୁ ଆୟୋଜନ କରିଥିଲେ।

# ଶତ ପ୍ରତିଶତ ମତଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା

**ଦେବଗଡ଼, ୪।୫(ସମିସ):** ଆଗାମୀ ନିର୍ବାଚନରେ ଜିଲ୍ଲାର ସମସ୍ତ ଭୋଟର ମତଦାନରେ ସକ୍ରିୟ ଅଂଶଗ୍ରହଣ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଓ ପୌର ପରିଷଦ କର୍ମଚାରୀଙ୍କୁ ନେଇ ଆୟୋଜିତ ବାଇକ୍ ଶୋଭାଯାତ୍ରା ପୌରାଞ୍ଚଳର ବିଭିନ୍ନ ୱାର୍ଡ ପରିକ୍ରମା



କରିବା ସହ ମ'୨୫ ତାରିଖରେ ହେବାକୁ ଥିବା ମତଦାନ ଦିବସ ତଥା ଗଣତନ୍ତ୍ରର ପବିତ୍ର ଉତ୍ସବରେ ସମସ୍ତେ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି। ଶନିବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରୁ ଏକ ମଟରସାଇକଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଏବଂ ଓରମାସ୍‌ର ଉପ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ପରକ୍ଷିତ ସାହୁ, ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଏପିଡି ଫାଇନାନ୍ସ ଆଶିଷ ବାରିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଯୋଗଦେଇଥିଲେ।

## ଗଛରେ ପିଟିହେଲା କାର୍; ଜଣେ ଗୁରୁତର

**ଝାରସୁଗୁଡ଼ା, ୪।୫(ସମିସ):** ମିର୍ଦ୍ଧାଡେରାଠାରେ ଶନିବାର ଏକ କାର୍ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିବାରୁ ଡ୍ରାଇଭର




ଗୁରୁତର ଆହତ ହୋଇଛନ୍ତି। ପ୍ରତ୍ୟକ୍ଷ ଦର୍ଶୀଙ୍କ ଅନୁସାରେ ଏହ କାର୍‌ଟି ବହୁ ଦ୍ରୁତଗତିରେ ଆସୁଥିଲା। ବାଟରେ ଆସୁଥିବା ଏକ ବାଇକ୍ ଆରୋହୀ ମଧ୍ୟ ଏହି କାର୍ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପରେ ଏହି କାର୍‌ଟି ମିର୍ଦ୍ଧାଡେରା ସ୍ମାର୍ଟ ପାର୍କ ବୁଲାଣିରେ ବୁଲେଇ ନ ପାରି ରସ୍ତା ତଳକୁ ଖସିପଡ଼ି ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ କାର୍ ଡ୍ରାଇଭର ରାଜେଶ ସୁନା ଗୁରୁତର ଭାବରେ ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଟିଆରଏଲ ଡାକ୍ତରଖାନାକୁ ପଠେଇଥିବାବେଳେ ଘଟଣାସ୍ଥଳରେ ବେଲାପାହାଡ଼ ପୁଲିସ ପହଞ୍ଚି କାର୍‌ଟିକୁ ଜବତ କରିଛି।

■ ସୁରେଶ ପୂଜାରୀଙ୍କ କର୍ମୀ ସମ୍ମିଳନୀ

## ଆସିଲେନି ବୁଥ୍‌କର୍ମୀ ଓ ମଣ୍ଡଳ ସଭାପତି

**ବ୍ରଜରାଜନଗର/ଝାରସୁଗୁଡ଼ା, ୪।୫ (ସମିସ):** ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜପୁର ଠାରେ ବ୍ରଜରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ଏକ କର୍ମୀ ସମ୍ମିଳନୀ ଆୟୋଜନ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ବ୍ୟକ୍ତି ତୁରିପଡ଼ା ଅଞ୍ଚଳର ଶ୍ରମିକ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୁରେଶ ପୂଜାରୀଙ୍କୁ ଖୋଦ୍ ବ୍ରଜରାଜନଗର ବିଜେପି କର୍ମୀ ଗ୍ରହଣ କରୁ ନ ଥିବା ନେଇ ଆଲୋଚନା ପରେ ନିରାଶ ହେଉଛନ୍ତି ସୁରେଶ। କିଛିଦିନ ତଳେ ଶିଶୁ ମାନଙ୍କୁ ତାଙ୍କର ମିଶ୍ରଣ ପର୍ବରେ ଦେଖିବାକୁ ମିଳିଥିଲା।

## ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ଆସନରୁ ସମସ୍ତ ପ୍ରାର୍ଥିତ୍ୱ କାଏମ

**ଝାରସୁଗୁଡ଼ା, ୪।୫(ସମିସ):** ଆଜି ସମସ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇ ଝାରସୁଗୁଡ଼ା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରାର୍ଥିପତ୍ର କାଏମ ରହିଛି। ଏହା ମଧ୍ୟରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଦୀପାଳି ଦାସ, ବିଜେପି ପ୍ରାର୍ଥୀ ଭାବେ ଟଙ୍କଧର ତ୍ରିପାଠୀ, କଂଗ୍ରେସରୁ ପ୍ରାର୍ଥିନୀ ଅମିତା ବିଶ୍ୱାଳ, ବିଏସ୍‌ପିରୁ ଦୁଇ ଜଣ ପ୍ରାର୍ଥୀ କାର୍ତ୍ତିକେଶ୍ୱର ଘୁଗର, ଝରଣା କିଶାନ, ସ୍ୱାଧୀନ ପ୍ରାର୍ଥିନୀ ଭାବେ ସଞ୍ଜିତା କିଶାନ, ସ୍ୱାଧୀନ ପ୍ରାର୍ଥିନୀ ଭାବେ ସାଧନା ପାଣ୍ଡେ, ନେସନାଲ ଆପନା ପାର୍ଟିର ପ୍ରାର୍ଥୀ ଭାବେ କଳାକାର ନାଏକ, ସ୍ୱାଧୀନ ପ୍ରାର୍ଥୀ ଭାବେ ଜ୍ଞାନେନ୍ଦ୍ର ବେହେରା, ଅମର ବଜାଜ ପ୍ରାର୍ଥିତ୍ୱ କାୟମ ରହିଛି। ସେହିପରି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ବିଜେଡିରୁ ଅଳକା ମହାନ୍ତି, ବିଜେପରୁ ସୁରେଶ ପୂଜାରୀ, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀନୀ ସୁଜାତା ସୁନା, ସିପିଆଇରୁ ରମେଶ କୁମାର ତ୍ରିପାଠୀ, କଂଗ୍ରେସରୁ କିଶୋର ଚନ୍ଦ୍ର ପଟେଲ, ଆମ ଆଦମୀ ପାର୍ଟିରୁ କୁମୁଦ ରଞ୍ଜନ ପ୍ରସାଦ, ସ୍ୱାଧୀନ ପ୍ରାର୍ଥୀ ସୁପ୍ରିତ କୁମାର ବେହେରା, ହେମନ୍ତ କୁମାର ରଣା, ସୁମିତ କୁମାର ଶାହା ଓ ଅଭୟଭାରତୀ ସେଖାୱତ ରାଜପୁତ ଜୈନ ନାମାଙ୍କନ ପତ୍ର କାଏମ ରହିଛି।

## ସଦର ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ



**ଝାରସୁଗୁଡ଼ା, ୪।୫(ସମିସ):** ସଦର ପୁଲିସ ପକ୍ଷରୁ ଶନିବାର ଝାରସୁଗୁଡ଼ା ସଦର ଥାନା ଅଧୀନ ଏକାତାଲି, ବିଟିଏମ୍, ପଞ୍ଚପଡ଼ା ଓ ସାରସମାଲରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଅବାଧ ନିର୍ବାଚନ କରିବା ସହିତ ଅପରାଧ ନିୟନ୍ତ୍ରଣ ପାଇଁ ଝାରସୁଗୁଡ଼ା ସଦରଥାନା ପକ୍ଷରୁ ଏକାତାଲି, ବିଟିଏମ୍, ପଞ୍ଚପଡ଼ା ଓ ସାରସମାଲରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚରେ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

# ଜେଏସ୍‌ଡବ୍ଲ୍ୟୁ ଆଇବିୟୁଏଲ୍ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

ଝାରସୁଗୁଡ଼ା, ୪।୫(ସମିସ)

ସାହାଜବାହାଲ ଜେଏସ୍‌ଡବ୍ଲୁଷ୍ଟବରାତ ତାପଜ ବିଦ୍ୟୁତ କେନ୍ଦ୍ରର ପ୍ଲାଣ୍ଟ ପରିସରକୁ ସାଇକଲ ନିଷେଧ କରିବାରୁ ଗତ ଗୁରୁବାର ଦିନରୁ ଶ୍ରମିକମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରିଥିଲେ। ଫଳରେ ଶନିବାର କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ପକ୍ଷରୁ ଶ୍ରମିକମାନଙ୍କ ସହିତ ଆଲୋଚନା କରି ବର୍ତ୍ତମାନ ପରିପ୍ରେକ୍ଷୀରେ ସାଇକଲ ପ୍ରବେଶକୁ ସମ୍ମତି ଦେବା ସହିତ ଅନ୍ୟ ଦାବି ଉପରେ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବାରୁ ରବିବାରଠାରୁ ଶ୍ରମିକମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡ଼ିଛି।



ଶ୍ରମିକମାନଙ୍କ ଦାବି ମୁତାବକ କମ୍ପାନୀ ପକ୍ଷରୁ ଶ୍ରମିକମାନଙ୍କ ସାଇକଲ ରଖିବାକୁ ଏକ ସାଇକଲ ଷ୍ଟାଣ୍ଡ ତିଆରି କରାଯାଉ, ପାନୀୟ ଜଳର ବ୍ୟବସ୍ଥା କରାଯାଉ, ମହିଳା ଶ୍ରମିକ ମାନଙ୍କ ନିମନ୍ତେ ଶୌଚାଳୟର ବ୍ୟବସ୍ଥା କରାଯାଉ, ଶ୍ରମିକ ମାନଙ୍କ ନିମନ୍ତେ ବିଶ୍ରାମାଗାର ତିଆରି କରାଯାଉ ଆଦି ଦାବି କରି ଆନ୍ଦୋଳନ କରିଥିଲେ। ଯାହା ଫଳରେ ଆଜି କମ୍ପାନୀ ପକ୍ଷରୁ ଏଚ୍‌ଆର ମ୍ୟାନେଜର ରଜତ ନାଏକ, ଅତିରିକ୍ତ ଡେପୁଟି ମ୍ୟାନେଜର ଏଚ୍‌ଆର୍ ପ୍ରଦୀପ ସାହୁ, ଲୋକସମ୍ପର୍କ ଅଧିକାରୀ ଶୁଶିଲ ପାଣିଗ୍ରାହୀ, ସୁରକ୍ଷା ଅଧିକାରୀ ସତ୍ୟଜିତ ବଳିୟାର ସିଂହ ପ୍ରମୁଖ ଶ୍ରମିକ ମାନଙ୍କ ସହିତ ଆଲୋଚନା କରିବାକୁ ଆସିଥିବା ବେଳେ ଶ୍ରମିକ ମାନଙ୍କ ପକ୍ଷରୁ ଠଣସୁନ୍ଦର ସାହୁ, ଆକାଶ କୁମାର ଗୁପ୍ତା, ବିଶ୍ୱଜିତ ସାହୁ, ସୁରେନ୍ଦ୍ର ଭୁଏ, ସନତ ସାହୁ, ନିରୋଜ ବଡ଼େଇ, ସୌମ୍ୟରଞ୍ଜନ ନାଏକ ପ୍ରମୁଖ ଆଲୋଚନାରେ ସାମିଲ ଥିଲେ।

# ଛତିଶଗଡ଼ ସୀମାନ୍ତରୁ ୮ ଲକ୍ଷ ଟଙ୍କା ଜବତ

**ନୂଆପଡ଼ା, ୪।୫(ସମିସ):** ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ନୂଆପଡ଼ା ପୁଲିସ ସେତିକି ସକ୍ରିୟ ହୋଇପଡ଼ିଛି। ପ୍ରତିଦିନ ବେନିୟମ ଭାବେ ଆବଶ୍ୟକତାରୁ ଅଧିକ ସଂଖ୍ୟକ ଟଙ୍କା ନେଉଥିବାବେଳେ ଲୋକେ ପୁଲିସ ହାବୁଡରେ ଧରା ପଡୁଛନ୍ତି। ଶନିବାର ନୂଆପଡ଼ା ଜିଲ୍ଲା ଛତିଶଗଡ଼ ସୀମାନ୍ତରେ ଥିବା ଜୋଙ୍କ ଥାନା ପୁଲିସ ୮ ଲକ୍ଷ ଟଙ୍କା ଜବତ କରିଛି। ଖଡିଆଲରୋଡ୍-ବେଲଟୁକୁରୀ ରାସ୍ତାର ଜେଞ୍ଜରା ଗାଁ ନିକଟରେ ପୁଲିସ ନାକାବନ୍ଦୀ କରିଥିଲା। ଏହି ସମୟରେ ବେଲଟୁକୁରୀ ପଟୁ ନେଗିପାଲିରୁ ଏନକୁମାର କୁମ୍ଭାର ନାମକ ଜଣେ ବ୍ୟକ୍ତି ଯାଞ୍ଚରେ ପଡ଼ିଥିଲେ। ତାଙ୍କଠାରୁ ୨ଲକ୍ଷ ୧୯ହଜାର ଟଙ୍କା ଜବତ ହୋଇଛି। ସେହିଭଳି ଅନ୍ୟଜଣେ ହେଲେ ବସନ୍ତ କୁମାର ଚନ୍ଦ୍ରକାର। ସେ ଖଡ଼ିଆଲରୋଡ୍‌ରୁ ବେଲଟୁକୁରୀ ପଟକୁ ଯାଉଥିବା ସମୟରେ ଧରା ପଡ଼ିଛନ୍ତି। ତାଙ୍କଠାରୁ ୫ଲକ୍ଷ ୮୦ହଜାର ଟଙ୍କା ଜବତ କରାଯାଇଛି। ଏହାକୁ ନେଇ ଭିନ୍ନ ଭିନ୍ନ ୨ଟି ଷ୍ଟେସନ ଡାଏରୀ କରାଯାଇଛି। ମାମଲାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଗୁରୁଦେବ କର୍ମୀ କହିଛନ୍ତି।



# ବିଜେଡି ପକ୍ଷରୁ ଗୁଡଭେଲା ବ୍ଲକରେ ମାରାଥନ୍ ପ୍ରଚାର



**ତୁଷୁରା, ୪।୫(ସମିସ)**

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ବିଧାୟିକ ପ୍ରାର୍ଥୀ ଟୁକୁନୀ ସାହୁ ଏବଂ ବଲାଙ୍ଗିର ଲୋକସଭା ଆସନ ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଶନିବାର ଗୁଡଭେଲା ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁ ଗାଁ ଯାଇ ମାରାଥନ ପ୍ରଚାର କରିଥିଲେ। ପଞ୍ଚାୟତର କେତେକ ଯୁବକ କଂଗ୍ରେସ ଓ ବିଜେପି ଛାଡି ମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ୍ ହୋଇଥିଲେ। ସେହିପରି ଘୁନା ପଞ୍ଚାୟତର ସିନ୍ଧୁର ମୁଣ୍ଡାର ଜଣାଶୁଣା ନେତା ନାଗେନ୍ଦ୍ର ମାଝୀ ନିଜର ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଥିଲେ। ଏହିପ୍ରଚାର କାର୍ଯ୍ୟକ୍ରମ ପ୍ରଥମେ ଘୁନା ପଞ୍ଚାୟତର ବାଗବାହାଲ, କୁମ୍ଭାରପଦର, କୁଲସୁଦ, ରାଣିମାଳ, ରାଜକେଳ, ସିନ୍ଧୁରମୁଣ୍ଡା, ଘୁନା, ଗୁଡଭେଲା ଗ୍ରାମପଞ୍ଚାୟତ ଡୁଙ୍ଗିବାହାଲ, ଗୁଣିମୁଣ୍ଡା, ହେରଣାପାଲି, ଦୁଲିକନା, ଆମଗାଁ, ଗୁଡଭେଲା ଏବଂ ଡୁଙ୍ଗୁରିପାଲି ପଞ୍ଚାୟତର ସମସ୍ତ ଗାଁକୁ ଯାଇ ନିର୍ବାଚନ ପ୍ରଚାରକରି ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ମନ୍ତ୍ରୀ ଓ ସୁରେନ୍ଦ୍ର ସିଂ ଭୋଇଙ୍କ ସହିତ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ନିର୍ବାଚନ ଦାୟିତ୍ୱରେ ଥିବା ବିଜେଡି ସଭାପତି ରଣଜୀତ ପୃଷ୍ଟି, ଗୁଡଭେଲା ଜିଲ୍ଲା ପରିଷଦ ସଭ୍ୟ ରାମ ନିବାସ ଅଗ୍ରୱାଲ, ତୁଷୁରା ଏନ୍ଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ଯୁବନେତା ଜ୍ୟୋତି ମହାପାତ୍ର, ରାମଶଙ୍କର ବାଗ, ପପୁ ଜୟସ୍ୱାଲ, ରତନ ଜୈନଙ୍କ ସହିତ ଶତାଧିକ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୫ ଆହତ

**କୋକସରା, ୪।୫(ସମିସ):** କୋକସରା ବ୍ଲକ କାଉଡୋଲା ସୁନାମାଲ ରାସ୍ତାରେ ଶନିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୫ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଲଡୁଗାଁ ଓ ଡୁଡୁକାଠେଙ୍ଗା ବନ୍ଦପଡ଼ାର ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ଲଡୁଗାଁର ୩ ଯୁବକ ଦିନେଶ ନାଏକ (୧୯), ପୂର୍ଣ ମାଝୀ (୧୯) ଓ ମହମ୍ମଦ ଦିଲଖୁସ (୧୯) ଏକ ବାଇକ୍ ଯୋଗେ ଟେମରା ଗାଁକୁ କାମ କରିବାକୁ ଯାଉଥିଲେ। ସେହିପରି ଟ୍ରାକ୍ଟର ମରାମତି କରିବା ପାଇଁ ବିପରୀତ ଦିଗରୁ ବାଇକ ଯୋଗେ ଲଡୁଗାଁ ଆସୁଥିବା ବନ୍ଦପଡ଼ାର ରାଜେଶ ମାଝୀ (୪୪) ଓ ସୁରେନ୍ଦ୍ର ସାହୁ (୫୪) କାଉଡୋଲା ସୁନାମାଲ ରାସ୍ତାର ଏକ ବୁଲାଣିରେ ଉଭୟଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକରେ ଥିବା ୫ ଜଣ ରାସ୍ତାରେ ଛିଟିକି ପଡ଼ି ଆହତ ହୋଇଥିଲେ। ରାସ୍ତାରେ ଯାଉଥିବା ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

**Format C-1**

*(for candidate to publish in Newspapers, TV)*

Declaration about criminal cases

(As per the judgment dated 25th September, 2018 of Hon'ble Supreme Court in WP (Civil) No. of 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate: **RAJENDRA DHOLAKIA, WARD NO. 8, AT/PO. KHARIAR ROAD, DIST – NUAPADA, PS. – JONK, ODISHA, 766104**

Name of political party: **BIJU JANTA DAL**

(Independent candidates should write "Independent" here)

Name of Election: **GENERAL ELECTIONS – 2024**

*Name of Constituency: **NUAPADA – 71**

I RAJENDRA DHOLAKIA (name of candidate), a candidate for the abovementioned election, declare for public information the following details about my criminal antecedents:

| Sl No. | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section (s) of Acts concerned and brief description of offence (s) | Name of Court & date(s) of order(s) | Description of offence(s) & punishment imposed |
| 1 | JMFC – 1 BOLANGIR | 420 / 17 | U/S – 143/283/279 of IPC | N.A. | N.A. |

*In the case of election to Council of States or election to Legislative Council by MLAs, mentioned the election concern in place of name of constituency.

**Sd/- Rajendra Dholakia**

Declaration about criminal cases — Format C-1.

(As per the judgement dated 25th September 2018 of Hon'ble Supreme Court in WP(Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate :**Ghasiram Majhi, At/PO/District - Nuapada-766106.**

Name of the Party : **"Independent"**

Name of Election : **General Election 2024**

Name of Constituency: **71 – Nuapada Assembly Constituency.**

I **Ghasiram Majhi**, a candidate for the above mentioned election, declare for public information the following details about my criminal antecedents.

(A) Pending criminal Cases

| Sl No | Name of Court | Case No and dated | status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | SDJM, Nuapada | CT-314/23 | Appearance | U/S 147/294/341/452/283/ 186/353/ 332/506/149 of IPC |
| 2 | JMFC, Khariar | 174/ 2023 | Appearance | U/S 143/ 283/294/149 of IPC |
| 3 | SDJM, Nuapada | CT-457/22 | Appearance | U/S 143/283/186/353/427/323/ 149 of IPC & 4 of PDPP Act |
| 4 | SDJM, Nuapada | CT-320/21 | Appearance | U/S 143/ 149/269 /270/188/ of IPC & r.w. Sec 3 of PD Act |
| 5 | SDJM, Nuapada | CT- 92/21 | Appearance | U/S 143/283/186/149 of IPC |
| 6 | SDJM, Nuapada | CT-616/20 | Appearance | U/S 143/341/283/290/149 of IPC |
| 7 | SDJM, Nuapada | CT-613/20 | Appearance | U/S 143/ 186/283/149 of IPC |
| 8 | SDJM, Nuapada | CT- 60/20 | Appearance | U/S 143/283/149 of IPC |
| 9 | SDJM, Nuapada | CT-338/19 | Appearance | U/S 143/283/149 of IPC |
| 10 | SDJM, Nuapada | CT-272/18 | Appearance | U/S 143/ 341/186/283/149 of IPC |
| 11 | SDJM, Nuapada | CT- 33/18 | Hearing | U/S 143/283/149 of IPC |
| 12 | SDJM, Nuapada | CT-586/17 | Hearing | U/S 143/283/149 of IPC |
| 13 | SDJM, Nuapada | CT-423/17 | Hearing | U/S 143/294/283/149 of IPC |
| 14 | SDJM, Nuapada | CT-163/17 | Hearing | U/S427/294/506/147/148/149of IPC |
| 15 | SDJM, Nuapada | CT-349/16 | Hearing | U/S 147/283/149 of IPC |
| 16 | SDJM, Nuapada | CT- 60/16 | Hearing | U/S 143/283/149 of IPC |
| 17 | SDJM, Nuapada | CT-280/13 | Hearing | U/S294/354(A)/506/509/34of IPC |
| 18 | SDJM, Nuapada | GR-415/12 | Hearing | U/S143/341/342/383/184/149ofIPC |
| 19 | SDJM, Nuapada | GR 197/10 | Hearing | U/S 188/ 34 of IPC |

(B) Details about cases of conviction for criminal offences

| Sl No | Name of Court & Date of order | Description of offences & punishment imposed. | Maximum Punishment Imposed |
|---|---|---|---|
| Nil | Not Applicable | Not Applicable | Not Applicable |

Sd/- Ghasiram Majhi.

# ନାମାଙ୍କନପତ୍ର ଦାଖଲ ବେଳେ କଟିଲେ ଦୁଇ ପ୍ରାର୍ଥୀ

**ପାଟଣାଗଡ଼, ୪।୫(ସମିସ):** ପାଟଣାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାନସଭା ନିର୍ବାଚନ ପାଇଁ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜି ସ୍କୃଟନି ସମୟରେ ଦୁଇ ଜଣ ପ୍ରାର୍ଥୀ କଟିଯାଇଥିଲେ। ନ୍ୟାସନାଲ ପିପୁଲ ପାର୍ଟି ତରଫରୁ ପ୍ରହଲ୍ଲାଦ ପାଢ଼ୀ, ଏଲ୍‌ଡିଏରୁ ସ୍ୱାଧୀନ ପ୍ରାର୍ଥୀ ଲବସୁନା, ନବ ନିର୍ମାଣ କୃଷକ ସଂଗଠନ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଜତି ପଧାନ, କଂଗ୍ରେସ ତରଫରୁ ଅନିଲ ମେହେର, କୋଶଲ ରାଏଜ ମୁକ୍ତିମୋର୍ଚ୍ଚା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବଳରାମ ବରର୍ଗୀ, ଅଲ୍‌ଇଣ୍ଡିଆ ଫରୱାର୍ଡ ବ୍ଲକ ପାର୍ଟି ତରଫରୁ ଚୈତନ୍ୟ ବାଗ, ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ସାହୁ ଓ ନବନିର୍ମାଣ ସେବା ପାର୍ଟି ତରଫରୁ ନରେନ୍ଦ୍ର କୁମ୍ଭାର, ବିଜେଡିରୁ ସରୋଜ ମେହେର ଓ ବିଜେପିରୁ କନକ ବର୍ଦ୍ଧନ ସିଂଦେଓ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜି ସ୍କୃଟନି ସମୟରେ ସିକ୍ୟୁରିଟି ଟଙ୍କା ଜମା ନ କରିବାରୁ ପ୍ରହଲ୍ଲାଦ ପାଢ଼ୀ ଓ ନିଜ ଦଳୀୟ ଟିକଟ ଦାଖଲ ନ କରିପାରିବାରୁ ନରେନ୍ଦ୍ର କୁମ୍ଭାରଙ୍କ ପ୍ରାର୍ଥିପତ୍ର କଟିଯାଇଥିବା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ନାମାଙ୍କନ ଦାଖଲ କରିଥିବା ଅନ୍ୟ ୮ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାୟମ ରହିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ଦେଓଗାଁ ବ୍ଲକରେ ସମରେନ୍ଦ୍ରଙ୍କ ପ୍ରଚାର

**ବଲାଙ୍ଗିର, ୪।୫(ସମିସ):** ଦେଓଗାଁ ଅଞ୍ଚଳର ରାମଚନ୍ଦ୍ରପୁର ଓ ସିଙ୍ଘାମୁଣ୍ଡା ପଞ୍ଚାୟତରେ କଂଗ୍ରେସ ତରଫରୁ ଆୟୋଜିତ ଜନ ଆଶୀର୍ବାଦ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ପ୍ରଚାର କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଭାରେ ବଲାଙ୍ଗିର ବିଧାୟକ ନାରାସିଂହ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ନିର୍ବାଚନୀ ସଭାରେ ସମିତିସଭ୍ୟ ସଂକୀର୍ତ୍ତନ ବାଗ ଓ କଂଗ୍ରେସନେତା ବିପିନ କୁସୁଲିଆ ମଞ୍ଚାସୀନ ଥିଲେ।

**FormatC-1**

(For candidate to publish in News papers, TV)

Declaration about Criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil)No.536 of 2011 (Public Interest Foundation & Ors. Vs. Union of India and Anr.)

Name and Address of Candidate : **SHRI ADHIRAJ MOHAN PANIGRAHI**
**At: KHARIAR, PO: KHARIAR,**
**PS-KHARIAR, Dist: NUAPADA.**

Name of Political Party : **BIJU JANATA DAL**

Name of Election : **GENERAL ELECTION TO THE STATE LEGISLATIVE ASSEMBLY OF ODISHA-2024.**

Name of Constituency : **72- KHARIAR ASSEMBLY CONSTITUENCY.**

I **SHRI ADHIRAJ MOHAN PANIGRAHI** (name of candidate), a candidate for the above-mentioned election, declare for public information the following details about my criminal antecedents:

(A) Pending criminal cases

| Sl No. | Name | Case No. and dated | Status of case(s) | Section(s)of Acts concerned and brief description of offence(s) |
|---|---|---|---|---|
| 1. | JMFC, Khariar | C.T Case No.22/2018 | For Appearance | Sec- 143 being member of unlawful assembly. Sec- 283 resistance to the taking of property by lawful authority of a public servant. Sec- 149 every member of unlawful assembly guilty of offence committed in prosecution of common object. |
| 2. | JMFC, Khariar | C.T Case No.65/2021 | For Appearance | Sec- 143 being member of unlawful assembly. Sec- 186 obstructing public servant in discharge of public functions. Sec- 283 resistance to the taking of property by lawful authority of a public servant. Sec- 149 every member of unlawful assembly guilty of offence committed in prosecution of common object. |
| 3. | JMFC, Khariar | C.T Case No.415/2018 | For Appearance | Sec- 143 being member of unlawful assembly. Sec- 186 obstructing public servant in discharge of public functions. Sec- 283 resistance to the taking of property by lawful authority of a public servant. Sec- 149 every member of unlawful assembly guilty of offence committed in prosecution of common object. |
| 4. | JMFC, Khariar | C.T Case No.171/2023 | For Appearance | Sec- 143 being member of unlawful assembly. Sec- 283 resistance to the taking of property by lawful authority of a public servant. Sec- 294 obscene acts and songs. Sec- 149 every member of unlawful assembly guilty of offence committed in prosecution of common object. |
| 5. | JMFC, Khariar | C.T Case No.484/2023 | For Appearance | Sec- 143 being member of unlawful assembly. Sec- 283 resistance to the taking of property by lawful authority of a public servant. Sec- 149 every member of unlawful assembly guilty of offence committed in prosecution of common object. |
| 6. | JMFC, Khariar | C.T Case No.335/2018 | For Appearance | Sec- 143 being member of unlawful assembly. Sec- 283 resistance to the taking of property by lawful authority of a public servant. Sec- 149 every member of unlawful assembly guilty of offence committed in prosecution of common object. |
| 7. | JMFC, Komna | G.R Case No.289/2009 | For Appearance | Sec- 143 being member of unlawful assembly. Sec- 283 resistance to the taking of property by lawful authority of a public servant. Sec- 149 every member of unlawful assembly guilty of offence committed in prosecution of common object. |
| 8. | JMFC (Special Court), Bolangir | G.R Case No.154/2011 | For Appearance | Sec- 143 being member of unlawful assembly. Sec- 283 resistance to the taking of property by lawful authority of a public servant. Sec- 149 every member of unlawful assembly guilty of offence committed in prosecution of common object. |
| 9. | JMFC, Boden | C.T Case No.582/2016 | For Appearance | Sec- 143 being member of unlawful assembly. Sec- 283 resistance to the taking of property by lawful authority of a public servant. Sec- 294 obscene acts and songs. Sec- 506 criminal intimidation. Sec- 149 every member of unlawful assembly guilty of offence committed in prosecution of common object. |

(B) Detail about cases of conviction for criminal offence(s)

| Sl No. | Name of Court Date(s) | Description of offence(s) &punishment imposed | Maximum Punishment Imposed |
|---|---|---|---|
| 1 | NA | NA | NA |

*InthecaseofelectiontoCouncilofStatesorelectiontoLegislativeCouncilbyMLAs, mention the election concerned in the place of name of constituency.

**Sd/- Adhiraj Mohan Panigrahi**

# ହାତ





ଲିପ୍‌ସା ପଟେଲ

ଏଇ ହାତ ଦୁଇଟି ମୋର। ମୋ ନିଜର। କିନ୍ତୁ ବେଳେ ବେଳେ ଯେମିତି ମୋ ଅକ୍ତିଆରରେ ନ ରହି ମୋତେ ଅନେକ ଅସାମଞ୍ଜସ୍ୟ ପରିସ୍ଥିତିରେ ପକାଇଦିଏ। କେତେବେଳେ ସେ ଲମ୍ବିଯାଇ ସ୍କାଇଲାଇଟ୍‌ରେ ବସା ବାନ୍ଧିଥିବା ପକ୍ଷୀଙ୍କ ଅଣ୍ଡାକୁ ସଙ୍ଗୋଳି ନିଏ ତ କେବେ କାହାକୁ ସାହାଯ୍ୟ କରିବା ପାଇଁ ଲମ୍ବିଯାଏ। ଝର୍କା ସେପଟର ବରଗଛ ଓହଳ ପ୍ରାୟ ତ ଏଇ ମୋର ହାତ; କିନ୍ତୁ ସେ ବରଗଛ ଓହଳ ଯେ କେମିତି ପକ୍ଷୀମାନଙ୍କୁ ବସା ବାନ୍ଧିବା ପାଇଁ ନିରାପଦ ଆସ୍ଥାନର ପ୍ରତିଶ୍ରୁତି ଟିକକ ଦେଇପାରେନି? ବୋଧହୁଏ ଏକ ବିବଶତା ଭିତରେ ବାନ୍ଧି ହୋଇଯାଏ। ବେଳେ ବେଳେ ମୁଁ ମଧ୍ୟ ଅନେକ ବିବଶତାରେ ବନ୍ଧା ପଡିଯାଏ।

ମା' ଘରେ ଓ ମନ୍ଦିରରେ ପୂଜା କଲାବେଳେ ମୁଁ ସାଥିରେ ଥାଏ। ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଦେଖି ଆଶ୍ଚର୍ଯ୍ୟ ହୁଏ। ମା'କୁ ପଚାରେ, ଠାକୁରଙ୍କର ତ ନିଜର ହାତ, ଗୋଡ଼ ନାହିଁ ପୁଣି ତୁ କେମିତି କହୁ, ଠାକୁର ସାହା ହେବେ ଚଉବାହାକୁ? ମା' ମୋର ମୁଣ୍ଡ ଆଉଁସି କହେ, ଠାକୁରଙ୍କ ନିଜ ହାତ, ଗୋଡ଼ ନଥିଲେ କ'ଣ ହେଲା? ସେ ପରା ଜଗତରେ ଏତେ ଲୋକଙ୍କୁ ସୃଜିଛନ୍ତି, ହାତଗୋଡ଼ ଦେଇଛନ୍ତି, ନିଜର ସ୍ୱରୂପ ଦେଇଛନ୍ତି। ଠାକୁର ନିଜେ କ'ଣ ଆସି ସାହାଯ୍ୟ କରିବେ? ତାଙ୍କର ଏଇ ସୃଷ୍ଟିରେ ଲୋକମାନେ ହିଁ ତାଙ୍କର ପ୍ରତିନିଧି। ମୁଁ କିଛି କିଛି ବୁଝେ ଓ ଅନେକ କିଛି ଅବୁଝା ରହିଯାଏ; ତଥାପି ହାତ ବଢ଼ାଇ ପୁରୋହିତଙ୍କଠାରୁ ଭୋଗ ପ୍ରଥମେ ଖାଇଦିଏ। ସେଇ ହାତରେ ମନ୍ଦିର କଡ଼ରେ ବସିଥିବା ଭିକାରୀଙ୍କୁ ପଇସା ଦିଏ। ସେମାନେ ନିଜ ନିଜ ହାତଯୋଡ଼ି ଅବା ହାତଟେକି ଆଶୀର୍ବାଦ ମଧ୍ୟ କରନ୍ତି।

ପାଠପଢ଼ା ସାରି ଚାକିରି କଲା ପରେ ଏଇ ହାତରେ ହାତଗଣ୍ଠି ଦେଇ ସଂଯୁକ୍ତା ସାତଜନ୍ମ ପାଇଁ ମୋର ଜୀବନସାଥୀ ହୋଇଗଲେ। ହାତରେ ହାତ ଛନ୍ଦି ଆମେ ଅନେକ ଜାଗା ବୁଲିଛୁ, ସାଥି ହୋଇ ଜୀବନ ବିତାଇବାର ଶପଥ କରିଛୁ। ବାହାଘରର ଦୁଇ ବର୍ଷ ପରେ ଆମ କୋଳକୁ ଆସିଥିଲା ଆମର ପ୍ରଥମ ସନ୍ତାନ, ଆମ ପୁଅ। ପ୍ରଥମଥର ତାକୁ ଏଇ ହାତରେ ଉଠାଇଲା ବେଳେ ମୁଁ ନିଜକୁ ଏଇ ସଂସାରର ସର୍ବଶ୍ରେଷ୍ଠ ମଣିଷ ବୋଲି ବିବେଚନା କରୁଥିଲି। ଏଇ ହାତର ଆଙ୍ଗୁଳି ଧରି ସେ ଚାଲିବା ଶିଖିଲା, ପାଠ ପଢ଼ିବା ଶିଖିଲା। ତା' ହାତଧରି ମୁଁ ଅକ୍ଷର ଶିଖାଇଲି। ଖେଳିଲା ବେଳେ ପଡ଼ିଗଲେ ଏଇ ହାତରେ ତ ଧୂଳି ଝାଡ଼ି ଦେଉଥିଲି। ରାତିରେ ଜହ୍ନ, ତାରା, ସପ୍ତର୍ଷିମଣ୍ଡଳକୁ ଆଙ୍ଗୁଳି କରି ଦେଖାଉଥିଲି। ଏଇ ହାତରେ ସତରେ ମୁଁ କ'ଣ କ'ଣ ନ କରିଛି!

ବାର୍ଦ୍ଧକ୍ୟରେ ମା' ଯେତେବେଳେ ଖଟ ଧରିଲା ଏଇ ହାତରେ ତାଡ଼ର ଗୁହମୂତ ସବୁ କଲି, ଔଷଧ ଖୁଆଇ ଦେଉଥିଲି, ଗାଧୋଇ ଦେଉଥିଲି...ହାତରେ ଟେକି ହ୍ୱିଲ୍‌ଚେୟାରରେ ବସାଇ ବୁଲାଉଥିଲି। ଯେଉଁ ହାତରେ ମା' ମୋତେ ବଡ଼ କରିଥିଲା, ଦିନେ ସେଇ ହାତ ଅବଶ ହୋଇଗଲା। ତେଣୁ ମୁଁ ତା' ହାତ ବଦଳରେ ଖଞ୍ଜିଦେଇଥିଲି ମୋ ହାତ। ସବୁ ଦାୟିତ୍ୱ, ଦିନଚର୍ଯ୍ୟା ମୋହରି ଯୋଡ଼ିଏ ହାତ ମୋ ମା'ର ସବୁ କାମ କରିଚାଲିଥିଲା।

ଏଇ ହାତ ଯୋଡ଼ାକ ଦୁଷ୍ଟ ହୋଇ ବାପାଙ୍କ ପକେଟରୁ ପଇସା ବି ଚୋରି କରିଥିଲା ଓ ନିର୍ଲଜ ସ୍ୱଭାବର ପରିଚୟ ସ୍ୱରୂପେ ସେଥିରେ ସିଗାରେଟ୍ ମଧ୍ୟ ଟାଣିଥିଲା। ଭାଇ ଭଉଣୀଙ୍କୁ ମାରପିଟ୍ ମଧ୍ୟ ଏଇ ହାତ ତ କରିଥିଲା। ନିଜର ଅସୂୟା ଭାବର ବଶବର୍ତ୍ତୀ ହୋଇ ଭଉଣୀକୁ ସାଇକେଲରୁ ବେଳେବେଳେ ଏଇ ହାତରେ ତ ଠେଲିଦେଇଥିଲି। ଯେଉଁ ବାପାଙ୍କ ପକେଟରୁ ପଇସା ଚୋରି କରୁଥିଲା ଏଇ ହାତ ହଲେ ସେଇ ବାପାଙ୍କୁ ମୁଖାଗ୍ନି ବି ଦେଇଥିଲା। କେବେ ଭୁଲ୍ ତ କେବେ ଭଲ। ଏମିତି ହିଁ ସାରା ଜୀବନ କେତେ କରାମତି କରିଚାଲିଛି ଏଇ ଯୋଡ଼େ ହାତ। ମା', ବାପା, ଗୁରୁଜନଙ୍କୁ ଭକ୍ତିପୂତ ପ୍ରଣାମ ମଧ୍ୟ କରିଛି ତ କାହାର ବଦମାସୀ ଦେଖି ଚାପୁଡ଼ା ବି ମାରିଛି।

ସେଦିନ କିନ୍ତୁ ଏକ ଅଦ୍ଭୁତ ଘଟଣା ଘଟିଗଲା। ଏମିତି ତ ଘଟଣାଟି ସାଧାରଣ; ମାତ୍ର ପିଲାଟିର କଥା? ସହରର ମଝାମଝି ଯେଉଁ ଛକଟି ଅଛି, ସେଇଠି ହିଁ ପିଲାଟି ଧଇଁସଇଁ ହୋଇ ବସିପଡ଼ିଥିଲା। ମୋର ଏଇ ହାତ ଦୁଇଟି ଯେତେବେଳେ ତାକୁ ସାହାଯ୍ୟ କରିବା ପାଇଁ ଲମ୍ବିଗଲା, ସେ ଡରିଯାଇ ତା' ହାତରେ ଧରିଥିବା ପଇସା ସବୁକୁ ପକେଟ୍‌ରେ ପୂରାଇଦେଲା। ମୋଠାରୁ ଆଶ୍ୱାସନା ପାଇଲା ପରେ ମୁହଁ ଖୋଲିଲା। ଏଇ ସହରରେ ଅନେକ ହାତ ଅଛି ଯିଏ ତାଡ଼ର ପଇସାକୁ ଲୁଟି ନିଅନ୍ତି। ତେଣୁ ସେ ଏଇ ପ୍ରତିମୂର୍ତ୍ତି ତଳେ ହିଁ ଲୁଚିକି ବସେ ଓ ପଇସା ଗଣେ। ଏଇ ପ୍ରତିମୂର୍ତ୍ତି, ଯାହାର ନାଁ ବି ତାକୁ ଜଣାନାହିଁ, ତା'ର ହାତ ତ ଅନ୍ତତଃ ନାହିଁ। ତେଣୁ ସେ ଏଇ ସ୍ଥାନକୁ ହିଁ ନିରାପଦ ମଣେ, ବିନା ଦ୍ୱିଧାରେ ପଇସା ଗଣେ ଓ ଘରକୁ ଫେରେ।

ମୋ' ହାତଟି ଯେତେବେଳେ ପକେଟରୁ ପଇସା କାଢ଼ି ତା' ପଟେ ବଢ଼ାଇଲା, ସେ ନେବାକୁ ମନାକଲା। ମୁଣ୍ଡ ହଲାଇ କହିଲା, ସେ ଭିକାରୀ ନୁହେଁ। ତା' ମା' ନିଜ ହାତରେ ବନେଇଥିବା ଫୁଲମାଳ, ମାଟି କଣ୍ଢେଇ ଏସବୁ ବିକ୍ରି କରି ରୋଜଗାର କରେ। ସେଦିନ ଆପେ ଆପେ ମୋର ଏଇ ହାତ ଦୁଇଟି ସେ ପିଲା ପାଇଁ ତାଳି ବଜାଇଥିଲା। ଏମିତି ହିଁ ଥାଆନ୍ତି ପ୍ରକୃତ ମହାପୁରୁଷମାନେ, ସ୍ୱାଭିମାନର ସହ ବଞ୍ଚିଥାନ୍ତି।

ସକାଳୁ ଏବେ ଆଉ ବାଲକୋନୀରେ ବସି ଗଛପତ୍ରକୁ ଯତ୍ନ କରିପାରୁନି ବୋଲି ଏଇ ପାର୍କ ପଟେ ଚାଲିଆସେ। ଅନ୍ତତଃ ଏଇଠି କିଛିଲୋକଙ୍କ ସହ ମିଳାମିଶା ଓ କଥାବାର୍ତ୍ତା କଲେ ମନ ହାଲୁକା ହୋଇଯାଏ। ଆଗରୁ ନିଜ ହାତରେ ପାରାମାନଙ୍କୁ ଖୁଦ ବିଞ୍ଚୁଥିଲି, ଅନେକ ପାରା ମଧ୍ୟ ଖାଇବା ପାଇଁ ଆସୁଥିଲେ। ଏବେ ଏଇ ହାତ ପାଇଁ...!

ପାର୍କରେ ଅନେକବେଳୁ ବସିଛି। ଡେରି ହେଲେ ପୁଣି ସଂଯୁକ୍ତା ଚିନ୍ତା କରିବେ ବୋଲି ବାହାରିଲା ବେଳେ ପଛପଟୁ କେହି ଜଣେ ଡାକିଲେ। ମୋର ଡାକ୍ତର ବନ୍ଧୁ ହସିହସି ମୋ ଆଡ଼କୁ ଆସୁଥିଲେ। ମୋ' ପାଖରେ ବସି କହିଲେ, ଜାଣିଛ ତୁମ ପାଇଁ ଗୋଟିଏ ଖୁସି ଖବର ନେଇ ଆସିଛି। ତୁମର କୃତ୍ରିମ ହାତ ଯୋଡ଼ାକ ପହଞ୍ଚିଯାଇଛି। ଖୁବ୍ ଶୀଘ୍ର ଅପରେସନ୍ କରି ଖଞ୍ଜିଦେବା। ସତରେ? ଏଇ ହାତ ଯୋଡ଼ାକ ସହ ମୁଁ ଏଭଳି ଭାବରେ ଅଭ୍ୟସ୍ତ ଯେ ତା'ର ଅନୁପସ୍ଥିତିକୁ ମୁଁ ଜାଣିପାରୁନି। ମୋର ମାନସଚକ୍ଷୁରେ ତାକୁ ଅନୁଭବ କରିପାରୁଛି। ଏଇ ଅବାଧ୍ୟ ହାତ ଯଦି ସେଦିନ ଗାଡ଼ିର ଷ୍ଟିଅରିଂକୁ ଭଲ ଭାବରେ ଆୟତ୍ତ କରିଥାନ୍ତା ତେବେ ଆଜି ଏଇ ଦିନ ଦେଖିବାକୁ ପଡ଼ିନଥାନ୍ତା! ଭାଗ୍ୟ ଭଲ ମୁଁ ଏକୁଟିଆ ଥିଲି। ମୋ ପରିବାର ଅନ୍ତତଃ ସେଇ ମର୍ମନ୍ତୁଦ ଦୁର୍ଘଟଣାରୁ ସୁରକ୍ଷିତ ରହିପାରିଲେ। ସେଇ ଦୁର୍ଘଟଣାରେ ମୁଁ ମୋର ହାତ ଦୁଇଟିକୁ ହରାଇଲି, ଆଉ ଏବେ କୃତ୍ରିମ ହାତ ସହ ମୋତେ ଅଭ୍ୟସ୍ତ ହେବାକୁ ପଡ଼ିବ।

ପାର୍କର ବେଞ୍ଚରେ ବସିବସି ଭାବୁଥିଲି, ବରଗଛର ଓହଳକୁ କାଟିଦେଇ କିଏ କ'ଣ ସେଇଠି ଖଞ୍ଜିପାରେ କୃତ୍ରିମ ଓହଳ? କିନ୍ତୁ ମୋ' କାନ୍ଧ ତଳକୁ ଅକ୍ତିଆର କରିନେବେ ମୋର ଦୁଇଟି କୃତ୍ରିମ ଓହଳ। ■

ଭବାନୀପାଟଣା

## ପୁସ୍ତକ ପରିଚୟ

### ଏକତ୍ର ଏକତ୍ରିଂଶତି

ଅନୁବାଦ: କ୍ଷୀରୋଦ ପରିଡ଼ା



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୧
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୪୨୫ ଟଙ୍କା

ପନ୍ଦରଟି ଭାରତୀୟ ଭାଷାର ଏକତିରିଶ ଜଣ ସୁପ୍ରସିଦ୍ଧ କଥାକାରଙ୍କ ଗଳ୍ପକୁ ନେଇ 'ଏକତ୍ର ଏକତ୍ରିଂଶତି' ପୁସ୍ତକ ପ୍ରକାଶ ପାଇଛି। ବିଶିଷ୍ଟ ଅନୁବାଦକ କ୍ଷୀରୋଦ ପରିଡ଼ାଙ୍କ ଅନୂଦିତ ଏହି ପୁସ୍ତକର ଗଳ୍ପଗୁଡ଼ିକ ଭାରତୀୟ ଭାଷାର ଗୋଟିଏ ଗୋଟିଏ ଉଚ୍ଚକୋଟୀର ସ୍ମରଣୀୟ ଗଳ୍ପ। ବିଶିଷ୍ଟ କଥାଶିଳ୍ପୀ ପ୍ରେମଚନ୍ଦଙ୍କ 'ମାଆ' ଓ ସତ୍ୟଜିତ ରାୟଙ୍କ 'ନିଧିରାମର ଇଚ୍ଛାପୂରଣ' ଗପ ଦୁଇଟି ଓଡ଼ିଶାର ପୃଷ୍ଠଭୂମି ଉପରେ ରଚିତ। 'ମାଆ' ଗପରେ ଓଡ଼ିଶାର ମରୁଡ଼ି କାଳର କଥା ବର୍ଣ୍ଣିତ ହୋଇଛି। ସେହିପରି 'ନିଧିରାମର ଇଚ୍ଛାପୂରଣ' ଗଳ୍ପରେ ପୁରୀ ସମୁଦ୍ରକୂଳର ବର୍ଣ୍ଣନା ରହିଛି। ସେପଟେ ବଙ୍ଗଳା ଭାଷାର ବିଶିଷ୍ଟ କଥାଶିଳ୍ପୀ ସଞ୍ଜୀବ ଚଟ୍ଟୋପାଧ୍ୟାୟଙ୍କ 'ଶ୍ରୀକୃଷ୍ଣଙ୍କ ଶେଷ କେତୋଟି ଦିନ' ଗଳ୍ପଟି ଶ୍ରୀକୃଷ୍ଣଙ୍କ ଦେହାବସାନ ପରେ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ରୂପେ ଆବିର୍ଭାବ ହେବାର ଆଖ୍ୟାନ ଉପରେ ରଚିତ। ସେହିପରି ଗୋବିନ୍ଦ ମିଶ୍ରଙ୍କ 'ପାଗଳା ବାବା', ଫଣୀଶ୍ୱରନାଥ ରେଣୁଙ୍କ 'ପହିଲିମାନର ଢୋଲ', ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ 'ଆହ୍ୱାନ', ଅମ୍ରିତା ପ୍ରୀତମଙ୍କ 'ନଦୀ ବହି ଚାଲିଛି ଅବିରତ', ଡି.ଜୟକାନ୍ତନଙ୍କ 'ଦାମ୍ପତ୍ୟ', ଏ.କେ. ରାମାନୁଜନଙ୍କ 'ବିବର୍ତ୍ତନ', ଚିତ୍ରା ମୁଦ୍‌ଗଲଙ୍କ 'ପତ୍ନୀ', ଅଶୋକମିତ୍ରନଙ୍କ 'ବାପାଙ୍କ ବନ୍ଧୁ', ହରିଶଙ୍କର ପରସାଇଙ୍କ 'ଭୋଲାରାମର ଜୀବନ' ଆଦି ଗଳ୍ପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ପ୍ରତ୍ୟେକଟି ଗପରେ ଭାରତୀୟ ଜନଜୀବନର ଚିତ୍ର ପ୍ରତିଫଳିତ ହୋଇଛି। 'ଏକତ୍ର ଏକତ୍ରିଂଶତି' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଅସରା ଆଲୁଅ

ପ୍ରୀତିଧାରା ସାମଲ



ପେନ୍ ଇନ୍ ବୁକ୍ସ,
ଏମ୍-୬/୫୧, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩
ପ୍ରଥମ ସଂସ୍କରଣ: ୨୦୨୨
ମୂଲ୍ୟ: ୨୧୯ ଟଙ୍କା

'ଅସରା ଆଲୁଅ' ଆମ ସମୟର ଅନ୍ୟତମ ପ୍ରତିଭାଶାଳୀ ଲବ୍ଧ ପ୍ରତିଷ୍ଠ କବି ପ୍ରୀତିଧାରା ସାମଲଙ୍କ ପଞ୍ଚମ କବିତା ସଂକଳନ। ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡର 'ପେନ୍ ଇନ୍ ବୁକ୍ସ' ଦ୍ୱାରା ପ୍ରକାଶିତ ଏହି ସଂକଳନରେ ଥିବା ୫୨ଟି କବିତା ଦୁଇ ଭାଗରେ ବିଭକ୍ତ। 'ଭାବଭଗ୍ନାଂଶ' ଶୀର୍ଷକ ଅନ୍ତର୍ଗତ 'ନାରୀ ଗୋଟିଏ ବର୍ଷାଋତୁ'ଠାରୁ 'ନଈ' ପର୍ଯ୍ୟନ୍ତ ୨୫ଟି କବିତାରେ ନାରୀର ଅନ୍ତଃସ୍ୱର, ବେଦନା ଓ ବିଭବ, ଅସହାୟତା ଓ ଆନନ୍ଦ, କ୍ରୋଧ ଓ ମୁକ୍ତିପିପାସୁ ଚେତନାର ଚମତ୍କାର ରୂପାୟନ ହୋଇଥିବାବେଳେ 'ଶ୍ୟାମଳ ସାରାଂଶ' ଶୀର୍ଷକ ଅଧୀନରେ 'ଦେଶାନୁଭବ'ଠାରୁ 'ଆମେ ଦୁହେଁ ଓ ସମୁଦ୍ର' ପର୍ଯ୍ୟନ୍ତ ଆଉ ୨୭ଟି କବିତାରେ ଜଣେ ସାଧାରଣ ମଣିଷର ଅନ୍ତର୍ଜଗତ ଓ ବର୍ହିଜଗତର ଅସରନ୍ତି ଅନୁଭବ, ଅତି ସୁନ୍ଦର ଭାବରେ ଚିତ୍ରିତ ହେଉଛନ୍ତି। ସେ ଅନୁଭବ ଦେଶକୁ ନେଇ, ସମୟକୁ ନେଇ, ପ୍ରେମକୁ ନେଇ, ଅନ୍ଧାର-ଆଲୁଅ ଓ ବିଭିନ୍ନ ଅନୁଭୂତିକୁ ନେଇ। ଶବ୍ଦ ଓ ଶୈଳୀରେ ଚମକ ଓ ଚିତ୍ରକଳ୍ପ ପ୍ରୟୋଗର ଅସାମାନ୍ୟ ଦକ୍ଷତା ସଂକଳିତ କବିତାଗୁଡ଼ିକରେ ଦେଖିବାକୁ ମିଳେ। ପ୍ରୀତିଧାରାଙ୍କ ରଚିତ 'ଡାଏରୀ', 'ଖେଳ', 'ଉର୍ଣ୍ଣାର ପୃଥିବୀ' ଓ 'ଦର୍ପଣରେ ନାରୀ' ପରେ ଏଇ ପଞ୍ଚମ କାବ୍ୟ ନୈବେଦ୍ୟ 'ଅସରା ଆଲୁଅ' ମଧ୍ୟ ଓଡ଼ିଆ କାବ୍ୟଜଗତରେ ଏକ ଉଲ୍ଲେଖନୀୟ ଯୋଗଦାନ ଦେବ, ଏହାର ଦୃଢ଼ ଭରସା ନିଜେ ଏଇ କବିତା ସଂକଳନର କବିତା ସମୂହ। ■

## ଏ ସପ୍ତାହର କବିତା

### ତୁମେ ପହଞ୍ଚିବା ପରେ



ଚିତ୍ତରଞ୍ଜନ ମିଶ୍ର

ତୁମେ ପହଞ୍ଚିଲା ବେଳକୁ
ପଛରେ ଥିଲା
ଗୋଟିଏ ଯୁଗାନ୍ତର ଦୃଶ୍ୟ
ଦିଗନ୍ତ ଆରପାର୍ଶ୍ୱରେ
ବିତି ଯାଇଥିବା ଗୋଟିଏ ଜନ୍ମର
ସଂସାର ଓ ଇତିହାସ।
ସମୁଦ୍ର କଡ଼ ଲେଉଟାଇ ସାରିଥିଲା
ଅଯୁତ ଉଦ୍‌ବେଳନକୁ ଉପକୂଳରେ ସମାହିତ କରି
ପ୍ରତିଦିନ ଓଦାବାଲିରୁ ଲିଭାଇ ଲିଭାଇ
ଅସ୍ତରବିର ପ୍ରତିଛବି।
ତୁମେ ପହଞ୍ଚିଲ, ତୁମ ପଛରେ
ଆକାଶର ଅଦ୍ଭୁତ ପୃଷ୍ଠାରେ
ଥିଲେ ବିବିଧ ରଙ୍ଗର ସୂର୍ଯ୍ୟ
ଚନ୍ଦ୍ର ତାରା ମେଘ
ବର୍ଷାରେ, ବିଜୁଳିରେ, ଗ୍ରହଣରେ, ପରାଗରେ
ଲେଖାଥିଲା କବିତାର ଅମୂର୍ତ୍ତ ଅକ୍ଷର।

ତୁମେ ପହଞ୍ଚିବା ପରେ
ସବୁ ହାଲୁକା ଲାଗେ ଫୁଲରେ ବସୁଥିବା ଚଢ଼େଇ ପରି
ଦେହ ଲାଗେ ଆତ୍ମା ପରି
ସଂସାର ସ୍ୱପ୍ନଟେ ପରି
ଅପ୍ରମେୟ ପ୍ରେମର ବିସ୍ମୟ। ■



ୱାଟର୍ ୱର୍କ୍ସ ରୋଡ୍, ପୁରୀ
chittaranjanmisra@gmail.com

### ଶବ୍ଦ



ମୌସୁମୀ ଦାସ୍

ଅବବୋଧର ଭାବଟିଏ
ଉଙ୍କି ମାରିଲା...
ଇଥରରୁ
ପଦ୍ମକୋରକର ଭୁରୁଭୁରୁ ମହକ ସଞ୍ଚରିଗଲା
କବିର ପ୍ରତିଟି ଲୋମରେ...
ସେ ଭାବକୁ ଜୀବନ୍ୟାସ ଦେବ କବି ଏବେ
କୋଉ ଶବ୍ଦରେ..!!

କଲମର ଶେଷପାଖରେ ଓଠ ଛୁଇଁ
ହଜି ଯାଇଥିଲା କବି
ଅଜଣା ଅନ୍ଧାରର ଗହନ ବନରେ

ଚିକ୍ କରି ଚମକି ଉଠିଲା ଶବ୍ଦଟିଏ
ଅନ୍ଧାରର କୁହେଳିକା ଭେଦି
ଧ୍ରୁବତାରା ପରି...
ସମୁଦ୍ର ସେପାଖ ଚକ୍ରବାଳରୁ
ଉଦିତ ସୂର୍ଯ୍ୟର ସୁମଞ୍ଜୁଳ ଲୋହିତ ଆଭା ଧରି।



ନତଜାନୁ କବି
ସଁପି ଦେଲା ନିଜକୁ
ମଥାନତ କରି...
ବିନତି କଲା ଶବ୍ଦକୁ
ନିରବିତ ଉଚ୍ଚାରଣର ସୁଷୁପ୍ତିରେ

ଭୂମିରୁ ଆକାଶ ଯାଏଁ ବିସ୍ତରି ଗଲା ଓଁକାର ଧ୍ୱନିର ମନ୍ତ୍ର
ଇଥରରୁ ଇଥର ଯାଏଁ ସଂଚରି ଗଲା ପ୍ରତିଧ୍ୱନି ତା'ର

ବୁକୁ ଭିତରେ ଲହରିତ
କବିତାର ଢେଉ
ଭାବ ସଞ୍ଚରଣର ଶୋଭାଯାତ୍ରାରେ
ଶବ୍ଦଙ୍କ ମେଳଣ ଛଟା,
କବିର ଆଖିରେ
ଅସୀମ ଆସ୍ପୃହାର ବିସ୍ତାର,
କବିତାର ଉଭାସ
ଉଦୟଦିଗର ସହସ୍ରାଂଶୁ ଆଲୋକରେ। ■

ଭୁବନେଶ୍ୱର



ମୁଁ କାହିଁକି ଲେଖେ

# "ଶ୍ରଦ୍ଧା ଓ ଅଶ୍ରଦ୍ଧା ଦେଇଛି ଲେଖକର ପରିଚୟ"

ଗଂଗାଧର ବିଶ୍ୱାଳ



ଆଜ୍ଞା! ଆପଣମାନଙ୍କୁ ନମସ୍କାର।

ଏ ପ୍ରଶ୍ନର ଉତ୍ତର ସତରେ କ'ଣ ମୋ ପାଖରେ ଅଛି!!

ମାତ୍ର ଗୋଟିଏ ବାକ୍ୟ। ବାକ୍ୟ ଶେଷରେ? (ପ୍ରଶ୍ନଚିହ୍ନ)

ଏହାର ଉତ୍ତର ଦେବାକୁ ହେଲେ ଅନେକ ବାକ୍ୟ। ବାକ୍ୟ ଶେଷରେ। (ପୂର୍ଣ୍ଣଚ୍ଛେଦ)

ପ୍ରଥମରୁ କହିରଖେ ଯେ, ମୁଁ ଲେଖକ ହେଲି ଆଉ କେତେବେଳେ। ଏଇ ଲେଖାଲେଖି କରୁଛି, ଯାହା।

ଏମିତିରେ କହିବାକୁ ଗଲେ, ଆମେ ସମସ୍ତେ ଜଣେ ଜଣେ ଲେଖକ। ଆମ ହାତରେ କଲମ ଅଛି। କାଗଜ ପିଠିରେ ଆମେ ଅକ୍ଷରର କାରୁକାର୍ଯ୍ୟରେ କେତେ କ'ଣ ବର୍ଣ୍ଣନା କରୁଛୁ। ତେବେ ମୋତେ ଜଣେ ଲେଖକ ବୋଲି କହି ମୋର କି ଉତ୍ତର ହେବ, ସେଥିପାଇଁ ଆପଣମାନେ ଚାତକ ସଦୃଶ ଅନାଇ ରହିବାର ଉଦ୍ଦେଶ୍ୟ ବୋଧେ ଆଉ କିଛି। ଯାହା କି, ଜଣେ ଲେଖକର ସଂଜ୍ଞା ହୋଇପାରେ।

ଆପଣମାନେ ମନେପକାନ୍ତୁ ତ, ବନ୍ଦ କୋଠରି ଭିତରେ ଥିବା ଜଣେ ଲୋକ ସତରେ କେତେ ଅସହାୟ। ଆଲୁଅ, ପବନ ଓ ପାଣି ବିନା ଜୀବନଟା କେମିତି ପାଣିରୁ ଉଠାଇ ଅଣାଯାଇଥିବା ନିରୀହ ମାଛ ସଦୃଶ। ଯଦି ଝରକା ଖୋଲି ମୁକୁଳା ପବନ, ଧାରେ ଆଲୁଅ ଓ ଖୋଲା ଆକାଶର ଦୃଶ୍ୟ ଦେଖିବାର ସୁଯୋଗ ମିଳିଲା, ଜୀବନଟା କେତେ ମୂଲ୍ୟବାନ ଓ କେତେ ଦରକାରୀ ବୁଝିବାରେ ଅଡୁଆ ରହିବ ନାହିଁ। ସେମିତି। ସେମିତି ମୋ ଅବସ୍ଥା ଥିଲା ଆଜକୁ ୪୫ ବର୍ଷ ତଳେ।

୧୯୮୦ ମସିହା। ଖାଇବା,ପଢ଼ିବା, ଚାକିରି ଅଥବା ବ୍ୟବସାୟ, ବିବାହ, ସଂସାର ଓ ପରିବାର ପ୍ରିୟଜନ,ସମାଜକୁ ଜାବୁଡ଼ି ଧରି ସେଇ ଚିରାଚରିତ ଶଗଡ଼ଗୁଳାର ଜୀବନ ବିତାଇବା ବ୍ୟତିରେକେ କ'ଣ ଆଉ କିଛି ନୂଆ ଚିନ୍ତା କରାଯାଇ ପାରିବ ନାହିଁ। ଏ ପ୍ରଶ୍ନ ମନରେ ଉଙ୍କି ମାରିଲା। କେବଳ ଉଙ୍କି ମାରିଲା ନାହିଁ, ବରଂ ଅଙ୍କୁର ହେଇ ମନର ମାଟିରେ ବଢ଼ିବାକୁ ଲାଗିଲା। ଅନୁକୂଳ ଓ ପ୍ରତିକୂଳ ପରିବେଶ ଓ ପରିସ୍ଥିତିମାନେ ଦିନର ଆଲୁଅ ଓ ରାତିର ଅନ୍ଧାର ହେଇ ବେଶ୍ ସହଯୋଗ କଲେ।

ତା' ସାଙ୍ଗକୁ ମନର ଚିନ୍ତା, କଳ୍ପନା, ବାସ୍ତବ ଜୀବନର ପ୍ରତିଫଳନ, ଅଧର୍ମ, କୁସଂସ୍କାର, ପ୍ରତିବାଦ,ଶୋଷଣ ଓ ଅମାନବିକତା ଆଦି ଯାବତୀୟ ଗୁଣ ଅଗୁଣର କଥା କହିବା ପାଇଁ କେତେକେତେ ଚରିତ୍ର ମୋ କାନ୍ଧରୁ ଓହଳିଲେ। ରାଜା ବିକ୍ରମାଦିତ୍ୟ ତାକୁ କାନ୍ଧେଇ କୃଚ୍ଛ୍ର ସାଧନା ପାଇଁ ଜୀବନକୁ ବାଜି ଲଗାଇବା ଭଳି ବିପଦର ପାହୁଣ୍ଡ ଉପରେ ଚାଲିଲେ। ପଥଶ୍ରାନ୍ତ ବିକ୍ରମାଦିତ୍ୟଙ୍କ ଶ୍ରମ ଲାଘବ ପାଇଁ ବେତାଳ ଗପିଲା।

ସେ ବେତାଳରୂପୀ କେତେକେତେ ଚରିତ୍ର ନିଜ ନିଜ କଥା କହିବା ପାଇଁ ଓ ଲେଖିବା ପାଇଁ ଧାଡ଼ିରେ ଛିଡ଼ା ହେଲେ। ଜଣକ ପରେ ଜଣେ, ତା'ପରେ ଜଣେ ଜଣେ କରି ଏମିତି କହି ଚାଲିଲେ ନିଜ ନିଜ କଥା। ଆଜିଯାଏଁ କହିଚାଲିଛନ୍ତି। ଧାଡ଼ିରେ ପଛକୁ ପଛ ଛିଡ଼ା ହୋଇଛନ୍ତି। ସେମାନେ ମୋ' ମନରେ, କଳ୍ପନାରେ, ବାସ୍ତବ ଓ ଅବାସ୍ତବ ସମସ୍ତ ପରିସ୍ଥିତିରେ ସାଥୀ ହେଇ ପାଖେ ପାଖେ ଅଛନ୍ତି। କଲମ ଧରାଇ ଦେଇ କହୁଛନ୍ତି,ଲେଖ, ଆମ କଥା ଲେଖ। ଲେଖିଚାଲ। ଲେଖକ ହୁଅ କି ନ ହୁଅ, ଲେଖିଚାଲ।

ଏଥର ଆପଣମାନଙ୍କ ପ୍ରଶ୍ନକୁ ମୁଁ ସମ୍ମାନ ଜଣାଇ କହିବାକୁ ଚାହେଁ ଯେ,ଲେଖକ ହେବାକୁ ମୋର ଇଚ୍ଛା। ଆହୁରି ଲେଖିବାକୁ ଅଛି। ପ୍ରେମ, ଜୀବନ, ଯନ୍ତ୍ରଣା, ସ୍ୱପ୍ନ, କୁସଂସ୍କାର, ନବଜାଗରଣର ବାର୍ତ୍ତା ଆଦି କେତେ କ'ଣ କହି ସଭ୍ୟ ସମାଜ ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କରିବାର ଅଛି।

ହଁ, ଆଉ ଗୋଟେ କଥା ଆଜ୍ଞା!

ଏଇସବୁ କଥାମାନ ଅଲଗା ଢଙ୍ଗରେ ବି କୁହାଯାଇପାରିଥାନ୍ତା। ମାତ୍ର ମୁଁ ପାରିଲି ନାହିଁ। ଏହା ମୋର ଅସାମର୍ଥ୍ୟ। ତେବେ ବି କାଗଜକଲମରେ ଲେଖି ସାମର୍ଥ୍ୟ ଅଛି ବୋଲି ବାହାସ୍ଫୋଟ ମାରିବି ନାହିଁ।

ପ୍ରଥମରୁ ତ ମୁଁ ଥିଲି ଅଂଧାରରେ। ଏକୁଟିଆ। ଚୁପ୍‌ଚାପ୍। ଅନ୍ୟାୟ, ଅପ୍ରୀତି, ଅଶ୍ରଦ୍ଧା ଓ ଅଜ୍ଞତାକୁ ଜଡ଼ ଅବସ୍ଥାରୁ ଚଳନଶୀଳ ଅବସ୍ଥାକୁ ଆଣି ପଥର ଦେହରେ ମୂର୍ତ୍ତି ତିଆରି କରି ଜୀବନର ଗୀତ ଗାଇଥିବା ଶିଳ୍ପୀସମ ଅକ୍ଷରର କୋଟିକାମରେ ହାତ ଦେବାର ପ୍ରୟାସ ରହିଲା।

ଅବଶ୍ୟ ସେ ସମୟରେ ଡାକବାଜିଯନ୍ତ୍ର, ସଭାସମିତି, ପଟୁଆର ଆଦି ଜନସମର୍ଥନକାରୀ କାର୍ଯ୍ୟକ୍ରମମାନ ନେବା ସମ୍ଭବ ନ ଥିଲା। ଏଣୁ ନିରବ, ଚୁପ୍‌ଚାପ୍ ଅଥଚ ଜଡ଼ କି ନିର୍ଜୀବ ନୁହେଁ ବୋଲି ଅନ୍ୟମାନଙ୍କୁ ଜଣାଇଦେବାର, ଏହା ହିଁ ଥିଲା ଏକ ପ୍ରମୁଖ ଉଦ୍ଦେଶ୍ୟ।

ଆଉ ଆଜି, ଆପଣମାନଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ମନର କଥା କେଇପଦ କହିଲାବେଳେ ହୁଏତ ସଠିକ୍ କଥା କହି ହେଉ ନାହିଁ। ତେବେ କ'ଣ କରିପାରିବି? ନ କହିପାରିବାଟା ହୁଏତ ମୋର ଅସାମର୍ଥ୍ୟ? ସାମର୍ଥ୍ୟ ବି । ମୋର ଅଣାୟତ୍ତ। ଆୟତ୍ତ ବି!

ଏଇଠି ଆପଣମାନଙ୍କ ପ୍ରଶ୍ନର ଉତ୍ତର ଅଛି। ସେଇଟି ହେଲା, ହଁ ମୁଁ ଜଣେ ଲେଖକ। ଲେଖିବା ମୋର କର୍ତ୍ତବ୍ୟ। ଦାୟିତ୍ୱ। ଯନ୍ତ୍ରଣା ଓ ଆନନ୍ଦ। ବୋଝ ଓ ବିଭୋର। କିନ୍ତୁ କେମିତି ହେଲି ଜାଣନ୍ତି?

ଆପଣମାନଙ୍କ ପାଇଁ। ଆପଣମାନଙ୍କ ଶ୍ରଦ୍ଧା/ ଅଶ୍ରଦ୍ଧା, ପ୍ରେମ/ ଘୃଣା, ନିନ୍ଦା/ ପ୍ରଶଂସା, ଅସୂୟା/ ଅନାଦର ହିଁ ମୋତେ ଦେଇଛି ଲେଖକର ପରିଚୟ। ଏମାନେ କହୁଛନ୍ତି। ଲେଖିଚାଲ। ହୃଦୟରୁ ହୃଦୟକୁ ପ୍ରେମ ଓ ଭଲପାଇବାର ମଂଜି ବୁଣିଚାଲ। ଲେଖକ ହେଲି କେମିତି, ସେ ପ୍ରଶ୍ନର ଉତ୍ତର ପଛରେ ଧାଇଁବା ଜାରି ରଖ। ■

"ଆମ ଘର"
ନିଉ କଲୋନି,ନେଳିଆବାଗ
ଶ୍ରୀକଣ୍ଠପୁର, ବାଲେଶ୍ୱର- ୭୫୬୦୦୧
ମୋ: ୯୪୩୭୧୨୯୨୬୫

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୫ • ପାଉଣ୍ଡ ୧୦୪.୪୬
- ୟୁରୋ ୮୯.୯୩ • ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୫,୮୯୦ (ଭୁବନେଶ୍ୱର)
- ରୁପା : ୮୩,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୮୭୮.୦୦
- ନିଫ୍ଟି ୨୨,୪୭୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ପେଟିଏମ୍‌କୁ ବଡ଼ ଝଟ୍‌କା

## ସଭାପତି ପଦରୁ ଭବେଶ ଗୁପ୍ତାଙ୍କ ଇସ୍ତଫା




**ନୂଆଦିଲ୍ଲୀ,୪।୫(ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ୱାନ୍ ୯୭ କମ୍ୟୁନିକେଶନ୍ସର ବ୍ରାଣ୍ଡ ପେଟିଏମ୍ କୁ ଲାଗିଛି ଏକ ବଡ ଝଟକା। ପେଟିଏମର ମୂଳ କମ୍ପାନୀ ୱାନ୍୯୭ କମ୍ୟୁନିକେସନର ସଭାପତି ତଥା ସିଓଓ ଭବେଶ ଗୁପ୍ତା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ପେଟିଏମ୍ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେଏ ସମ୍ପର୍କରେ କୁହାଯାଇଛି। ପେମେଣ୍ଟ ଏବଂ ଋଣ ବ୍ୟବସାୟର ତଦାରଖ କରୁଥିବା ଶ୍ରୀ ଗୁପ୍ତା ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଅପରପକ୍ଷେ ଫିନ୍‌ଟେକ୍ କମ୍ପାନୀ ପେଟିଏମ୍ ଏହାର ମ୍ୟାନେଜମେଣ୍ଟରେ କେତେକ ପରିବର୍ତ୍ତନ କରିଛି। ପେଟିଏମ୍ ମ୍ୟାନେଜମେଣ୍ଟରେ ପୁନଃର୍ଗଠନର ଏକ ଅଂଶ ସ୍ୱରୂପ ରାକେଶ ସିଂଙ୍କୁ ପେଟିଏମ୍ ମନିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ନିଯୁକ୍ତ କରିଛି। କମ୍ପାନୀ ବର୍ତ୍ତମାନ ପର୍ଯ୍ୟନ୍ତ ପେଟିଏମ୍ ମନିର ନେତୃତ୍ୱ ନେଉଥିବା ବରୁଣ ଶ୍ରୀଧରଙ୍କୁ ପେଟିଏମ୍ ସର୍ଭିସର ସିଇଓ ଭାବରେ ନିଯୁକ୍ତି ଦେଇଛି। ପେଟିଏମ୍ ସର୍ଭିସେସ୍ ମ୍ୟୁଚୁଆଲ୍ ଫଣ୍ଡ ଏବଂ ଅନ୍ୟାନ୍ୟ ଧନ ପରିଚାଳନା ଉତ୍ପାଦର ବଣ୍ଟନ ବ୍ୟବସାୟ ସହ ଜଡିତ।

# ମହଙ୍ଗା ହେବ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍

**ନୂଆଦିଲ୍ଲୀ,୪।୫(ଏଜେନ୍ସି)**

ସ୍ୱାସ୍ଥ୍ୟ ବୀମାଧାରୀଙ୍କ ପାଇଁ ବଡ଼ ଖବର। ଆଗକୁ ହେବ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ବାବଦରେ ବୀମାଧାରୀଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। ଯଦି ଏପରି କିଛି ଘଟେ ତେବେ ସ୍ୱାସ୍ଥ୍ୟ ବୀମା ନେଇଥିବା ଗ୍ରାହକଙ୍କୁ ଲାଗିବ ଏକ ବଡ଼ ଝଟ୍‌କା। ନିକଟରେ ଭାରତୀୟ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ପକ୍ଷରୁ କିଛି ବୀମା ନିୟମରେ ପରବର୍ତ୍ତନ କରାଯାଇଥିଲା। ତେବେ ଏହି ନିୟମ ବଦଳିବାର ପ୍ରଭାବ ବୀମା ପ୍ରିମିୟମ୍ ଉପରେ ଦେଖିବାକୁ ମିଳିପାରେ। ନୂଆ ନିୟମ ମୁତାବକ, ଏଣିକି ବୀମା କ୍ଲେମ ପାଇଁ ଆପଣଙ୍କୁ ଅତିବେଶୀରେ ୩ ବର୍ଷ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ପୂର୍ବରୁ ଏହି ସମୟସୀମା ୪ ବର୍ଷ ରହିଥିଲା। ଆଇଆରଡିଏଆଇ ପକ୍ଷରୁ ନିୟମରେ ପରିବର୍ତ୍ତନ କରାଯିବା ପରେ ବିଭିନ୍ନ ବୀମା କମ୍ପାନୀ ସେମାନଙ୍କର ପଲିସିଗୁଡ଼ିକର ପ୍ରିମିୟମରେ ପରିବର୍ତ୍ତନ କରିବା ନେଇ ବିଚାର କରୁଛନ୍ତି।ଏହି ଅନୁଯାୟୀ, ପ୍ରିମିୟମ୍ ଦେୟ ୧୦-୧୫% ବୃଦ୍ଧି ହୋଇପାରେ ବୋଲି ଜଣାପଡିଛି।

କମ୍ପାନୀମାନେ ଇନସ୍ୟୁରାନ୍ସ ସ୍କିମର ପ୍ରଦର୍ଶନକୁ ସମୀକ୍ଷା କରିବା ସହିତ ଖର୍ଚ୍ଚ ବୃଦ୍ଧି ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି। ତେଣୁ ଆପଣଙ୍କ ବୟସ ଓ ସହର ଆଧାରରେ ପ୍ରିମିୟମରେ ସାମାନ୍ୟ ହ୍ରାସ ଓ ବୃଦ୍ଧି ହୋଇପାରେ। ତେବେ ପ୍ରିମିୟମ ଦରରେ କରାଯିବାକୁ ଥିବା ଏହି ପରିବର୍ତ୍ତନ ନବୀକରଣ ପ୍ରିମିୟମକୁ ପ୍ରଭାବିତ କରିପାରେବ ନବୀକରଣ ସମୟ ନିକଟତର ହେଲେ ଏ ବାବଦରେ ପଲିସିଧାରୀଙ୍କୁ ସୂଚନା ଦିଆଯିବ।




**ପ୍ରିମିୟମ୍ ଦେୟ ୧୦-୧୫% ବୃଦ୍ଧି ହୋଇପାରେ**

ସେହିପରି କିଛି ବୀମା କମ୍ପାନୀ ପ୍ରିମିୟମ ମୂଲ୍ୟରେ ୧୦ରୁ ୧୫ ପ୍ରତିଶତ ବୃଦ୍ଧି କରିପାରନ୍ତି ବୋଲି ଆକୋ ଜେନେରାଲ ଇନସ୍ୟୁରାନ୍ସର ଉପାଧ୍ୟକ୍ଷ କହିଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟ ବୀମା ପଲିସୀ କ୍ରୟର ବୟସ ସୀମା ୬୫ ବର୍ଷ ରହିଥିବାବେଳେ ନିକଟରେ ଆଇଆରଡିଏଆଇ ତାହାକୁ ହଟାଇ ଦେଇଥିଲା। ତେଣୁ ପଲିସି କ୍ରୟ ପାଇଁ କୌଣସି ବୟସ ସୀମା ରହି ନ ଥିବାରୁ ସେହି ହିସାବରେ ପ୍ରିମିୟମ ବୃଦ୍ଧି ହୋଇପାରେ ବୋଲି ସେ କହିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ବୟସ ସହ ଜଡ଼ିତ ସ୍ଲାବ ପରିବର୍ତ୍ତନ ହେବା ଫଳରେ ପ୍ରିମିୟମ ୧୦ରୁ ୨୦ ପ୍ରତିଶତ ବଢ଼ିପାରେ। ବୀମା କମ୍ପାନୀଙ୍କୁ ଯେହେତୁ ନିଜର ଖର୍ଚ୍ଚ ଉପରେ ଧ୍ୟାନ ରଖିବାକୁ ପଡ଼ିଥାଏ, ସେଥିପାଇଁ ଏପରି ଘଟିଥାଏ। ଗତ କିଛି ବର୍ଷ ହେବ ଦେଶରେ ସ୍ୱାସ୍ଥ୍ୟ ବୀମାଧାରୀଙ୍କ ପ୍ରିମିୟମରେ ଅତ୍ୟଧିକ ବୃଦ୍ଧି ଘଟିଛି। ୨୦୧୯ରୁ ୨୦୧୪ ମସିହା ଏହି ୬ ବର୍ଷ ଅବଧି ମଧ୍ୟରେ ଏହି ରାଶି ୪୮ ପ୍ରତିଶତ ବୃଦ୍ଧି ପାଇଁ ୨୬,୫୩୩ରେ ପହଞ୍ଚିଯାଇଛି ବୋଲି ଏକ ରିପୋର୍ଟରେ କୁହାଯାଇଛି।

ସେହିପରି ଏଚଡିଏଫସି ଏର୍ଗୋ ପକ୍ଷରୁ ପୂର୍ବରୁ ପ୍ରିମିୟମରେ ପରିବର୍ତ୍ତନ ନେଇ ସୂଚନା ଦିଆଯାଇଥିଲା। କମ୍ପାନୀ ପ୍ରିମିୟମ୍‌ରେ ୭.୫ରୁ ୧୨.୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ବୀମା କମ୍ପାନୀ ତରଫରୁ ଏନେଇ ଗ୍ରାହକମାନଙ୍କୁ ଇ-ମେଲ ଜରିଆରେ ସୂଚନା ଦିଆଯାଇଛି। ତେବେ ଗ୍ରାହକଙ୍କୁ ଉତ୍ତମ ପ୍ଲାନ ଦେବା ଲକ୍ଷ୍ୟରେ ପ୍ରିମିୟମ ଦରରେ ସାମାନ୍ୟ ବୃଦ୍ଧି କରିବାକୁ ପଡୁଛି ବୋଲି ବୀମା କମ୍ପାନୀଙ୍କ ପକ୍ଷରୁ କୁହାଯାଇଛି।

# ଇଭିରେ ଲାଗିଛି ଫେମ୍-୨ ଯୋଜନାର ୯୦%ରୁ ଅଧିକ ପାଣ୍ଠି

**ନୂଆଦିଲ୍ଲୀ,୪।୫(ଏଜେନ୍ସି)**

ଦେଶରେ ବୈଦ୍ୟୁତିକ ଯାନ (ଇଭି) କୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ ଫେମ୍-୨ ଯୋଜନା ଆରମ୍ଭ କରିଥିଲେ। ବର୍ତ୍ତମାନ ଏହି ଯୋଜନା ଅନ୍ତର୍ଗତ ପ୍ରାୟ ୯୦ ପ୍ରତିଶତ ପାଣ୍ଠି ବ୍ୟବହାର କରାଯାଇଛି। ଏହି ଯୋଜନା ପାଇଁ ଚଳିତବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କେନ୍ଦ୍ର ସରକାର ୫ ବର୍ଷ ପାଇଁ ୧୧,୫୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ମୋଟ ଅର୍ଥରୁ ଏ ପର୍ଯ୍ୟନ୍ତ ୧୦,୨୫୩ କୋଟି ଟଙ୍କା ବ୍ୟବହାର କରାଯାଇଛି। ଯୋଜନାରେ ଏହି ଅର୍ଥକୁ ବିଗତ ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ଇଭି ଯାନକୁ ସହାୟତା ଦେବା ପାଇଁ ବ୍ୟବହୃତ ହୋଇଛି। ଏହି ଅର୍ଥର କିଛି ଅଂଶ ମାର୍ଚ୍ଚ ୩୧ ପୂର୍ବରୁ ବିକ୍ରି ହୋଇଥିବା ଯାନ ପାଇଁ ବ୍ୟବହାର କରାଯାଇପାରିବ, କିନ୍ତୁ ଏ ପର୍ଯ୍ୟନ୍ତ ଏହି ପ୍ରୋତ୍ସାହନ ଅର୍ଥ ପାଇବା ଲାଗି ଆବେଦନ କରାଯାଇନାହିଁ।

ଫେମ୍-୨ ଯୋଜନାର ବୈଦ୍ୟୁତିକ ତିନି ଚକିଆ ଯାନ (ଇ୩ଡବ୍ଲ୍ୟୁ) ବର୍ଗରେ ପାଣ୍ଠିର ସର୍ବାଧିକ ଉପଯୋଗ ହୋଇଛି। ଏଥିପାଇଁ ଆବଣ୍ଟିତ ୯୯୧ କୋଟି ଟଙ୍କାକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରାଯାଇଛି। ବସ୍



**ଚାରି ଚକିଆରେ ସବୁଠୁ କମ୍ ପାଣ୍ଠି ବ୍ୟବହୃତ**

ବର୍ଗରେ ଫେମ୍-୨ ଯୋଜନା ଅଧୀନରେ ଆବଣ୍ଟିତ ୯୯୧ କୋଟି ଟଙ୍କା ମଧ୍ୟରୁ ୯୪ ପ୍ରତିଶତ ପାଣ୍ଠିର ବ୍ୟବହାର କରାଯାଇଛି। ଏଥିସହିତ ବୈଦ୍ୟୁତିକ ଦୁଇ ଚକିଆ ଯାନ ପାଇଁ ଆବଣ୍ଟିତ ୪୭୫୬ କୋଟି ଟଙ୍କା ମଧ୍ୟରୁ ୯୦ ପ୍ରତିଶତ ପାଣ୍ଠି ବ୍ୟବହାର କରାଯାଇଛି। ଫେମ୍-୨ ଯୋଜନା ଅନ୍ତର୍ଗତ ପାଣ୍ଠିର ସବୁଠାରୁ କମ୍ କମ୍ ବ୍ୟବହାର ୪ ଚକିଆ ବୈଦ୍ୟୁତିକ ଯାନ(ଇ୪ଡବ୍ଲ୍ୟୁ) ରେ ହୋଇଛି। ଏହି ବର୍ଗ ପାଇଁ ଆବଣ୍ଟିତ ପାଣ୍ଠିର କେବଳ ୬୪ ପ୍ରତିଶତ ବ୍ୟବହାର କରାଯାଇଛି। ସରକାର ଇଭି ଚାର୍ଜର ପାଇଁ ଆବଣ୍ଟିତ ୮୩୯ କୋଟି ଟଙ୍କା ମଧ୍ୟରୁ ୬୩୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଶେଷ ଅବଧି ଯାଏ ମଧ୍ୟ ଆବଣ୍ଟିତ ପାଣ୍ଠିର ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରାଯାଇପାରିନାହିଁ। ଅକ୍ଟୋବର ୨୦୨୩ରେ ସରକାର ଏହି ଯୋଜନାରେ ବ୍ୟୟ ଲକ୍ଷ୍ୟକୁ ୧୦,୦୦୦ କୋଟିରୁ ୧୧,୫୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହା ହେଉଛି ଅନ୍ୟତମ କାରଣ ଯେଉଁଥିରେ ପାଣ୍ଠି ବ୍ୟବହାର ହୋଇପାରିବନାହିଁ। ଭାରୀ ଶିଳ୍ପ ମନ୍ତ୍ରଣାଳୟ ଇ୨ଡବ୍ଲ୍ୟୁ ଏବଂ ଇ୪ଡବ୍ଲ୍ୟୁ ପାଇଁ ଆବଣ୍ଟିତ ସମସ୍ତ ରାଶି ବ୍ୟବହାର କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଯୋଜନାର ପ୍ରଥମ ପର୍ଯ୍ୟାୟରେ ସରକାର ପ୍ରାୟ ୯୦୦ କୋଟି ଟଙ୍କା ଆବଣ୍ଟନ କରିଥିଲେ। ୨୦୧୯ ରେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ପରିମାଣ ୧୦,୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଅଦ୍ୟାବଧି, ୧୫ ଲକ୍ଷରୁ ଅଧିକ ଯାନ ଉତ୍ପାଦନରେ ଫେମ୍-୨ ଯୋଜନାର ଲାଭ ଉଠାଇଛନ୍ତି। ସରକାର ମଧ୍ୟ ଫେମ୍-୨ ଯୋଜନା ଅନ୍ତର୍ଗତ ମୋଟ ୬୮ ମୂଳ ଯନ୍ତ୍ରପାତି ଉତ୍ପାଦନକାରୀ (ଓଇଏମ୍) ପଞ୍ଜୀକୃତ ହୋଇ ପ୍ରାୟ ୧୫ ଲକ୍ଷରୁ ୧୭ଲକ୍ଷକୁ ବୃଦ୍ଧି କରିଛନ୍ତି। ମାର୍ଚ୍ଚରେ, ଭାରୀ ଶିଳ୍ପ ମନ୍ତ୍ରଣାଳୟ ଇଲେକ୍ଟ୍ରିକ୍ ମୋବିଲିଟି ପ୍ରୋମୋସନ୍ ସ୍କିମ୍ (ଇଏମ୍‌ପିଏସ୍) ୨୦୨୪ ନାମକ ଏକ ନୂତନ ଯୋଜନା ଘୋଷଣା କରିଛନ୍ତି। ଏହା ଅଧୀନରେ ଦେଶରେ ଇ୨ଡବ୍ଲ୍ୟୁ ଏବଂ ଇ୩ଡବ୍ଲ୍ୟୁ କୁ ପ୍ରୋତ୍ସାହିତ କରିବା ପାଇଁ ୫୦୦ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଥିଲା। ଆଥର୍ ଏନର୍ଜି, ବଜାଜ୍ ଅଟୋ, ହିରୋ ମୋଟୋକର୍ପ, ଓଲା ଇଲେକ୍ଟ୍ରିକ୍ ଏବଂ ମହିନ୍ଦ୍ରା ଇଭି ଭଳି ନିର୍ମାତାଙ୍କ ସହିତ ମୋଟ ୧୧ ଟି କମ୍ପାନୀ ଏଥିରେ ପ୍ରୋତ୍ସାହନ ରାଶି ନିମନ୍ତେ ଆବେଦନ କରିଥିଲେ। ୨୦୨୪ରେ ଇଭି ବିକ୍ରିରେ ୪୧ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ସବସିଡି କାଟ ଏବଂ ନିୟାମକ ପରିବର୍ତ୍ତନ ସତ୍ତ୍ୱେ ଏହା ଘଟିଛି। ୨୦୨୪ ଆର୍ଥିକବର୍ଷରେ ପଞ୍ଜୀକୃତ ଇଭି ସଂଖ୍ୟା ୧୬ଲକ୍ଷ ଅତିକ୍ରମ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ୧୧ ଲକ୍ଷରୁ ଅଧିକ ରହିଥିଲା।

# ଆମ୍ରି ହସ୍ପିଟାଲ ପକ୍ଷରୁ ମାଗଣା ଯକୃତ ପରାମର୍ଶ ଶିବିର

**ଭୁବନେଶ୍ୱର, ୪।୫(ସମିସ)**

ଆମ୍ରି ହସ୍ପିଟାଲ ପରିସରରେ ଏକ ଲିଭର କ୍ଲିନିକର ଶୁଭାରମ୍ଭ କରାଯାଇଛି। ଏଠାରେ ଆସନ୍ତା ମେ ୮ରେ ଏକ ମାଗଣା ଯକୃତ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଆୟୋଜନ କରାଯାଉଛି। ଲିଭର ପ୍ରତିରୋପଣ ସର୍ଜନ ଡାଃ ରାଜଶେଖର କେ କହିଛନ୍ତି, ଯକୃତ ରୋଗର ଶେଷ ପର୍ଯ୍ୟାୟରେ ଯକୃତ ପ୍ରତିରୋପଣ କରିବା ଦ୍ୱାରା ନିଶ୍ଚୟ ଏହି ସମସ୍ୟାର ସମାଧାନ ହୋଇପାରିବ। ଯକୃତ ରୋଗରୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ହେଲେ ଠିକ୍ ସମୟରେ ପରାମର୍ଶ ଏବଂ ଅସ୍ତ୍ରୋପଚାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ୍ରି ହସ୍ପିଟାଲର ପରିସରରେ ଲିଭର କ୍ଲିନିକ୍ ଉଦଘାଟନୀ ଦିବସରେ ସେଠାକୁ ଯାଇ ଡାକ୍ତରଙ୍କ ପାଖରୁ ସଠିକ୍ ପରାମର୍ଶ ନେବା ପାଇଁ ଆମେ ସମସ୍ତଙ୍କୁ ଉତ୍ସାହିତ କରୁଛୁ। ଏହି ଅବସରରେ ଆମ୍ରି ହସ୍ପିଟାଲର ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିର ବରିଷ୍ଠ ପରାମର୍ଶଦାତା ଡାଃ ପ୍ରତାପ ବେହେରା ସ୍ୱାସ୍ଥ୍ୟ ଉପରେ ଯକୃତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଆମ ଲିଭର ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା, ନିୟମିତ ବ୍ୟାୟାମ ଏବଂ ମଦ୍ୟପାନକୁ ନିୟନ୍ତ୍ରଣ କରିବା ଭଳି ସରଳ ଜୀବନଶୈଳୀ ଯକୃତ ରୋଗର ଆଶଙ୍କାକୁ ଯଥେଷ୍ଟ ହ୍ରାସ କରିପାରେ। ସେହିପରି ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିର ପରାମର୍ଶଦାତା ଡାଃ ଜ୍ଞାନରଞ୍ଜନ ରାଉତ ଯକୃତ ରୋଗ ଉପରେ ଆଲୋକପାତ କରି ଉଦବେଗ ପ୍ରକାଶ କରି କହିଥିଲେ, କ୍ରନିକ୍ ଲିଭର ରୋଗ ପ୍ରାୟତଃ ଜନସାଧାରଣଙ୍କୁ ପ୍ରଭାବିତ କରିଥାଏ।

ଏହା ଅନେକ ସମୟରେ ଗମ୍ଭୀର ଜଟିଳତା ସୃଷ୍ଟି କରିଥାଏ। ଏଣୁ ଯକୃତ ସ୍ୱାସ୍ଥ୍ୟ ଉପରେ ଏହି ଉତ୍ସର୍ଗୀକୃତ ଦିନ ପାଇଁ ମେ ୮ରେ ଆମ୍ରି ସହ ଯୋଡି ହେବାକୁ ଏବଂ ସୁସ୍ଥ ଯକୃତ ପାଇଁ ସକ୍ରିୟ ପଦକ୍ଷେପ ନେବା ପାଇଁ ଡାଃ ରାଉତ ଆହ୍ୱାନ ଦେଇଥିଲେ। ମାଗଣା ଲିଭର ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଅଂଶଗ୍ରହଣକାରୀମାନେ ପ୍ରଶଂସନୀୟ ପରାମର୍ଶ ଦ୍ୱାରା ଉପକୃତ ହୋଇପାରିବେ।

# ୧.୨୫ ଲକ୍ଷ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଲା ରିଲାଏନ୍ସ ଜିଓ

**ଭୁବନେଶ୍ୱର,୪।୫(ସମିସ)**

ରିଲାଏନ୍ସ ଜିଓ ଓଡ଼ିଶାରେ ମାର୍ଚ୍ଚ ମାସରେ ରାଜ୍ୟରେ ସର୍ବାଧିକ ୧.୨୫ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ୨୦୨୪ ମାର୍ଚ୍ଚ ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ୧୨୫୨୬୭ ନୂଆ ମୋବାଇଲ୍ ଉପଭୋକ୍ତା ଯୋଡ଼ିଥିବାବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦୀ ଏୟାରଟେଲ୍ ଏହି ସମୟରେ ମାତ୍ର ୭୪୨୭୦ ମୋବାଇଲ ଉପଭୋକ୍ତା ଯୋଡ଼ିଛି। ଅନ୍ୟପକ୍ଷରେ, ଭୋଡାଫୋନ୍ ଆଇଡିଆ (ଭି) ଓ ବିଏସ୍‌ଏନ୍‌ଏଲ୍ ମାର୍ଚ୍ଚ ମାସରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ଏହି ତଥ୍ୟରୁ ଜଣାପଡ଼ିଛି। ଏଥିସହିତ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ପାଖାପାଖି ୧.୫୨ କୋଟି ହୋଇଛି।ମାର୍ଚ୍ଚ ମାସରେ ଓଡ଼ିଶାରେ ଟେଲିକମ୍ ଗ୍ରାହକ ସଂଖ୍ୟାରେ ୧.୭୫ ଲକ୍ଷ ବୃଦ୍ଧି ଫଳରେ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ୩.୩୭ କୋଟିକୁ ବୃଦ୍ଧି ହୋଇଛି। ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ କ୍ରମାଗତ ଭାବେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ମାର୍ଚ୍ଚ ମାସରେ ସର୍ବାଧିକ ୨୧.୪୩ ଲକ୍ଷରୁ ଅଧିକ ଗ୍ରାହକ ଯୋଡ଼ିଛି। ଦେଶରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୪୬.୯୭ କୋଟିକୁ ବୃଦ୍ଧି ପାଇଛି ଏବଂ କଂପାନି ଦେଶର ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ରିଲାଏନ୍ସ ଜିଓ ଓଡ଼ିଶାର ଦୂରସଂଚାର କ୍ଷେତ୍ରରେ ୪୫% ରୁ ଅଧିକ ଉପଭୋକ୍ତା ବଜାର ଅଂଶ ଏବଂ ୫୨% ରୁ ଅଧିକ ରାଜସ୍ୱ ବଜାର ଅଂଶ ସହିତ ରାଜ୍ୟର ଏକ ନମ୍ବର ଏବଂ ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ହୋଇଛି। ରାଜ୍ୟରେ ଏହାର ସର୍ବବୃହତ ୪ଜି ଓ ୫ଜି ନେଟୱାର୍କ ଉପସ୍ଥିତି, ଦୁର୍ଗମ ଅଂଚଳରେ ଦ୍ରୁତ ସେବା ସମ୍ପ୍ରସାରଣ ଏବଂ ମାତ୍ର ୯୯୯ ଟଙ୍କାରେ ଉପଲବ୍ଧ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ସୁଲଭ ଜିଓ ଭାରତ ୪ଜି ଫୋନ୍‌ର ବ୍ୟାପକ ଲୋକପ୍ରିୟତା ବଳରେ ରାଜ୍ୟରେ ଜିଓ ଉପଭୋକ୍ତାଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି।

## ପିଆଜ ରପ୍ତାନି କଟକଣା ହଟିଲା

**ନୂଆଦିଲ୍ଲୀ,୪।୫(ଏଜେନ୍ସି):** ଶନିବାର ପିଆଜ ରପ୍ତାନି ଉପରେ ଲାଗିଥିବା କଟକଣାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି। ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ଏହି ଆଦେଶ ତୁରନ୍ତ କାର୍ଯ୍ୟକାରୀ କହିଛି। ଗତ ମାସରେ କେନ୍ଦ୍ର ସରକାର ବାଂଲାଦେଶ, ୟୁଏଇ, ଭୁଟାନ, ବାହାରିନ, ମରିସସ ଓ ଶ୍ରୀଲଙ୍କା ଭଳି ୬ଟି ଦେଶକୁ ୯୯ ହଜାର ମେଟ୍ରିକ ଟନ୍ ପିଆଜ ରପ୍ତାନି ପାଇଁ ଅନୁମତି ଦେଇଥିଲେ। ରବି ଓ ଖରିଫ ଫସଲର ଆନୁମାନିକ ଅଭାବ ଯୋଗୁଁ ପିଆଜର ଘରୋଇ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଗତ ବର୍ଷ ଡିସେମ୍ବରରେ ପିଆଜ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଥିଲା। ପିଆଜ ଦର ନିୟନ୍ତ୍ରଣ ପାଇଁ ସରକାର ଗତ କିଛି ମାସ ହେବ ପିଆଜ ରପ୍ତାନି ବନ୍ଦ କରିଥିଲେ। ଦେଶରେ ପିଆଜ ମୁଦ୍ରାସ୍ଫୀତିରୁ ଜନସାଧାରଣ ଯେପରି ମୁକ୍ତି ପାଇପାରିବେ ସେଥିପାଇଁ ସରକାର ପିଆଜ ରପ୍ତାନି ବନ୍ଦ କରିଥିଲେ।

## ସାଟେଲାଇଟ୍ ଫୋନ୍‌ର କାର୍ଯ୍ୟ

### ■ ସାଟେଲାଇଟ୍ ଉପଗ୍ରହ ସଂଯୋଗ କ’ଣ?

ଏଥିରେ ପୃଥିବୀର ନିମ୍ନ କକ୍ଷପଥକୁ ଏକ ଉପଗ୍ରହ ପଠାଯାଏ। ମୋବାଇଲ୍ ଏହି ସାଟେଲାଇଟ୍ ସହିତ ସିଧାସଳଖ ସଂଯୁକ୍ତ ହୋଇଥାଏ। ଏହାକୁ ଇଣ୍ଟରନେଟ୍ ବିମ୍ କୁହାଯାଏ।

### ■ ଉପଗ୍ରହ ସଂଯୋଗର ଲାଭ

ଏହି ଟେକ୍ନୋଲୋଜିରେ, ଉପଭୋକ୍ତାମାନଙ୍କୁ ଏକ ସେଲ୍ ଟାୱାରର ଆବଶ୍ୟକତା ପଡେନାହିଁ । ଏହା ସମଗ୍ର ବିଶ୍ୱରେ ଏହାର ଉତ୍କୃଷ୍ଟ ସଂଯୋଗ ପାଇଁ ଜଣାଶୁଣା। ଏହି ଟେକ୍ନୋଲୋଜିର ସାହାଯ୍ୟରେ ବ୍ୟାପକ ମାତ୍ରାରେ ନେଟୱାର୍କ ଉପଲବ୍ଧ ହୋଇଥାଏ। ଏଥିସହ, କଲ୍ ଡ୍ରପ୍ ସମସ୍ୟାର ସାମ୍ନା କରିବାକୁ ପଡି ନ ଥାଏ। ଏହା ମୋବାଇଲ୍ ଅପେକ୍ଷା ଭଲ ସିଗ୍‌ନାଲ୍ ଦେଇଥାଏ।

### ■ ସମସ୍ୟା କ’ଣ?

ସାଟେଲାଇଟ୍ ଫୋନ୍ ବହୁତ ମହଙ୍ଗା। ସାଟେଲାଇଟ୍ ସଂଯୋଗ ପାଇଁ ଏକ ପୃଥକ ସବ୍‌ସ୍କ୍ରିପସନ୍ ମଧ୍ୟ ନେବାକୁ ପଡିବ, ଯାହାର ମୂଲ୍ୟ ବହୁତ ଅଧିକ। ଏହା ବ୍ୟତୀତ ଖରାପ ପାଗରେ ସାଟେଲାଇଟ୍ ଫୋନ୍ କାମ କରେ ନାହିଁ। ଏହି କାରଣରୁ, କଲିଂ ଏବଂ ଇଣ୍ଟରନେଟ୍ ବହୁତ ମହଙ୍ଗା ହୋଇଯାଇଥାଏ। ସୁରକ୍ଷା ଦୃଷ୍ଟିରୁ ସାଟେଲାଇଟ୍ ଫୋନ୍ ପାଇଁ ସରକାରଙ୍କଠାରୁ ଅନୁମତି ନେବାକୁ ପଡିବ।

### ସାଟେଲାଇଟ୍ ଫୋନ୍

# ବିନା ନେଟ୍‌ୱର୍କ, ଟାୱାରରେ କରିବ କାମ

**ନୂଆଦିଲ୍ଲୀ,୪।୫(ଏଜେନ୍ସି)**

ଟେକ୍ନୋଲୋଜିର ବିକାଶ ସହ ସ୍ମାର୍ଟଫୋନ୍ ବ୍ୟବହାର ବଢ଼ିବାରେ ଲାଗିଛି। ସମୟ ସମୟରେ ଟେଲିକମ୍ ନେଟ୍‌ର୍ୱକ ନ ଥବା ସମୟରେ ବଡ଼ ସମସ୍ୟା ହୋଇଥାଏ। ନା ହୁଏ କଲ୍, ନା ଚାଲେ ଇଣ୍ଟରନେଟ୍। ସମସ୍ୟାରେ ପଡିଯାଇଥାନ୍ତି ୟୁଜର। ଠିକ୍ ଏହି ସମୟରେ ଦେବଦୂତ ସାଜିଥାଏ ସାଟେଲାଇଟ୍ ଫୋନ୍। ଏହି ଫୋନ୍ କଲ୍ କିମ୍ବା ଇଣ୍ଟରନେଟ୍ ପାଇଁ ମୋବାଇଲ୍ ଟାୱାର ଆବଶ୍ୟକ କରେନାହିଁ। ଏହି ଫୋନ୍‌ଗୁଗୁଡିକ ଉପଗ୍ରହ ସହିତ ସିଧାସଳଖ ସଂଯୋଗ ହୋଇଥାଏ। ଏଥିରେ ଆପଣ ମୋବାଇଲ୍ ନେଟୱାର୍କ ବିନା କାହାକୁ କଲ୍ କରିପାରିବେ ଏବଂ ଇଣ୍ଟରନେଟ୍



ସେବା ମଧ୍ୟ ବ୍ୟବହାର କରିପାରିବେ। ଏହି ଫୋନ୍ ସିଧାସଳଖ ଭାବେ ସାଟେଲାଇଟ୍ ସହ ସଂଯୋଗ କରିଥାଏ। ବର୍ତ୍ତମାନ ଦେଶରେ ସାଧାରଣ ନିର୍ବାଚନ ଚାଲିଛି। ଏବେ ବି ଦେଶର ଅପହଞ୍ଚ ଇଲାକାଗୁଡିକରେ ମୋବାଇଲ ଟାୱାର ନ ଥିବା ଯୋଗୁ ସେ ସବୁ ସ୍ଥାନରେ ଟେଲି ଯୋଗାଯୋଗରେ ବଡ଼ ସମସ୍ୟା ହେଉଛି। ଏଭଳି ପରିସ୍ଥିତିରେ ସରକାର ଏଠାରେ ସାଟେଲାଇଟ୍ ଫୋନ୍ ଏବଂ ବେତାର ସିଷ୍ଟମ ସ୍ଥାପନ କରିଛି। ଚଳିତଥର ସରକାର ଏଭଳି ସମସ୍ୟା ଥିବା ମତଦାନ କେନ୍ଦ୍ରଗୁଡ଼ିକରେ ମୋବାଇଲ୍ ଫୋନ୍ ନେଟୱାର୍କର ଅଭାବ ହେତୁ ସାଟେଲାଇଟ୍ ଫୋନ୍ ଏବଂ ବେତାର ସିଷ୍ଟମ ସହାୟତାରେ ଭୋଟିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମବଙ୍ଗରେ ନିର୍ବାଚନରେ ସାଟେଲାଇଟ୍ ଫୋନ୍ ବ୍ୟବହାର କରାଯାଉଛି, ଯାହା ବିଷୟରେ ସମ୍ପ୍ରତି ଅନେକ ଆଲୋଚନା ଚାଲିଛି। ତଥାପି, ପ୍ରଶ୍ନ ଉଠେ ଯେ ଏହି ସାଟେଲାଇଟ୍ ଫୋନରେ କ’ଣ ରହିଛି, ଯେଉଁଥିପାଇଁ ସେମାନଙ୍କୁ ନିର୍ବାଚନରେ ବ୍ୟବହାର କରିବା ଲାଭଦାୟକ ପ୍ରମାଣିତ ହୋଇପାରେ।

**ସାଧାରଣ ନିର୍ବାଚନରେ ହେଉଛି ବ୍ୟବହାର**

# ସୁଶ୍ରୀ

ସକାଳ
THE SAKALA
www.sakalaepaper.com



## ଟ୍ରେଣ୍ଡରେ କୋଟା-ଡୋରିଆ ଶାଢ଼ି



ଖରାଦିନେ ମହିଳାମାନେ ସୂତା ଶାଢ଼ି ଓ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ହାଲୁକା ଏବଂ ପିନ୍ଧିବାକୁ ଆରାମ ଲାଗିଥାଏ; କିନ୍ତୁ, ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ରହିଛି କୋଟା-ଡୋରିଆ ଶାଢ଼ି । ଏହା ଉଭୟ ସୂତା ଓ ସିଲ୍କ କପଡ଼ାର ଉପଲବ୍ଧ । ସୂତା ଶାଢ଼ି ପରିବର୍ତ୍ତେ ଅଧିକାଂଶ ମହିଳା ଏହି କୋଟା ଶାଢ଼ି ପିନ୍ଧିବାକୁ ବେଶୀ ପସନ୍ଦ କରୁଛନ୍ତି । ତେବେ ଏ ଶାଢ଼ି ବିଶେଷକରି ରାଜସ୍ଥାନର କୋଟା ସହରରେ ପ୍ରସ୍ତୁତ କରାଯାଇଥାଏ । ଏହାକୁ ବୁଣାକାରମାନେ ହାତରେ ବୁଣି ତିଆରି କରିଥାନ୍ତି ।

- ଏପ୍ରକାର ଶାଢ଼ିର ଦାମ୍ ଅଧିକ ହୋଇଥାଏ । ଏହାକୁ ବିଶେଷ କରି କପା ଓ ରେଶମ ସୂତାରେ ତିଆରି କରାଯାଏ ।
- ଗୋଟିଏ ଶାଢ଼ି ବୁଣିବାକୁ ୨୦ ଦିନ ସମୟ ଲାଗିଥାଏ, ସେହି କାରଣରୁ ଏହା ଅଧିକ ମହଙ୍ଗା ହୋଇଥାଏ ।
- ଏ ପ୍ରକାର ଶାଢ଼ି ଖରାଦିନେ ଆରାମ ଦେବା ସହ ସହଜରେ କ୍ୟାରି କରାଯାଇଥାଏ । ଏହାକୁ ପିନ୍ଧି ଯେକୌଣସି ସ୍ଥାନକୁ ଯାଇପାରିବେ ।

## ଓଡ଼ିଶୀ ମନସ୍କ ମନସ୍ମିତା

**ଟିଭିରେ ନୃତ୍ୟ ଦେଖି, ଆପଣାଛାଏଁ ଉଠୁଥିଲା ତାଙ୍କ ପାଦ, କଥା କହୁଥିଲା ଆଖି, ଧୀରେ ଧୀରେ ଏହି ନୃତ୍ୟ ରୁଚି ପାଲଟିଯାଏ ତାଙ୍କ ନିଶା । ଆଉ ନୃତ୍ୟକୁ ଜୀବନର ବ୍ରତ ଭାବ ଗ୍ରହଣ କରନ୍ତି ସେ । କେତେବେଳେ ମଞ୍ଚରେ ଓଡ଼ିଶୀ ତ ଆଉ କେତେବେଳେ ମାହାରୀ ନୃତ୍ୟ ପରିବେଷଣ କରି ନିଜର ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଛନ୍ତି । ନୂପୁରର ତାଳେ ତାଳେ, ଭାବଭଙ୍ଗୀ, ଠାଣି, ଚାତୁରୀରେ ବାନ୍ଧି ରଖିନ୍ତି ନୃତ୍ୟପ୍ରେମୀଙ୍କୁ । ସେମିତି ଜଣେ ପ୍ରତିଭାବାନ୍ ନୃତ୍ୟଶିଳ୍ପୀ ହେଉଛନ୍ତି ପୁରୀ ଜିଲ୍ଲାର ମନସ୍ମିତା ସାହୁ ।**





### ପିଲାବେଳୁ ନୃତ୍ୟ ପ୍ରତି ଦୁର୍ବଳତା

ଛୁଆବେଳୁ ନୃତ୍ୟ ପ୍ରତି ମନରେ ଖୁବ୍ ଆଗ୍ରହ ରହିଥିଲା । ଦୂରଦର୍ଶନରୁ ନୃତ୍ୟ ଓ ସଙ୍ଗୀତ ଦେଖି ଆଇନା ଆଗରେ ଆପେ ନାଚୁଥିଲେ ସେ । ତାଙ୍କର ଆଗ୍ରହ ଦେଖି ପରିବାର ଲୋକ ତାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିଲେ । ଫଳରେ ଦ୍ୱିତୀୟ ଶ୍ରେଣୀରୁ ଆରମ୍ଭ ହୁଏ ତାଙ୍କର ନୃତ୍ୟ ଶିକ୍ଷାର ଯାତ୍ରା । ଗୁରୁ କୃଷ୍ଣ କୁମାର ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶୀ ନୃତ୍ୟକୁ ଆଦରି ନିଅନ୍ତି । ସେବେଠୁ ଆରମ୍ଭ ହୁଏ ନୃତ୍ୟ ଯାତ୍ରା । ନୃତ୍ୟକଳାର ଯାଦୁ, ଅଙ୍ଗଭଙ୍ଗୀ ଠାଣିରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରନ୍ତି । ଓଡ଼ିଶୀରେ ସ୍ନାତକୋତ୍ତର ଶିକ୍ଷା କରୁଥିବାବେଳେ ୨୦୧୪ ମସିହାରେ ନୃତ୍ୟ ବିଶାରଦ ଶେଷ କରିଛନ୍ତି ସେ ।

### ଜିଲ୍ଲାରୁ ନେଇ ଅନ୍ତର୍ଜାତୀୟ ସ୍ତରରେ ନୃତ୍ୟ ପରିବେଷଣ

୨୦୧୩ ମସିହାରେ ରଥଯାତ୍ରା ସମୟରେ ସେ ପ୍ରଥମଥର ପାଇଁ ସିଂହଦ୍ୱାର ସମ୍ମୁଖରେ ନୃତ୍ୟ ପରିବେଷଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଏହା ପରଠାରୁ ସେ ପ୍ରତିବର୍ଷ ଚନ୍ଦନ ଯାତ୍ରା, ଗୁଆଲି ଓ ରଥଯାତ୍ରା ଆଦି ପର୍ବରେ ସେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଆସୁଛନ୍ତି । କେବଳ ଜିଲ୍ଲାସ୍ତରୀୟ ନୁହେଁ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେ ଓଡ଼ିଶୀ ତଥା ମାହାରୀ ନୃତ୍ୟ ପରିବେଷଣ କରି ବହୁ ପ୍ରତିଭା ସମ୍ମାନ ଯଥା – ଶ୍ରୀକ୍ଷେତ୍ର ନୃତ୍ୟ ଝଙ୍କାର, ସତ୍ୟବାଦୀ କଳା ସଂସଦ, ନୃତ୍ୟଭୂଷଣ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି ସେ । ସେହିପରି ଦୀର୍ଘ ଛଅ ବର୍ଷ ଧରି ପ୍ରତିବର୍ଷ ବାହୁଡ଼ା ଯାତ୍ରା ସମୟରେ ମନସ୍ମିତାଙ୍କ ସମେତ ତାଙ୍କ ଗ୍ରୁପ୍‌ର ନୃତ୍ୟଶିଳ୍ପୀମାନେ ଆଣ୍ଡାମାନ ନିକୋବରରେ ନୃତ୍ୟ ପରିବେଷଣ କରିଥାନ୍ତି । ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଗାଥାକୁ ନୃତ୍ୟ ମାଧ୍ୟମରେ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିଥାନ୍ତି ।

### ପାଠପଢ଼ା ସହ ନୃତ୍ୟଶିକ୍ଷା

ପାଠ ସହ ନୃତ୍ୟ ଜାରି ରଖିବା ଟିକେ କଷ୍ଟକର । କିନ୍ତୁ ସେ ଠିକ୍ ଭାବେ ସମୟର ଉପଯୋଗ କରିଥାନ୍ତି । ସେ ନିଜ ଘରେ ଡ୍ୟାନ୍ସ ସ୍କୁଲ ଖୋଲି ସେଠାରେ ୧୦-୧୫ ଜଣ ପିଲାଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଉଛନ୍ତି । ଏଥି ସହିତ ବିଭିନ୍ନ ଡ୍ୟାନ୍ସ ଏକାଡେମୀ ଯଥା – କୃଷ୍ଣମଣି ନୃତ୍ୟ କଳାପୀଠ, ଅନ୍ୟାନ୍ୟ ବିଦ୍ୟାଳୟରେ ମଧ୍ୟ ନୃତ୍ୟ ଶିକ୍ଷା ଦେଇଥାନ୍ତି । ଯଦିଓ ଜୀବନର ବ୍ରତ ଭାବରେ ନୃତ୍ୟକୁ ଆଦରି ନେଇଛନ୍ତି, ତଥାପି ପାଠପଢ଼ାରେ ମଧ୍ୟ ସେ ପଛରେ ନାହାନ୍ତି । ବିଜ୍ଞାନରେ ସ୍ନାତକ ଶିକ୍ଷାଲାଭ କରିବା ପରେ ଆଗାମୀ ଦିନରେ ସେ ଜଣେ ଶିକ୍ଷକ ହେବାର ଆଶା ରଖିଛନ୍ତି ।

### ଆଗାମୀ ଲକ୍ଷ୍ୟ

ଓଡ଼ିଶୀ ନୃତ୍ୟ ବିଶ୍ୱ ବିଦିତ । ତଥାପି ଛୋଟ ଛୋଟ ପିଲାଙ୍କୁ ଓଡ଼ିଶୀ ନୃତ୍ୟ ଶିଖାଇ ଏହି ନୃତ୍ୟକୁ ଆଗକୁ ନେଇଯିବାର ପ୍ରୟାସ ଜାରି ରହିବ । ପିଲାଙ୍କୁ ନୃତ୍ୟ ଶିଖାଇ ସେମାନଙ୍କ ସଫଳତା ଦେଖି ଖୁସି ଲାଗେ । ସେମାନଙ୍କ ଖୁସିରେ ଖୁସି ହୋଇ ଆଗକୁ ଯିବାକୁ ଚାହୁଁଛନ୍ତି ସେ । ଓଡ଼ିଶାର କଳା, ଐତିହ୍ୟ ଓ ସଂସ୍କୃତିର ପ୍ରତୀକ ଭାବେ ଓଡ଼ିଶୀ ସର୍ବଦା ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିବ ।

## ପ୍ରତିଦିନ ହେୟାର୍ ଷ୍ଟ୍ରେଟ୍ କରୁଥିଲେ

**ମହିଳାମାନେ ଟ୍ରେଣ୍ଡ ଅନୁଯାୟୀ ବେଶପୋଷାକକୁ ନେଇ ବହୁ ପରୀକ୍ଷାନିରୀକ୍ଷା କରିଥାନ୍ତି । ସେହିପରି ଅଧିକାଂଶ ମହିଳା ନିଜ ଆଉଟ୍‌ଫିଟ୍ ଅନୁଯାୟୀ ହେୟାରଷ୍ଟାଇଲ୍ କରିଥାନ୍ତି; କିନ୍ତୁ କେଶରେ ବାରମ୍ବାର ଷ୍ଟ୍ରେଟ୍‌ନିଙ୍ଗ୍ ମେସିନ ବ୍ୟବହାର କରିବା ଦ୍ୱାରା କେଶ ନଷ୍ଟ ହେବା ସହ କେଶ ଝଡ଼ିବା ଆରମ୍ଭ ହୋଇଥାଏ ।**



### କେଶର ଚମକ ଚାଲିଯାଏ

ପ୍ରତିଦିନ ଷ୍ଟ୍ରେଟ୍ କରିବା ଦ୍ୱାରା କେଶର ପ୍ରାକୃତିକ ଚମକ ନଷ୍ଟ ହୋଇଥାଏ । ଏହା ରୁକ୍ଷ ଓ ଦୁର୍ବଳ ଦେଖାଯାଏ ।

### କେଶମୂଳ କୁଣ୍ଡାଇ ହେବା

ଷ୍ଟ୍ରେଟ୍‌ନିଙ୍ଗ୍ କରିବା ଦ୍ୱାରା କେଶ ମୂଳ କୁଣ୍ଡାଇ ହୋଇଥାଏ । ଏହା ଦ୍ୱାରା ପୋଷଣ କମିଯାଏ । ଫଳରେ କେଶକୁ ମଏଶ୍ଚରାଇଜ କରିବା ପାଇଁ ପର୍ଯ୍ୟାପ୍ତ ତେଲ ମିଳି ନ ଥାଏ । ତେଣୁ ପ୍ରତିଦିନ କେଶ ଷ୍ଟ୍ରେଟ୍ କରିବାଠୁ ଦୂରେଇ ରୁହନ୍ତୁ ।

### କେଶ ପତଳା ହେବା

ପ୍ରତିଦିନ ଷ୍ଟ୍ରେଟନିଙ୍ଗ୍ କରିବା ଦ୍ୱାରା କେଶ ଝଡ଼ିବା ସମସ୍ୟା ଦେଖାଯାଏ । ଏହା ଦ୍ୱାରା କେଶ ଧୀରେ ଧୀରେ ପତଳା ହୋଇଯାଏ ।

### ପୋଡ଼ାଜଳା ହେବା

ଷ୍ଟ୍ରେଟ୍‌ନିଙ୍ଗ୍ କରିବା ଦ୍ୱାରା ଫରମାଲଡିହାଇଡ ଗ୍ୟାସ୍ ନିର୍ଗତ ହୋଇଥାଏ । ଯାହା ଦ୍ୱାରା କେଶଜନିତ ସମସ୍ୟା ସୃଷ୍ଟି ହେବା ସହ ଆଖି, ନାକ, ତ୍ୱଚାରେ ଜଳନ ସୃଷ୍ଟି ହୋଇଥାଏ ।



## ବ୍ରଣ ପାଇଁ ନିମ୍ବ ତେଲ

**ଖରାଦିନେ ବ୍ରଣ ସମସ୍ୟା ଦେଖାଯାଏ । ତେଣୁ ଠିକ୍ ଭାବେ ତ୍ୱଚାର ଯତ୍ନ ନ ନେଲେ ବ୍ରଣ ଦାଗ ମୁହଁରେ ରହିଯାଏ । ଏପରିସ୍ଥଳେ ନିମ୍ବ ତେଲ ଲଗାଇ ତ୍ୱଚାଜନିତ ସମସ୍ୟା ଦୂର କରଯାଇପାରିବ । ସେହିପରି ନିମ୍ବ ତେଲରେ ବହୁ ଔଷଧୀୟ ଗୁଣ ଯଥା- ଫ୍ୟାଟି ଏସିଡ୍, ଆଣ୍ଟି-ବ୍ୟାକ୍ଟେରିଆଲ,ଓ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରହିଥାଏ । ଯାହା ତ୍ୱଚାରୁ ବ୍ରଣ ଦୂର କରିବା ସହ ତ୍ୱଚା ଶୁଷ୍କତା, କୁଞ୍ଚନ, ଓ ଆଲର୍ଜି ଜନିତ ସମସ୍ୟାରୁ ସୁରକ୍ଷା ଦେଇଥାଏ ।**



- ତେଲ ଲଗାଇବା ପୂର୍ବରୁ ତ୍ୱଚାକୁ ଭଲରେ ଧୋଇ ଦିଅନ୍ତୁ । ଏହା ପରେ ଗୋଟିଏ ପାତ୍ରରେ ଦୁଇ ତିନି ଚାମଚ ନିମ୍ବ ତେଲ ନେଇ କଟନରେ ବ୍ରଣ ଥିବା ସ୍ଥାନରେ ଲଗାଇ ରାତିସାରା ରଖନ୍ତୁ । ସକାଳୁ ଉଠି ମୁହଁକୁ ଧୋଇ ଦିଅନ୍ତୁ । ଏହା ଦ୍ୱାରା ବ୍ରଣ ସମସ୍ୟା ଦୂର ହୋଇଥାଏ ।
- ନିମ୍ବ ତେଲକୁ ତ୍ୱଚାରେ ଲଗାଇ କିଛି ସମୟ ମସାଜ୍ କରନ୍ତୁ । ଏହା ଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ବୃଦ୍ଧି ପାଇଥାଏ । ଏଥି ସହିତ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଏ ।
- ସେହିପରି ଅଧା ଚାମଚ ନିମ୍ବ ତେଲରେ ଭିଟାମିନ୍ ଇ- କ୍ୟାପ୍‌ସୁଲ ମିଶାଇ ତ୍ୱଚାରେ ଲଗାନ୍ତୁ । ଏହାପରେ ତ୍ୱଚାରେ କୌଣସି ପ୍ରକାର ଫେସ୍‌ୱାସ୍ କିମ୍ବା ସାବୁନ୍ ଲଗାନ୍ତୁ ନାହିଁ ।

## ରୋଷେଇ ଘରେ ଅସରପା ଥିଲେ

**ସାଧାରଣତଃ ରୋଷେଇ ଘରେ ଗ୍ୟାସ୍ ସିଲିଣ୍ଡର ତଳେ ଅଧିକ ଅସରପା ରହିଥାନ୍ତି । ଯାହା ଦେଖିବାକୁ ଅପରିଷ୍କାର ଲାଗିଥାଏ । ତେଣୁ ଅସରପାକୁ ରୋଷେଇ ଘରୁ ବାହାର କରିବାକୁ ଚାହୁଁଥିଲେ ଆପଣାନ୍ତୁ ଏହି ଉପାୟ ।**

- ଏକ ପାତ୍ରରେ କିଛି ବେକିଂ ସୋଡ଼ା ନେଇ ତାକୁ ରୋଷେଇ ଘର ଭିତରେ କିମ୍ବା ବାହାରେ ରଖି ଦିଅନ୍ତୁ ।ଏହା ଅସରପାଠୁ ସୁରକ୍ଷା ଦେଇଥାଏ ।୧୦-୧୫ ଦିନ ମଧ୍ୟରେ ଥରେ ବେକିଂ ସୋଡ଼ାକୁ ବଦଳାନ୍ତୁ ।
- ସେହିପରି ଅଣ୍ଡା ଖୋଳ ମଧ୍ୟ ଅସରପା ଦୂର କରିବା ପାଇଁ ବ୍ୟବହାର କରାଯାଇଥାଏ । ଅଣ୍ଡା ଖୋଳକୁ ରୋଷେଇ ଘର ଥାକ କିମ୍ବା ସିଲିଣ୍ଡର ନିକଟରେ ରଖନ୍ତୁ । ଏହା ଦ୍ୱାରା ଅସରପା ରୋଷେଇ ଘରେ ପ୍ରବେଶ କରିପାରିବେ ନାହିଁ ।



## ଲେମନ୍ ଚିକେନ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ଚିକେନ୍ - ୫୦୦ ଗ୍ରାମ୍, ଅଦା ରସୁଣ ପେଷ୍ଟ - ଏକ ଚାମଚ, ଦହି - ଅଧା କପ୍, ପିଆଜ - ଏକ କପ୍, ଧନିଆ ପତ୍ର - ଅଧା କପ୍, ଲେମ୍ବୁରସ - ଏକ ଚାମଚ, କଞ୍ଚା ଲଙ୍କା - ୨ଟା, ବଟର - ଛୋଟ ଖଣ୍ଡେ, ଗୋଲମରିଚ ଗୁଣ୍ଡ - ଅଧା ଚାମଚ, ଭିନେଗାର - ଅଧା ଚାମଚ, ଚିଜ୍ - ଛୋଟ ଖଣ୍ଡେ, ଚିନି - ଅଧା ଚାମଚ, ତେଲ - ଆବଶ୍ୟକତା ଅନୁସାରେ, ଲୁଣ - ସ୍ୱାଦ ଅନୁସାରେ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଧୋଇ ଏକ ପାତ୍ରରେ ରଖନ୍ତୁ । ସେଥିରେ ଲେମ୍ବୁ, ଦହି, ବଟର, କଞ୍ଚାଲଙ୍କା, ଚିଜ୍, ଅଦା ରସୁଣ ପେଷ୍ଟ, ଭିନେଗାର, ଗୋଲମରିଚ ଗୁଣ୍ଡ ପକାଇ ଭଲଭାବେ ଗୋଳାଇ କିଛି ସମୟ ରଖନ୍ତୁ । ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ଛୋଟ ଖଣ୍ଡେ ବଟର ଦିଅନ୍ତୁ । ଏହାପରେ କଟା ରସୁଣ, ଓ ଏକ ଚାମଚ ଛେଚା ଅଦା ଦେଇ ଭାଜନ୍ତୁ । ସେଥିରେ କଟା ପିଆଜ ପକାନ୍ତୁ । ପିଆଜ ନାଲି ହୋଇଯିବା ପରେ ଚିକେନ୍ ପକାଇ ସେଥିରେ କସୁରି ମେଥି ଦିଅନ୍ତୁ । ଏହାକୁ କିଛି ସମୟ କଷି ଧିମା ଆଞ୍ଚରେ ଢାଙ୍କୁଣୀ ଘୋଡ଼ାଇ ଛାଡ଼ି ଦିଅନ୍ତୁ । କିଛି ସମୟ ପରେ ଢାଙ୍କୁଣୀ କାଢ଼ି ପରଷି ଦଅନ୍ତୁ 'ଲେମନ୍ ଚିକେନ୍' ।

## କେମିତି ରଖିବେ ମେକଅପ୍ ସାମଗ୍ରୀ

**ମେକ୍‌ଅପ୍ ପାଇଁ ମହିଳାମାନେ ଅନେକ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି; କିନ୍ତୁ ଏହାକୁ ବେଶୀ ଦିନ ବାହାରେ ରଖିବା ଦ୍ୱାରା ନଷ୍ଟ ହୋଇଯାଏ । ଫଳରେ ଏହାକୁ ଲଗାଇବା ଦ୍ୱାରା ତ୍ୱଚାଜନିତ ସମସ୍ୟା ଦେଖାଯାଏ । ଏପରି ସ୍ଥଳେ ମେକ୍‌ଅପ୍ ସାମଗ୍ରୀକୁ କିପରି ସହଜ ଉପାୟରେ ଷ୍ଟୋର କରି ବେଶୀ ଦିନ ସାଇତି ରଖିପାରିବେ, ଜାଣିବା ସେ ବିଷୟରେ ...**

### ପରଫ୍ୟୁମ୍

ଖରାଦିନେ ଶରୀରରୁ ଦୁର୍ଗନ୍ଧ ଦୂର କରିବାପାଇଁ ପରଫ୍ୟୁମ୍‌ର ବ୍ୟବହାର ବେଶି କରାଯାଏ । କିନ୍ତୁ ପରଫ୍ୟୁମ୍‌କୁ ବେଶୀ ଦିନ ବାହାରେ ରଖି ଲଗାଇଲେ ଏହା ପୋଷାକରେ ଦାଗ ସୃଷ୍ଟି କରିଥାଏ । ଅଧିକ ତାପମାତ୍ରାରେ ପରଫ୍ୟୁମ୍ ରଖିବା ଦ୍ୱାରା ଏପରି ହୋଇଥାଏ । ତେଣୁ ପରଫ୍ୟୁମ୍‌କୁ ଫ୍ରିଜ୍‌ରେ ରଖିଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାର ସୁଗନ୍ଧ ରହିଥାଏ ।

### ଲିପଷ୍ଟିକ୍

ଲିପ୍‌ଷ୍ଟିକ୍ ଏକ ନିତିଦିନିଆ ମେକ୍‌ଅପ୍ ପ୍ରଡକ୍ଟ କହିଲେ ଚଳେ; କିନ୍ତୁ ଖରାଦିନେ ଲିପ୍‌ଷ୍ଟିକ୍‌କୁ ବାହାରେ ରଖିଲେ ଏହା ନଷ୍ଟ ହୋଇ ତରଳି ଯାଏ । ତେଣୁ ଲିପ୍‌ଷ୍ଟିକ୍‌କୁ ଫ୍ରିଜ୍‌ରେ ରଖିବା ଦ୍ୱାରା ଏହା ସୁରକ୍ଷିତ ରହିଥାଏ । ଏଥି ସହିତ ବହୁ ଦିନ ଯାଏଁ ଭଲ ରହେ ।

### ସନ୍‌ସ୍କ୍ରିନ୍

ଖରାଦିନେ ତ୍ୱଚାକୁ ଖରାରୁ ସୁରକ୍ଷା ଦେବା ପାଇଁ ଅଧିକାଂଶ ସନ୍‌ସ୍କ୍ରିନ୍ ଲଗାଇ ଥାନ୍ତି । କିନ୍ତୁ ଏହାକୁ ଦୀର୍ଘ ସମୟ ଧରି ବାହାରେ ରଖିଲେ ଏଥିରେ ଥିବା ସୁରକ୍ଷାର ମାତ୍ର କମିଯାଏ, ଯାହା ତ୍ୱଚା ପାଇଁ କ୍ଷତିକାରକ ହୋଇଥାଏ । ତେଣୁ ଏହାକୁ ଫ୍ରିଜ୍‌ରେ ରଖିବା ଆବଶ୍ୟକ ।

### ଟୋନର୍

ତ୍ୱଚାକୁ ସୁନ୍ଦର ତଥା ସତେଜ ରଖିବା ପାଇଁ ମହିଳାମାନେ ଟୋନର ଲଗାନ୍ତି । ଏହାକୁ ଫ୍ରିଜରେ ରଖିବା ନିହାତି ଆବଶ୍ୟକ । କାରଣ ଏହା ତ୍ୱଚାକୁ ସୁରକ୍ଷା ଦେଇଥାଏ ।

### ଆଲୋଭେରା ଜେଲ୍

ଏହା ତ୍ୱଚା ପାଇଁ ଖୁବ ଗୁଣକାରୀ ହୋଇଥାଏ । କିନ୍ତୁ ଏହାକୁ ବାହାର ତାପମାତ୍ରାରେ ରଖିବା ଦ୍ୱାରା ଏହାର ପ୍ରଭାବ କମିବାକୁ ଲାଗିଥାଏ । ତେଣୁ ଏହାକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିବା ଲାଭଦାୟକ ।



# ଇଂଲଣ୍ଡ ବ୍ୟାକ୍‌ରୁମ୍ ଷ୍ଟାଫ୍‌ରେ ଫ୍ଲିଣ୍ଟଫ୍

**ଲଣ୍ଡନ୍,୪।୫(ଏଜେନ୍ସି):** ଆଗାମୀ ଜୁନ୍‌ରେ ୱେଷ୍ଟଇଣ୍ଡିଜ ଓ ଆମେରିକାର ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ପାଇଁ ଇଂଲଣ୍ଡ ପୂର୍ବତନ ଅଲରାଉଣ୍ଡର ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ୍‌ଙ୍କୁ ନୂଆ ଦାୟିତ୍ୱ ମିଳିଛି। ୪୬ ବର୍ଷୀୟ ଫ୍ଲିଣ୍ଟଫ୍‌ଙ୍କୁ ଇଂଲଣ୍ଡ ଦଳର ବ୍ୟାକ୍‌ରୁମ୍ ଷ୍ଟାଫ୍‌ରେ ସାମିଲ କରାଯାଇଛି। ତାଙ୍କୁ ଇଂଲଣ୍ଡ ଭାବି ପ୍ରଶିକ୍ଷକ ଭାବେ ବିବେଚନା କରାଯାଉଛି। ଅର୍ଥାତ ଭବିଷ୍ୟତରେ ସେ ଇଂଲଣ୍ଡ କ୍ରିକେଟ ଦଳର



## ଟି-୨୦ ବିଶ୍ୱକପ୍

ମୁଖ୍ୟ କୋଚ୍ ହେବାକୁ ଦାବିଦାର ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପ୍ରବନ୍ଧକ ନିର୍ଦ୍ଦେଶକ ରୋମ କେ କହିଛନ୍ତି। ଫ୍ଲିଣ୍ଟଫ୍ 'ଦି ହଣ୍ଡ୍ରେଡ୍' ଟୁର୍ଣ୍ଣାମେଣ୍ଟର ଆଗାମୀ ସଂସ୍କରଣରେ ନର୍ଦ୍ଦନ ସୁପରଚାର୍ଜର୍ସ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ବହନ କରିବେ। ଆଗାମୀ ପାକିସ୍ତାନ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଘରୋଇ ଟି-୨୦ ସିରିଜରେ ଇଂଲଣ୍ଡ ଦଳର ଖେଳାଳିମାନେ ମଧ୍ୟ ଦି ହଣ୍ଡ୍ରେଡରେ ସାମିଲ ହେବାର ସମ୍ଭାବନା ରହିଛି। ଏବେ ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର ବ୍ରାଣ୍ଡନ ମ୍ୟାକୁଲମ ଇଂଲଣ୍ଡ ଟେଷ୍ଟ ଦଳର ଓ ମ୍ୟାଥ୍ୟୁ ମୋଟ୍ ଇଂଲଣ୍ଡ ସୀମିତ ଓଭର ଦଳର ପ୍ରଶିକ୍ଷକ ରହିଛନ୍ତି। ଫ୍ଲିଣ୍ଟଫ୍ ନିଜର ୧୧ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ଇଂଲଣ୍ଡ ପାଇଁ ୭୯ ଟେଷ୍ଟ, ୧୪୧ ଦିନିକିଆ ଓ ୭ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ସେ ୩,୮୪୫ ରନ ସଂଗ୍ରହ କରିବା ସହ ୨୨୬ ୱିକେଟ ନେଇଛନ୍ତି। ସେହିପରି ଦିନିକିଆ ଫର୍ମାଟ୍‌ରେ ସେ ୩,୩୯୪ ରନ ସଂଗ୍ରହ କରିବା ସହ ୧୬୯ ୱିକେଟ ଅକ୍ତିଆର କରିଛନ୍ତି। ସେ ଟି-୨୦ରେ ୭୬ ରନ ସଂଗ୍ରହ କରିବା ସହ ୫ଟି ୱିକେଟ ହାସଲ କରିଛନ୍ତି।

ଫିଫା ବିଶ୍ୱକପ୍ କ୍ୱାଲିଫାୟର

# ୧୦ରୁ କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ଶିବିର

ନୂଆଦିଲ୍ଲୀ,୪।୫(ଏଜେନ୍ସି)

୨୦୨୬ ଫିଫା ବିଶ୍ୱକପ୍ କ୍ୱାଲିଫାୟର ଲାଗି ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଫୁଟବଲ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଭାରତୀୟ ଦଳର ମୁଖ୍ୟ କୋଚ୍ ଆଇଗର ଷ୍ଟିମାକ ଶନିବାର ସମ୍ଭାବ୍ୟ ୨୬ ଜଣିଆ ସମ୍ଭାବ୍ୟ ଖେଳାଳିଙ୍କ ପ୍ରଥମ ତାଲିକା ଘୋଷଣା କରିଛନ୍ତି। ଭାରତ ଗ୍ରୁପ୍-ଏ'ର ଅନ୍ତିମ ଦୁଇଟି ମ୍ୟାଚ୍‌ରେ ଆଗକୁ ବିଶ୍ୱକପ୍ ପ୍ରାଥମିକ ଯୁଗ୍ମ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଦୁଇ ମଧ୍ୟପ୍ରାଚ୍ୟ ଦେଶ କୁଏତ ଓ କତାରକୁ ଭେଟିବ। ସମ୍ଭାବ୍ୟ ଖେଳାଳିଙ୍କ ଦ୍ୱିତୀୟ ତାଲିକା ଆଉ କିଛି ଦିନ ପରେ ଘୋଷଣା କରାଯିବ। ଜୁନ୍ ୬ରେ କୋଲକାତାରେ କୁଏତ୍‌କୁ ଭାରତ ଭେଟିବ। ସେହିପରି ଜୁନ୍ ୧୧ରେ ଭାରତ ଦୋହାରେ କତାରକୁ ଭେଟିବ।



### ଗ୍ରୁପ୍ ଏ'ରେ କର ବା ମର ସ୍ଥିତିରେ ଭାରତ

ଏସିଆନ ଫୁଟବଲ କନ୍‌ଫେଡେରେସନ (ଏଏଫ୍‌ସି) ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଗ୍ରୁପ୍-ଏ'ରେ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୪ ପଏଣ୍ଟ ପାଇଛି। ସେହିପରି କତାର ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ୧୨ ପଏଣ୍ଟ ହାସଲ କରି ତା'ର ଶୀର୍ଷ ସ୍ଥାନ ପକ୍କା କରିଛି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ତୃତୀୟ ରାଉଣ୍ଡକୁ ଉଠିବ ଓ ୨୦୨୭ରେ ସାଉଦି ଆରବରେ ଆୟୋଜନ ହେବାକୁ ଥିବା ଏଏଫ୍‌ସି ଏସିଆନ୍ କପ୍ ଖେଳିବାକୁ ମଧ୍ୟ ଯୋଗ୍ୟତ ଅର୍ଜନ କରିବ। ଗତ ମ୍ୟାଚ୍‌ରେ ଆଫଗାନିସ୍ତାନଠାରୁ ୧-୨ ଗୋଲରେ ପରାସ୍ତ

**ଭାରତର ୨୬ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା**

ହେବା ପରେ ଭାରତର ଅଭିଯାନକୁ ଝଟ୍‌କା ଲାଗିଥିଲା। ଭାରତ ହାତରେ ଏବେ ଦୁଇଟି ମ୍ୟାଚ୍ ରହିଛି। ଦୋହାରେ ଘରୋଇ ଦଳ କତାରକୁ ହରାଇବା ଭାରତ ପାଇଁ ଏକପ୍ରକାର ଅସମ୍ଭବ ମନେହେଉଛି। କିନ୍ତୁ ଭାରତ ଅତିକମ୍‌ରେ କୋଲକାତାରେ କୁଏତ୍‌କୁ ହରାଇବାର କ୍ଷମତା ରଖୁଛି। ଅନ୍ୟପଟେ ଆଫଗାନିସ୍ତାନ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର, ୨ ପରାଜୟ ସହ ୪ ପଏଣ୍ଟ ହାସଲ କରି ଗୋଲ ବ୍ୟବଧାନରେ ପଛରେ ରହି ତୃତୀୟ ସ୍ଥାନରେ ରହିଛି। ଆଫଗାନିସ୍ତାନ ମଧ୍ୟ କତାର ଓ କୁଏତ୍‌କୁ ଭେଟିବ। ତେଣୁ ଭାରତ ପାଇଁ ଏବେ କର ବା ମର ସ୍ଥିତି ସୃଷ୍ଟି ହୋଇଛି ଓ ଏହି କଥାକୁ ଷ୍ଟିମାକ ଭଲଭାବେ ହୃଦୟଙ୍ଗମ କରିଥିବେ।

### ସମ୍ଭାବ୍ୟ ଖେଳାଳି ତାଲିକା

**ଗୋଲରକ୍ଷକ:** ଅମରିନ୍ଦର ସିଂ, ଗୁରପ୍ରୀତ ସିଂ ସାନ୍ଧୁ। **ରକ୍ଷଣଭାଗ:** ଆମେ ଗଣେଶ ରାନାୱାଡେ, ଜୟ ଗୁପ୍ତା, ଲାଲଚୁଙ୍ଗନୁଙ୍ଗା, ମହମ୍ମଦ ହମାଦ, ନରେନ୍ଦର, ନିଖିଲ ପୂଜାରୀ, ରୋସନ ସିଂ ନାଓରେମ୍। **ମଧ୍ୟଭାଗ:** ବ୍ରାଣ୍ଡନ ଫର୍ଣ୍ଣାଣ୍ଡିଜ, ଏଡ୍‌ମୁଣ୍ଡ ଲାଲରିଣ୍ଡିକା, ଇମ୍ରାନ ଖାନ୍, ଇସାକ ଭାନଲାଲରୁଆଟଫେଲା, ଜିକସନ ସିଂ ଥୋଉନାଓଜାମ୍, ମହେଶ ସିଂ ନାଓରେମ, ମହମ୍ମଦ ୟାସିର, ନନ୍ଦକୁମାର ସେକର, ରାହୁଲ କାନୋଲି ପ୍ରବୀଣ, ସୁରେଶ ସିଂ ୱାଙ୍ଗଜାମ, ଭିବିନ ମୋହନାନ। **ଅଗ୍ରଭାଗ:** ଡେଭିଡ୍ ଲାଲହଲାନସାଙ୍ଗା, ଜିଥିନ ମଦାଥିଲ୍ ସୁବ୍ରାନ, ଲାଲରିଞ୍ଜୁଆଲା, ପାର୍ଥିବ ସୁନ୍ଦର ଗୋଗୋଇ, ରହିମ ଅଲି ଓ ସୁନୀଲ ଛେତ୍ରୀ।

ଜାତୀୟ ବରିଷ୍ଠ ମହିଳା ଫୁଟ୍‌ବଲ୍

# ମାଳତୀଙ୍କ ଡବଲ ଗୋଲ୍‌ରେ ଓଡ଼ିଶା ବିଜୟୀ

ଭୁବନେଶ୍ୱର, ୪।୫ (ସମିସ)



ମାଳତୀ ମୁଣ୍ଡା



ଜୁଲି କିଶାନ



ଲିଣ୍ଡା କମ୍

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ କୋଲକାତାରେ ଚାଲିଥିବା ୨୮ତମ ଜାତୀୟ ବରିଷ୍ଠ ମହିଳା ଫୁଟ୍‌ବଲ ଚାମ୍ପିଅନସିପ୍ 'ରାଜମାତା ଜିଜାବାଇ ଟ୍ରଫି'ର ଫାଇନାଲ ରାଉଣ୍ଡରେ ଓଡ଼ିଶା ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ୪-୧ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏହି ମ୍ୟାଚରେ ଓଡ଼ିଶାର ମାଳତୀ ମୁଣ୍ଡା ଡବଲ୍ ଗୋଲ୍ ଦେଇ ଓଡ଼ିଶାର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ଓଡ଼ିଶାର ଏହା ପ୍ରଥମ ବିଜୟ ଥିଲା। ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୨ ମ୍ୟାଚ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ମଣିପୁର (୬) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।

ଏହି ମ୍ୟାଚରେ ମହାରାଷ୍ଟ୍ର ପ୍ରଥମେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ୨୩ତମ ମିନିଟ୍‌ରେ ଐଶ୍ୱର୍ଯ୍ୟା ଜଗତପଙ୍କ ଗୋଲ୍ ବଳରେ ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ୫୨ତମ ମିନିଟ୍‌ରେ ଲିଣ୍ଡା କମ୍ ଓଡ଼ିଶା ପାଇଁ ପ୍ରଥମ ଗୋଲ୍ ଦେଇ ମ୍ୟାଚକୁ ୧-୧ ବରାବରସ୍ତରକୁ ଆଣିଥିଲେ। ଏହାପରେ ୪ ମିନିଟ୍ ମଧ୍ୟରେ ୩ଟି ଗୋଲ ଦେଇ ଓଡ଼ିଶା ମ୍ୟାଚକୁ ୪-୧ରେ ହାତେଇନେଇଥିଲା। ୮୧ତମ ମିନିଟ୍‌ରେ ଜୁଲି କିଶାନ ଏବଂ ୮୨ ଓ ୮୪ତମ ମିନିଟ୍‌ରେ ମାଳତୀ ମୁଣ୍ଡା ଦୁଇଟି ଗୋଲ୍ ଦେଇଥିଲେ। ଡବଲ୍ ଗୋଲ୍ କରିଥିବା ମାଳତୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

କନିଷ୍ଠ ବିଶ୍ୱ ଦୌଡ଼କୁଦ ଚାମ୍ପିଅନସିପ୍

# ଭାଗନେବେ ମହେନ୍ଦ୍ର, ଜୟରାମ, ସବିତା

ଭୁବନେଶ୍ୱର, ୪।୫ (ସମିସ)



ଜୟରାମ



ସବିତା ଟପ୍ପୋ

ପେରୁର ରାଜଧାନୀ ଲିମାଠାରେ ଅଗଷ୍ଟ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ସମ୍ମାନଜନକ କନିଷ୍ଠ ବିଶ୍ୱ ଦୌଡ଼କୁଦ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରୁ ୩ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗନେବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ କିଟ୍‌ର ଡି.ଏମ୍. ଜୟରାମ ଏବଂ କିସ୍‌ର ମହେନ୍ଦ୍ର ସାନ୍ତା ଓ ସବିତା ଟପ୍ପୋ। ଉଭୟ ଜୟରାମ ଓ ମହେନ୍ଦ୍ର ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେହିଭଳି ସବିତା ମହିଳା ୧୦୦ ମିଟର୍ ବାଧାଦୌଡ଼ରେ ଭାଗନେବେ। ଜୟରାମ, ମହେନ୍ଦ୍ର ଓ ସବିତା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ହାଇପର୍‌ଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ରୋହିତ୍ ମାନେଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି। ଯୋଗ୍ୟତା ଅର୍ଜନକାରୀ ସମସ୍ତ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଦକ୍ଷିଣ ଆଫ୍ରିକା-ଭାରତ ମହିଳା କ୍ରିକେଟ ସିରିଜ ଜୁନ୍ ୨୮ରୁ

**ନୂଆଦିଲ୍ଲୀ, ୪।୫(ଏଜେନ୍ସି):** ଆସନ୍ତା ଜୁନ୍ ଓ ଜୁଲାଇରେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ଭାରତ ଗସ୍ତରେ ଆସିବ। ଏହି ଗସ୍ତରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୋଟିଏ ଟେଷ୍ଟ ଓ ୩ଟି ଲେଖାଏ ଦିନିକିଆ ଓ ଟି-୨୦ ମ୍ୟାଚ୍ ଖେଳାଯିବ। ଦିନିକିଆ ଓ ଟି-୨୦ ସିରିଜ ବେଙ୍ଗାଲୁରୁ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ ବୋଲି କର୍ଣ୍ଣାଟକ କ୍ରିକେଟ ଆସୋସିଏସନ (କେଏସ୍‌ସିଏ) ତରଫରୁ ସୂଚନା ଦିଆଯାଇଛି। ସେହିପରି ଏକମାତ୍ର ଟେଷ୍ଟ ମ୍ୟାଚ୍ ଚେନ୍ନଇ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଜୁନ୍ ୨୮ରୁ ଆରମ୍ଭ ହେବ। ଦିନିକିଆ ସିରିଜ ଜୁନ୍ ୧୬ରୁ ଆରମ୍ଭ ହେବ। ସେହିପରି ଟି-୨୦ ମ୍ୟାଚ୍‌ଗୁଡିକ ଯଥାକ୍ରମେ ଜୁଲାଇ ୫, ୭ ଓ ୯ ତାରିଖରେ ଖେଳାଯିବ। ଆଗାମୀ ସେପ୍ଟେମ୍ବର ଓ ଅକ୍ଟୋବରରେ ବାଂଲାଦେଶରେ ଟି-୨୦ ବିଶ୍ୱକପ୍ ଆୟୋଜନ ହେବ। ତେଣୁ ଏହି ୩ଟି ଟି-୨୦ ମ୍ୟାଚ୍ ଖେଳି ଭାରତୀୟ ମହିଳା ଦଳ ତା'ର ପ୍ରସ୍ତୁତି ଓ ଅଭ୍ୟାସ କରିବ। ଗତବର୍ଷ ଡିସେମ୍ବରରେ ଭାରତ ମୁମ୍ବାଇରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ଭାରତ ୩୭୪ ରନରେ ଇଂଲଣ୍ଡକୁ ପରାସ୍ତ କରି ଟେଷ୍ଟ ଇତିହାସ ସର୍ବବୃହତ୍ ବିଜୟ ହାସଲ କରିଥିଲା। ସେହିପରି ଭାରତ ୮ ୱିକେଟରେ ଅଷ୍ଟ୍ରେଲିଆକୁ ମଧ୍ୟ ହରାଇଥିଲା। ଏଥର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଏହି ସଫଳତାକୁ ଦୋହରାଇବ ବୋଲି ଆଶା କରାଯାଉଛି।

• ମାଡ୍ରିଡ୍ ଓପନ୍ ଟେନିସ୍

# ଫାଇନାଲରେ ଫେଲିକ୍ସ

**ମାଡ୍ରିଡ୍,୪।୫(ଏଜେନ୍ସି):** ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ୭ମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ଓ କାନାଡ଼ାର ଫେଲିକ୍ସ ଅଗୁର-ଆଲିଆଜିମ୍ ପରସ୍ପରକୁ ଭେଟିବେ। ପୂର୍ବରୁ ପ୍ରଥମ ସେମିରେ ରୁବଲେଭ ୬-୪, ୬-୩ ସିଧାସଳଖ ସେଟ୍‌ରେ ଦ୍ୱାଦଶ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ। ସେହିପରି ଶନିବାର ଫେଲିକ୍ସ ଦ୍ୱିତୀୟ ସେମିରେ ୱାକଓଭର ପାଇ ଫାଇନାଲକୁ ଅଗ୍ରଗତି କରିଛନ୍ତି। ସେମିଫାଇନାଲରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଚେକ ଗଣରାଜ୍ୟର ଜିରି ଲେହେକା ଆହତ ହୋଇ ଓହରିଯିବା ପରେ ସେ ଫାଇନାଲ ଟିକଟ ହାସଲ କରିଛନ୍ତି। ସେତେବେଳକୁ ପ୍ରଥମ ସେଟ୍ ୩-୩ ସମାନ ସ୍ଥିତିରେ ରହିଥିଲା। ଲେହେକା ମଧ୍ୟ ପୂର୍ବରୁ ଗତମାସ ମଣ୍ଟେ-କାର୍ଲୋ ଓ ବାର୍ସିଲୋନ ଓପନ୍‌ରୁ ଆଘାତ ସମସ୍ୟା କାରଣରୁ ଓହରିଯାଇଥିଲେ।

# କାସାବ୍ଲାଙ୍କା ୟୁନିକ୍ ଚେସ୍‌ରେ ଖେଳିବେ ଆନନ୍ଦ

**ପ୍ରତିଦ୍ୱନ୍ଦ୍ୱୀ ହେବେ କାର୍ଲସେନ୍, ନାକାମୁରା ଓ ବସୀମ**

କାସାବ୍ଲାଙ୍କା, ୪।୫(ଏଜେନ୍ସି)



ପାରମ୍ପରିକ ଶୈଳୀରୁ ଅଲଗା ହୋଇ ଆଉ ଏକ ଅନନ୍ୟ ବା ୟୁନିକ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟଟି ମରକ୍କୋର କାସାବ୍ଲାଙ୍କା ସହରରେ ଚଳିତମାସ ୧୮ ଓ ୧୯ ତାରିଖରେ ଖେଳାଯିବ। ଏଥିରେ ୫ଥରର ବିଶ୍ୱଚାମ୍ପିଅନ ଭାରତର ବିଶ୍ୱନାଥନ ଆନନ୍ଦ ଏସିଆ ମହାଦେଶରୁ, ପୂର୍ବ ବିଶ୍ୱଚାମ୍ପିଅନ ମ୍ୟାଗ୍ନସ କାର୍ଲସେନ୍ ୟୁରୋପରୁ, ହିକାରୁ ନାକାମୁରା ଆମେରିକା ମହାଦେଶରୁ ଓ ଆଫ୍ରିକୀୟ ଚାମ୍ପିଅନ୍ ଅମିନ ବସୀମ ଭାଗନେବେ। ଏମାନେ ୪ଟି ମହାଦେଶରୁ ପ୍ରତିନିଧିତ୍ୱ କରିବେ ବୋଲି ଆୟୋଜକ କାସାବ୍ଲାଙ୍କା ଷ୍ଟକ୍ ଏକ୍ସଚେଞ୍ଜ ଓ ରୟାଲ ମରକ୍କୋ ଚେସ୍ ଫେଡେରେସନ। ଏହି ପ୍ରତିଯୋଗିତାଟି ଏକ ଭିନ୍ନ ଶୈଳୀରେ ଖେଳାଯିବାକୁ ଥିବାରୁ ତାହାର ନାମ ରଖାଯାଇଛି କାସାବ୍ଲାଙ୍କା ଭାରିଆଣ୍ଟ। ଏଥିରେ ଜଣେ ଖେଳାଳି ନିଜ ଇଛା ଅନୁଯାୟୀ ନୁହେଁ, ବରଂ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପୋଜିସନରୁ ଖେଳିବାକୁ କୁହାଯିବ। ଏହା ଫଳରେ କେହି ପ୍ରାଧାନ୍ୟ ବିସ୍ତାର କରିବାକୁ ସୁଯୋଗ ପାଇବେ ନାହିଁ। ନିଜର ବୁଦ୍ଧିମତାକୁ ବ୍ୟବହାର କରିବାକୁ ହେବ। ପାରମ୍ପରିକୁ ସୂତ୍ରକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ପ୍ରତିଯୋଗିତା ପ୍ରଥମଥର ଆୟୋଜିତ ହେଉଛି ଓ ୪ଟି ମହାଦେଶର କିମ୍ବଦନ୍ତୀ ଖେଳାଳି ଏଥିରେ ଭାଗ ନେଉଥିବାରୁ ଏହା ଗୁରୁତ୍ୱ ଢ଼େର ବଢ଼ିଯାଇଛି। ବିଶ୍ୱର ଦୁଇ ଖ୍ୟାତନାମା ଗ୍ରାଣ୍ଡମାଷ୍ଟର ଲୌରେଣ୍ଟ ଫ୍ରେସିନେଣ୍ଟ ଓ ହିଚାମ ହାମଦୋଉଚି ଖେଳାଳିମାନଙ୍କୁ ପୋଜିସନ ଦେବେ। ଏହି ଷ୍ଟାଇଲ ନିଶ୍ଚିତ ଭାବେ ଚେସ୍ ଖେଳାଳିଙ୍କୁ ପସନ୍ଦ ହେବ ଓ ଲୋକପ୍ରିୟତା ଅର୍ଜନ କରିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି।

**ୟୁରୋପ ଗସ୍ତ ଲାଗି ଭାରତୀୟ କନିଷ୍ଠ ହକି ଦଳ ଘୋଷିତ**

# ଓଡ଼ିଶାରୁ ଅନମୋଲ, ରୋଶନ ଓ ମୁକେଶ

ନୂଆଦିଲ୍ଲୀ, ୪।୫(ଏଜେନ୍ସି)



ବେଲଜିୟମ୍, ଜର୍ମାନୀ ଓ ନେଦରଲାଣ୍ଡସର ଏକ କ୍ଲବ୍ ସହ ୫ଟି ମ୍ୟାଚ୍ ଖେଳିବାକୁ ଭାରତୀୟ କନିଷ୍ଠ ହକି ଦଳ ୟୁରୋପ ଗସ୍ତରେ ଯିବ। ଏହି ମ୍ୟାଚ୍ ଗୁଡିକ ମେ ୨୦ରୁ ୨୯ ତାରିଖଯାଏ ଖେଳାଯିବ। ଏହି ଗସ୍ତଲାଗି ରୋହିତଙ୍କ ନେତୃତ୍ୱରେ ଏକ ୨୦ ଜଣିଆ କନିଷ୍ଠ ହକି ଦଳ ଘୋଷଣା କରାଯାଇଛି। ରୋହିତଙ୍କୁ ଦଳର ଅଧିନାୟକ ଓ ଶାରଦାନନ୍ଦ ତିୱାରୀଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ଏହି ଦଳରେ ଓଡ଼ିଶାର ୩ଟି ସଂଗଠନରୁ ୩ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ରାଉରକେଲା ସେଲ ହକି ଏକାଡେମୀର ଡିଫେଣ୍ଡର ଅନମୋଲ ଏକ୍କା, ଦୁଇ ମିଡଫିଲ୍ଡର ହକି ଆସୋସିଏସନ ଅଫ୍ ଓଡ଼ିଶାର ରୋଶନ କୁଜୁର ଓ ନାଭାଲ ଟାଟା ହକି ଏକାଡେମୀର ମୁକେଶ ଟପ୍ପୋ। ଜାତୀୟ କନିଷ୍ଠ ଦଳରେ ପୂର୍ବରୁ ଏମାନଙ୍କର ଖେଳିବା ଅଭିଜ୍ଞତା ରହିଛି।

ଏହି ଗସ୍ତରେ ଭାରତୀୟ ହକି ଦଳ ୫ଟି ମ୍ୟାଚ୍ ଖେଳିବ। ଏହା ମଧ୍ୟରୁ ବେଲଜିୟମ କ୍ଲବ୍ ସହ ପ୍ରଥମ ୨ଟି ମ୍ୟାଚ୍ ମେ ୨୦ ଓ ୨୨ରେ ଯଥାକ୍ରମେ ଆଣ୍ଟୱେର୍ପ ଓ ବ୍ରେଡାରେ ଖେଳିବ। ସେହିପରି ନେଦରଲାଣ୍ଡସର ଏକ କ୍ଲବ୍ ବ୍ରେଡାଜ୍ ହକି ଭେରେନିଙ୍ଗ ପୁଶ୍ ସହ ମେ ୨୩ରେ ତୃତୀୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚଟି ମଧ୍ୟ ବ୍ରେଡାରେ ଖେଳାଯିବ। ଏହା ପରେ ମେ ୨୮ ଓ ୨୯ରେ ଦୁଇଟି ମ୍ୟାଚ୍ ଜର୍ମାନୀ କ୍ଲବ୍ ସହ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ଟି ଜର୍ମାନୀର ଗ୍ଲାଡବ୍ଲାଚରରେ ଓ ଦ୍ୱିତୀୟ ମ୍ୟାଚଟି ବ୍ରେଡାରେ ଖେଳାଯିବ। ଏହି ଗସ୍ତରେ ଭାରତ ଖେଳିବାକୁ ଥିବା ୫ଟି ମ୍ୟାଚ୍ ମଧ୍ୟରୁ ବ୍ରେଡାରେ କେବଳ ୩ଟି ମ୍ୟାଚ୍ ଖେଳିବ। ଜର୍ମାନୀ ଓ ବେଲଜିୟମ ବିପକ୍ଷ ମ୍ୟାଚ୍ ଗୁଡ଼ିକ ଭାରତୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ଓ ନେଦରଲାଣ୍ଡସ କ୍ଲବ୍ ସହ ମ୍ୟାଚ୍‌ଟି ରାତି ୧୧ଟାରେ ଖେଳାଯିବ।

ଏହି ଗସ୍ତଲାଗି ଆମେ ଭଲ ପ୍ରସ୍ତୁତି କରିଛୁ ଓ ସମସ୍ତ ଖେଳାଳି ପରସ୍ପର ମଧ୍ୟରେ ଭଲ ବୁଝାମଣା ରଖିଛୁ। ଏହା ଆମ ଲାଗି ସମନ୍ୱୟ ରଖିବାରେ ସମର୍ଥ ହେବ ବୋଲି କହନ୍ତି ଅଧିନାୟକ ରୋହିତ। ଏହି ଗସ୍ତରେ ଆମେ ଭଲ ଖେଳିବୁ ବୋଲି ଆତ୍ମବିଶ୍ୱାସର ସହ କହନ୍ତି ଉପଅଧିନାୟକ ଶାରଦାନନ୍ଦ ତିୱାରୀ।

### ଖେଳସୂଚୀ

**ମେ ୨୦ :** ଭାରତ-ବେଲଜିୟମ୍, ରାତି ୮ଟା ୩୦
**ମେ ୨୨ :** ଭାରତ-ବେଲଜିୟମ୍, ରାତି ୮ଟା ୩୦
**ମେ ୨୧ :** ଭାରତ-ବ୍ରେଡାଜ୍ ହକି ଭେରେନିଙ୍ଗ ପୁଶ୍ କ୍ଲବ୍, ରାତି ୧୧ଟା
**ମେ ୨୮ :** ଭାରତ-ଜର୍ମାନୀ, ରାତି ୮ଟା ୩୦
**ମେ ୨୯ :** ଭାରତ-ଜର୍ମାନୀ, ରାତି ୮ଟା ୩୦

### ଦଳ

**ଗୋଲରକ୍ଷକ :** ପ୍ରିନ୍ସ ଦୀପ ସିଂ ଓ ବିକ୍ରମଜିତ ସିଂ, **ରକ୍ଷଣଭାଗ :** ଶାରଦାନନ୍ଦ ତିୱାରୀ, ଯୋଗେମ୍ବର ରାୱତ, ଅନମୋଲ ଏକ୍କା, ରୋହିତ (ଅଧିନାୟକ), ମନୋଜ ଯାଦବ, ତେଲେମ ପ୍ରିୟୋ ବାର୍ତ୍ତା, **ମଧ୍ୟଭାଗ :** ଅଙ୍କିତ ପାଲ, ରୋଶନ କୁଜୁର, ବିପିପ ବି. ରବି, ମୁକେଶ ଟପ୍ପୋ, ମନମିତ ସିଂ ଓ ବଚନ ଏଚଏ, **ଅଗ୍ରଭାଗ :** ସୌରଭ ଆନନ୍ଦ ଖୁସ୍‌ୱା, ଅର୍ଶଦୀପ ସିଂ, ଗୁରଜୋତ ସିଂ, ମହମ୍ମଦ୍ କୋନେନ ଦାଦ, ଧୀରଜ ସିଂ ଓ ଗୁରସେବକ ସିଂ।

# ଦଳଗୁଡ଼ିକ ଅଧିକ ୩ ଜଣ ଖେଳାଳି ସାମିଲ କରିପାରିବେ

ପ୍ୟାରିସ୍,୪।୫(ଏଜେନ୍ସି)

ୟୁରୋପ ମହାଦେଶର ସର୍ବଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ୟୁରୋକପ୍ ଏଥର ଜର୍ମାନୀରେ ଜୁନ୍ ୧୪ରୁ ଜୁଲାଇ ୧୪ ତାରିଖ ମଧ୍ୟରେ ଖେଳାଯିବ। ଏହି ମେଗା ଇଭେଣ୍ଟରେ ଆୟୋଜକ ୟୁଇଏଫ୍‌ଏ (ୟୁନିଅନ ଅଫ୍ ୟୁରୋପିଆନ୍ ଫୁଟବଲ ଆସୋସିଏସନ) ୟୁରୋକପ୍ ନିୟମରେ କିଛିଟା ପରିବର୍ତ୍ତନ କରିବାକୁ ସମ୍ପ୍ରତି ପ୍ରକାଶ କରିଛି। ୟୁରୋକପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ଦେଶଗୁଡିକ ସେମାନଙ୍କ ଦଳରେ ଅଧିକ ୩ ଜଣ ଖେଳାଳିଙ୍କୁ ସାମିଲ କରିପାରିବେ ବୋଲି ୟୁଇଏଫ୍‌ଏ ତରଫରୁ କୁହାଯାଇଛି। ସମ୍ଭାବ୍ୟ ଆଘାତ ସମସ୍ୟାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଦେଶଗୁଡିକ ପୂର୍ବରୁ ୨୩ ଜଣିଆ ଦଳ ଘୋଷଣା କରୁଥିଲେ। ଏବେ ଦଳରେ ୨୬ ଜଣ ଖେଳାଳି ସାମିଲ ହୋଇପାରିବେ। ୨୦୨୦ ୟୁରୋକପ୍‌ରେ ମଧ୍ୟ ଏହି ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହାକୁ ସ୍ଥଗିତ ରଖାଯାଇଥିଲା। ପୂର୍ବରୁ ନେଦରଲାଣ୍ଡସ ପ୍ରଶିକ୍ଷକ ରୋନାଲ୍ଡ କୋଏମ୍ୟାନ ଓ ଇଂଲଣ୍ଡ ପ୍ରଶିକ୍ଷକ ଗାରେଥ ସାଉଥ୍‌ଗେଟ୍ ଇଞ୍ଜୁରି କାରଣରୁ ଦଳରେ ଅଧିକ ଖେଳାଳିଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଏହି ଦୁଇ ପ୍ରଶିକ୍ଷକଙ୍କ ମତାମାତକୁ ସମ୍ମାନ ଦିଆଯାଇଛି। ଏଥର ୟୁରୋକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରିବେ ଓ ଜର୍ମାନୀର ୧୦ଟି ସହରରେ ମ୍ୟାଚ୍‌ଗୁଡିକ ଖେଳାଯିବ।

**ୟୁରୋକପ୍ ୨୦୨୪**

UEFA EURO2024 GERMANY

### ଫାଫ୍ ଡୁ ପ୍ଲେସିସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ବିଜୟ ସହ ତିଷ୍ଠି ରହିଲା ବେଙ୍ଗାଲୁରୁ

ବେଙ୍ଗାଲୁରୁ, ୪।୫(ଏଜେନ୍ସି)



ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଉ ଏକ ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୪ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ ୧୧ତମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ବେଙ୍ଗାଲୁରୁ ପ୍ଲେ ଅଫ୍ ଦୌଡ଼ରେ ତିଷ୍ଠି ରହିଛି। ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ଆଇପିଏଲ୍‌ର ୫୨ତମ ଲିଗ୍ ମ୍ୟାଚ୍ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲା। ଏଥିରେ ବେଙ୍ଗାଲୁରୁର ମିଡିୟମ୍ ପେସ୍ ବୋଲର ୭ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ୧୯.୩ ଓଭରରେ ୧୪୭ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ବେଙ୍ଗାଲୁରୁ ୧୩.୪ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ଓ ବିରାଟ କୋହଲି ୫.୫ ଓଭରରେ ୯୨ ରନ୍ ଉଠାଇ ଦଳକୁ ସହଜ ବିଜୟ ପଥେ ନେଇଯାଇଥିଲେ। ଏହି ସମୟରେ ଡୁ ପ୍ଲେସିସ୍ ୨୩ ବଲ୍‌ରୁ ୧୦ ଚୌକା ଓ ୩ ଛକା ସହ ୬୪ ରନ୍ କରି ଆଉଟ ହେବା ପରେ ବେଙ୍ଗାଲୁରୁ କ୍ରମାଗତ ୱିକେଟ ହରାଇଥିଲା। ଦଳର ପ୍ରତିଷ୍ଠିତ ବ୍ୟାଟର ୱିଲ ଜ୍ୟାକ୍ସ ୧, ରଜତ ପଟିଦାର ୨, ଗ୍ଲେନ୍ ମ୍ୟାକ୍ସୱେଲ ୪, କାମେରନ ଗ୍ରୀନ୍ ୧ ଓ ବିରାଟ କୋହଲି ୨୭ ବଲ୍ ଖେଳି ୪୨ ରନ୍‌ରେ ଆଉଟ ହୋଇଥିଲେ। ୧୧୭ ରନ୍‌ରେ ୬ଷ୍ଠ ଖେଳାଳି ଭାବେ କୋହଲିଙ୍କ ଆଉଟ ପରେ ଦିନେଶ କାର୍ତ୍ତିକ (୧୨ବଲ୍‌ରେ ୨୧*ରନ୍) ଓ ସ୍ୱପ୍ନିଲ ସିଂ (୯ବଲ୍‌ରେ ୧୫* ରନ୍) ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳକୁ ବିଜୟୀ କରାଇଥିଲେ। ଗୁଜରାଟର ଜୋଶୁଆ ଲିଟିଲ ୪୫ ରନ୍‌ରେ ୪ଟି ଓ ନୁର ଅହମ୍ମଦ୍ ୨୩ ରନ୍‌ରେ ୨ଟି ୱିକେଟ ନେଇ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ ସୃଷ୍ଟି କରିଥିଲେ।

### ବୋଲରଙ୍କ କବ୍‌ଜାରେ ଗୁଜରାଟ ବ୍ୟାଟର

ଗୁଜରାଟ ପ୍ରଥମେ ବ୍ୟାଟିଂ ଆରମ୍ଭ କରିବା ପରେ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଏହା ଫଳରେ ପେସ୍ ବୋଲରଙ୍କୁ ମୁକାବିଲା କରି ନ ପାରି ଗୁଜରାଟ ୧୯ ରନ୍‌ରେ ପ୍ରଥମ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହା ପରେ ଶାହରୁଖ ଖାନ୍ ଓ ଡେଭିଡ ମିଲର ଚତୁର୍ଥ ୱିକେଟରୁ ୬୧ ରନ୍ ଉଠାଇ ଦଳକୁ କିଛିଟା ଆଶ୍ୱସ୍ତ କରିଥିଲେ। କିନ୍ତୁ ଉଭୟ ଖେଳାଳି ଦ୍ରୁତ ରନ୍ ସଂଗ୍ରହ ଚକରରେ ଆଉଟ ହୋଇଥିଲେ। ଶାହରୁଖ ୨୪ ବଲ୍‌ରୁ ୩୭ ଓ ମିଲର ୨୦ ବଲ୍‌ରୁ ୩୦ ରନ୍ କରିଥିଲେ। ରାହୁଲ ତେୱାତିଆ ୨୧ ବ୍‌ଲରୁ ୩୫ ଓ ରଶିଦ୍ ଖାନ ୧୪ ବଲ୍‌ରୁ ୧୮ ରନ୍ ଉଠାଇଥିଲେ। ଇମ୍ପାକ୍ଟ ଖେଳାଳି ଭାବେ ବିଜୟ ଶଙ୍କରଙ୍କୁ ଆଣିଥିଲେ ମଧ୍ୟ ସେ ୧୦ ରନ୍ କରିପାରିଥିଲେ। ଦଳ ମାତ୍ର ୧୪୭ ରନ୍‌ରେ ଅଲଆଉଟ ହୋଇଥିଲା। ଚଳିତ ଆଇପିଏଲ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ କ୍ରମାଗତ ଦ୍ୱିତୀୟ ଦିନରେ ଅଲଆଉଟ ହୋଇଛି।

### ଶେଷ ୩ ବଲରେ ୩ ୱିକେଟ

ବେଙ୍ଗାଲୁରୁ ପକ୍ଷରୁ ସ୍ୱପ୍ନିଲ ସିଂ ପ୍ରଥମ ଓଭର ବୋଲିଂ କରି ମାତ୍ର ୧ ରନ୍ ଦେବା ପରେ ବେଙ୍ଗାଲୁରୁ ମିଡିୟମ୍ ଫାଷ୍ଟ ବୋଲର ଗୁଜରାଟ ପାଳିକୁ ନିୟନ୍ତ୍ରଣ କରିଥିଲେ। ବେଙ୍ଗାଲୁରୁର ୧୦ଟି ୱିକେଟ ମଧ୍ୟରୁ ଫାଷ୍ଟ ବୋଲରମାନେ ୭ଟି ୱିକେଟ ପାଇଥିଲେ। ଏହା ମଧ୍ୟରୁ ମହମ୍ମଦ୍ ସିରାଜ, ଯଶ ଦୟାଲ ଓ ବିଜୟକୁମାର ବ୍ୟାସକ ୨ଟି ଲେଖାଏଁ ଓ କାମେରନ ଗ୍ରୀନ୍ ଗୋଟିଏ ୱିକେଟ ନେଇଥିଲେ। କର୍ଣ୍ଣ ଶର୍ମା ଗୋଟିଏ ୱିକେଟ ପାଇଥିଲାବେଳେ ଅନ୍ୟ ଦୁଇ ଖେଳାଳି ରନ୍ ଆଉଟ ହୋଇଥିଲେ। ଗୁଜରାଟ ପାଳିର ୨୦ତମ ତଥା ଶେଷ ଓଭର ବିଜୟ କୁମାର ବ୍ୟାସକ ବୋଲି କରିଥିଲେ। ସେ ପ୍ରଥମ ବଲ୍‌ରେ ମାନବ ସୂତାର ଓ ତୃତୀୟ ବଲ୍‌ରେ ବିଜୟ ଶଙ୍କରଙ୍କୁ ଆଉଟ କରି ପାଳି ଶେଷ କରିଥିଲେ। ଦ୍ୱିତୀୟ ବଲ୍‌ରେ ମୋହିତ ଶର୍ମା ରନ୍ ଆଉଟ ହୋଇଥିଲେ।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ପଞ୍ଜାବ-ଚେନ୍ନାଇ**
ସ୍ଥାନ- ଧର୍ମଶାଳା, ସମୟ- ଅପରାହ୍ଣ ୩.୩୦

**ଲକ୍ଷ୍ନୌ-କୋଲକାତା**
ସ୍ଥାନ- ଲକ୍ଷ୍ନୌ, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୧୦ | ୮ | ୨ | ୧୬ | +୦.୬୨୨ |
| କୋଲକାତା | ୧୦ | ୭ | ୩ | ୧୪ | +୧.୦୯୮ |
| ଲକ୍ଷ୍ନୌ | ୧୦ | ୬ | ୪ | ୧୨ | +୦.୦୯୪ |
| ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ | +୦.୬୨୭ |
| ଦିଲ୍ଲୀ | ୧୧ | ୫ | ୬ | ୧୦ | -୦.୪୪୨ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ | ୧୦ | ୪ | ୬ | ୮ | -୦.୦୬୨ |
| ଗୁଜରାଟ | ୧୧ | ୪ | ୭ | ୮ | -୧.୩୨୦ |
| ମୁମ୍ବାଇ | ୧୧ | ୩ | ୮ | ୬ | -୦.୩୫୬ |

## ଘରୋଇ ମ୍ୟାଚ୍ ଖେଳିପାରିବେନି ଧାୱନ

**ଚଣ୍ଡିଗଡ଼, ୪।୫(ଏଜେନ୍ସି):** ପଞ୍ଜାବ କିଙ୍ଗ୍‌ସ ଅଧିନାୟକ ଶିଖର ଧାୱନ ଆଘାତ ସମସ୍ୟାକୁ ମୁକୁଳି ପାରି ନାହାନ୍ତି। ଯାହା ଫଳରେ ଦଳର ଶେଷ ଦୁଇଟି ଘରୋଇ ମ୍ୟାଚ୍‌ରେ ସେ ଖେଳିପାରିବେ ନାହିଁ ବୋଲି ବୋଲିଂ ପ୍ରଶିକ୍ଷକ ସୁନୀଲ ଯୋଶି କହିଛନ୍ତି। ଏହି ମ୍ୟାଚ୍ ଦୁଇଟି ଧର୍ମଶାଳାରେ ଯଥାକ୍ରମେ ମେ ୫ ତାରିଖ ବନାମ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ମେ ୯ ତାରିଖ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ପଞ୍ଜାବ ଚଳିତ ଆଇପିଏଲ୍‌ରେ ଶେଷ ଦୁଇଟି ମ୍ୟାଚ୍ ମେ ୧୫ ଓ ୧୯ ତାରିଖରେ ଖେଳିବ। ଏହି ମ୍ୟାଚ୍ ଦୁଇଟିରେ ଧାୱନ ଦଳର ନେତୃତ୍ୱ ନେବାକୁ ସକ୍ଷମ ହେବେ ବୋଲି ଯୋଶି ଆଶା ପ୍ରକାଶ କରିଛନ୍ତି। ଧାୱନ ଶେଷଥର ଏପ୍ରିଲ ୯ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷ ମ୍ୟାଚ ଖେଳିଥିଲେ। ଏହି ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବାବେଳେ ସେ ଆହତ ହୋଇଥିଲେ। ଏହା ପରଠାରୁ ସେ ଆଉ ଖେଳିନାହାନ୍ତି ଓ ତାଙ୍କ ସ୍ଥାନରେ ସାମ କରାନ ଦଳର ନେତୃତ୍ୱ ନେଉଛନ୍ତି। ପଞ୍ଜାବ କିଙ୍ଗ୍‌ସ ୧୦ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ୬ଟି ପରାଜୟ ସହ ୮ ପଏଣ୍ଟ ପାଇ ସାରଣୀରେ ୭ମ ସ୍ଥାନରେ ରହିଛି। ଏହାର ପ୍ଲେ ଅଫ୍ ଖେଳିବା ଆଶଙ୍କା ମଧ୍ୟରେ ରହିଛି।

## ଚତୁର୍ଥଥର ଉଭୟ ଦଳ ଅଲ୍‌ଆଉଟ୍

**ମୁମ୍ବଇ, ୪।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ଶୁକ୍ରବାର କୋଲକାତା ନାଇଟ୍ ରାଇଡର୍ସ ୨୪ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି କୋଲକାତା ୧୯.୫ ଓଭରରେ ୧୬୯ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ୧୮.୫ ଓଭରରେ ୧୪୫ ରନରେ ସୀମିତ ରହିଥିଲା। ଫଳରେ ୧୨ ବର୍ଷ ପରେ କୋଲକାତା ଏହି ଗ୍ରାଉଣ୍ଡରେ ବିଜୟ ସ୍ୱାଦ ଚାଖିଥିଲା। ଏଥିସହ ଏହି ମ୍ୟାଚରେ ଏକ ଅଲୋଡ଼ା ରେକର୍ଡ ଦେଖିବାକୁ ମିଳିଛି।

**ଅଲୋଡ଼ା କୀର୍ତ୍ତିମାନ**

ଆଇପିଏଲ୍ ଇତିହାସରେ ୪ର୍ଥ ଥର ଲାଗି ଗୋଟିଏ ମ୍ୟାଚରେ ଉଭୟ ଦଳ ଅଲ୍‌ଆଉଟ୍ ହୋଇଛନ୍ତି। ମୁମ୍ବାଇ ଓ କୋଲକାତା ମଧ୍ୟ ୨ୟଥର ଲାଗି ଏହି ଅଲୋଡ଼ା ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। ଆଇପିଏଲ୍ ଇତିହାସରେ ପ୍ରଥମଥର ଲାଗି ୨୦୧୦ରେ ଡେକାନ ଚାର୍ଜର୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଉଭୟ ଦଳ ଅଲ୍‌ଆଉଟ୍ ହୋଇଯାଇଥିଲେ। ଏହାର ୭ ବର୍ଷ ପରେ କୋଲକାତା ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମ୍ୟାଚରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। ଏଥିରେ ଉଭୟ ଦଳ ସେମାନଙ୍କ ପାଳିରେ ସମସ୍ତ ୧୦ ୱିକେଟ୍ ହରାଇଥିଲେ। ୨୦୧୮ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମୁକାବିଲାରେ ଦୁଇ ଦଳ ଅଲ୍‌ଆଉଟ୍ ହୋଇଥିଲା। ଆଇପିଏଲ୍‌ରେ ଗୋଟିଏ ମ୍ୟାଚରେ ଉଭୟ ଦଳ ଅଲ୍‌ଆଉଟ୍ ହେବାରେ ଏହା ତୃତୀୟ ଘଟଣା ଥିଲା।

## ମୟଙ୍କ ଚଳିତ ଆଇପିଏଲ୍‌ରୁ ବାଦ୍

**ଲକ୍ଷ୍ନୌ, ୪।୫(ଏଜେନ୍ସି):** ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଦ୍ୱିତୀୟଥର ସମାନ ସ୍ଥାନରେ ଆଘାତ ପାଇବା ପରେ ଲକ୍ଷ୍ନୌ ସୁପର ଜାଏଣ୍ଟସର ଯୁବ ଫାଷ୍ଟ ବୋଲର ମୟଙ୍କ ଯାଦବ ଚଳିତ ଆଇପିଏଲ୍‌ରେ ଆଉ ଖେଳିପାରିବେ ନାହିଁ। ଏ ସମ୍ପର୍କରେ ପ୍ରଶିକ୍ଷକ ଜଷ୍ଟିନ ଲାଙ୍ଗ ସୂଚନା ଦେଇ କହନ୍ତି, ଏଭଳି ସମୟରେ ଦଳର ପ୍ରିମିୟର ଫାଷ୍ଟ ବୋଲର ଆହତ ହେବା ଦୁର୍ଭାଗ୍ୟଜନକ। ଆମେ ତାଙ୍କୁ ମିସ୍ କରିବୁ ଓ ସେ ପୂରା ସୁସ୍ଥ ହେଲେ ଖେଳିବାକୁ ପରାମର୍ଶ ଦେବୁ। ଚଳିତ ଆଇପିଏଲ୍‌ରେ ମୟଙ୍କ ତାଙ୍କ ସ୍ପିଡ୍ ବା ବେଗ ଦ୍ୱାରା ପ୍ରତିପକ୍ଷ ବ୍ୟାଟରଙ୍କ ମନରେ ଭୟ ସଞ୍ଚାର କରିଥିଲେ। ଏବେ ସେ ଭଲ ଅଛନ୍ତି ଓ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତ ହେବା ସକାଶେ ବିସିସିଆଇ ଯୋଜନା କରିଛି। ଏହା ଫଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଜଣେ ନବାଗତ ଫାଷ୍ଟ ବୋଲର ଖେଳିଲେ ଭାରତକୁ ଫାଇଦା ମିଳିବ ବୋଲି କୁହାଯାଉଛି। ଚଳିତ ଆଇପିଏଲ୍‌ରେ ମୟଙ୍କ ୪ଟି ମ୍ୟାଚ୍ ଖେଳି ୭ଟି ୱିକେଟ ନେଇଛନ୍ତି।

## ସୁଟ୍ ଆଉଟ୍‌ରେ ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

ରାଞ୍ଚି, ୪।୫ (ଏଜେନ୍ସି)

**ଜାତୀୟ ମହିଳା ହକି ଲିଗ୍**

ଏଠାରେ ଚାଲିଥିବା ଜାତୀୟ ମହିଳା ହକି ଲିଗ୍ (୨୧ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣରେ ଓଡ଼ିଶା ତୃତୀୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୪-୩ (୧-୧) ଗୋଲରେ ଆୟୋଜକ ଝାଡ଼ଖଣ୍ଡ ମହିଳା ହକି ଦଳକୁ ପରାସ୍ତ କରିଛି। ଏଥିପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୪-୧ ଗୋଲରେ ଶକ୍ତିଶାଳୀ ହରିୟାଣାକୁ ପରାସ୍ତ କରିଥିଲା। ଏହାପରେ ୨ୟ ମ୍ୟାଚରେ ଓଡ଼ିଶା ସୁଟ୍ ଆଉଟ୍‌ରେ ୨-୩ (୨-୨) ଗୋଲରେ ମଧ୍ୟପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା। ଓଡ଼ିଶା ଏହାର ୩ୟ ମ୍ୟାଚରେ ଶୁକ୍ରବାର ୨-୧ ଗୋଲରେ ମଣିପୁରକୁ ପରାସ୍ତ କରିଥିଲା।

ଶନିବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ତୃତୀୟ କ୍ୱାର୍ଟର ତଥା ମ୍ୟାଚର ୩୩ତମ ମିନିଟ୍‌ରେ ଓଡ଼ିଶାର ସୋନାଲି ଏକ୍କା ପେନାଲ୍ଟି କର୍ଣ୍ଣରରୁ ଗୋଲ୍ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଝାଡ଼ଖଣ୍ଡ ଏହି ଗୋଲଟି ଶୁଝିଦେଇଥିଲା। ୪୯ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରର ସୁଯୋଗରୁ ଏ. ରୋଶନୀ ଏହି ଗୋଲଟି ଦେବା ଫଳରେ ମ୍ୟାଚ୍ ୧-୧ ଗୋଲରେ ବରାବର୍ ରହିଥିଲା। ଶେଷରେ ଫଳାଫଳ ପାଇଁ ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ପ୍ରଥମ ୫ଟି ପ୍ରୟାସରୁ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ଏହାପରେ ସଡନ ଡେଥ୍‌ର ପ୍ରଥମ ଦୁଇ ପ୍ରୟାସରୁ ଝାଡ଼ଖଣ୍ଡ ଗୋଟିଏ ଓ ଓଡ଼ିଶା ଦୁଇଟି ଗୋଲ୍ ଦେଇ ୪-୩ରେ ବାଜିମାତ୍ କରିନେଇଥିଲା। ଓଡ଼ିଶା ଏଥିସହ ୪ ମ୍ୟାଚରୁ ୯ ପଏଣ୍ଟ ପାଇଛି।



### ଏସୀୟ ଜୁ-ଜିତ୍‌ସୁ ଚାମ୍ପିଅନସିପ

## ଅନୁପମାଙ୍କୁ କାଂସ୍ୟ ପଦକ

**ଭୁବନେଶ୍ୱର, ୪।୫ (ସମିସ):** ଓଡ଼ିଶାର ଅନୁପମା ସ୍ୱାଇଁ ଏସୀୟ ଜୁ-ଜିତ୍‌ସୁ ଚାମ୍ପିଅନସିପରେ ଶନିବାର କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଆବୁଧାବିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନୁପମା ୫୨ କିଲୋଗ୍ରାମ୍‌ରୁ କମ୍ ମହିଳା ଫାଇଟିଂ ସିଷ୍ଟମରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ସେ ଏହି ପ୍ରତିଯୋଗିତାରେ କ୍ରମାଗତ ଚତୁର୍ଥ ପଦପ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ସଫଳତା ଲାଗି ତାଙ୍କୁ ଓଡ଼ିଶା ଜୁ-ଜିତ୍‌ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅନ୍ୟ ଦୁଇ ପ୍ରତିଯୋଗୀ ହେଲେ ଲୋମା ସ୍ୱାଇଁ ଓ ଶ୍ରୀକାନ୍ତ ଶେଖର।

## ଟି-୨୦ ବିଶ୍ୱକପ୍: ମୋନାକ ପଟେଲ ଆମେରିକା ଅଧିନାୟକ

ନ୍ୟୁୟର୍କ, ୪।୫(ଏଜେନ୍ସି)

ଘରୋଇ ମାଟିରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଆମେରିକା ଦଳ ଘୋଷଣା କରାଯାଇଛି। ଭାରତୀୟ ବଂଶୋଦ୍ଭବ ଖେଳାଳି ମୋନାକ ପଟେଲଙ୍କୁ ଦଳର ନେତୃତ୍ୱ ଦିଆଯାଇଥିଲାବେଳେ ନ୍ୟୁଜିଲାଣ୍ଡର ପୂର୍ବତନ ଖେଳାଳି ତଥା ଅଲରାଉଣ୍ଡର କୋରୀ ଆଣ୍ଡରସନଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଆରୋନ ଜୋନ୍ସ ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି। କାନାଡାର ନୀତୀଶ କୁମାର, ଭାରତୀୟ ବଂଶୋଦ୍ଭବ ଖେଳାଳି ତଥା ଦିଲ୍ଲୀ ରଣଜୀ ଦଳର ପୂର୍ବତନ ବ୍ୟାଟର ମିଲିନ୍ଦ କୁମାର, ସୌରଭ ନେତ୍ରାଭାଲକର, ଜେସି ସିଂହ, ୧୯ ବର୍ଷରୁ କମ୍ ଭାରତୀୟ ସ୍ପିନର ହରମିତ ସିଂ ଓ ନିଃସର୍ଗ ପଟେଲଙ୍କ ପରି ଖେଳାଳି ସ୍ଥାନ ପାଇଛନ୍ତି। କିନ୍ତୁ ଦଳ ପକ୍ଷରୁ ନିୟମିତ ପାଳି ଆରମ୍ଭ କରୁଥିବା ଗଜାନନ୍ଦ ସିଂଙ୍କୁ ସ୍ଥାନ ମିଳିନାହିଁ। କାନାଡ଼ା ବିପକ୍ଷ ସିରିଜ୍‌ରେ ସେ କେବଳ ୧ ଓ ୦ ରନ୍ କରିବା ଫଳରେ ତାଙ୍କୁ ସ୍ଥାନ ହରାଇବାକୁ ପଡ଼ିଛି। ପାକିସ୍ତାନୀ ୱିକେଟରକ୍ଷକ ଶାୟାନ ଜାହାଙ୍ଗୀରଙ୍କୁ ଗଜାନନ୍ଦଙ୍କ ସ୍ଥାନରେ ସାମିଲ କରାଯାଇଛି। ସମଗ୍ର ବିଶ୍ୱରୁ ଆସିଥିବା ଖେଳାଳିଙ୍କ ମଧ୍ୟରୁ ଦଳ ଚୟନ କରାଯାଇଥିଲେ ମଧ୍ୟ ଭାରତୀୟ ଖେଳାଳି ଅଧିକ ରହିଛନ୍ତି। ଉନ୍ମୁକ୍ତ ଚାନ୍ଦଙ୍କୁ ସାମିଲ ହେବାର ସୁଯୋଗ ମିଳିନାହିଁ। ଭାରତ, ପାକିସ୍ତାନ ଓ ଆୟର୍ଲାଣ୍ଡ ସହ ଆମେରିକା ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛି। ଏହି ପ୍ରତିଯୋଗିତା ସକାଶେ ପ୍ରସ୍ତୁତି କରିବା ଲାଗି ମେ ୨୧ରୁ ବାଂଲାଦେଶ ସହ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ।

**ଦଳ :** ମୋନାକ ପଟେଲ (ଅଧିନାୟକ), ଆରୋନ ଜୋନ୍ସ (ଉପଅଧିନାୟକ), ଆନ୍ଦ୍ରିଏସ ଗାଉସ ଓ ଶାୟାନ ଜାହାଙ୍ଗୀର (ଉଭୟ ୱିକେଟରକ୍ଷକ), ଷ୍ଟିଭେନ ଟେଲର, ମିଲିନ୍ଦ କୁମାର, ନୀତୀଶ କୁମାର, ଅଲୀ ଖାନ୍, କୋରୀ ଆଣ୍ଡରସନ, ସୌରଭ ନେତ୍ରାଭାଲକର, ଜେସି ସିଂ ଓ ଶାଡ୍‌ଲୀ ଭାନ୍ ସ୍କଲକ୍ୱିକ୍ (ସମସ୍ତେ ପେସ୍ ବୋଲର), ହରମିତ୍ ସିଂ, ନୋସ୍ଥୁସ କେନଜିଗେ ଓ ନିଃସର୍ଗ ପଟେଲ (ସ୍ପିନର)।

### ଇଣ୍ଡିଆନ ସୁପର ଲିଗ୍

# ମୁମ୍ବାଇ ସିଟିକୁ ଦ୍ୱିତୀୟ ଟାଇଟଲ

କୋଲକାତା, ୪।୫(ଏଜେନ୍ସି)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ) ୧୦ମ ସଂସ୍କରଣରେ ଏଥର ମୁମ୍ବାଇ ସିଟି ଏଫ୍‌ସି ବାଜି ମାରିଛି। ଖଚାଖଚ୍ ଭରା ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଘରୋଇ ଦଳ ତଥା ଡିଫେଣ୍ଡିଂ ଚାମ୍ପିଅନ ମୋହନବାଗାନ ସୁପର ଜାଏଣ୍ଟସକୁ ୩-୧ ଗୋଲରେ ପରାସ୍ତ କରି ମୁମ୍ବାଇ ଦ୍ୱିତୀୟଥର ପାଇଁ ଆଇଏସ୍ଏଲ ଟାଇଟଲ ହାସଲ କରିଛି। ଗୋଟିଏ ଗୋଲ ବ୍ୟବଧାନରେ ପଛରେ ରହିଥିଲେ ମଧ୍ୟ ମୁମ୍ବାଇ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଶେଷରେ ବିଜୟୀ ହୋଇଥିଲା। ଲିଗ୍ ଶିଲ୍ଡ ହାସଲ କରିଥିବା ମୋହନବାଗାନକୁ ଶେଷରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବା ସହ ନିରାଶ ହେବାକୁ ପଡିଛି। ଓଡ଼ିଶା ଏଫ୍‌ସିର ଅଭିଜ୍ଞ ତଥା ତାରକା ଷ୍ଟ୍ରାଇକର ରଏ କ୍ରିଷ୍ଣା ଓ କେରଳ ବ୍ଲାଷ୍ଟର୍ସ ଖେଳାଳି ଡିମିଟ୍ରିଅସ୍ ଡିଆମାଣ୍ଟାକୋସ୍ ୧୩ଟି ଲେଖାଏ ଗୋଲ ସ୍କୋର କରି ଯୁଗ୍ମ ଭାବେ ଅଗ୍ରଣୀ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ସେହିପରି ମୋହନବାଗାନର ଜାସନ କମିଙ୍ଗ୍‌ସ ୧୨ଟି ଗୋଲ ସ୍କୋର ଦ୍ୱିତୀୟ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି।

ସଲ୍ଟଲେକ୍ ଷ୍ଟାଡିୟମରେ ୮୫ ହଜାର ଦର୍ଶକଙ୍କ ସମ୍ମୁଖରେ ଅନୁଷ୍ଠିତ ଏହି ଫାଇନାଲ ମୁକାବିଲାରେ ଉଭୟ ଦଳ ମଧ୍ୟରେ ପ୍ରଥମାର୍ଦ୍ଧରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଘରୋଇ ପରିବେଶରୁ ଫାଇଦା ଉଠାଇ ମୋହନବାଗାନ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୧-୦ରେ ଅଗ୍ରଣୀ ହାସଲ କରିଥିଲା। ମ୍ୟାଚ୍‌ର ୪୪ତମ ମିନିଟ୍‌ରେ ୨୮ ବର୍ଷୀୟ ସ୍କଟଲାଣ୍ଡ ଷ୍ଟ୍ରାଇକର ଜୋଶ କମିଙ୍ଗ୍‌ସ ଫିଲ୍ଡ ଗୋଲ ଦେଇ ଘରୋଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହି ଅଗ୍ରଣୀ ବେଶି ସମୟ ତିଷ୍ଠି ପାରି ନଥିଲା। ଦ୍ୱିତୀୟାର୍ଦ୍ଧରେ ୭୭ତମ ମିନିଟ୍‌ରେ ମୁମ୍ବାଇର ୩୩ ବର୍ଷୀୟ ଆର୍ଜେଣ୍ଟିନା ଷ୍ଟ୍ରାଇକର ଜର୍ଜ ପେରେୟରା ଡିଆଜ୍ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବାରବର ସ୍ଥିତିକୁ ଆଣିଥିଲେ। ଏହାପରେ ମ୍ୟାଚ୍‌ର ୮୧ତମ ମିନିଟ୍‌ରେ ବିପିନ ସିଂ ଥୋଉନାଓଜାମ ମୁମ୍ବାଇ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରି ଦଳର ସ୍ଥିତିକୁ ଆହୁରି ଦୃଢ କରିଥିଲେ। ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମୁମ୍ବାଇ ୨-୧ ଗୋଲରେ ଅଗ୍ରଣୀ ରହିଥିଲା। ଏହାପରେ ଇଞ୍ଜୁରି ଟାଇମ ବାବଦରେ ୧୩ ମିନିଟ୍‌ର ଖେଳ ହୋଇଥିଲା। ଏଥିରେ ୭ମ ମିନିଟ୍‌ରେ ସ୍ଲୋଭାକିଆର ୩୦ ବର୍ଷୀୟ ଷ୍ଟ୍ରାଇକର ଜାକୁବ ଭୋଜଟସ୍ ଗୋଲ ଦେଇ ମୁମ୍ବାଇର ବିଜୟ ନିଶ୍ଚିତ କରିଥିଲେ। ଶେଷରେ ମୁମ୍ବାଇ ମ୍ୟାଚ୍ ହାତେଇ ନେଇଥିଲା ଓ ଘରୋଇ ଦର୍ଶକ ନିରାଶ ହୋଇଥିଲେ।



ପ୍ରଥମାର୍ଦ୍ଧରେ ମୋହନବାଗାନର ପ୍ରଭାବ ଦେଖିବାକୁ ମିଳିଥିଲା। କିନ୍ତୁ ମ୍ୟାଚ୍‌ରେ ମୋଟ ଉପରେ ମୁମ୍ବାଇ ଯୋଜନାବଦ୍ଧ ଭାବେ ପ୍ରଭାବ ବିସ୍ତାର କରି ଖେଳିଥିଲା। ମୁମ୍ବାଇ ଖେଳାଳିମାନେ ଅଧିକ ସମୟ ବଲ୍ ନିଜ ଅକ୍ତିଆରରେ ରଖିଥିଲା। କିନ୍ତୁ ପାସ୍ ଦେବାରେ ମୋହନବାଗାନ ଆଗରେ ରହିଥିଲା। ତେବେ ନିର୍ଭୁଲ ପାସ୍ ଦେବାରେ ମୁମ୍ବାଇ ଦୁଇପାଦ ଆଗରେ ରହିଥିଲା। ସଟ୍‌ରେ ମୁମ୍ବାଇ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଗୋଲ ପୋଷ୍ଟକୁ ସଟ୍ ମାରିବାରେ ଉଭୟ ଦଳ ସମାନ ସ୍ଥିତିରେ ରହିଥିଲେ। ମୁମ୍ବାଇର ରକ୍ଷଣଭାଗ ଦମ୍‌ଦାର ପ୍ରଦର୍ଶନ କରିଥିଲା ଓ ମୋହନବାନଗା ଖେଳାଳିଙ୍କୁ ସୁଯୋଗ ଦେଇ ନଥିଲା। ସେହିପରି ମୋହନବାଗାନର ରକ୍ଷଣଭାଗର ଦୁର୍ବଳତା ମଧ୍ୟ ସ୍ପଷ୍ଟ ଭାବେ ଜଣା ପଡୁଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର

# ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ରୋକିବାରେ ସଫଳ ହୋଇଛି ଟିପିଡବ୍ଲ୍ୟୁଓଡିଏଲ୍



**ସମ୍ବଲପୁର/ବୁର୍ଲା, ୪।୫(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ଏହାର ଗ୍ରାହକମାନଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ବିଦ୍ୟୁତ୍ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବା କରୁଛି। କେବୁଲ ଫଲ୍ଟ ଲୋକେଟର୍ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଚାରପଡ଼ାଠାରେ ରେଲୱେ ଟ୍ରାକ୍‌ତଳେ ଯାଇଥିବା ସମ୍ବଲପୁର-ଝାରସୁଗୁଡା ଅଣ୍ଡରଗ୍ରାଉଣ୍ଡ ୩୩ କେଭି ବିଦ୍ୟୁତ୍ ତାରରେ ଥିବା ତ୍ରୁଟିର ସଠିକ୍ ସ୍ଥାନ ନିରୂପଣ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କତରବଗା ଫିଡରରୁ ସଂଯୋଗ ହୋଇଥିବା ଏହି ଅଣ୍ଡରଗ୍ରାଉଣ୍ଡ ୩୩ କେଭି ବିଦ୍ୟୁତ୍ ତାର ଦ୍ୱାରା ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ କଟରବଗା, ଟାମ୍ପରକେଲା, ପ୍ରଧାନପାଲି, ଗୁଲମାଲ, ବାସୁପାଲି, ଝାଙ୍କରପାଲି ଏବଂ ଚାରୋଟି ଶିଳ୍ପ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକମାନଙ୍କୁ ବିଦ୍ୟୁତ୍ ଯୋଗାଣ ହୋଇଥାଏ। ଯଦି ଏହି ତ୍ରୁଟିର ସମାଧାନ ହୋଇନଥାନ୍ତା, ତେବେ ସେହି ଅଞ୍ଚଳରେ ବିଦ୍ୟୁତ୍ ସେବାରେ ବ୍ୟାଘାତ ଘଟିଥାନ୍ତା। ମାତ୍ର ଟିପିଡବ୍ଲୁଓଡିଏଲର ଟିମ୍ ଆଡ୍‌ଭାନ୍ସ କେବୁଲ ଫଲ୍ଟ ଲୋକେଟର୍ ଟେକ୍ନୋଲୋଜିର ବ୍ୟବହାର କରି ଏହି ୩୩ କେଭି ଲାଇନରେ ତ୍ରୁଟିର ସଠିକ୍ ସ୍ଥାନ ଚିହ୍ନଟ କରିବା ସହିତ ମାତ୍ର ୮ ଘଣ୍ଟା ମଧ୍ୟରେ ଏହି ତ୍ରୁଟି ସମାଧାନ କରିପାରିଛି। ଯଦି ତ୍ରୁଟି ଚିହ୍ନଟ ପ୍ରକ୍ରିୟା ପାଇଁ ପାରମ୍ପାରିକ ଉପାୟ ଅବଲମ୍ବନ କରାଯାଇଥାନ୍ତା, ତେବେ ଏହି ତ୍ରୁଟିର ସମାଧାନ ପାଇଁ ପାଖାପାଖି ୧୫ରୁ ୨୦ ଦିନ ସମୟ ଲାଗିଥାନ୍ତା। କାରଣ ଉକ୍ତ ପ୍ରଭାବିତ ଅଞ୍ଚଳଗୁଡିକକୁ ବିଦ୍ୟୁତ୍ ଯୋଗାଣର କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ସେହିପରି ତ୍ରୁଟି ଚିହ୍ନଟ ପ୍ରକ୍ରିୟା ପାଇଁ ପାରମ୍ପରିକ ଉପାୟରେ ପ୍ରାୟ ୧୦୦ ମିଟର ଲମ୍ବା ପର୍ଯ୍ୟନ୍ତ ଟନେଲ ଖୋଳିବା ପାଇଁ ପଡ଼ିଥାନ୍ତା। ମାତ୍ର ଏହି ଆଡ୍‌ଭାନ୍ସ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ମାତ୍ର ୬.୪ କିଲୋମିଟର ଟନେଲ ଖୋଳାଯାଇ ତ୍ରୁଟି ସମାଧାନ କରାଯାଇପାରିଛି।

# ଅସହାୟ ପରିବାରକୁ ସହାୟତା



**ସମ୍ବଲପୁର, ୪।୫(ସମିସ):** ସମ୍ବଲପୁର ମହାନଗର ୱାର୍ଡ ନ ୨୫ ଠେଲକୋପଡ଼ାରେ ଏକ ଅସହାୟ ପରିବାରକୁ ସମାଜ ସେବୀ ତଥା ବିଜେଡି କର୍ମୀ ହରଦିପ ସିଂହ ଭୁର୍ଜି ସାହାର୍ଯ୍ୟର ହାତ ବଢ଼ାଇଛନ୍ତି। ଅଭାବୀ, ରୋଗ ଗ୍ରସ୍ତ ସହାୟତା ଆଶାକରୁଥିବା ପରିବାରଙ୍କୁ ନିତ୍ୟବ୍ୟବହୃତ ରାସନ ସାମଗ୍ରୀ ଓ କିଛି ଆର୍ଥିକ ରାଶି ପ୍ରଦାନ କରିଛନ୍ତି। ଗତ କିଛି ଦିନ ତଳେ ଏହି ପରିବାରର ଦୁର୍ଦ୍ଦିନତା ଖବର ଶ୍ରୀ ସିଂହ ଜାଣିବାକୁ ପାଇଥିଲେ। ଠେଲକୋପଡ଼ା ବାସିନ୍ଦା ମନ୍ଦା ବନଛୋରଙ୍କ ବୟସ ୭୦। ନିଜ ଦୁଇ ପୁଅଙ୍କ ମଧ୍ୟରୁ ଜାନୁ ବନଛୋର ବୟସ ୩୫ ଘରେ ରୋଗ ଗ୍ରସ୍ତ ପଡ଼ି ରହିଛନ୍ତି। ଆଉ ଜଣେ ହସ୍ପିଟାଲରେ ପଡ଼ି ଚିକିତ୍ସିତ ହେଉଛନ୍ତି। ଦୁଇ ପୁଅଙ୍କ ୫ଟି ଛୁଆ। ଏହି ପରିବାରକୁ ଏବେ କିଛି ସହଯୋଗ କରିବାର ପ୍ରୟାସ କରିଛୁ ଓ ଭବିଷ୍ୟତରେ ମଧ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଲବ କଲେତ, ଯୁବରାଜ ବେହେରା, ଅମିତ ଗଣ୍ଡ, ରିତୁ ସୁନା, ବରିଷ୍ଠ ନାଗରିକ ହରୀହର ପାଣି, ସମାଜ ସେବୀ ସତ୍ୟେନ୍ ଦାସ, ହରେକୃଷ୍ଣ ସରାଫ, ପ୍ରଶାନ୍ତ ନାୟକ, ସୂପ୍ରତାପ ଭାସ୍କର, ପ୍ରକାଶ କୁମାର, ସୁଜାତା ବେହେରା, ବାସନ୍ତୀ ବଗର୍ତ୍ତୀ, ସନ୍ତୋଷିନୀ ସୁନା, ଚାନ୍ଦନୀ କୁମାର, ହରପ୍ରିୟାଙ୍କ ସମେତ ଅନେକ ପଡ଼ା ବାସୀ ଉପସ୍ଥିତ ଥିଲେ।

# ଚୋରା ବାଇକ୍ ଜବତ, ୧ ଗିରଫ

**ହୀରାକୁଦ, ୪।୫(ସମିସ):** ଗତ କାଲି ଟାଙ୍କୀ ପଡ଼ାର ଡାଡୁନ ସାହୁ ତାଙ୍କର ହୋଣ୍ଡା ସାଇନ୍ ମୋଟର ସାଇକେଲ ନମ୍ବର ଓଡି୧୯ ଆର୍ ୯୭୬୧ ଚୋରି ହେବାର ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଗୋଟିଏ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ଟାଙ୍କି ପଡ଼ାର ମୁନୁ ବିଶ୍ୱାଳ ଓରଫ ରତ୍ନାକରକୁ ଗିରଫ କରି ମୋଟର ସାଇକେଲ ଜବତ କରିଛି ଏବଂ ମଲିକକୁ ହସ୍ତାନ୍ତର କରିଛି।

# ରାସ୍ତା, କୋଠା ପାଇଁ କଟିଛି ୨୭୧ ମୂଲ୍ୟବାନ ଗଛ

**ସମ୍ବଲପୁର, ୪।୫(ସମିସ)**

ସମ୍ବଲପୁର ମହାନଗର ନିଗମ ଅଧୀନରେ ଥିବା ରାସ୍ତା ଓ କୋଠା ନିର୍ମାଣ କରିବା ପାଇଁ ୨୭୧ମୂଲ୍ୟବାନ ଶତାୟୁ ଗଛଗୁଡ଼ିକ କାଟି ଦିଆଯାଇଛି। ପରିବେଶବିତ୍ ସିଦ୍ଧାର୍ଥ ମିଶ୍ରଙ୍କୁ ଦିଆଯାଇଥିବା ଆରଟିଆଇ ରିପୋର୍ଟ ଅନୁସାରେ ତଥ୍ୟ ରହିଛି। ଆରଟିଆଇ ତଥ୍ୟରେ ହସ୍ତଗତ ହୋଇଥିବା ରିପୋର୍ଟ ଆସିବା ପରେ ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରି ଏହି ମାମଲା ଏନ୍‌ଜିଟି ପାଖକୁ ନେବେ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି, ଏହା ସରକାରୀ ତଥ୍ୟ ଅଟେ। ହେଲେ ଅଧିକ ଗଛ କଟାଯାଇଥିବା ସନ୍ଦେହ ହେଉଛି। ଏବେ ତାପମାତ୍ରା ଯେଭଳି ଭାବେ ବୃଦ୍ଧି ପାଉଛି ଲୋକମାନେ ସନ୍ତୁଳି ହେଉଛନ୍ତି। ଗଛ କଟାଯିବା ଏହାର ଏକ ପ୍ରମୁଖ କାରଣ ହୋଇପାରେ। ସହର ପ୍ରମୁଖ ରାସ୍ତାଗୁଡ଼ିକ ମଧ୍ୟରେ ରିଂ- ରୋଡ, ଧନୁପାଲି-ଜେଲଛକ, ଅଇଁଠାପାଲି-ଲକ୍ଷ୍ମୀଟକିଜ, ଫ୍ଲାଇଓଭର ସହ ଶିକ୍ଷାନୁଷ୍ଠାନ, ସମାଜିକ ଅନୁଷ୍ଠାନ ଗୁଡ଼ିକରେ କୋଠା ନିର୍ମାଣ ସମୟରେ ଗଛ ଗୁଡ଼ିକ କାଟି ଦିଆଯାଇଛି। ଗଛ କାଟିବା ସମୟରେ ମଧ୍ୟ ଲୋକମାନେ ବିରୋଧ କରିଥିଲେ।



ଗଛକୁ ରାସ୍ତାକଡ଼ରେ ରଖି ନିର୍ମାଣ କରିବାକୁ ଦାବି କରିଥିଲେ। ସହରରେ ଆଉ ଗଛ ନାହିଁ। ଲୋକମାନେ ଏବେ ଆଉ ଛାଇ ପାଉନାହାନ୍ତି। ଶହ ଶହ ବର୍ଷର ପୁରୁଣା ଗଛଗୁଡ଼ିକ କାଟି ଦିଆଯାଇଛି। ସରକାର ଯୋଜନା ଉପରେ ଯୋଜନା କରୁଛନ୍ତି। ଗଛ ଲଗାଇବା ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ ବି ହେଉଛି। କିନ୍ତୁ ସହର ଭିତରେ ଶତାଧିକ ଗଛ କାଟି ବିକାଶ କାମ କରାଯାଇଛି। ଗଛଗୁଡ଼ିକର ଶାଖା ଗୁଡ଼ିକ କାଟି ରାସ୍ତା ନିର୍ମାଣ ହେବାରେ ସମସ୍ୟା ନଥିଲା। ଏପରି ଗଛ କାଟି ଦିଆଯିବା ଯୋଗୁ ଦିନକୁ ଦିନ ପରିବେଶ ସନ୍ତୁଳନ ବିଗିଡ଼ିଗଲାଣି। ଆଉ ତାତିରେ ସହର ଜଳୁଛି, ଏଭଳି ସମୟରେ ଗଛ କାଟିବାକୁ ପଛାଉ ନାହାନ୍ତି। କଟାଯାଉଥିବା ଗଛ ପରିବର୍ତ୍ତେ ନୂତନ ଗଛ ଲଗାଯିବା କଥା। ଏଥିପାଇଁ କ୍ଷତିପୂରଣ ମଧ୍ୟ ଦିଆଯାଇଥାଏ। ହେଲେ ଗଛ ଲଗାଯାଉ ନାହିଁ।

**ଆରଟିଆଇ ତଥ୍ୟ ଅଧପନ୍ତରିଆ**

ଯଦି ଲଗାଯାଇଛି କେତେ ପରିମାଣ ଗଛ, କେଉଁଠି ଲଗାଯାଇଛି ସେ ବାବଦରେ ଆରଟିଆଇରେ ତଥ୍ୟ ଦିଆଯାଇ ନାହିଁ। ବନ ବିଭାଗକୁ କ୍ଷତିପୂରଣ ଦିଆଯାଇଛି। ବନ ବିଭାଗ କେଉଁଠାରେ ସହର ଗଛ ଲଗାଇଛି। ଏହା ଏକ ସମ୍ବେଦନଶୀଳ ଘଟଣା ଏନ୍‌ଜିଟିରେ ଅଭିଯୋଗ କରିବି ବୋଲି କହିଛନ୍ତି। ଏପରିକି ମାନବଧିକାର କମିସନ ପାଖରେ ମଧ୍ୟ ଗଛ କାଟିବା ନେଇ ଅଭିଯୋଗ କରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ବିଜେଡିରେ ଯୋଗଦେଲେ ବିଜେପି କର୍ମୀ



**ସମ୍ବଲପୁର, ୪।୫(ସମିସ):** ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ଓଡ଼ିଶା ବିକାଶର କାର୍ଯ୍ୟ କ୍ରମରେ ଅନୁପ୍ରାଣିତ ହୋଇ ତାମ୍ପରଗଡ଼ ଗ୍ରାମପଞ୍ଚାୟତର ବିଜେପି କର୍ମୀ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ରେଢାଖୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରତି ସମର୍ଥନ ଜଣାଇ ବିଜେପିର ଧନପତି ମାହାର, ସନ୍ତୋଷ ବଗର୍ତ୍ତୀ, ହେମନ୍ତ ପାତ୍ର, ନିକୋଲାସ ସୁରିନ ପ୍ରମୁଖ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ତାମ୍ପରଗଡ଼ ଗ୍ରାମପଞ୍ଚାୟତ ବିଜେଡି ସଭାପତି ରଞ୍ଜନ ସାହୁ, ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ସାହୁ, ରାଜ୍ୟ ଯୁବ ସମ୍ପାଦକ ହିରାଲାଲ ବେହେରା, ନୀଳାଚଳ ଦେହୁରୀ, ନେପାଳ ମାହାର ପ୍ରମୁଖ ବିଜେଡିରେ ଯୋଗ ଦେଇଥିବା କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ରାଜେଶ୍ ପଣ୍ଡା, ଦୀପଙ୍କର ବିଶ୍ୱାସ ଓ ଭକ୍ତ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୪।୫(ସମିସ):** ଦୀର୍ଘ ୩୮ ବର୍ଷ ଧରି ସରକାରୀ ମହିଳା ମହାବିଦ୍ୟାଳୟର ସେବାକରି ଆସିଥିବା ଗ୍ରନ୍ଥାଗାର ସହାୟକ ଦୁଃଖବନ୍ଧୁ ନାୟକ ଏପ୍ରିଲ ୩୦ରେ ସେବାରୁ ନିବୃତ୍ତ ହୋଇଛନ୍ତି। ଏହି ଅବସରରେ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ସଭାରେ ପ୍ରଫେସର ବରାଳ ଦୁଃଖବନ୍ଧୁ ନାୟକଙ୍କ କର୍ତ୍ତବ୍ୟନିଷ୍ଠାର ଭୂୟୋସୀ ପ୍ରଶଂସା କରିବା ସହ ତାଙ୍କର ନିରାମୟ ଦୀର୍ଘ ଜୀବନ କାମନା କରିଥିଲେ। ଗ୍ରନ୍ଥାଗାର ବ୍ୟତୀତ ପରୀକ୍ଷା ବିଭାଗ, ହିସାବ ବିଭାଗ ଓ ସ୍ଥାପନା ବିଭାଗରେ ଶ୍ରୀ ନାୟକ ଯେଉଁଭଳି ଦକ୍ଷତା ପ୍ରଦର୍ଶନ କରିଥିଲେ ସେ ସବୁର ସ୍ମୃତିକୁ ପୁନର୍ଜୀବିତ କରାଇଥିଲେ। ଶେଷରେ ଶ୍ରୀନାୟକ ତାଙ୍କର ଦୀର୍ଘ ଚାରି ଦଶନ୍ଧିର ସୁଖଦୁଃଖର ଅନୁଭବକୁ ନିଜର ବକ୍ତବ୍ୟରେ ବ୍ୟକ୍ତ କରିଥିଲେ। ଷ୍ଟାଫ କ୍ଲବର ସମ୍ପାଦକ ପ୍ରଫେସର ମନସ୍ୱିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପରିଚାଳନା କରିଥିଲେ।



# ବିଜେପି ପାଇଁ ଅଡୁଆ, ଅଣଓଡ଼ିଆ ସ୍ୱାଧୀନ ପ୍ରାର୍ଥୀ

**ସମ୍ବଲପୁର, ୪।୫ (ସମିସ):** ସମ୍ବଲପୁର ବିଧାନସଭା କ୍ଷେତ୍ର ପାଇଁ ବିଜେପିର ଗୋଷ୍ଠୀ ବିବାଦ ଦଳ ପାଇଁ ଏକ ଚିନ୍ତାର ବିଷୟ ହୋଇ ରହିଥିଲା। ଜିଲ୍ଲା ସଭାପତି ଗିରିଶ ପଟେଲ ଓ ବିଧାୟକ ପ୍ରାର୍ଥୀ ତଥା ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ସବୁଠି ମୁହାଁମୁହିଁ ହେବା ପରିସ୍ଥିତି ହେଉଛି। ସମର୍ଥକମାନେ ମଧ୍ୟ କଥା କଟାକଟି ଓ ଗଣ୍ଡଗୋଳ ହେବା ପରି ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଏବେ ସମ୍ବଲପୁର ବିଧାନସଭାରେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ଅଣଓଡ଼ିଆ ନେତା ମହେଶ ଶର୍ମା (ଟେମ୍ପୁ) ବିଜେପି ପାଇଁ ଆହୁରି ଅଡୁଆ ହେବେ ବୋଲି ଚର୍ଚ୍ଚା ହେଉଛି। କାରଣ ଟେମ୍ପୁ ହାଟପଡ଼ାର ଜଣେ ପୁରୁଣା ବିଜେପି କର୍ମୀ। ସେ ବହୁବର୍ଷ ପୂର୍ବରୁ କାଉନସିଲର ପଦ ପାଇଁ ବିଜେପିରୁ ଟିକେଟ ପାଇଁ ଲବି କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ଗୋଟିଏ ଗୋଷ୍ଠୀ ତାଙ୍କୁ ବିରୋଧ କରିଥିଲେ। ସେହିଦିନ ଠାରୁ ତାଙ୍କୁ ବିରୋଧ କରିଥିବା ବିଜେପି ଗୋଷ୍ଠୀ ସହିତ ତାଙ୍କ ପଡୁନାହିଁ, ତିକ୍ତତା ଲାଗିରହିଛି। ଏବେ ପୁଣି ଉକ୍ତ ଗୋଷ୍ଠୀକୁ ବିରୋଧ କରି ଟେମ୍ପୁ ପ୍ରାର୍ଥୀ ଭାବେ ଛିଡ଼ା ହୋଇଛନ୍ତି। ବିଜେପି ନେତାମାନେ ଟେମ୍ପୁଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କରିଥିଲେ। ହେଲେ ବିଫଳ ହୋଇଥିଲେ। ଟେମ୍ପୁ ଅଣଓଡ଼ିଆ ହାଟପଡ଼ା ମାରୱାଡିପଡ଼ା ସହିତ ସହର ବିଭିନ୍ନ ପଡ଼ାରେ ତାଙ୍କ ପରିଚୟ ରହିଛି। ଏପରିକି ବୁର୍ଲା ହୀରାକୁଦରେ ମଧ୍ୟ ତାଙ୍କ ସମର୍ଥକ ଓ ସମ୍ପର୍କୀୟ ରହିଛନ୍ତି। ବିଜେପିରେ ସକ୍ରୀୟ ଭାବେ କାମ କରୁଥିବାରୁ ସେ ବିଜେପି ଭୋଟରକୁ ପ୍ରଭାବିତ କରିବେ ବୋଲି ଚର୍ଚ୍ଚା ହେଉଛି। ଦେଖିବାକୁ ଗଲେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ମିଶ୍ର ଓ କେନ୍ଦ୍ରମନ୍ତ୍ରୀ ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୋଟକୁ ପ୍ରଭାବିତ କରିପାରେ। ତେଣୁ ବିଜେପିକୁ ନିଶ୍ଚିତ ଭାବେ କଣ୍ଟା ଓ ବିଜେଡିକୁ ସୁବିଧା ହେବ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଆଜି ସମ୍ବଲପୁର ହାଟପଡ଼ାସ୍ଥିତ ରାମ ମନ୍ଦିରରୁ ପୂଜାର୍ଚ୍ଚନ କରି ଆଶୀର୍ବାଦ ନେଇ ବଜାଗଜା ସହ ବାଣ ଫୁଟାଇ ନିଜର ସମର୍ଥକ ଏବଂ ଶୁଭେଚ୍ଛୁ ମାନଙ୍କ ସହ ଶୋଭାଯାତ୍ରାରେ ସମ୍ବଲପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡାଙ୍କ ନିକଟରେ ଏକ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେ କହିଛନ୍ତି, ବିଗତ ୫ବର୍ଷରେ ସମ୍ବଲପୁର ନିର୍ବାଚନମଣ୍ଡଳୀରେ ବିଜେପି ବିଧାୟକ ଥିଲେ। କୌଣସି ବିକାଶ କରିନାହାନ୍ତି। ସେଥିପାଇଁ ସମ୍ବଲପୁରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ, ପାନୀୟ ଜଳ, ଟାଟା ପାୱାରର ଦାଦାଗିରି, ଗ୍ରୁପ ଲୋନ ଏପରି ଅନେକ ମୁଦ୍ଦା ସମ୍ବଲପୁର ଲୋକଙ୍କ ରହିଛି। ନିର୍ବାଚନ ଜିତିଲେ ଏହି ସବୁ ମୁଦ୍ଦା ର ସମାଧାନ କରିବେ ବୋଲି ସ୍ୱାଧୀନ ପ୍ରାର୍ଥୀ ମହେଶ ଶର୍ମା କହିଛନ୍ତି।



# ଏମ୍‌ସିଏଲ୍‌ରେ ଭିଜିଲାନ୍ସ ଯାଞ୍ଚ

**ବୁର୍ଲା, ୪।୫(ସମିସ):** ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ(ଏମ୍‌ସିଏଲ୍)ରେ କମ୍ପାନୀର ସର୍ଭେ, ଖଣି ଏବଂ ଆଇଟି ଶାଖା ଓ ଆର୍‌ଆଇ-୭ ର ଭୂବିଜ୍ଞାନୀ ତଥା ସର୍ଭେ ଅଧିକାରୀଙ୍କ ଦ୍ୱାରା ଭିଜିଲାନ୍ସ ଯାଞ୍ଚ ଜାରି ରହିଛି। ଏ ନେଇ ବୁର୍ଲାସ୍ଥିତ ଏମ୍‌ସିଏଲ ମୁଖ୍ୟାଳୟରୁ ପ୍ରେସ୍ ବିବୃତି ଜରିଆରେ ସୂଚନା ଦିଆଯାଇଛି। ତାଳଚେର କୋଇଲା ଖଣି ଅନ୍ତର୍ଭୁକ୍ତ ଭୁବନେଶ୍ୱରୀ ଓପନ୍ କାଷ୍ଟ ପ୍ରୋଜେକ୍ଟ, ଇବ୍ ଭ୍ୟାଲିର ସମଲେଶ୍ୱରୀ ଓପନ୍‌କାଷ୍ଟ ଖଣିରେ ଏମ୍‌ସିଏଲର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପିକେ ପଟେଲଙ୍କ ନେତୃତ୍ୱରେ ଏହି ଭିଜିଲାନ୍ସ ଯାଞ୍ଚ ଜାରି ରହିଛି। ଏଥିରେ କୋଇଲା ଷ୍ଟକ୍ ଯାଞ୍ଚ ସହିତ ବିଭିନ୍ନ ଖଣି କାର୍ଯ୍ୟକଳାପ ଯାଞ୍ଚ କରାଯାଉଛି। ଖଣିଗୁଡ଼ିକରେ ସଚେତନତା, ସ୍ୱଚ୍ଛତା ଏବଂ ଉତ୍ତମ ଶାସନ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏମସିଏଲର ଖଣି କାର୍ଯ୍ୟକଳାପର ଯାଞ୍ଚ କରାଯାଉଛି। କୋଲ୍ ଇଣ୍ଡିଆର ସମସ୍ତ ସହାୟକ କମ୍ପାନୀରେ ଚାଲିଥିବା ଏହି ଯାଞ୍ଚ କାର୍ଯ୍ୟ କୋଇଲା ମନ୍ତ୍ରଣାଳୟ ଦ୍ୱାରା ତଦାରଖ କରାଯାଉଛି।



■ ସମ୍ବଲପୁର ସହର ନିଶା କାରବାରର ପେଣ୍ଠସ୍ଥଳୀ

# ପାଟ୍ରୋଲିଂ ସମୟରେ ୩୬ ଲକ୍ଷର ଗଞ୍ଜେଇ ଜବତ

**ସମ୍ବଲପୁର, ୪।୫(ସମିସ)**





**୩ ଗଞ୍ଜେଇ ମାଫିଆ ଗିରଫ**

ସଦର ପୁଲିସକୁ ଏକ ବଡ ସଫଳତା ମିଳିଛି। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଗଞ୍ଜେଇ ମାଫିଆଙ୍କୁ କାବୁ କରିଛି। ସେମାନଙ୍କ ପାଖରୁ ୩୬ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସୂଚନା ଯୋଗ୍ୟ, ସମ୍ବଲପୁର ସହର ନିଶା କାରବାରର ପେଣ୍ଠସ୍ଥଳୀ ସାଜିଛି। ଦିନକୁ ଦିନ ଗଞ୍ଜେଇ, କୋରେକ୍ସ, ଦେଶୀ ମଦ ବେପାର ସହରକୁ ନିଜ କବଳରେ ରଖି ସାରିଲାଣି। ନିତିଦିନ ସହରର ବିଭିନ୍ନ ସ୍ଥାନ, ରେଲୱେ ପ୍ଲାଟଫର୍ମରୁ ଗଞ୍ଜେଇ ଜବତ ହେଉଛି। ଆଉ ଅଳ୍ପ ଦିନ ବ୍ୟବଧାନ ପରେ ସାଧାରଣ ନିର୍ବାଚନ। ସେଥି ପାଇଁ ସମ୍ବଲପୁର ପୁଲିସ ପ୍ରସାଶନ ପକ୍ଷରୁ ବିଭିନ୍ନ ସ୍ଥାନରେ କଡାକଡି ଭାବେ ପାଟ୍ରୋଲିଂ ସହ ଗାଡି ଚେକିଂ କରାହେଉଛି। ସମ୍ବଲପୁର ଏସପିଙ୍କ କଡା ନିର୍ଦ୍ଦେଶରେ ସହରକୁ ଯେପରି କୌଣସି ନିଶା କାରବାର ସାମଗ୍ରୀ ପ୍ରବେଶ ନ କରିପାରେ ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା ପୁଲିସ ପକ୍ଷରୁ କୁହାଯାଇଛି। ସଦର ପୁଲିସ ଗତ କାଲି ପାଟ୍ରୋଲିଂ କରୁଥିବା ସମୟରେ କୁଟୁରାଜୋରି ଅଞ୍ଚଳରେ ଗଞ୍ଜେଇ ବେଆଇନ ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏସଆଇ ଦିଲ୍ଲିପ ବେହେରାଙ୍କ ନେତୃତ୍ୱରେ ସଦର ପୁଲିସ ଟିମ କୁଟୁରାଜୋରି ଅଞ୍ଚଳରେ ଜାଲ ବିଛାଇଥିଲା। ବାହାର ରାଜ୍ୟରୁ ଗଞ୍ଜେଇ ଆଣି ସମ୍ବଲପୁର ସହର ଦେଇ ଛତିଶଗଡ଼, ଝାଡଖଣ୍ଡ ଭଳି ରାଜ୍ୟକୁ ବେଆଇନ ଗଞ୍ଜେଇ ଚାଲାଣ କରୁଥିବ ଖବର ପାଇଥିଲା। କୁଟୁରାଜୋରିରୁ ଏକ କାରରେ ଗଞ୍ଜେଇ ଲୋଡ ହେଉଥିବା ନେଇ ଘଟଣା ସ୍ଥଳରେ ସଦର ପୁଲିସ ପହଞ୍ଚିଥିଲା। ସେମାନଙ୍କ ପାଖରୁ ୬୦୩ କିଲୋ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ସମ୍ବଲପୁର ଜିଲ୍ଲା ସଦର ଥାନା କବରାପାଲିର ଲଳିତ ଭୋଇ(୫୪), ଟାଉନ ଥାନା କୁଞ୍ଜେଲପଡ଼ାର ସତିଶ କୁମାର ପ୍ରଧାନ(୩୮) ଓ ଧନୁପାଲି ଥାନା ସୁନାପାଲିର ଏମଡି ଇସାର(୪୯)। ଏହି ୩ ଜଣ ଅଭିଯୁକ୍ତ ଜିଲ୍ଲା ତଥା ରାଜ୍ୟ ବାହାରୁ ଗଞ୍ଜେଇ ଆଣି ସମ୍ବଲପୁର ସହର ଦେଇ ଡିଲ ଅନୁଯାଇ ବିଭିନ୍ନ ରାଜ୍ୟକୁ ପଠାଉଥିବା ପୁଲିସ ସୂଚନା ଦେଇଛି। ସେମାନଙ୍କ ପାଖରୁ ଏକ କାର(ଓଡି୧୭କେ୦୪୫୨) ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି।

# ପୁରୁଣା ଗାଡି ବିକ୍ରି ନାମରେ ୯ ଲକ୍ଷ ଠକିଲା ଏଜେନ୍ସି

**ସମ୍ବଲପୁର, ୪।୫(ସମିସ):** ସାମାଜିକ ଗଣମାଧ୍ୟମକୁ ପ୍ଲାଟଫର୍ମ କରି ବିଭିନ୍ନ ନାମରେ କମ୍ପାନି ଖୋଲି ପୁରୁଣା ସୌକିନ କାର ଗୁଡିକ ବିକ୍ରି କରୁଛନ୍ତି। କେତେକ କମ୍ପାନି ଠିକ ଭାବରେ କାମ କରୁଥିବା ବେଳେ ଅଧିକାଂଶ କମ୍ପାନି ଗ୍ରାହକଙ୍କୁ ଚୂନା ଲଗାଉଛନ୍ତି। ଅଗ୍ରୀମ ଟଙ୍କା ନେବା ପରେ ଧରାଛୁଆଁ ଦେଉ ନାହାଁନ୍ତି। ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅଞ୍ଚଳର ଦୁଇ ଜଣ ବ୍ୟକ୍ତି ପୁରୁଣା ଗାଡି କିଣିବା ବାବଦରେ ୯ ଲକ୍ଷ ଟଙ୍କା ଏଜେନ୍ସି ଠକି ନେଇଛି। ସେମାନେ ହେଲେ ବୁଢାରଜାର ଦେବେନ୍ଦ୍ର ପ୍ରସାଦ ନାଥ ଓ ମନହୋର ଦାଶ। ଦେବେନ୍ଦ୍ର ନାଥଙ୍କ ଅଭିଯୋଗ କ୍ରମେ ଭୁବନେଶ୍ୱର ଜାଗମରା ଠାରେ ଥିବା ମା ପାଟଖଣ୍ଡା ଅଟୋମୋବାଇଲ ନାମରେ ଥିବା ଗାଡି ବିକ୍ରି ଏଜେନ୍ସି ସହ ଯୋଗାଯୋଗ ହୋଇଥିଲା। ସାମାଜିକ ଗଣମାଧ୍ୟମରେ ସେମାନଙ୍କ ପୋଷ୍ଟ ଦେଖି ଶୋରୁମ ଯାଇ କିଆ ସେଲଟସ ଗାଡି କିଣିବା ପାଇଁ ପସନ୍ଦ କରିଥିଲେ। ଆଲୋଚନା ପରେ ଗାଡି ବାବଦକୁ ଏଜେନ୍ସି ନିର୍ଦ୍ଦେଶକ ଉଷାରାଣୀ ବାରିକଙ୍କ ବ୍ୟାଙ୍କ ଖାତାରେ ୩ ଲକ୍ଷ ଟଙ୍କା ଜମା କରିଥିଲେ। ପରେ ବାରମ୍ବାର କହିବା ପରେ ମଧ୍ୟ ଦେବନ୍ଦ୍ରଙ୍କୁ ଗାଡି ହସ୍ତାନ୍ତର କରାଯାଇ ନଥିଲା। ଦିନ ପରେ ଦିନ ବଢ଼ାଇ ଗାଡି ପରେ ଦିଆ ଯିବ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଥିଲା। ଦେବନ୍ଦ୍ର ଉଷାରାଣୀ ବାରିକ, ଅକ୍ଷୟ କୁମାର ଗୌଡ ଓ ସଙ୍ଗୀତା ବାରିକଙ୍କ ନାମରେ ଅଇଁଠାପାଲି ଥାନାରେ ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଉଷାରାଣୀ ଓ ଅକ୍ଷୟ ଅନ୍ୟ ଏକ ମାମଲାରେ ଝାରପଡ଼ା ଜେଲରେ ଥିବା ଉଲ୍ଲେଖ କରିଛନ୍ତି। ସେହିପରି ମନହୋର ମଧ୍ୟ ଗାଡି କିଣିବା ବାବଦକୁ ଏହି ଏଜେନ୍ସିକୁ ୬ ଲକ୍ଷ ଟଙ୍କା ଦେଇଥିବା ଅଭିଯୋଗ କରିଛନ୍ତି। ହେଲେ ଗାଡି ମଧ୍ୟ ସେ ପାଇ ନାହାନ୍ତି। ଅଇଁଠାପାଲି ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

**ଏଜେନ୍ସି ଡାଇରେକ୍ଟର ଏବେ ଝାରପଡ଼ା ଜେଲରେ**